Split by PDF Splitter



ପ୍ରସ୍ତୁତକାରକ ବା ତତ୍ତ୍ୱାବଧାରକଙ୍କ ମୂର୍ଖତା ବା ଅସାବଧାନତାରୁ ଏ ତାଲିକାଦ୍ୱାରା ସର୍ବସାଧାରଣଙ୍କର କୌଣସି ଉପକାରର ସମ୍ଭାବନା ନାହିଁ ଜିଲ୍ଲାମଧ୍ୟରେ ସର୍ବସୁଦ୍ଧା ୨୭୮ହାଟ ଓ ଯାତ୍ରାର ସ୍ଥାନ ଅଛି, ତହିଁର ବିବରଣ ଲେଖିବାରେ ଗଜେଟର ୭୭ପୃଷ୍ଠା ବାହାର ଯାଇଅଛି । ଏତକ ଛପାଇବାରେ ଗବର୍ଣ୍ଣମେଣ୍ଟଙ୍କର ନିତାନ୍ତରେ ଟ୧୫୦୮ ଙ୍କା ବ୍ୟୟ ହୋଇଥିବ ଅନ୍ୟାନ୍ୟ ବ୍ୟୟ ଧରିବାର ଆବଶ୍ୟକ ନାହିଁ ମାତ୍ର ଏଥିରେ ଟଙ୍କାଟିକର ଉପକାର ହୋଇଅଛି କି ନାହିଁ ସନ୍ଦେହ । ଛୋଟ ବଡ ହାଟ ଓ ଯାତ୍ରାସବୁ ମଧ୍ୟରେ କୌଣସି ପ୍ରଭେଦ ନ ହୋଇ ଗୋଲମାଲରୂପେ ଏକତ୍ରରେ ଲେଖାଯାଇ ଅଛି ଓ କେଉଁ ହାଟରେ କେଉଁ ଦ୍ରବ୍ୟ ବିଶେଷରୂପେ ମିଳଇ ଅଥବା କେଉଁ ଦ୍ରବ୍ୟପାଇଁ କେଉଁ ହାଟ ତାକ ଛାଡା ପ୍ରସିଦ୍ଧରୂପେ ଲେଖାଯାଇ ନାହିଁ । ଖାଇବା ପିଇବା ପ୍ରଭୃତି ନିତ୍ୟାବଶ୍ୟକୀୟ ଦ୍ରବ୍ୟ କି ଯାହା ଗ୍ରାହକମାନେ ସପ୍ତାହର ହାଟରୁ କିଣନ୍ତି କେବଳ ସେହିସବୁ ଲେଖିବାରେ ତାଲିକା ପୂର୍ଣ୍ଣ ହୋଇ ଅଛି ବଣିକଙ୍କର ଜାଣିବାକଥା କିଛିମାତ୍ର ନାହିଁ ବୋଲିଲେ ବୋଧ ହୁଅଇ ଅତ୍ୟୁକ୍ତି ହେବ ନାହିଁ ଟାଙ୍ଗିହାଟରେ ଗୃହନିର୍ମାଣର କାଠ, ତିର୍ତ୍ତୋଲ ହାଟରେ ଗୋରୁ ବଳଦ, ବାଲିହାଟିରେ ସୂତୁଲି ଓ ଲୁଗା ଅଧିକ ପରିମାଣରେ ବିକ୍ରୟ ହେବାର ଏ ଜିଲ୍ଲାରେ ପ୍ରସିଦ୍ଧ ଅଛି ଓ ମହାଜନମାନେ ଏ ସବୁ ସ୍ଥାନକୁ ଯାଇ କିଣା ବିକା କରନ୍ତି ମାତ୍ର ଏହିକଥାମାନ ତାଲିକାରେ ଏମନ୍ତ ଗୋଲମାଲରେ ଲେଖାଅଛି ଯେ ନ ଜାଣିବା ଲୋକେ ତହିଁରୁ କିଛି ବୁଝିପାରିବେ ନାହିଁ । ସୁତରାଂ ଗୋଟିଏ ଫଳଦାୟୀ ଅଳ୍ପ ବିବେଚନା ଦୋଷରୁ କୌଣସି କର୍ମର ହୋଇ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ମହତ ଉଦ୍ଦେଶ୍ୟମାନ ଏରୂପେ ବ୍ୟର୍ଥ ହୋଇଯାଏ ବଡ଼ ଦୁଃଖର ବିଷୟ ଅଟଇ ।

---

## ପ୍ରଜାମେଳ ନିବାରଣ ଆଇନ ।

ପାଠକମାନଙ୍କର ସ୍ମରଣଥିବ ଯେ ବଙ୍ଗଲାର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସର ଜର୍ଜ କାମ୍ବେଲ ଆସୁଥିବ ଓ ଅନ୍ୟାୟ କର ନେବା ଛଳରେ ଯେତେବେଳେ ଜମିଦାରଙ୍କ ଉପରେ ଖଡ୍ଗହସ୍ତ ହେଲେ ଓ ପ୍ରଜାଙ୍କ ମା ବାପ ହୋଇ ବାହାରିଲେ ସେ ସମୟରେ ମୂର୍ଖ ପ୍ରଜାମାନେ ଆପଣା ପ୍ରକୃତ ଅବସ୍ଥା ବିସ୍ମରଣ କରି କ୍ରମେ ଜମିଦାରଙ୍କ ବିରୋଧୀ ହୋଇ ଉଠିଲେ ଓ ଏକାଏ ସ୍ଥାନର ପ୍ରଜାମାନେ ଅତ୍ୟନ୍ତ ସାହସ ପୂର୍ବକ ମେଳ କରି ଜମିଦାରଙ୍କ ଉପରେ ପ୍ରଜାଶକ୍ତିରୂପେ ଅତ୍ୟାଚାର ଆରମ୍ଭ କଲେ । ଆଉ ଏକାଏ ସ୍ଥାନର ପ୍ରଜାମାନେ ଜମିଦାରର ପ୍ରକୃତ ଖଜଣା ଦେବାକୁ ସୁଦ୍ଧା ଅସ୍ୱୀକାର କଲେ । ଏହାପରେ ବଙ୍ଗଲାର କେତେକ ଜିଲ୍ଲାରେ ଓ ବିଶେଷରେ ପୂର୍ବାଞ୍ଚଳର ଅନେକ ପ୍ରଗଣାର ପ୍ରଜାମାନେ ମେଳ ବାନ୍ଧି ଜମିଦାରଙ୍କୁ ଖଜଣା ନ ଦେଇ ନାନାପ୍ରକାର ଗୋଲମାଲ କରିବାରେ ପ୍ରବୃତ୍ତ ହେଲେ । ବିଶେଷ ଉପାୟଦ୍ୱାରା ଗବର୍ଣ୍ଣମେଣ୍ଟ ଏସବୁ ଗୋଲମାଲ ଉଠାଇଦେଇ ନିବାରଣ କଲେ ସତ୍ୟ ଓ କାମ୍ବେଲ ସାହେବ ବଙ୍ଗଲା ତ୍ୟାଗ କରି ଯିବାରୁ ମଧ୍ୟ ଅନେକ ପରିମାଣରେ ପ୍ରଜାଙ୍କର ଉଗ୍ରସ୍ୱଭାବ ଶାନ୍ତ ହେଲା ତଥାପି ଆହୁଯାଏ ଉକ୍ତ ବ୍ୟାପାର ସମୂଳେ ନିବାରଣ ହୋଇ ନାହିଁ ଯେହେତୁ ଯେତେବେଳେ ଏକାଏ ସ୍ଥାନର ପ୍ରଜା ଜମି ବା ଜମା ବିଷୟରେ ଅନର୍ଥକ ଗୁଜବ ବାହାର କରି ଜମିଦାରଙ୍କୁ ବିରକ୍ତ କରନ୍ତି । ଏହିସବୁ ଗୋଲମାଲ ନିବାରଣ ଓ ଜମି ଜମା ସମ୍ପର୍କୀୟ ବିବାଦ ଭଞ୍ଜନ ନିମିତ୍ତ ବଙ୍ଗଲା କୌନସିଲରେ ଗୋଟିଏ ଆଇନର ପାଣ୍ଡୁଲିପି ପେସ ହୋଇ ବିବେଚନାଧୀନରେ । ଉକ୍ତ ଆଇନ ଜାରି ହେଲେ ଯେଉଁ ସ୍ଥାନରେ ଯେତେବେଳେ ପ୍ରଜା ମେଳ ହେବ ଜମିଦାର ବା ପ୍ରଜାମାନେ ପ୍ରାର୍ଥନା କଲେ ଗବର୍ଣ୍ଣମେଣ୍ଟ ସେସବୁ ବିବାଦ କଲେକ୍ଟର ସାହେବଙ୍କଦ୍ୱାରା ନିଷ୍ପତ୍ତି ହେବାର ଆଜ୍ଞା ଦେବେ ଓ ସେସମୟରେ ସନ ୧୮୫୯ ମସିହାର ୧୦ ଆଇନାନୁସାରେ ମୋକଦ୍ଦମାର ବିଚାର ନ ହୋଇ ଏହି ଆଇନଦ୍ୱାରା ହେବ । ଏ ଆଇନରେ କଲେକ୍ଟର ସାହେବ ପଞ୍ଚାଏତଦ୍ୱାରା ବିବାଦ ନିଷ୍ପତ୍ତି କରାଇ ପାରିବେ ଓ ଯେଉଁସ୍ଥଳେ ଆପେ କାର୍ଯ୍ୟ କରିବେ ସେସ୍ଥଳେ ଯାହା କରିବାର ଆବଶ୍ୟକ ଜାଣନ୍ତି କମିଶନର ସାହେବ ଓ ରେବିନ୍ୟୁବୋର୍ଡଙ୍କୁ ଜଣାଇ ତାହାଙ୍କର ଆଜ୍ଞାଧୀନରେ କାର୍ଯ୍ୟ କରିବେ । ଜମି ଜମା ବିଷୟରେ କଲେକ୍ଟର ସାହେବ ଉପରସ୍ଥ ହାକିମ ଓ ପ୍ରଚଳିତ ଆଇନ ସମସ୍ତର ବିଧାନ ଦୃଷ୍ଟିରେ ଯାହା ନିଷ୍ପତ୍ତି କରିବେ ସେହି ନିଷ୍ପତ୍ତି ବୃତ୍ତାନ୍ତ ହେବ । କଲେକ୍ଟର ସାହେବ ଯେତେ ଖଜଣା ବୃଦ୍ଧି ବା ନ୍ୟୂନ କରିବେ ତାହା ଦଶବର୍ଷପର୍ଯ୍ୟନ୍ତ ଓ ମିଆଦି ବନ୍ଦୋବସ୍ତ ନାହାଲେ ସାମୀ ବନ୍ଦୋବସ୍ତ ପର୍ଯ୍ୟନ୍ତ ସ୍ଥିର ରହିବ ଅନ୍ୟ କୌ- [illegible] ଯେତେବେ ପଟ୍ଟା ହୋଇ ଉତ୍ପାଦ ଅସାଧାରଣ ଦୁର୍ଘଟଣା ହେଲେ ତହିଁର ଅନ୍ୟଥା ହୋଇପାରିବ ।

ଜମି ଜମା ସମ୍ପର୍କରେ କଲେକ୍ଟର ସାହେବଙ୍କ ହସ୍ତରେ ଭାର ଦେବାର ସମ୍ଭବ ଓ ଏଥିରେ ଶୀଘ୍ର ନିଷ୍ପତ୍ତି ହେବାର ସମ୍ଭାବନା ଥିବାରୁ ଏ ଆଇନରେ କଲେକ୍ଟରଙ୍କୁ ବିସ୍ତର କ୍ଷମତା ଦିଆଯାଇଅଛି ଏବଂ କେବଳ ବିଶେଷ ସ୍ଥଳରେ ଆଇନ ଖଟିବାର ଥିବାରୁ ଏହାଦ୍ୱାରା ସାଧାରଣ ଅନିଷ୍ଟର ଆଶଙ୍କା ନାହିଁ ତଥାପି ଯେଉଁ କଲେକ୍ଟରମାନେ ଜମିଦାରଙ୍କର ନିତାନ୍ତ ବିରୋଧୀ ତାହାଙ୍କ ହାତରେ ପ୍ରଜାଙ୍କର ଲାଭ ଓ ଜମିଦାରଙ୍କ କ୍ଷତି ହୋଇପାରେ ଏଥିପାଇଁ ଆମ୍ଭେମାନେ ବିବେଚନା କରୁଁ ଯେ କଲେକ୍ଟର ସାହେବଙ୍କ ଆଜ୍ଞା ଉପରେ ଅପିଲର ବିଧି ହେଲେ ଏ ଆଇନଦ୍ୱାରା କାହାର ଅନିଷ୍ଟ ଘଟିବାର ଦାୟ ରହିବ ନାହିଁ ।

---

## ବରୋଦା ।

ମଲ୍ହାରରାଓ ଗୁଇକୁଅର ପଦଚ୍ୟୁତ ହୋଇ ମାନ୍ଦ୍ରାଜରେ କଏଦ ରହିଲେ ସତ୍ୟ ମାତ୍ର ଏତିକିରେ ବରୋଦାକାଣ୍ଡ ଶେଷ ହୋଇ ନାହିଁ । ଗତ ସପ୍ତାହରେ ସମ୍ବାଦପତ୍ରମାନଙ୍କରେ ବରୋଦାସମ୍ପର୍କରେ ଅନେକ ସମ୍ବାଦ ଆସିଅଛି ଓ ବରୋଦା ବିଷୟ ସେଠା ସାଧାରଣରେ ଅନେକ ଆନ୍ଦୋଳନ ହୋଇଅଛି । ଫଳତଃ ଏକ ରାଜାର ଗାଦି ଶୂନ୍ୟ କଲେ ସେ ଗାଦିରେ ଅନ୍ୟଜଣ ବସିବା ପର୍ଯ୍ୟନ୍ତ ଲୋକମାନେ ଅସ୍ଥିର ଥାନ୍ତି ସୁତରାଂ ନାନାପ୍ରକାର ଗଣ୍ଡଗୋଳ ହୁଅଇ ଏହାକୁ ଗୋଟିଏ ସାଧାରଣ ନିୟମ ବୋଲିଲେ ନିତାନ୍ତ ଅର୍ଥଶୂନ୍ୟ କଥା ହେବ ନାହିଁ ଓ ବରୋଦାରେ ତାହାହିଁ ପ୍ରତ୍ୟକ୍ଷ ହୋଇଥିଲା । ପ୍ରଥମେ କେତେଜଣ ପ୍ରଜା ଓ ମଲ୍ହାରରାଓଙ୍କ ସପକ୍ଷରେ ଥିବା ଲୋକମାନେ ମେଳକରି ଲକ୍ଷ୍ମୀବାଈଙ୍କର ପୁଅ ସିଆଙ୍କୁ ଗାଦିରେ ବସାଇବାକୁ ଚେଷ୍ଟା କଲେ ଏମାନେ ଏହି ଉଦ୍ଦେଶ୍ୟରେ କପ୍ତାନ ସାହେବଙ୍କୁ ଢେଲା ପଥରପ୍ରଭୃତି ମାରିଲେ କପ୍ତାନ ସାହେବ ପିସ୍ତଲ ଫାୟାରକରି ଲୋକଙ୍କୁ ଅନ୍ତରରେ ରଖି ରେସିଡେଣ୍ଟଙ୍କୁ ସମ୍ବାଦ ପଠାଇ ସାହାଯ୍ୟ ଆଣାଇଲେ । ସିପାହୀ ଆସି ପହୁଞ୍ଚିଲାରୁ ଦୁଷ୍ଟଲୋକମାନେ ଅଦୃଶ୍ୟ ହେଲେ ଓ କେତେକ ଲୋକଧରାହୋଇ ଚାଲାଣହେଲେ ଏମାନେ ବିଚାର ଦ୍ୱାରାରୁ ଦଣ୍ଡ ପାଇବେ । ଢେଲା ମାରି ଅପଘା[ତ] ... ଅଭୀଷ୍ଟ ସାଧନ କରିବେ ଏମନ୍ତ ମର୍ମରେ

Digitized by srujanika@gmail.com

Split by PDF Splitter



ବାଂଟେ ଅଛନ୍ତି ବଡ଼ କୌତୁକର ବିଷୟ ଅଟଇ ।

କୁହନ୍ତି । ମହ୍ଲାରାଓଙ୍କ ଦୁଇରାଣୀ ଲକ୍ଷ୍ମୀବାଇ ଓ ଜନାବାଇ ରାଜପ୍ରାସାଦରୁ ବହିଷ୍କୃତ ହୋଇ ଅମ୍ଭେମାନଙ୍କୁ ରେଲଗାଡରେ ବରଦା ସିପାହି ପହରାଧୀନରେ ପ୍ରେରିତ ହେଲେ କାରଣ ହାକମ-ମାନଙ୍କର ଏମନ୍ତ ସନ୍ଦେହ ହେଲା ଯେ ଏମାନଙ୍କ ଯୋଗେ ଉପରଲିଖିତ ଗୋଲମାଲ ସବୁ ହୋଇ ଥିଲା ମାତ୍ର ପ୍ରକୃତରେ ତହିଁରେ ତାହାଙ୍କର ଦୋଷ ଅଛି କି ତାହାଙ୍କର ଭକ୍ତ ବୃନ୍ଦମାନେ ତାହାଙ୍କର ଉପକାର କରିବାକୁ ଯାଇଁ ଏ ପ୍ରକାର ବ୍ୟବହାରରେ ପଡ଼ାଇଲେ ତାହା ଜଣା ନାହିଁ କହୁଅଛେ ଯାହା ହେଉ ରାଣୀମାନେ ଆପଣା କୁଟୁମ୍ବ ଓ ଅନୁଚରବର୍ଗ ସହିତ ମୁହାଗାଡ଼ରେ ବମ୍ବେ-ଠାରୁ [illegible] ହେଲେ ଓ ସେଠାରେ ଦୁଇ ଏକଦିନ [illegible] ମାନ୍ଦ୍ରାଜକୁ ମହ୍ଲାରାଓଙ୍କ ନିକଟକୁ ପ୍ରେରିତ ହୋଇ ଅଛନ୍ତି ।

[illegible]ଶେଷରେ ଖଣ୍ଡେରାଓଙ୍କ ରାଣୀ ଯମୁନାବାଇ ପୁନାରୁ ବରୋଦାକୁ ଆଗତ ହେଲେ । ଚଳିତ ମାସ ତା ୧ ରଖରେ ସେ ଆପଣା କନ୍ୟାକୁ ସଙ୍ଗେ ଘେନି ବରୋଦାରେ ପହୁଞ୍ଚିଲେ ମାତ୍ର ସେଦିନ ଭଲ ନ ପଡ଼ିବାରୁ ଅନ୍ୟ ସ୍ଥାନରେ ବାସାକରି ରହି ତହିଁ ଉତ୍ତାରୁ ସୋମବାରଦିନ ରାଜପ୍ରାସାଦକୁ ଶୁଭାଗମନ କରି ଗାଦି ଅଧିକାର କଲେ । ସର୍ ମାଧବରାଓ ଦେଓ୍ୱାନ ମଧ୍ୟ ଏହି ସମୟରେ ବରୋଦାରେ ଉପସ୍ଥିତ ହେଲେ । ମହାରାଣୀ ପରଦାଭିତରେ ବସିଲେ ଓ ଆପଣା ଦତ୍ତକ ପୁତ୍ରଙ୍କୁ ଗାଦିରେ ବସାଇ ସରଦାର ଓ ପ୍ରଜାଙ୍କ ଭେଟି ଇତ୍ୟାଦି ଗ୍ରହଣ କରି ଆପଣା ଅଧିକାର ପ୍ରକାଶ କଲେ । ନୂତନ ରାଜା ଗାଦିରେ ବସିଲେ ଯେ ସବୁ ସମାରୋହ ହେବାର କଥା ଅଛି ସେ ସବୁ ଯଥା ନିୟମରେ ପ୍ରତିପାଳିତ ହେଲା ଓ ଉକ୍ତ ଦିନ ବରୋଦା ନଗରରେ ରୋଶନାଇ ପ୍ରଭୃତି ହୋଇଥିଲା । ମହାରାଣୀ ତାହାଙ୍କୁ ପୋଷ୍ୟପୁତ୍ର ରଖିବେ ଅବଧି ସ୍ଥିର ହୋଇ ନାହିଁ । ବର୍ତ୍ତମାନ ଦେଓ୍ୱାନଙ୍କଦ୍ୱାରା କାର୍ଯ୍ୟମାନ ନିୟମିତରୂପେ ନିର୍ବାହିତ ହେଉଅଛି ।

ଅତୁର୍ଥରେ ମହ୍ଲାରାଓଙ୍କ ପକ୍ଷରୁ ବିଲାତର ପାର୍ଲିମେଣ୍ଟ ସଭାରେ ଅପିଲ ହେବାର ଉଦ୍ୟମ ଲାଗିଅଛି ଓ ସମ୍ବାଦପତ୍ରମାନଙ୍କରେ ଦେଖାଯାଏ ଯେ ଗାଇକୁଅଁରଙ୍କ ଦୁହିତା କୁମାବାଇ ଦୁଇଜଣ ଦେଶୀୟ ଉକିଲଙ୍କ ସମଭିବ୍ୟାହାରରେ ଏଥିର ଉପାୟ କରିବାକାରଣ ଇଂଲଣ୍ଡକୁ ଯିବାର ସ୍ଥିର ହୋଇ ଅଛି । ଯେଉଁଠାରେ ମହ୍ଲାରାଓଙ୍କପ୍ରତି ଗବର୍ଣ୍ଣମେଣ୍ଟ ଯେ ବିଚାର କରି ଅଛନ୍ତି ତହିଁର ଯଥାର୍ଥତା ପକ୍ଷରେ ବହୁତର ମତଭେଦ ଦେଖା-ଯାଏ ସେ ସ୍ଥଳେ ଅପିଲ କରିବାର ଯୁକ୍ତି ଆବ-ଶ୍ୟକ ସନ୍ଦେହ ନାହିଁ । ମାତ୍ର ମହ୍ଲାରାଓ ରାଜ୍ୟ ଭ୍ରଷ୍ଟ ହୋଇ ନିର୍ଦ୍ଧନ ହୋଇ ଅଛନ୍ତି ଅପିଲର ବ୍ୟୟ ଯୋଗାଇବାକୁ କଷ୍ଟ କ୍ଲେଶ ହୋଇ ପାରେ ।

---

# ସାପ୍ତାହିକ ସଂବାଦ ।

ବାବୁ ହରିଚରଣ ବାନର୍ଜ୍ଜୀ ପୁରୀର ଏକ୍‌ଟିଂ ମୁନସଫ ହେବାକୁ ଅସ୍ୱୀକୃତ ହୋଇଅଛନ୍ତି । ଆଉ କେହି ଉକ୍ତ ପଦରେ ନିଯୁକ୍ତ ହୋଇ ନାହିଁ ।

ଓଲାଉଠା ସମୟରେ ପ୍ରତିବର୍ଷ ଯେମନ୍ତ କଟ-କରୁ ନେଟିବ ଡାକ୍ତର ଓଡ଼ିଶାର ପ୍ରତ୍ୟେକ ଜିଲାକୁ ଯିବାର ନିୟମ ଅଛି ତଦନୁସାରେ କଟକଠାରେ ଦୁଇଜଣ ଡାକ୍ତର ପହୁଁଚିଅଛନ୍ତି ଓ ମାରସାଘାଇ ଅଞ୍ଚଳରେ ଉକ୍ତ ରୋଗର ପ୍ରାଦୁର୍ଭାବ [illegible] ଏକବ୍ୟକ୍ତି ସେଠାକୁ ପ୍ରେରିତ [illegible]

ପାଞ୍ଚାଲି ଏଞ୍ଜିନିଅରେ ଅନେକ ଯୋଗରେ ମରମତି କାର୍ଯ୍ୟ ଲାଗିଅଛି ଓ ଏସବୁ ସର୍କାରୀ ବ୍ୟୟରେ ହେଉଅଛି । ଖାନ୍‌ସ ସାହେବଙ୍କ ମିଉ-ନିସିପାଲ କାର୍ଯ୍ୟ ମଧ୍ୟରେ ଏହିଟି ପ୍ରକୃତ ହିତକର ସୁତରାଂ ପ୍ରଶଂସନୀୟ କାର୍ଯ୍ୟ ଅଟଇ ।

ବାଲେଶ୍ୱରକୁ ଷ୍ଟାମ୍ପ ଜାହାଜ ଚଳ ଅଛିଅଛି ଓ ଉତ୍କଳଦର୍ପଣ ଲେଖିଅଛନ୍ତି ଯେ ଉକ୍ତ ବନ୍ଦର କାର୍ଯ୍ୟ କେତେ ଉତ୍ସାହପୂର୍ଣ୍ଣ ହୋଇଅଛନ୍ତି କାହିଁ ଥାଉର ଲାଗିଲା ମାଣ୍ଡ ତାହାକୁ ଯାହା ଶୁଣୁଛନ୍ତି ସେ ତହିଁର ସବିଶେଷ ଲେଖିଦେବ । ଏ ବନ୍ଦ କଳିକତାରେ ଚିଠିଟା ଲେଖିଏ ନିଶ୍ଚୟ ହେ-ଉଅଛି । ଏ ଗୋଟିଏ ଭଲ ସୌଭାଗ୍ୟ ଅଟଇ ।

ବାଲେଶ୍ୱର ଏଗଡ଼ା ଉତ୍ତମରୁ କେହି ଲେଖି ଅଛି ମଥୁରାମୋହନ ପାଣି ଓ ବ୍ରଜବଲ୍ଲଭ ପାଢ଼ୀ ମହାଶୟମାନେ ନିମ୍ନଲିଖିତ ସାଧାରଣ ଉପକାର କାର୍ଯ୍ୟମାନ ଆପଣା ବ୍ୟୟ ଓ ଯତ୍ନରେ କରିଅ-ଛନ୍ତି । ଯଥା—(୧) ଚୁଡ଼ାମଣି ବନ୍ଦରକୁ ଲାଗି-ଥିବା ଗଣ୍ଡାଇନାଳ କୁ ୫ ୮୦୦ ଟଙ୍କା ବ୍ୟୟ କରି ଖୋଲାଇ ଦେଇଅଛନ୍ତି (୨) ଇରମରେ ଥିବା ମଧ୍ୟମଶ୍ରେଣୀର ଉତ୍କଳ ବିଦ୍ୟାଳୟକୁ ମାଇନର କରିବା ନିମିତ୍ତ ଶିକ୍ଷାକମିଟିରେ ଦରଖାସ୍ତ କରି ତହିଁର ଅର୍ଥେ ବ୍ୟୟ ଦେବାକୁ ସ୍ୱୀକାର କରିଅଛନ୍ତି ଏସବୁ କାର୍ଯ୍ୟ ହେଲେ ଅତ୍ୟନ୍ତ ପ୍ରଶଂସାର ବିଷୟ ଅଟଇ ।

ଗବର୍ଣ୍ଣମେଣ୍ଟ ବଙ୍ଗାଲାର ଅଞ୍ଚଳମେ ଅଫିମର ମୂଲ୍ୟ କେତେଜିଲାରେ ବୃଦ୍ଧି ହୋଇଅଛି । ବାଲେଶ୍ୱରରେ ସେର ଟ ୨୫ ଙ୍କାରୁ ଟ ୨୭ଙ୍କା ଓ ଓଡ଼ିଶାର ଅନ୍ୟ ଦୁଇଜିଲାରେ ସେର ଟ୨୪ ଙ୍କାରୁ ଟ ୨୬ ଙ୍କା ହୋଇଅଛି । ତାହାରେ ଟ ୨୩ ଙ୍କାରୁ ଟ ୨୪ ଏବଂ ଛୋଟନାଗପୁରରେ ଟ ୨୨ ଙ୍କାରୁ ଟ ୨୩ ଙ୍କା ହୋଇଅଛି ଅଫିମ ସେବନ ବିଷୟରେ ବାଲେଶ୍ୱର ବଙ୍ଗଲା ପ୍ରଦେ-ଶରେ ଅଗ୍ରଗଣ୍ୟ ହୋଇ ଅଛି କିନ୍ତୁ ଏକଟଙ୍କା କି ଦୁଇଟଙ୍କା ଦର ବଢ଼ାଇଲେ ଯେ କେତେ ଅଫିମିଙ୍କ ଦଳ ଭଣା ପଡ଼ିବ ତାହା ଅମ୍ଭେମାନେ କହି ନ ପାରୁଁ ।

ମନ୍ଦ୍ରାଜରେ ବାଘ ମାରିବା ସକାଶେ ମେଜର କଲଫିଲଡ଼ ସାହେବ ନିଯୁକ୍ତ ହୋଇଥିଲେ ସନ ୧୮୭୩ ଅଗଷ୍ଟମାସରୁ ସନ ୧୮୭୪ ଡିସ-ମ୍ବର ପର୍ଯ୍ୟନ୍ତ ତାହାଙ୍କ ପଦରେ ଦରମାହିଁ ଅମଲାଖର୍ଚ୍ଚା ଡାକ୍ତଖର୍ଚ୍ଚା ବାଜେଖର୍ଚ୍ଚା ଇତ୍ୟାଦିରେ ଟ ୨୧୬୮୯ ଖର୍ଚ୍ଚ ହେଲା ବାଘ କେତେ ମରି-ଗଲା ତାହା ପ୍ରକାଶ ନାହିଁ କିନ୍ତୁ ଗବର୍ଣ୍ଣମେଣ୍ଟ ତାଙ୍କ ମହାଶୟଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ।

ବେହାରଅଞ୍ଚଳରେ ମୁନସି ପ୍ୟାରୀଲାଲ ବିଦ୍ୟା-ଦିଗ୍ଗଜଙ୍କୀୟ ବ୍ୟୟ ଲାଘବ କରିବା ଉଦ୍ଦେଶ୍ୟ-ରେ ଯେତେ ପରିଶ୍ରମ କରୁ ଅଛନ୍ତି ତାହା ଅ-ନେକ ପରିମାଣରେ ସଫଳ ହେବାରୁ ଆମମାନଙ୍କ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତହିଁରେ ଅତି ସନ୍ତୁଷ୍ଟ ହୋଇ ଅଛନ୍ତିବୋଲି ପାଟନାର କମିସନରଙ୍କୁ ଜଣାଇ ଅଛନ୍ତି । ଓଡ଼ିଶାରେ କି ଏପରି ମୁନସି କେହି ଅବଶ୍ୟ ଜନ୍ମନାହାନ୍ତି ।

ବଙ୍ଗଳା ପ୍ରଦେଶରେ ଇନସ୍‌ପେକ୍ଟରମାନଙ୍କ ଅବସ୍ଥା ଭଲ କରିବା ସକାଶେ ଯେଉଁ ପ୍ରସ୍ତାବ ହେଉଅଛି ତହିଁରେ ଆନୁଷଙ୍ଗିକ ବିଷୟ ମଧ୍ୟରେ ଇନ୍‌ସ୍ପେକ୍ଟର ଜେନେରଲଅଫ୍‌ପୋଲିସ ସ୍କୁଲସ ଇନ-ସ୍ପେକ୍ଟରଙ୍କୁ ଅଧିକା ଗସ୍ତଭତ୍ତା ଦେବା ପାଇଁ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରିଅଛନ୍ତି ।

ବ୍ରହ୍ମଦେଶରେ ବର୍ତ୍ତମାନ ଯେଉଁ ବୌଦ୍ଧଶାସ୍ତ୍ର ପ୍ରଚଳିତଅଛି ତହିଁର ଉତ୍ପତ୍ତି ଓ ଇତିହାସ ସମ୍ବ-ନ୍ଧରେ ଇଂରାଜୀ ଭାଷାରେ ସବୁଠାରୁ ଭଲ ପ୍ରବନ୍ଧ ଯେ ବ୍ୟକ୍ତି ଲେଖି ପାରିବ ତାହାକୁ ଗବର୍ଣ୍ଣମେଣ୍ଟ ଏକସହସ୍ର ଟଙ୍କା ପାରିତୋଷିକ ଦେବା ପାଇଁ ଅଙ୍ଗୀକାର କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ଗାଇକୁଆରଙ୍କ ଗୃହ୍ୟନାଶ ହେତୁ ବରୋଦାର ତ ୧୯ ଣ ଘାସ୍ଥୀ ବ୍ରାହ୍ମଣ ଘୋଷଣାପତ୍ରଦ୍ୱାରା ସମସ୍ତ ହିନ୍ଦୁପ୍ରଜାଙ୍କୁ ଅଶୌଚ ବା ଶୋକ ଚିହ୍ନମାନ ଧାରଣ କରିବାକୁ ପରାମର୍ଶ ଦେଇଥିଲେ । କାରଣ ଗାଇକୁଆରଙ୍କ ଉପରେ ଅପମୃତ୍ୟୁ ପ୍ରମାଣ ହୋଇ ନାହିଁ ଓ ସେ ବ୍ରାହ୍ମଣ ଓ ହିନ୍ଦୁଙ୍କର ବଡ଼ ଉପକାରୀ ଥିଲେ ।

ବରୋଦା ସମ୍ପର୍କୀୟ କାଗଜପତ୍ରସବୁ ପାର୍ଲିମେଣ୍ଟ ସଭାରେ ଉପସ୍ଥିତ ହୋଇଅଛି । ଏଥିରେ କେବଳ ପ୍ରଥମଥର କମିଶନ ବାବଦ କାଗଜମାନ ଅଛି କିନ୍ତୁ ଲର୍ଡ ହାମିଲଟନ ସଭାରେ ଜଣାଇଅଛନ୍ତି ଯେ ଶେଷ କମିଶନ ବାବତର କାଗଜମାନ ମଧ୍ୟ ସେ ଶୀଘ୍ର ପଠାଇବେ ।

କର୍ଣ୍ଣେଲ ଫେଅରସାହେବ ବରୋଦା ରେସିଡେଣ୍ଟ କର୍ମରୁ ବାହାରିବାରେ ଆପଣାକୁ ଅପମାନିତ ଜ୍ଞାନ କରି ପାର୍ଲିମେଣ୍ଟ ସଭାରେ ଆବେଦନପତ୍ର ଦେବାକୁ ଉଦ୍ୟମ କରୁଅଛନ୍ତି ।

ତ୍ରିପିସନ୍ତ ଗ୍ରନ୍ଥରେ କଲଣ୍ଡି ଆଲୁର ବୃକ୍ଷ ବିସ୍ତାର କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଯେ ପାରିତୋଷିକ ଦେବାକୁ ସ୍ୱୀକାର କରିଅଛନ୍ତି । ୫ଙ୍କୁ ପାହାଡରେ ଉକ୍ତ ଦ୍ରବ୍ୟର ଗଛ ୯ ଉଁ ବ୍ୟକ୍ତି ଉଲରୂପେ କରିପାରିବ ସେ ୫ ୫ଙ୍କା ପାଇବ ।

ଏକସମ୍ବାଦପତ୍ରରେ ଲେଖାଅଛି ଯେ ଯେଉଁ ଶ୍ରେଣୀର ଲୋକମାନେ ଅତ୍ୟଳ୍ପ ମାଂସ ଆହାର କରନ୍ତି ସେମାନେ ଘାତ ଅଘାତ ଇତ୍ୟାଦିରୁ ଅନ୍ୟଙ୍କରେ ଅରୋଗ୍ୟ ହୁଅନ୍ତି । ଭାରତବର୍ଷ ଓ ଚୀନର ଲୋକମାନେ ଏଥିର ଉଦାହରଣର ସ୍ଥଳ ଅଟନ୍ତି ।

ପଣ୍ଡିତ ଦୟାନନ୍ଦ ସରସ୍ୱତୀ ଅର୍ଯ୍ୟ ସମାଜ ନାମରେ ଗୋଟିଏ ସଭା ବମ୍ବେଇରେ ସ୍ଥାପନ କରିଅଛନ୍ତି । ଏ ସଭାର ପ୍ରଧାନ କାର୍ଯ୍ୟ ଏକେଶ୍ୱର ଉପାସନା ଏବଂ ବେଦ ଅଧ୍ୟୟନ ଅଟଇ ।

ଏକଜଣ ପାରସୀ ଯୁବା ଜାହାଜ ଚଳାଇବା କର୍ମ ଶିକ୍ଷା କରିବା ସକାଶେ ଏକ ଥିଅକର ଜାହାଜରେ ଅପ୍ରେଣ୍ଟିସ ହୋଇ ଯାଇଅଛି । ଭାରତବର୍ଷରେ ବମ୍ବେଇ ଲୋକଙ୍କ ପରି ଜାହାଜ ସାହସ ଦେଖା ନ ଯାଏ । ଅନ୍ୟାନ୍ୟ ପ୍ରଦେଶର ଯୁବାମାନେ ଏଥିର ଅନୁସରଣ କଲେ ଆନନ୍ଦର ବିଷୟ ହେବ ।

ସାଁଟିକାପନ୍ଥି ଦେବଗଣଙ୍କୁ କାଇବମାନେ ଦୁର୍ଗ ତଡିବା ଛଇଦ୍ୱାରମାନ ଘେରି ମେଳ କରି ବାହାରିବାକୁ ଚେଷ୍ଟା କରୁଥିଲେ । ପୁଲିସ ତାହାଙ୍କୁ ସହଜରେ ଅଟକ କରି ନ ପାରି ଗୁଳି ଚଳାଇଲେ ଯେ ଦଶଜଣ କଇଦଠାରେ ଗୁଳି ବସିଲା ଓ ତହିଁ ମଧ୍ୟରୁ ଦୁଇଜଣ ଫାଶୀଭଳ ଆଘାତ ପାଇଅଛନ୍ତି ।

୧ । ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ଫ୍ରାନ୍ସ ଦେଶୀୟମାନେ ବାୟୁ ଭରରେ ଗମନାଗମନ କରିବାର ସୁବିଧା ଆବିଷ୍କାର କରିବା ଉଦ୍ଦେଶରେ ଗୋଟିଏ ବୈଜ୍ଞାନିକ ସଭାର ଅଧିବେଶନ କରୁଅଛନ୍ତି । ଏହି ସଭାରୁ ସମ୍ପ୍ରତି ବେଲୁନ ଯୋଗରେ ୩ଜଣ ବଇଜ୍ଞାନିକ ବଗାରଦ ଗଗନୋପରି ଉତ୍ତୀର୍ଣ୍ଣ ହେଲେ । ସେମାନେ ୨୩ତ୍ତ ମାର୍ଚ୍ଚ ଅପରାହ୍ନ ଘଣ୍ଟା ସମୟରେ ପାରିସନଗର ପରିତ୍ୟାଗ କଲେ । ତା ୨୩ ରାତ୍ରରେ ସେମାନଙ୍କର କୌଣସି ସମ୍ବାଦ ମିଳିଲା ନାହିଁ ସମସ୍ତେ ସେମାନଙ୍କ ପାଇଁ କିଛି ଉତ୍କଣ୍ଠିତ ହେଲେ । କିନ୍ତୁ ତହିଁ ଆରଦିନ ସକାଳେ ବେଲ୍ଜିୟମ ଠାରୁ ତାରରେ ସେମାନଙ୍କର ସମ୍ବାଦ ମିଳିଲା । ସେମାନେ ଲେଖିଅଛନ୍ତି, ଯେ ସେ ୨୩ ଶା ବାୟୁରେ ପ୍ରବାହିତ ହୋଇ ବେଲ୍ଜିୟମରବାଣ୍ଟେନ ନାମକ ମରୁଭୂମିରେ ପହଞ୍ଚିଲେ । ସେମାନେ ଉପରେ ଉଡି ଶୂନ୍ୟରୂପେ ଚନ୍ଦ୍ରମଣ୍ଡଳ ଦେ[illegible]ଲେ ଚନ୍ଦ୍ରମଣ୍ଡଳ ଡିମ୍ବ ଭଳି ଦେଖ[illegible] ଦୃଷ୍ଟିର ଅନ୍ତସ୍ଥଳରେ ସମୁଦ୍ର ଉପରେ ଜଳର ଆଲୁଅ ଦେଖିଲେ । ସମୁଦ୍ର ଜଳଦେଶ କେତେକ ଦୂର ଗମନ କରିବାରେ ସ୍ୱର୍ଣ୍ଣ ପରି ସୂର୍ଯ୍ୟ ଦେଖିଲେ । ଅଧିକ ସେମାନେ ଦେଖିଲେ ଉର୍ଦ୍ଧ୍ୱରେ ଉପର୍ଯ୍ୟୁପରି ଦୁଇଟି ବାୟୁ ସ୍ରୋତ ପ୍ରବାହିତ ହେଉଅଛି ଗୋଟିକରେ ବେଲୁନକୁ ସ୍ଥଳାଭିମୁଖରେ ଅନ୍ୟଟି ସମୁଦ୍ରାଭିମୁଖରେ ପ୍ରବାହିତ କରିବାକୁ ଲାଗିଲା । ବେଲୁନରୁ ସେମାନେ ଗ୍ୟାସ ପାଣି ଛାଡି ଦେଲେ । କ୍ରମେ କେସୁଡିଙ୍କ ପାଖରେ ପହଞ୍ଚି ନାହାନ୍ତି ।

୨ । ବୋଧହୁଏ ସମସ୍ତଙ୍କର ସ୍ମରଣ ଅଛି କଲିକତାର ହାଇକୋର୍ଟ ଗୋଟିଏ ମକଦ୍ଦମା ନିଷ୍ପତ୍ତି କରିଅଛନ୍ତି ଯେ, "ଅସତୀ ମଧ୍ୟ ସ୍ୱାମିସମ୍ପତ୍ତିର ଉତ୍ତରାଧିକାରିଣୀ ହୋଇପାରେ" । ଏହି ବିଷୟର ଫୁଲବେଞ୍ଚ ହୋଇଥିଲା । ମୃତ ଦ୍ୱାରକାନାଥ ମିତ୍ର, ଜଷ୍ଟିସ ଗୋବର ଓ କେମ୍ପ ସାହେବ । ଅସତୀ ବିରୁଦ୍ଧରେ ମତ ପ୍ରଦାନ କରିଥିଲେ, କିନ୍ତୁ ଅଧିକାଂଶ ଜଜଙ୍କ ମତ ସେମାନଙ୍କ ମତର ବିରୁଦ୍ଧ ହେବାରୁ ଯଥାସ୍ଥ ବାହାଲ ରହିଲା । ହିନ୍ଦୁମାନେ କଲିକତାରେ ଅପିଲ କରିବାପାଇଁ ଉଦ୍ଯୋଗୀ ହୋଇ ହାଇକୋର୍ଟର ଅନୁମତି ପ୍ରାର୍ଥନା କଲେ, ହାଇକୋର୍ଟ ଅନୁମତି ଦେଲେ ନାହିଁ । ତହିଁବାଦ କଲିକତାରେ ଦରଖାସ୍ତ ଦିଅଗଲା, ତାରରେ ଖବର ଆସିଅଛି ଯେ ପ୍ରିଭି କୌନସିଲ ଅପିଲ କରିବାକୁ ଅନୁମତି ପ୍ରଦାନ କରିଅଛନ୍ତି ; ବର୍ତ୍ତମାନ ସମସ୍ତ ହିନ୍ଦୁଙ୍କର ଏବିଷୟରେ ଯତ୍ନ କରିବାର ଉଚିତ । ପ୍ରିଭିକୌନସିଲରେ ଅପିଲ କରିବାକୁ ବିସ୍ତର ଅର୍ଥ ବ୍ୟୟ ହେବ, ସମସ୍ତ ହିନ୍ଦୁଙ୍କର ସାହାଯ୍ୟ କରିବା କର୍ତ୍ତବ୍ୟ ।

ନିମ୍ନଲିଖିତ ବ୍ୟକ୍ତିମାନେ ଚାନ୍ଦାସଂଗ୍ରହର ଭାରଗ୍ରହଣ କରିଅଛନ୍ତି ।

ଶ୍ରୀଯୁକ୍ତ ବାବୁ ଭୈରବଚନ୍ଦ୍ର ବନ୍ଦୋପାଧ୍ୟାୟ ଉକିଲ ହାଇକୋର୍ଟ ।

ଶ୍ରୀଯୁକ୍ତ ବାବୁ ନବଗୋପାଳନନ୍ଦ [illegible]ଗୀଦାସସିଂହ ବଗଲୀ ମୀର୍ଜାପୁର, କଲ[illegible] ।

ଶ୍ରୀଯୁକ୍ତ ଧ୍ୱଜା ବୈଦ୍ୟନାଥ [illegible]ର ଦର୍ପଣୀ କଟକ ।

ଶ୍ରୀଯୁକ୍ତ ପଣ୍ଡିତ ,ସ, ଦଣ୍ଡାନନ୍ଦ, ଶାସ୍ତ୍ରୀ, ନେଟିଭ ଓପିନିୟନ ଅଫିସମଧୁଲପୁର ମାନ୍ଦ୍ରାଜ ।

ଏବଂ ବେଙ୍ଗଲୀ ପତ୍ରର ଅଫିସ ଡଭଟନଷ୍ଟ୍ରେଟ ନ ୩୩୬ ମ୍ବର କଲିକତା ।

## ବିଜ୍ଞାପନ ।

କଟକ ମହାଜିନ ଘ ୧୭ ଶ୍ର ବଡ଼ା ଛୁଟ ବ ସେସରୁ ସୁନାର ଗିଲିଟି ହୋଇଥିବା ଡାଠଫରମା ଓ ଅଇନା ମଧ୍ୟରେ ଅଛି ଓ ସମ୍ପ୍ରତି ଉଲ୍‌୨ କୋଠାରେ ୫ଟାର ଘରର ଶୋଭାବର୍ଦ୍ଧନ କରିବାର ଉପଯୁକ୍ତ ଅଟଇ ବନ୍ଧୁମାନେ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ରଖି ଯାଇଅଛନ୍ତି ପ୍ରତିଖଣ୍ଡର ମୂଲ୍ୟ ୫ ୮ ଟଙ୍କା ନିର୍ଦ୍ଧାରିତ ହୋଇଅଛି ଯାହାଙ୍କର ଘର ସଜାଇବାସକାଶେ ଛବିର ପ୍ରୟୋଜନ ହେବ ଅମ୍ଭ ନିକଟକୁ ମୂଲ୍ୟ ପଠାଇ ଦେଲେ ପାଇ ପାରିବେ । ଛବି ସବୁ ବଙ୍ଗଶିଳ୍ପୀବାବୁଙ୍କର ହାତର ତିଆରି ଓ ଭଲ ମୂର୍ତ୍ତିସବୁ ଚିତ୍ର ହୋଇଅଛି ।

୧୦।୫।୭୫ ଶ୍ରୀ ଗୌରୀଶଙ୍କର ରାୟ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ମଧୁମୋହନଦାସ | କୁଅପାଲ କଲାପ୍ସା | | ୫୧୧ |
| " ନାରାୟଣ ନାୟକ | କଟକ | " | ୫୮ |
| ଶ୍ରୀଶ୍ରୀ ସ୍ୱାମୀ କଲେଷ୍ଟଲ | | " | ୫୬୧ |

ଶ୍ରୀଶ୍ରୀ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



ଅ ଟ ଇ ଲ୍ଡ ।

ଉତ୍କଳଦୀପିକା ତା ୧୫ ଇଣ୍ଣ ମଇ ସନ ୧୮୭୫ ମସିହା ।

## ମୃତ୍ୟୁର ତାଲିକା ବାବତ୍ ମାହେ ମାର୍ଚ୍ଚ ସନ ୧୮୭୫ ମସିହା ।

| ଜିଲାକଟକ | | ଜିଲାପୁରୀ | |
|---|---|---|---|
| ଭୂମିପରିମାଣ ୩୧୭୮ ବର୍ଗମାଇଲ | | ଭୂମିପରିମାଣ ୨୪୭୦ ବର୍ଗମାଇଲ | |
| ଲୋକସଂଖ୍ୟା ପୁରୁଷ ୭,୨୫,୩୩୦ ସ୍ତ୍ରୀ ୭୬୯୪୫୪ | | ଲୋକସଂଖ୍ୟା ପୁରୁଷ ୩୮୯୪୯ ସ୍ତ୍ରୀ ୩୮୦୨୨୫ | |

ଜାତିର ବିବରଣ

| | ଜିଲାକଟକ | ଜିଲାପୁରୀ |
|---|---|---|
| ଖ୍ରୀଷ୍ଟିୟାନ | ଜ ୨୩୧୪ | ... ... ... ଜ ୫୭୬ |
| ମୁସଲମାନ | ଜ ୪୦,୦୧୩ | ... ... ... ଜ ୧୧୫୮୬ |
| ହିନ୍ଦୁ | ଜ ୧୪,୩୦,୯୪୦ | ... ... ... ଜ ୭୩୯୬୩୬ |
| ବୌଦ୍ଧ | ଜ ୦ | ... ... ... ଜ ୮ |
| ଅନ୍ୟାନ୍ୟଜାତି | ଜ ୨୨୪୧୭ | ... ... ... ଜ ୧୭୮୬୮ |
| ମୋଟ | ଜ ୧୪,୯୪,୭୮୪ | ଜ ୭୬୯,୭୨୪ |

କେଉଁ ଜାତିରେ କେତେ ମୃତ୍ୟୁ

| | ଜିଲାକଟକ | ଜିଲାପୁରୀ |
|---|---|---|
| ଖ୍ରୀଷ୍ଟିୟାନ | ଜ ୩ | ... ... ... ଜ ୦ |
| ମୁସଲମାନ | ଜ ୩୩ | ... ... ... ଜ ୪ |
| ହିନ୍ଦୁ | ଜ ୧,୬୨୬ | ... ... ... ଜ ୬୨୪ |
| ବୌଦ୍ଧ | ଜ ୦ | ... ... ... ଜ ୦ |
| ଅନ୍ୟାନ୍ୟଜାତି | ଜ ୦ | ... ... ... ଜ ୩୦ |
| | ଜ ୧,୬୬୨ | ଜ ୬୮୮ |

| ରୋଗର ନାମ | ପୁରୁଷ | ସ୍ତ୍ରୀ | | ପୁରୁଷ | ସ୍ତ୍ରୀ |
|---|---|---|---|---|---|
| ବିସୂଚିକା | ୮୧ | ୭୨ | ... ... ... | ୨୩ | ୧୮ |
| ବସନ୍ତ | ୨୪ | ୩୪ | ... ... ... | ୧୪ | ୧୪ |
| ଜ୍ୱର | ୩୩୫ | ୩୫୧ | ... ... ... | ୧୨୦ | ୧୧୫ |
| ଉଦରରୋଗ | ୧୨୭ | ୮୬ | ... ... ... | ୬୫ | ୪୩ |
| ଆତ୍ମହତ୍ୟା | ୪ | ୬ | ... ... ... | ୨ | ୧ |
| ଅଘାତ | ୧ | ୦ | ... ... ... | ୦ | ୦ |
| ଦୁର୍ଘଟଣା | ୫ | ୬ | ... ... ... | ୩ | ୩ |
| ସର୍ପାଘାତ ଓ ହିଂସ୍ରଜନ୍ତୁଦ୍ୱାରା ହତ | ୮ | ୬ | ... ... ... | ୧ | ୦ |
| ଅନ୍ୟକାରଣ | ୨୬୭ | ୨୪୭ | ... ... ... | ୧୪୭ | ୧୨୦ |
| ମୋଟ | ୮୫୨ | ୮୧୦ | | ୩୭୪ | ୩୧୪ |

ଯେତେ ବୟସରେ ମୃତ୍ୟୁ

| | ପୁରୁଷ | ସ୍ତ୍ରୀ | | ପୁରୁଷ | ସ୍ତ୍ରୀ |
|---|---|---|---|---|---|
| ମୃତଜାତ | ୨୯ | ୧୩ | ... ... ... | ୧୯ | ୧୯ |
| ଏକବର୍ଷର ଅନଧିକ | ୧୨୬ | ୧୩୮ | ... ... ... | ୬୩ | ୩୬ |
| ଏକଠାରୁ ଛବର୍ଷ | ୧୦୯ | ୧୩୯ | ... ... ... | ୩୨ | ୩୯ |
| ୬ ,, ୧୨ | ୩୯ | ୩୬ | ... ... ... | ୨୨ | ୧୪ |
| ୧୨ ,, ୨୦ | ୫୨ | ୬୬ | ... ... ... | ୨୧ | ୨୭ |
| ୨୦ ,, ୩୦ | ୧୦୪ | ୮୯ | ... ... ... | ୪୭ | ୩୮ |
| ୩୦ ,, ୪୦ | ୯୮ | ୫୪ | ... ... ... | ୪୬ | ୨୬ |
| ୪୦ ,, ୫୦ | ୬୬ | ୩୮ | ... ... ... | ୪୮ | ୨୬ |
| ୫୦ ,, ୬୦ | ୭୪ | ୭୩ | ... ... ... | ୪୨ | ୪୦ |
| ୬୦ ବର୍ଷରୁ ଉର୍ଦ୍ଧ୍ୱ | ୧୫୫ | ୧୬୪ | ... ... ... | ୩୪ | ୪୮ |
| ମୋଟ | ୮୫୨ | ୮୧୦ | | ୩୭୪ | ୩୧୪ |

Digitized by srujanika@gmail.com

Split by PDF Splitter
REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧୦ ଭାଗ | ତା ୨୨ରିଖ ମଇ ସନ ୧୮୭୫ ମସିହା । ଜ୍ୟେଷ୍ଠ ୧୦ଅଙ୍କ ସନ ୨୮୨ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
୨୧ ସଂଖ୍ୟା | | ବର୍ଷାନ୍ତେମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୫୲୵

ଭାରତବର୍ଷର ଚଳିତବର୍ଷର ବଜେଟ ପ୍ରକାଶ ହେବା ସମୟରେ ଟଙ୍କା ଋଣ କରିବାର ଅଭିପ୍ରାୟ ଗବର୍ଣ୍ଣମେଣ୍ଟ ପ୍ରକାଶ କରିଥିଲେ ତଦନୁସାରେ ଚଳିତମାସ ତା ୧୩ ରିଖର ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗଜେଟରେ ମହାମାନ୍ୟ ଗବର୍ଣ୍ଣରଜେନରଲ ଅ[illegible] କୋଟି ଟଙ୍କା ଋଣ ନେବାକୁ ଘୋଷଣାପତ୍ର ଦେଇଅଛନ୍ତି । ସୁଧ ବାର୍ଷିକ ଶତକଡ଼ା ଚାରିଟଙ୍କା ଲେଖାଏଁ ଛମାସ ଅନ୍ତର ଅର୍ଥାତ ପ୍ରତିବର୍ଷର ମଇ ଓ ନବମ୍ବର ମାସ ତା ୧ ରିଖରେ ଦେଣ ହେବ । ଯେଉଁମାନେ ଏହି ଋଣରେ ଟଙ୍କା ଅମାନତ କରିବାକୁ ଇଚ୍ଛା କରନ୍ତି ତାହାଙ୍କୁ ଘୋଷଣାପତ୍ର ତାରିଖଠାରୁ ଆଗାମୀ ଜୁନମାସ ତା ୧୭ ରିଖ ମଧ୍ୟରେ କଣ୍ଟ୍ରୋଲର ଜେନରଲ ସାହେବଙ୍କ ନିକଟକୁ ଦରଖାସ୍ତ ପଠାଇବାର ଉଚିତ । ଯାହାଙ୍କର ଟଙ୍କା ନେବାକୁ ଗବର୍ଣ୍ଣମେଣ୍ଟ ସ୍ୱୀକାର କରିବେ ତାଙ୍କୁ ପାଞ୍ଚକିସ୍ତି କରି ଟଙ୍କା ଦେବାକୁ ହେବ ଯଥା— ଜୁଲାଇ ତା ୧ ରିଖ ଅଗଷ୍ଟ ତା ୨ ରିଖ ସେପ୍ଟେମ୍ବର ତା ୧ ରିଖ ଅକ୍ଟୋବର ତା ୧ ରିଖ ଓ ନବମ୍ବର ତା ୧ ରିଖ । ଟଙ୍କା ଜମା କରିବାର ଆଉ ସମସ୍ତ ନିୟମ ଯାହାଙ୍କର ଜାଣିବାର ପ୍ରୟୋଜନ ସେମାନେ ଗଜେଟରୁ ତାହା ଜାଣି ପାରିବେ ।

———

ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ ପାଠକଙ୍କୁ ଜଣାଉଅଛୁଁ ଯେ ଏ ନଗରର ପ୍ରସିଦ୍ଧ କାରିଗର ଜଗନ୍ନାଥ ଦାସ ଗତ ରବିବାର ଆମ୍ଭମାନଙ୍କ ମଧ୍ୟରୁ ଚିରକାଳ ସକାଶେ ଲୋକାନ୍ତରକୁ ପ୍ରସ୍ଥାନ କଲେ । ଏହାଙ୍କ ମୃତ୍ୟୁରେ ଓଡ଼ିଶା ହପର୍ଯ୍ୟନ୍ତ କ୍ଷତଗ୍ରସ୍ତ ହୋଇଅଛି ଅମ୍ଭେମାନେ ତହୁଁର ସମ୍ୟକ୍ ପରିଚୟ ଦେଇ ନ ପାରୁଁ କାରଣ ପୂର୍ଣ୍ଣ ଯୌବନକାଳରେ ତାହାଙ୍କର ସଂସାର ଶେଷ ହେଲା ବୃଦ୍ଧକାଳପର୍ଯ୍ୟନ୍ତ ରହିଥିଲେ ତାହାଙ୍କର ଗୁଣ ଅଧିକ ପ୍ରକାଶ ପାଇଥାନ୍ତା । ଓଡ଼ିଶା ସୁନା ରୂପା କାରିଗରି ବିଷୟରେ ପୃଥିବୀ ମଧ୍ୟରେ ଗୋଟିଏ ବିଖ୍ୟାତ ସ୍ଥାନ ଓ ଜଗନ୍ନାଥ ସେ କାରିଗରରେ ସର୍ବ୍ବ ପ୍ରଧାନ ଥିଲେ । ଏହାଛଡ଼ା ଇଂରାଜୀ ନାନାପ୍ରକାର କଳ ପ୍ରଭୃତି ଯାହା ଅନ୍ୟ କାରିଗରମାନେ ଭଗ୍ନ ଅବସ୍ଥାରେ ଦେଖିଲେ ତାହା କଅଣ ବୋଲି ବୁଝି ପାରନ୍ତି ନାହିଁ ସେସବୁ ବିଶୃଙ୍ଖଳ ହେଲେ ଜଗନ୍ନାଥ ତାହା ସବୁ ସଜାଡ଼ି ଦେଉଥିଲେ । ଜଗନ୍ନାଥଙ୍କ ପିତା ଓ ଭାଇ ମଧ୍ୟ ଉତ୍ତମ କାରିଗର ଅଟନ୍ତି ମାତ୍ର ଜଗନ୍ନାଥ ସର୍ବ୍ବପ୍ରଧାନ ଥିଲେ ପୁଣି ଜଗନ୍ନାଥ ପର ପୁତ୍ରକୁ ହରାଇ ତାହାଙ୍କ ପିତା ଯେ ବୃଦ୍ଧକାଳରେ ଆଉ କାରିଗରି କର୍ମ କରିପାରିବେ ଏମନ୍ତ ଆଶା କରିବା ମଧ୍ୟ ବୃଥା । ଅମ୍ଭେମାନେ ଜଗନ୍ନାଥଙ୍କ ମୃତ୍ୟୁରେ ଯେମନ୍ତ ଶୋକାକୁଳ ହୋଇଅଛୁଁ ତାଙ୍କ ପିତାଙ୍କର ଅବସ୍ଥା ସ୍ମରଣ କରି ମଧ୍ୟ ସେହିରୂପ ହେଉଅଛୁଁ । ପରମକାରୁଣିକ ପରମେଶ୍ୱର କେଉଁ ଭଙ୍ଗୀରେ ରାଜ୍ୟ ଚଳାଉଅଛନ୍ତି ତାହା ବୁଝିବାକୁ କିଏ ସମର୍ଥ କେବଳ ସବୁ କାର୍ଯ୍ୟରେ ସେ ଆମ୍ଭମାନଙ୍କର ମଙ୍ଗଳସାଧନ କରୁଅଛନ୍ତି ଏହି ବିଶ୍ୱାସ ଏ ସଂସାରରେ ଆମ୍ଭମାନଙ୍କୁ ଜୀବିତ ରଖିଅଛି ନୋହିଲେ ଦୁଃଖର ସୀମା ରହନ୍ତା ନାହିଁ ।

———

କଟକ କଲେକ୍ଟରୀର ନାଜରଖାନାର କୋର୍ଟଫିସ ଗ୍ରେପ୍ତି ମୋକଦ୍ଦମା ସମ୍ପର୍କରେ ଉତ୍କଳଦର୍ପଣ କହୁଅଛନ୍ତି ଯେ 'ବଡ଼ ଅମଲାମାନେ ତଦାରକରେ ତ୍ରୁଟି କରିବାରୁ ଆପଣା କର୍ତ୍ତବ୍ୟ କର୍ମରେ ତ୍ରୁଟି କରିଅଛନ୍ତି' ମାତ୍ର ଉତ୍କଳହିତୈଷିଣୀ କଲେକ୍ଟର ଓ ଅମଲାମାନଙ୍କପ୍ରତି ଅସୀମ କରୁଣା ପ୍ରକାଶ କରି କୋର୍ଟଫିସ ସୃଷ୍ଟି ସକାଶେ ଗବର୍ଣ୍ଣମେଣ୍ଟଙ୍କୁ ନିନ୍ଦା କରୁଅଛନ୍ତି ତାହାଙ୍କ ମତରେ ଭିନ୍ନମୂଲ୍ୟର କୋର୍ଟଫିସର ରଙ୍ଗ ଓ ନକ୍ସା ପ୍ରାୟ ଏକପ୍ରକାର ଥିବାରୁ ଇଂରାଜୀରୁ ଅନଭିଜ୍ଞ ଲୋକମାନେ ତାହା ଚିହ୍ନି ପାରୁ ନାହାନ୍ତି । ଆଉ ଏକସ୍ଥଳେ ସେ କହୁଅଛନ୍ତି ଯେ ଯେଉଁମାନେ ବିନା ବେତନରେ କଚେରୀରେ କର୍ମ କରନ୍ତି କୋର୍ଟଫିସ ଗ୍ରେପ୍ତି କରିବା କେବଳ ତାହାଙ୍କର କାର୍ଯ୍ୟ ଅଟଇ । ଏଥିରୁ ଦେଖାଯାଏ ଯେ ହିତୈଷିଣୀର ଲେଖକ କଲେକ୍ଟରୀ ଅମଲାଙ୍କ ଭଲ କରିବାକୁ ଯାଇ ସେମାନଙ୍କୁ ଅନ୍ୟ ସବୁ ମହକୁମାର ଅମଲାଙ୍କଠାରୁ ନିର୍ବୋଧବୋଲି କହୁ ଅଛନ୍ତି ଓ କଲେକ୍ଟରୀର ତାଇଦନବିସଙ୍କୁ ଅମଲା ଅପେକ୍ଷା ବୁଦ୍ଧିମାନ୍ ବୋଲି ପରିଚୟ ଦେଉଅଛନ୍ତି କାରଣ ଅନ୍ୟ କୌଣସି ମହକୁ-

Digitized by srujanika@gmail.com

ମାର ଅମଲାମାନେ କୋର୍ଟଫିସ ଚାହିଁ ନ ପାରିକାର ଶୁଣାଯାଉ ନାହିଁ ଓ କଲେକ୍ଟରର ଆଉଟଡୋରମାନେ ଚାହିଁ ପାରନ୍ତି ବିନା ଟଙ୍କା ଯାଗାରେ ଅଣାଦେୟ ଷ୍ଟାମ୍ପ ବସାଇଅଛନ୍ତି । ଫଳତଃ ଷ୍ଟାମ୍ପ କାଗଜଠାରୁ ଯେ କୋର୍ଟଫିସ ମାମଲତକାରଙ୍କ ପକ୍ଷରେ ଭଲ ହୋଇଅଛି ଏଥିରେ ସନ୍ଦେହ ନାହିଁ ଓ କୋର୍ଟଫିସ ପର ଡାକଟିକଟ ଚଳୁଅଛି ତହିଁରେ କିଛି ମନ୍ଦ ପକ୍ଷ ନାହିଁ । ସରକାର ପରର କାର୍ଯ୍ୟକାରକମାନେ ଯେବେ ଅସାବଧାନତା ପ୍ରକାଶ କରିବେ ବା ତହିଁ ମନ୍ଦ ଚେଷ୍ଟା କରିବେ ତେବେ ତହିଁର ଅସ୍ୱତ୍ୱ କାହାର ଅଛି ?

---

କଟକ ମେଡିକେଲ ସ୍କୁଲ ।

ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ଏ ନଗରରେ ଇଙ୍ଗରାଜୀଚିକିତ୍ସା ଶିକ୍ଷା ଦେବାପାଇଁ ଗୋଟିଏ ସ୍କୁଲ ସ୍ଥାପନ କରିବାର ପ୍ରସ୍ତାବ ଯାହା ଏଠାର ବର୍ତ୍ତମାନ ସିଭିଲ ସର୍ଜନ ଷ୍ଟୁଆର୍ଟସାହେବ କରିଥିଲେ ଓ ଯହିଁର ସମାଚାର ଅମ୍ଭେମାନେ ଏଥିପୂର୍ବେ ପାଠକଙ୍କୁ ଜଣାଇଥିଲୁଁ ସମ୍ପ୍ରତି ଗବର୍ଣ୍ଣମେଣ୍ଟରୁ ମଞ୍ଜୁର ହୋଇ ଅଛି । ଏଥିରେ ଅମ୍ଭେମାନେ ଯେପର୍ଯ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଲେଖି ପ୍ରକାଶ କରିପାରୁଁ ନାହୁଁ । ସିଭିଲସର୍ଜନ ଷ୍ଟୁଆର୍ଟ ସାହେବ ଓ କମିଶ୍ନର ଶ୍ରୀଯୁକ୍ତ ରେଭେନ୍ସା ସାହେବ ଏ ବିଷୟରେ ଯତ୍ନ କରି ଗବର୍ଣ୍ଣମେଣ୍ଟଙ୍କଠାରୁ ମଞ୍ଜୁରୀ ଅଣାଇବାରୁ ଓଡ଼ିଶାର ଗୋଟିଏ ପରମୋପକାର ସାଧନ କରି ଅଛନ୍ତି ଓ ତହିଁପାଇଁ ଓଡ଼ିଶାବାସିମାନେ ତାହାଙ୍କ ନିକଟରେ ଚିରକାଳ କୃତଜ୍ଞ ରହିବେ । ଗବର୍ଣ୍ଣମେଣ୍ଟ ଏ ବିଦ୍ୟାଳୟର ବ୍ୟୟନିମିତ୍ତ ବାର୍ଷିକ ତିନିହଜାର ଟଙ୍କା ବ୍ୟୟ ହେବାର ଆଜ୍ଞା ଦେଇ ଅଛନ୍ତି ଯେ ଏଥିମଧ୍ୟରୁ ଟ ୧୨୦୦ଙ୍କା ଛାତ୍ରବୃତ୍ତି ଦିଆଯିବ ଓ ଅବଶିଷ୍ଟ ଟଙ୍କାରେ ଶିକ୍ଷକ ଓ ଗୃହକରପ୍ରଭୃତିଙ୍କ ବେତନ ଓ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟୟ ନିର୍ବାହିତ ହେବ । ଶିକ୍ଷକତା କାର୍ଯ୍ୟରେ କେହି ସ୍ୱତନ୍ତ୍ରଲୋକ ନିଯୁକ୍ତ ହେବ ନାହିଁ । ଏଠାର ସିଭିଲ ସର୍ଜନ ଓ ନେଟିବଡାକ୍ତରମାନେ ଉକ୍ତ କାର୍ଯ୍ୟ କରିବେ ଓ ଜଣେ ଅସିଷ୍ଟାଣ୍ଟ ସର୍ଜନ ଜେନେରଲ ହାସପାତାଲ ସକାଶେ ଆସୁଅଛନ୍ତି ସେ ମଧ୍ୟ ଶିକ୍ଷାଦାନ କାର୍ଯ୍ୟରେ ନିଯୁକ୍ତ ହେବେ ଏମାନେ ମାସକୁ ଟ ୨୫।୩୦ଙ୍କା ଲେଖାଏ ଖର୍ଚ୍ଚା ପାଇବେ । ଛାତ୍ରବୃତ୍ତିରେ ମାସକୁ ଟ ୧୦୦ ଙ୍କା ବ୍ୟୟ ହେବ ଯେ ତହିଁରେ ୨୦ଜଣ ଛାତ୍ର ମାସକୁ ଟ ୫ଙ୍କା ଲେଖାଏ ବୃତ୍ତି ପାଇ ଶିକ୍ଷା ଲାଭ କରି ପାରିବେ ଏଥିରୁ ଅଧିକ ଛାତ୍ର ଆସିଲେ ତାହାଙ୍କ ବିନାବ୍ୟୟରେ ଶିକ୍ଷା ଦିଆଯିବ । ଛାତ୍ରମାନେ ୩ବର୍ଷ ଏ ବିଦ୍ୟାଳୟରେ ଭଲରୂପେ ଅଧ୍ୟୟନ କଲେ ନେଟିବଡାକ୍ତରର ଉପଯୁକ୍ତ ହେବେ ।

ଏ ବନ୍ଦୋବସ୍ତ ସବୁ ଅମ୍ଭମାନଙ୍କ ଚିତ୍ତକୁ ବଡ ଘେନିଅଛି ଓ ଅମ୍ଭମାନଙ୍କୁ ନିଶ୍ଚୟ ଜଣାଯାଏ ଯେ ଏହାଦ୍ୱାରା ବିଦ୍ୟାଳୟ ସ୍ଥାୟୀ ହୋଇ ପାରିବ ଭୂତକୁ ଓଡ଼ିଆମାନେ ଇଙ୍ଗରାଜୀ ଚିକିତ୍ସାପ୍ରଣାଳୀ ଶିଖିବେ ନାହିଁ ବୋଲି ଯେଉଁ ଆଶଙ୍କା ଥିଲା ତାହା ବୃତ୍ତିଦାନଦ୍ୱାରା ଖଣ୍ଡନ ହୋଇ ଅଛି ଏଥର ବୋଧ ହୁଅଇ ଏତେ ଛାତ୍ର ଆସିବେ ଯେ ସମସ୍ତଙ୍କୁ ବିଦ୍ୟାଳୟରେ ଭର୍ତ୍ତିକରିବା କଠିନ ହେବ ଅମ୍ଭେମାନେ ଆଶାକରୁଁ ଯେ କଟକନଗର କିମ୍ବା ତହିଁର ନିକଟସ୍ଥ ସ୍ଥାନମାନଙ୍କରୁ ସବୁ ଛାତ୍ର ଗ୍ରହଣ ନ କରି ଓଡ଼ିଶାର ତିନିଜିଲା ସବଡିଭିଜନ ଓ ଗଡଜାତମଧ୍ୟରେ ଉକ୍ତ ଗୋ ୨୦ଟା ବୃତ୍ତି ବାଣ୍ଟି ଦେଲେ ସବୁଠାର ଲୋକଙ୍କୁ ଉତ୍ସାହ ଦିଆଯିବ ଓ କୌଣସି ସ୍ଥାନରୁ କେହି ନ ଆସିଲେ ଯେତେ ବୃତ୍ତି ଖାଲିହେବ ତାହା ଅପର ଲୋକଙ୍କୁ ଦିଆଯିବ ମାସକୁ ପାଞ୍ଚଟଙ୍କା ବସାଖର୍ଚ୍ଚ ସକାଶେ ନାଅଣ୍ଟ ହେବ ନାହିଁ ସୁତରାଂ ଓଡ଼ିଶାର କୌଣସି ସ୍ଥାନରୁ ଦୁଃଖୀପିଲାମାନେ କଟକକୁ ଆସି ଶିକ୍ଷା ଲାଭ କରିବେ ଓ ଯେତେବେଳେ ସେମାନେ ଶିକ୍ଷା ଲାଭକରି ଆପଣା ୨ ଘରକୁ ଫେରିଯିବେ ସେତେବେଳେ ଗୃହଅତେ ଇଙ୍ଗରାଜୀଚିକିତ୍ସା ପ୍ରଚଳିତ ହେବ ଓ ଯେଉଁ ଛାତ୍ରମାନେ ସରକାରୀ ଚାକିରୀ ନ ପାଇବେ ସେମାନେ ଘରେ ବସି ଚିକିତ୍ସାଦ୍ୱାରା ଆପଣା ଜୀବିକା ନିର୍ବାହ କରିବେ । ଯାହା ହେଉ ଅମ୍ଭେମାନେ ନିତାନ୍ତ ବିଶ୍ୱାସ କରୁଁ ଯେ ଏ ବିଦ୍ୟାଳୟର କାର୍ଯ୍ୟ ଚଳିଲାରୁ ଦଶବର୍ଷ ମଧ୍ୟରେ ଓଡ଼ିଶାର ଏତେ ଉପକାର ହେବ ଯେ ସାଧାରଣ ଶିକ୍ଷାର ସ୍କୁଲଦ୍ୱାରା ଶତବର୍ଷରେ ତାହା ହେବାର କଠିନ କାରଣ ଏ ବିଦ୍ୟାଳୟର ପ୍ରତ୍ୟକ୍ଷ ଫଳ ସର୍ବସାଧାରଣ ଅନାୟାସରେ ଅନୁଭବ କରି ପାରିବେ ଲୋକେ ଅଶିକ୍ଷିତ ବୈଦ୍ୟ ଓ ଠଗ ଗୁଣିଆପ୍ରଭୃତିଙ୍କ ହାତରୁ ମୁକ୍ତ ପାଇ ଶିକ୍ଷିତ ଲୋକଙ୍କ ଠାରୁ ଚିକିତ୍ସା ଲଭିବାକୁ ସୁଯୋଗ ପାଇବେ ଏଥିରୁ ବଳବଳ ହିତକର ଓ ଆନନ୍ଦକର କଥା ଆଉ କି ଅଛି ।

---

ଓଡ଼ିଶାର ସମ୍ବାଦପତ୍ରମାନଙ୍କର ଦୁରବସ୍ଥା ।

ଏଥିପୂର୍ବେ ଅମ୍ଭେମାନେ ଥରେ ଲେଖିଥିଲୁଁ ଯେ ଓଡ଼ିଶାକୁ ସଂବାଦପତ୍ର କଲାଇଅଛି । ତହିଁରେ ଉତ୍କଳପୁତ୍ର ଅମ୍ଭମାନଙ୍କ ସହିତ ପ୍ରତିବାଦ କରିଥିଲେ ଓ ବାଣିଜ୍ୟର ବିଷୟ ଅମ୍ଭମାନଙ୍କୁ ବୁଝାଇଦେଇ ଉପହାସ କରିଥିଲେ ଆଶ୍ଚର୍ଯ୍ୟର ବିଷୟ ଯେ ଦୁଇ ତିନିମାସ ଗତ ନ ହେଉଣୁ ଉତ୍କଳପୁତ୍ର ଅନାହାରରେ ମୃତ୍ୟୁ ଆଶଙ୍କାକରି 'ଥରେ ପଢ଼' ପ୍ରବନ୍ଧରେ ଗ୍ରାହକମାନଙ୍କୁ ବିଶେଷରେ 'ଅଦିଅ ଗ୍ରାହକମାନଙ୍କୁ' ବିସ୍ତର କଟୁବାକ୍ୟ କହି ତାହାଙ୍କ ମନଗୁଡିକ ଭଗ୍ନ କରି ଅଛନ୍ତି ଓ ତହିଁ ସଙ୍ଗେ ୨ ଭିଖାରିବ୍ରାହ୍ମଣଙ୍କ ପର ସୁତହତ୍ୟା ଦୋଷ ଲଗିବାର ଭୟ ଦେଖାଇ ନରମ ଗରମ ବହୁତ କଥା କହି ଅଛନ୍ତି । ପ୍ରବନ୍ଧଟି ଯେମନ୍ତ ଛଟାରେ ଲେଖାଯାଇଅଛି ତହିଁରୁ ବୋଧ ହୁଅଇ ଯେ ପୁତ୍ରଙ୍କର ଗ୍ରାହକ ସମସ୍ତେ ନ ହେଲେ ଅଧିକାଂଶ ଅଦିଅ ଓ ଟଙ୍କା ନ ଦେଇ କାଗଜ ପଢ଼ିବାକୁ ସୁଖପାନ୍ତି । ଏପ୍ରକାର ରୁଚି ଅବଶ୍ୟ ମନ୍ଦ ଅଟଇ କିନ୍ତୁ ପୁତ୍ର ଯେ ତାହାଙ୍କର ଶିକ୍ଷାଦାତା ହୋଇ ତାହାଙ୍କ କୁରୁଚିକୁ ବଢାଇବାରେ ଉତ୍ସାହ ଦେଉ ଅଛନ୍ତି ଏହା ତହିଁ ବଳକର ମନ୍ଦ ଅଟଇ । ପୁତ୍ର ଯେବେ ବ୍ୟବସାୟର ନିୟମରେ ସମ୍ବାଦପତ୍ର ଚଲାଉ ଅଛନ୍ତି ତେବେ ତାହାଙ୍କର [illegible] ଯେ ମୂଲ୍ୟ ଦେବ ତାହାଙ୍କୁ ପତ୍ରିକା ଦେବେ ଓ ଯେ ମୂଲ୍ୟ ଦେବାକୁ ଇଚ୍ଛା ନ ଦେବ ତାହା ନାମରେ ଅଦାଲତରେ ନାଲିଶ କରିବେ ଏଥିରେ ତାହାଙ୍କର ଓ ଗ୍ରାହକଙ୍କର ମର୍ଯ୍ୟାଦା ସମାନରୂପେ ରକ୍ଷା ହେବ । ଯେବେ କେବଳ ଲେଖିଦେଇ ହାତ ୨ ପ୍ରାର୍ଥନା କରିବା ଅଭିପ୍ରାୟରେ ପତ୍ରିକା ବାହାର କରିଥାନ୍ତି ତେବେ ତହିଁରେ ତାହାଙ୍କର ଆଶା ପୂର୍ଣ୍ଣ ନ ହେଲେ କାହାରକୁ କୁବାକ୍ୟ ନ କହି ତୁଚ୍ଛ ହୋଇ ଘରକୁ ଫେରିଆସିବାର ଉଚିତ । ଫଳତଃ କୌଣସିରୂପେ ଗ୍ରାହକମାନଙ୍କୁ ସାଧାରଣଙ୍କ ସାକ୍ଷାତରେ ଏପ୍ରକାର ବ୍ୟବହାର କରିବାର ଉଚିତ ନୁହଇ । ବିଶେଷ ଯେମନ୍ତ ଲୋକଙ୍କ ସହିତ ଯାହାର ବ୍ୟବହାର ସେମାନଙ୍କର କରିବଦ୍ୱାରା ସେ ଲୋକର କଳନା କରିବା ଗୋଟିଏ ସାଧାରଣ ରୀତି ଅଛି ସୁତରାଂ ଗ୍ରାହକଙ୍କ ନିନ୍ଦା କରିବା ସମ୍ବାଦପତ୍ରର ଅଧ୍ୟକ୍ଷଙ୍କ କହାକାଳରେ ଯୋଗ୍ୟ ନୁହଇ । ତେବେ ଏତିକି ବୋଲିଯାଇ ପାରେ ଯେ 'ଉତ୍କଳପୁତ୍ର' ଛଅବର୍ଷର ଶିଶୁମାତ୍ର, ବୁଦ୍ଧିଶୁଦ୍ଧିର ତଥା ଦୁର୍ବଳ ହେଲେ ମଧ୍ୟ କିଛି ଜଣାଯାଏ ଓ ଶିଶୁ ଗାଳିଦେଲେ ସୁଦ୍ଧା ତାହା ମଧୁର ବୋଧ

Digitized by srujanika@gmail.com

ହୁଅଇ ଏହେତୁ ସର୍ବସାଧାରଣ ଓ ଗ୍ରାହକମାନେ ପୁର୍ବଙ୍କର କଥାକୁ କୌତୁକରେ ଉଡ଼ାଇଦେବେ ଓ ପଇସା ଦେଇ ବୋଧ କରିବେ ଏମନ୍ତ ଅମ୍ଭେମାନେ ଆଶାକରୁଁ ।

ଯାହା ହେଉ ଏକପକ୍ଷରେ 'ପୁର୍ବ'ର କଥା ଧର୍ତ୍ତବ୍ୟ ନୁହଇ କିନ୍ତୁ 'ଉତ୍କଳହିତୈଷିଣୀ' ଯେ ଏତେବଡ ନାମ ଧାରଣ କରି ଅପଣାକୁ ବଦେକ ବୋଲାଇ 'ସପରିବାରରେ ବିଳାପ କରିବା ଉଚିତ' ବୋଧକରି ପୁର୍ବକଥା ଚାଇ ବୁଲିଲେ ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ ସେ କ ଇକ୍ଷାମାନି ଗ୍ରଯାଗାନାଡ଼ି ବସାଇଥିବାରୁ ସେହି ଭିକ୍ଷା ମାଗିବା ତାହାଙ୍କୁ ଛାଡ଼ୁ ନାହିଁ ତାହାଙ୍କ କଥାରୁ ବୋଧ ହୁଅଇ ଯେମନ୍ତ ଅପଣା ପରିବାର ପ୍ରତିପାଳନ ସକାଶେ ସେ ଏ ବ୍ରତର ଅନୁଷ୍ଠାନ କରିଥିଲେ ତାହା ସିଦ୍ଧ ନ ହେବାରୁ କାଳକପ୍ରାପ୍ତ କନ୍ଦନ କରି ଚଳ ହେଉ ଅଛନ୍ତି । ତାହାଙ୍କର ଅଭିଷ୍ଟ ସିଦ୍ଧ ନ ହେବାର ଦେଖି ଅମ୍ଭେମାନେ ଦୁଃଖିତ ହେଉଅଛୁଁ ତଥାଚ ତାହାଙ୍କଠାରେ ଏତକ ଅଶା କରୁଁ ଯେ ସେ କାଲୁତ କଥାରେ ନ ଭୁଲି ଥରେ ଅପଣା ମର୍ଯ୍ୟାଦାପ୍ରତି ଦୃଷ୍ଟି କରନ୍ତୁ ।

କେବଳ କଟକର ସମ୍ବାଦପତ୍ରମାନଙ୍କୁ ଭିକ୍ଷା ରୋଗ ଧରିଅଛି ଏମନ୍ତ ନୁହେ ବାଲେଶ୍ୱରର ଉତ୍କଳଖଣ୍ଡ ପତ୍ରିକାର ମଧ୍ୟ ଅବସ୍ଥା ଏହିପରି ଅଟଇ ସମ୍ବାଦବାହିକା ଘରୁ ଲାଭ ଖାଇ ବଣିଜ ଶିକ୍ଷିବାର ଓଲଗଣା କେତେଥର ଦେଲେଣି ଓ ଉତ୍କଳଦର୍ପଣ ଅନେକ ଅର୍ତ୍ତନାଦ କରି ଏକପ୍ରକାର ସଦରର ଛାତକଙ୍କଠାରେ କୃତକାର୍ଯ୍ୟ ନହି ବର୍ତ୍ତମାନ ମୋଫସଲ ଗ୍ରାହକଙ୍କ ଦ୍ୱାରରେ କୃତାଞ୍ଜଳିପୁଟେ ଦଣ୍ଡାୟମାନ ହୋଇଅଛନ୍ତି ଏମାନଙ୍କଠାରେ ଏହାଙ୍କର ଅଶା ପୂର୍ଣ୍ଣ ହେଲେ ଅମ୍ଭେମାନେ ଅନନ୍ଦିତ ହେବୁଁ ।

ପୁରୀର ସମ୍ବାଦପତ୍ରମାନଙ୍କ ଅଉ କାହାରୁ ନାହିଁ ସୁତରାଂ ତାହାଙ୍କର ଅବସ୍ଥା କଥା କୋଳିବାର ହେତୁ ନାହିଁ କିନ୍ତୁ ଯେବେ ଗ୍ରାହକଙ୍କର ଅମନୋଯୋଗିତା ଦୃଷ୍ଟିରେ ଉକ୍ତ ସମ୍ବାଦପତ୍ରମାନ ରହିତ ହୋଇଥାଏ ତେବେ ମଧ୍ୟ ତହିଁର ଅଧିକାରମାନେ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

ଓଡ଼ିଶାର ସଂବାଦପତ୍ରମାନଙ୍କର ଏରୂପ ଅବସ୍ଥା ଦେଖି ଅମ୍ଭେମାନେ ପରମେଶ୍ୱରଙ୍କଠାରେ ଏହି ପ୍ରାର୍ଥନା କରୁଅଛୁଁ କି ଯଦ୍ୟପି ଅମ୍ଭମାନଙ୍କୁ କିଛିକାଳ ବଞ୍ଚାଇ ରଖନ୍ତି ତେବେ ଯେମନ୍ତ ଏତେକାଲ ଅମ୍ଭମାନଙ୍କ ମର୍ଯ୍ୟାଦା ରକ୍ଷାକରି ଅସି ଅଛନ୍ତି ସେହି ଅନୁଗ୍ରହଟି ସର୍ବଦା ପ୍ରକାଶ କରନ୍ତୁ ।

---

# ସାପ୍ତାହିକ ସଂବାଦ ।

ବାବୁ ଯୋଗେଶ୍ୱରଚନ୍ଦ୍ର ପୁରୀର ଏକ୍‌ଟିଂ ମୁନସଫ ନିଯୁକ୍ତ ହୋଇ ଗତକାଲି ଏଠାରୁ ପୁରୀକୁ ଯାତ୍ରା କରିଅଛନ୍ତି ।

ବାଲେଶ୍ୱରର ସବଡିଭିଜନ୍ କଜଙ୍କ ମହକୁମା ଉଠିଯାଇ ପୂର୍ବପ୍ରାପ୍ତ ମୁନସଫି ରହିଲା । ବାବୁ ଗଙ୍ଗାକାନ୍ତ ମୁଖର୍ଯ୍ୟାଙ୍କ ପଦ ଊଣା ହୋଇ ସେ ଅନ୍ୟ ସ୍ଥାନକୁ ବଦଳ ହୋଇଗଲେ ।

ଗତ ବୁଧବାର ଶେଷରେ ଏଠାରେ ଏକପ୍ରକାର ଜଳବୃଷ୍ଟି ହୋଇଥିଲା ଏଥିରେ ଗ୍ରୀଷ୍ମ ଅନେକ ଊଣା ହୋଇଅଛି ।

ଏଠା କଲେକ୍ଟର ମହାଫିଜଖାନାରେ କୁଟି ମ ଷ୍ଟାମ୍ପ ବ୍ୟବହାର ଓ ଇଲଷ୍ଟାମ୍ପ ବେଶୀ କରିବା ଅପରାଧରେ ଯେଉଁ ନକଲନବିସ ଫୌଜଦାରୀ ସୋପର୍ଦ୍ଦ ହୋଇଥିଲା ଗତ ଶୁକ୍ରବାର ଜଜସାହେବ ତାହାକୁ ମୁକ୍ତି ଦେଇ ଅଛନ୍ତି ଜଜସାହେବଙ୍କ ରାୟର ମର୍ମ ଅବଗତ ହେଲେ ଏ ପତ୍ରେ ପାଠକଙ୍କୁ ଜଣାଇବୁଁ ।

କେତେଦିନ ହେଲା ଏ ନଗରକୁ ଗୋଟିଏ ଖେଳ ଅଟାପେଷା କଳ ଅସିଅଛି ଓ ତହିଁରେ କାର୍ଯ୍ୟ ହେଉଅଛି ମାତ୍ର ବଜାର ଖାଉଥିବା ଏଥିର ଉପକାର ପ୍ରକାଶ ପାଉ ନାହିଁ । ତେବେ କଳଟି ଜଣେ ଭଦ୍ରଲୋକଙ୍କ ଉତ୍ସାହ ଦେବା ମତେ ଅସିଥିବାରୁ ତଦ୍ୱାରା ଅଟା ଓ ମଇଦା ମିଳୁଅଛି । ଏତକ ସାମାନ୍ୟ ଲାଭ ନୁହଇ ।

ଗଲତ ମଇମାସ ଶେଷ ନ ହେଉଣୁ ଶ୍ରୀଯୁକ୍ତ କମିଶନରସାହେବ ଏ ନଗରକୁ ପ୍ରତ୍ୟାଗମନ କରିବେ ବୋଲି ଶୁଣାଯାଏ ।

ଡେଲ୍ଲି ଗଜେଟରୁ ଜଣାଗଲା ଯେ ଏକ ବ୍ୟକ୍ତି ଏଲାହାବାଦର ହାଇକୋର୍ଟରେ ଗୋଟାଏ ମୋକଦ୍ଦମା ହାରିବାରୁ କଚେରୀର ଯେଉଁ କୋଠରୀରେ ଜଜମାନେ ବସିଥିଲେ ସେହି କୋଠରୀ ଦ୍ୱାରରେ ବସି ଗଣ୍ଡେରୀ ତଇ ମସାଲ ପ୍ରସ୍ତୁତ କରି ଦସ୍ତୁରିଲାଇଦ୍ୱାରା ଜାଳ ଯେତ ବସିଥିଲା । ପହରୀବାଲା ତାହାକୁ ଧରିନେବାରୁ ସେ ଜଜଙ୍କ ପ୍ରଶ୍ନମତେ କହିଲା, ଇହିତ ଅଦାଲତରେ ବଡ଼ବଡ଼ ଅନ୍ଧାର ଥିବାର ସେ ଜାଣଇ ମାତ୍ର ହାଇକୋର୍ଟରେ ଭଞ୍ଜ୍ବ କଳକର ଅନ୍ଧାର ଦେଖି ସେ ବଡ ଦୁଃଖିତ ହୋଇଁ ଥିଲାଥ ଦେଖାଇବାକୁ ଚେଷ୍ଟା କରିଅଛି । ଲୋକଟା ଯଥାର୍ଥ ପରଉପକାରୀ ଅଟଇ !

ବମ୍ବେଇ ପ୍ରଦେଶାନ୍ତର୍ଗତ ଅକୋଲାର ନାଜର ବ ତାହାର ନାମ ନାରାୟଣ ଗର୍ଡ ଅଟଇ ତାଲଟରେ ବ୍ରାହ୍ମଣ ୫ ୧୮୦୦୦ ଙ୍କାର ଷ୍ଟାମ୍ପ ଅଭସାତ୍ କରିଅଛି ଓ ସେ ଟଙ୍କାକୁ ଏମନ୍ତ ଗୋପନଭାବରେ ରଖିଅଛି ଯେ ତାହାର ଘରତଲସିରେ କେବଳ ଦୁଇପ ଟଙ୍କାର ସମ୍ପତ୍ତି ପାଆଗଲା । ସେ ଅପଣା ଦୋଷ ସ୍ୱୀକାର କରି କହୁଅଛି ଯେ ମୁଁ ଅପଣାର ସ୍ତ୍ରୀ ପୁତ୍ରକୁ ଅନାହାରରେ ଗଡାଇ ନ ମାରି ଅନେକ କଷ୍ଟରେ ଏ ଟଙ୍କା ଅପହରଣ କରିଅଛି । ମୋତେ ଦଣ୍ଡବିଧିର ଧା ୪୦୯ ଅନୁସାରେ ଦଣ୍ଡଦେବ ଦଅ ମୋହର ବୟସ ବ ୬୫ ବର୍ଷ ହୋଇଅଛି ଅଉ ବର୍ଷେଗଣ୍ଡେ ବଞ୍ଚିଲେ ବହୁତ ସୁତରାଂ ସନ୍ତୁଷ୍ଟ ଅଛି ।

ପୁନାଅବଜରବର ଲେଖିଅଛନ୍ତି ଯେ କେତେଜଣ ଭୁଲ ମିଶିକରି ଦୁଇଜଣ ମାରୱାଡ଼ିଙ୍କର ନାକ କାନ କାଟି ତାହାଙ୍କଠାରୁ ପାଞ୍ଚଶ ଟଙ୍କା ଛଡାଇ ନେଇଅଛନ୍ତି । ନାକ କାନ କାଟିବାର ତାତ୍ପର୍ଯ୍ୟ କିଛି ଜଣାପଡ଼ ନାହିଁ ।

ବ୍ରହ୍ମବନ୍ଧୁ ନାମରେ ବ୍ରହ୍ମଦେଶରେ ଖଣ୍ଡିଏ ସମ୍ବାଦପତ୍ର ଅଛି ତହିଁରେ ବ୍ରହ୍ମାର ରାଜାଙ୍କ ପକ୍ଷ ସମର୍ଥିତ ହୋଇଥିବାରୁ ରାଜା ସମ୍ପାଦକଙ୍କୁ ଗୋଟିଏ ସୁବର୍ଣ୍ଣ ଛାଟିଯୁ ପାରିତୋଷିକ ଦେଇଥିଲେ ମାତ୍ର ସମ୍ପାଦକ ତାହା ଗ୍ରହଣ କଲେ ନାହିଁ ।

କଟକରେ ଜଣେ ଗୋବୃଦ୍ଧିଷାହ ଅପଣା ସ୍ତ୍ରୀକୁ ବନ୍ଧୁକ ଗୁଳରେ ମାରିପକାଇ ତାହା ପଛେ ଅପେ ଏକଗୁଳ ଖାଇ ମରିଅଛି । ସ୍ତ୍ରୀର ଚରିତ୍ର ପ୍ରତି ଅନ୍ୟାନ୍ତ ସନ୍ଦେହ ଏଥିରେ ପ୍ରବର୍ତ୍ତକ ବୋଲି ବୋଧହୁଅଇ ।

ବଗେୃଦାର ଅନ୍ୟ ଏକ ଗ୍ରାମରେ କୋଲମାଲ ଉପସ୍ଥିତ ହୋଇଅଛି । ସେ ଗ୍ରାମଟି ପୋଡି ଯାଇଅଛି ଓ ଶତ୍ରୁଜଣ ହତ ଓ ୩୦ ଜଣ ଅହତ ହୋଇଅଛନ୍ତି ।

ଶୁଣାଯାଏ ଯେ ଫୌଜଦାରୀ ଓ ନୈମକ ମହକୁମାମାନ ଛଡ଼ା ଅଉ ସବୁ ମହକୁମାର ଭାର ସବ୍‌ଡିଭିଜନାଲ ଅଫିସରଙ୍କୁ ପ୍ରଦତ୍ତ ହୋଇଅଛି କିନ୍ତୁ ଏ ଦୁଇ ଖଣ୍ଡ ମହକୁମାର ଭାର ସ୍ୱହସ୍ତରେ ରଖିବାରୁ ସବ ଅବ୍ ମିଡଙ୍କ ପ୍ରତି ଲୋକେ ଅସନ୍ତୁଷ୍ଟ ଅଛନ୍ତି ।

Split by PDF Splitter
Digitized by srujanika@gmail.com

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକାଧିପତି ମହାଶୟଙ୍କ
ଶ୍ରୀମୂଖୁ

ଏତନ୍ନିମ୍ନ ଲିଖିତ ପଂକ୍ତିମାନଙ୍କୁ ସ୍ଥାନ ଦାନ ଦେଇ ଆମ୍ଭମାନଙ୍କୁ ସନ୍ତୁଷ୍ଟ ହୃଦୟ କରାଇବା ହେଉନ୍ତୁ । ଏ ଦେଶରେ ଉତ୍କଳଭାଷା ବହୁତ ଅନାଦରଣୀୟ ସ୍ଥିତିରେ ଥିବାରୁ, ଗବର୍ଣ୍ଣମେଣ୍ଟଙ୍କର ଏ ନ୍ୟୂନତା ବୃଦ୍ଧି, ଏ ଉତ୍କଳଭାଷା ମଧ୍ୟ ପରୀକ୍ଷାରେ ନିଯୁକ୍ତ କରାଇଲେ, ତିବ ଲୋକମାନେ ଉନ୍ନତିସ୍ଥିତି ପାଇବେ ବୋଲି ଅନ୍ଲୋଚନା କରି, ସେପ୍ରକାର ପରୀକ୍ଷା ନିର୍ଣ୍ଣୟ କଲେ, ଏ ବିଷୟକୁ ଆମ୍ଭେମାନେ ଗବର୍ଣ୍ଣମେଣ୍ଟ ଙ୍କରକୁ ବହୁତ କୃତଜ୍ଞତାରୂପେ ବନ୍ଦନ ହୋଇଅଛୁଁ । ମାତ୍ର ଏ ଉପକାର କିଛି ସଫଳ ହୋଇ ପାରିଲା ନାହିଁ, ଏ ପରୀକ୍ଷା ଆରମ୍ଭ ହେବା ଦିନଠାରୁ, ପ୍ରଶ୍ନମାନେ ବହୁତ କଷ୍ଟରେ ଅର୍ଥ ନ ହେଲାପରି, ପଣ୍ଡିତମାନେ ମଧ୍ୟ ଅର୍ଥ ନ କରି ପାରିଲା ପରି ରଚନା ହୋଇଅଛି, ଏପରି ହେଲେ ପରୀକ୍ଷାରୁ କେପରି ଆମ୍ଭେମାନେ ଉତ୍ତୀର୍ଣ୍ଣ ହୋଇ ପାରିବୁଁ ଏହାର ସପ୍ରମାଣ ନିମନ୍ତେ ଏ ବର୍ଷ ପ୍ରଶ୍ନକାଗଜ ଏଥି ସହିତରେ ପଠାଇବାର ହେଲା, ବିଶେଷରେ ଦୟା ରଖି ଏ କାଗଜମାନଙ୍କୁ ଆପଣା ଅମୂଲ୍ୟ ପତ୍ରିକାରେ ମୁଦ୍ରିତ କରିଲେ, ଏ ଯୋଗୁ ଅନ୍ୟାନ୍ୟ ଲୋକଙ୍କୁ ପ୍ରକାଶିତ କରାଇବା ହେଉନ୍ତୁ, ତନ୍ନ ଲରେ ଆମ୍ଭଙ୍କୁ ଅସଲ୍ପା ବରଷକୁ ହେଲେ ନ୍ୟାୟ ମିଳିବ ବୋଲି ଦୃଢ଼ଚିତ୍ତ ହୋଇ ଅଛୁଁ ତହିଁକୁ ଅଣିବା ହେବେ ।

ଛତ୍ରପୁର
୧୮୭୫ସମ୍ବତ୍ସର
ଏପ୍ରେଲ୍ତା୧୨

ତୁମ୍ଭର ଉନାଦାର
ରଉଙ୍କୁମ

---

ମହାମାର୍ତ୍ତିବ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ବିନୟ ପୂର୍ବକ ନିବେଦନଂ

ମହାଶୟ ! ଆମ୍ଭେମାନେ ଶୁଣି ବଡ ଆନନ୍ଦିତ ହେଲୁଁ ଯେ ବନମାଲି ଇଲାକାର ତହସିଲଦାର ଶ୍ରୀଯୁକ୍ତ ବାବୁ ଜନକନ୍ଦ ପଟ୍ଟନାୟକ ଉତ୍କଳ ପୁସ୍ତକାବଳି ସଙ୍ଗ୍ରହରେ ବିକ୍ରୟ ହେବା ନିମିତ୍ତ ରସୁଲକୁଣ୍ଡାଠାରେ ପୁସ୍ତକାଳୟ ରଖିବାର ସ୍ଥିରପାଏ କରିବେ । ବାବୁ ମହାଶୟ ଯଦି ତାହା କରନ୍ତି ତେବେ ଆମ୍ଭମାନଙ୍କର ଧନ୍ୟବାଦାର୍ହ ହେବେ ସନ୍ଦେହ ନାହିଁ । ଇତି ।

୧୨-୪-୭୫

ଶ୍ରୀ ବ—

---

## NOTICE.

OPENING OF COMMUNICATION BETWEEN THE UPPERBRAHIMINEE RIVER AND THE MAHANUDDY RIVER AT CUTTACK WITH FALSE POINT AND CHANDBALLY.

During the rains and until further notice the High Level Canal from Janapore to Chawduwar will be open for traffic to all Boats drawing not more than 3 feet 6 inches water.

Every effort will be made to facilitate traffic and prevent delay in navigation but until the works on the Brahiminee Anicut are more advanced no guarantee can be given against loss or damage by detention.

The distance from Janapore to Chowduwar is 33 Miles and the rate of Toll will be Rs. 1-3 for every hundred Maunds.

Further information can be obtained on application to Howard Unwin Esqr. C. E. Exe. Engineer Brahiminee Division Cuttack.

By order

(Sd.) E. C. Elliston Lieutenant
For Superintending Engineer
Orrisa Circle.

Cuttack, 11th. May 1875.

---

## ବିଜ୍ଞାପନ

ମହାନଦୀ ଓ ବ୍ରାହ୍ମଣୀ ଦେଇ କଟକ ଓ ବନ୍ଦଘର ଏବଂ ଚାନ୍ଦବାଲି ମଧ୍ୟରେ ଗତାୟାତର
ସୁବିଧା ବିଷୟରେ ।

ବର୍ଷାକାଳ ମଧ୍ୟରେ ଓ ପୃଥକ୍ ଆଜ୍ଞା ହେବା ପର୍ଯ୍ୟନ୍ତ ହାଇଲେବଲ୍ କେନାଲ ଯେନାପୁର ଠାରୁ ଚୌଦ୍ୱାର ପର୍ଯ୍ୟନ୍ତ ବାଣିଜ୍ୟ ସକାଶେ ବରାବର ଖୋଲା ରହିବ ଓ ଏଥିରେ ୩ ଫୁଟ ୬ ଇଞ୍ଚ ଅଧିକ ପାଣିରେ ବୁଡ଼ି ନ ଥିବା ନୌକାମାନ ଚଳାଚଳ ହୋଇ ପାରିବ ।

ନୌକା ଯାତାୟାତ ବିଷୟରେ ଯଥାସାଧ୍ୟ ସୁଯୋଗ କରି ଦେବା ଏବଂ ବିଳମ୍ବ ନିବାରଣ ପକ୍ଷରେ ଯଥେଷ୍ଟ ଚେଷ୍ଟା ହେବ ମାତ୍ର ବ୍ରାହ୍ମଣୀ ପଥରବନ୍ଧର କାର୍ଯ୍ୟ ଆଉ କିଛି ଅଧିକ ନ ଉଠିବା ପର୍ଯ୍ୟନ୍ତ ନୌକା ଅଟକିବାରୁ କ୍ଷତି ହେବ ନାହିଁ ବୋଲି ନିଶ୍ଚୟ ଜବାବ ଦିଆଯାଇ ନ ପାରେ ।

ଯେନାପୁରଠାରୁ ଚୌଦ୍ୱାର ମା ୩୩ ଇଲ ବାଟ ଅଟଇ ଏଥିରେ ପ୍ରତି ଶଏମହଣରେ ଟ ୧୵ ଲେଖାଏଁ ମାଲମାସୁଲ ନିଅଯିବ ।

ଏ ବିଷୟ ଆଉ ଯାହାର ଯାହା ଅବଗତ ହେବ କଟକହଲର ବ୍ରାହ୍ମଣୀର ଡିଭିଜନର ବାଇକମାନ୍ତର ଶ୍ରୀଯୁକ୍ତ ହାବର୍ଡ ଅନଉନ ସାହେବଙ୍କ ନିକଟରେ ପ୍ରାର୍ଥନା କଲେ ଜଣାଯାଇ ପାରିବ ।

କଟକ
୧୧।୫।୭୫ ଅଜ୍ଞାନୁସାରେ
ଦସ୍ତଖତ ଇ, ସ, ଏଲିଷ୍ଟନ ଲେଫ୍ଟନଣ୍ଟ
ଯା । ସୁପରଣ୍ଟେଣ୍ଡିଂ ଇଞ୍ଜିନିୟର
ଓଡ଼ିଶାବିଭାଗ ।

---

ଜଣେ ମହାଜନ ଖ ୧୨ ଶ୍ର ବଡ଼ ଲୁହ ର ବେଶକୁ ସୁନାର ଶିଳ୍ପି ହୋଇଥିବା ଖାଟଫଳମା ଓ ଅଇନା ମଧ୍ୟରେ ଅଛି ଓ ସମ୍ପ୍ରତିରେ ଇନ୍‌ସ୍ କୋଠାରେ ଟଙ୍କାଇ ସରସ ଶୋଭା ବର୍ଦ୍ଧନ କରିବାର ଉପଯୁକ୍ତ ଅଟଇ ଏତଦ୍ୟତିରିକ୍ତ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ରଖି ଯାଇ ଅଛନ୍ତି ପ୍ରତିଟିର ମୂଲ୍ୟ ଟ ୮ ଟଙ୍କା ନିର୍ଦ୍ଧାରିତ ହୋଇଅଛି ଯାହାଙ୍କର ଘର ସଜାଇବାକୁ ପ୍ରକୃତ ପ୍ରୟୋଜନ ହେବ ଆମ୍ଭ ନିକଟକୁ ମୂଲ୍ୟ ପଠାଇ ଦେଲେ ପାଇ ପାରିବେ । ଛବି ସବୁ ବିଲାତିକାରିଗର ହାତର ନିର୍ମିତ ଓ ଭଲ ମୂର୍ତ୍ତିସବୁ ଚିତ୍ର ହୋଇଅଛି ।

୧୩।୫।୭୫ ଶ୍ରୀ ଗୌରୀଶଙ୍କର ରାୟ

---

## ମୂଲ୍ୟପ୍ରାପ୍ତି ।

ବାବୁ ଲକ୍ଷ୍ମୀନାରାୟଣ ମହାନ୍ତି ଲୋକନାଥ
ଅଗ୍ରିମ ୬ [illegible]

ଶ୍ରୀଜର୍ଜ ସ୍ମିଥସନ ସାହେବ ଉତ୍ତମ
ବକାୟା ୬ [illegible]

---

☞ ଏହି ଉତ୍କଳଦୀପିକା ସହର କଟକ ବିଦପାଡ଼ାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ମ
ସଂଖ୍ୟା ୨୨
ତା ୨୯ରଖ ମଇମାସ ୧୮୭୫ ମସିହା । ମୂ । ଜ୍ୟେଷ୍ଠ ୧୭ଦିନ ସନ ୧୨୮୨ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୧୲୦

ଗତ ମାସ ତା ୧୩ ରଖରେ ପୁରୀଜିଲାର ହାଟ ଓ ଯାଗା ସ୍ଥାନ ସବୁର ତାଲିକା ବାହାର ଅଛି ତହିଁରୁ ଦେଖାଯାଏ ଯେ ସେ ଜିଲାରେ ସର୍ବସୁଦ୍ଧା ଗୋଟି ୫୦ ଟା ହାଟ ଅଛି । ମାତ୍ର କୌଣସି ବିଶେଷ ବାଣିଜ୍ୟଦ୍ରବ୍ୟର ଗଡ଼ତି ହେବାର ନିମନ୍ତେ କେହି ହାଟ ପ୍ରସିଦ୍ଧ ଥିବାର ପ୍ରକାଶ ପାଉ ନାହିଁ । ସବୁହାଟରେ କେବଳ ପ୍ରତ୍ୟହର ଆବଶ୍ୟକୀୟ ଦ୍ରବ୍ୟ ଓ ଯାହାରେ ଲୋକ ଲେଖାଇ ପ୍ରବଳ ବିକ୍ରୟ ହେବାର ଦେଖାଯାଏ । ତାହାର ତାଲିକା ପକ୍ଷରେ ଅମ୍ଭେମାନେ ଏଥିପୂର୍ବେ ଯାହା ଲେଖିଅଛୁଁ ଏ ଜିଲାର ହାଟ ପକ୍ଷରେ ମଧ୍ୟ ସେହିପରି ବକ୍ତବ୍ୟ ।

---

ଏଠା କଲେକ୍ଟରୀ କୋର୍ଟଫିସ ଷ୍ଟେମ୍ପ ମକଦ୍ଦମା ବଡ଼ ଆଡ଼ମ୍ବରରେ ଚାଲୁଅଛି । ନାଜର ନାଏବ ନାଜର ଓ ଜଣେ ତାଏଦନବାସ ଦଣ୍ଡ-ବିଧିର ୪୬୫ ଧାରାନୁସାରେ ଧୃତ ହୋଇ ହାଜତରେ ଅଛନ୍ତି ଓ ସେମାନଙ୍କପକ୍ଷରୁ ବଡ଼ ଉକିଲ, ଷ୍ଟେଟଉକିଲ ଓ ମୁକ୍ତାର ମାଲ ମାଲ ଅତି ନିପୁଣ ସୁସଜ୍ଜିତ ହେଉଅଛନ୍ତି ଓ ସରକାରଙ୍କ ପକ୍ଷରୁ ସରକାର ଉକିଲ ଉପସ୍ଥିତ ହେଉ ଅଛନ୍ତି । ଏମକଦ୍ଦମାର ବିଚାର ଗତମାସ ତା ୨୧ ରଖଠାରୁ ଆରମ୍ଭ ହୋଇ ପ୍ରତ୍ୟହ କେତେକ ଜଣ ସାକ୍ଷିଙ୍କର ସାକ୍ଷ୍ୟ ନିଆଯାଉଅଛି । ଏପର୍ଯ୍ୟନ୍ତ ସାକ୍ଷି ଉପରେ ପ୍ରତିବାଦୀମାନଙ୍କର ପ୍ରଶ୍ନ ନାହିଁ ତାହା ପଶ୍ଚାତ୍ ହେବ । ପ୍ରତିବା-ଦୀଙ୍କ ଉକିଲମାନେ ସମସ୍ତ ସାକ୍ଷିଙ୍କ ସାକ୍ଷ୍ୟ ଶେଷ ହେବାପର୍ଯ୍ୟନ୍ତ ପ୍ରଶ୍ନ କରିବା ସ୍ଥଗିତରଖିଅଛନ୍ତି । ଉତ୍କଳହିତୈଷିଣୀ ପ୍ରଥମଦିନ ସାକ୍ଷିମାନଙ୍କର ସାକ୍ଷ୍ୟ ଅବିକଳ ପତ୍ରିକାରେ ପ୍ରକାଶ କରିଅଛନ୍ତି ଓ କ୍ରମେ ସବୁ ପ୍ରକାଶ କରିବେ । ସେସବୁ ଲେ-ଖିବାକୁ ଆମ୍ଭମାନଙ୍କର ସ୍ଥାନ ବା ସମୟ ନାହିଁ ଓ ମଧ୍ୟ କିଛି ପ୍ରୟୋଜନ ଦେଖାଯାଉ ନାହିଁ । ମକଦ୍ଦମା ନିଷ୍ପତ୍ତି ପାଇଲେ ତହିଁର ସଂକ୍ଷେପ ବୃତ୍ତାନ୍ତ ପାଠକମାନଙ୍କୁ ଜଣାଇବୁଁ ।

ଏକା କଟକରେ ଯେ କୋର୍ଟଫିସ ଷ୍ଟାମ୍ପ ଚୋରୀ ହୋଇଅଛି ଏମନ୍ତ ନୁହେ । ବମ୍ବେଇ ଅନ୍ତର୍ଗତ ଅକୋଲାରେ ୫ ୧୮୦୦୦ ଟଙ୍କାର ଏରୂପ ଷ୍ଟାମ୍ପ ନାଜରଙ୍କଠାରୁ ଅନ୍ତର୍ଦ୍ଧାନ ହୋଇଅଛି ଏବଂ ଢାକାଜିଲାର ଦେୱାନି ଅଦାଲତମାନ-ଙ୍କରେ କୋର୍ଟଫିସ ଅନେକ ଚୋରୀ ଯାଉଅଛି । ଅନ୍ୟ କେଉଁ ଜିଲାରେ କଣ ହୋଇ[illegible] କହିପାରେ । ଏଯୋଗୁଁ କୋର୍ଟଫିସ [illegible] ଉପାୟରେ ନିବାରଣ ହେବ ଏଥିର କଳ୍ପନା କରିବାରେ ଗବର୍ଣ୍ଣମେଣ୍ଟ ବ୍ୟସ୍ତ ଅଛନ୍ତି ଓ ଅଧୀନସ୍ଥ ହାକିମଙ୍କୁ ଆଦେଶ କରିଅଛନ୍ତି କି ସେମାନେ ଏଥିର କିଛି ଉପାୟ ଚିନ୍ତି ତାଙ୍କୁ ଜଣାଇବେ । କେହିକେହି କୋର୍ଟଫିସ ଟିକଲ ଉଠାଇ ଦେଇ ପୂର୍ବପରି ଷ୍ଟାମ୍ପ ଚଳାଇବାର ଅନୁରୋଧ କରିଅଛନ୍ତି । ଷ୍ଟାମ୍ପ ମାରି ଦେଲେ ତହିଁର ମୂଲ୍ୟ ଫେରି ପାଇବାର ସହଜବିଧି କରି ଦେଲେ କିଛି ଅସୁବିଧା ହେବ ନାହିଁ ।

---

### ବିଦ୍ବଜ୍ଜନସମାଗମ ।

କଲିକତାର ଶିକ୍ଷିତଲୋକମାନେ କେମନ୍ତ ସୁନ୍ଦର ପ୍ରଣାଳୀରେ ଅପେ ନିଷ୍ଠୁର ଆମୋଦ କରିବାପାଇଁ ସାହିତ୍ୟ ଓ ସଙ୍ଗୀତର ଅନୁଶୀଳନ ପ୍ରତି ଉତ୍ସାହ ଦେଉ ଅଛନ୍ତି ତହିଁର ଉଦାହରଣ ସ୍ୱରୂପ 'ବିଦ୍ବଜ୍ଜନସମାଗମ' ପ୍ରବନ୍ଧଟି ଏଡୁକେସନ ଗେଜେଟରୁ ଉଦ୍ଧୃତ କଲୁଁ ପାଠକମାନେ ଏହାର ଉପକାରିତା ଥରେ ମନରେ ଚିନ୍ତାକଲେ ଅମ୍ଭେମାନେ ଅତ୍ୟନ୍ତ ବାଧିତ ହେବୁଁ ।

"ଗତ ତା ୨୭ ରଖ ବୈଶାଖ ରବିବାର ସନ୍ଧ୍ୟା ଉତ୍ତାରୁ ଶ୍ରୀଯୁକ୍ତ ବାବୁ ଦ୍ୱିଜେନ୍ଦ୍ରନାଥ ଠାକୁର ଓ ଶ୍ରୀଯୁକ୍ତ ବାବୁ ଗୁଣେନ୍ଦ୍ରନାଥ ଠାକୁର ମହାଶ-ୟମାନଙ୍କ ଗୃହରେ ବିଦ୍ବଜ୍ଜନସମାଗମ ହୋଇ ଥିଲା ସମାଗମର କାର୍ଯ୍ୟ ୭ଏ ଘଣ୍ଟା ସମୟରେ ଆରମ୍ଭ ହୋଇ ପ୍ରାୟ ଦୁଇଘଣ୍ଟା କାଳ ସେହି କାର୍ଯ୍ୟରେ ଅତିବାହିତ ହେଲା । ପ୍ରଥମେ ଶ୍ରୀଯୁକ୍ତ ରାଜନାରାୟଣ ବସୁଙ୍କ ମହାଶୟ ବଙ୍ଗଭାଷାରେ ପୁରାବୃତ୍ତ ଓ ମୃତ ବଙ୍ଗଳା ଗ୍ରନ୍ଥକାରମାନଙ୍କର ଦୋଷଗୁଣ ଏବଂ ବଙ୍ଗଳାଭାଷାର ବର୍ତ୍ତମାନ ଅ-ଭାବ ମୋଚନ ସମ୍ବନ୍ଧରେ ଗୋଟିଏ ବକ୍ତୃତା କଲେ ତଦ୍‌ବାଦ ମେଦିନୀପୁର ହାଇସ୍କୁଲର ହେଡ଼ପଣ୍ଡିତ ଶ୍ରୀଯୁକ୍ତ ବାବୁ କୈଲାସନାଥ ଚକ୍ରବର୍ତ୍ତୀ ମହାଶୟ ବିଦ୍ୟାପତି ପ୍ରଭୃତି କେତେଗୁଡିଏ କବି ଓ ପଦ୍ୟଗ୍ରନ୍ଥକାରଙ୍କ ଗ୍ରନ୍ଥର କୌଣସି ଅଂଶ ପାଠ କଲେ । ତହିଁଉତ୍ତାରେ ଠାକୁରବଂଶୀୟ ଗୋଟିଏ ଚତୁର୍ଦ୍ଦଶ ବର୍ଷୀୟ ବାଳକ 'ପ୍ରକୃତିର

Digitized by srujanika@gmail.com

Split by PDF Splitter



"ଗେଲ" ଏହି ଶିରୋନାମାଯୁକ୍ତ ଗୋଟିଏ ସ୍ୱରଚିତ କବିତା ପାଠ କଲେ । ଏହି କବିତାଟି ସମାଗତ ସଭ୍ୟବୃନ୍ଦଙ୍କର ଅତୀବ ହୃଦୟଗ୍ରାହୀ ହୋଇଥିଲା । ତତ୍ପରେ ସେହି ବଙ୍ଗର ଗୋଟିଏ ଅଠବର୍ଷର ବାଳିକା ଓ ଗୋଟିଏ ଛବର୍ଷର ବାଳକ ଉତ୍କୃଷ୍ଟ ନିପୁଣତାସହିତ ସେତାର ପିଆନୋ ପ୍ରଭୃତି ଯନ୍ତ୍ର ବାଦନ ଓ ତାଳଲୟ ବିଶୁଦ୍ଧ ଗୀତ ମନୋହର ସଙ୍ଗୀତ କରିଥିଲେ ସମାଗତ ବ୍ୟକ୍ତିମାନେ ସେମାନଙ୍କର ନିପୁଣତାରେ ମୋହିତ ହୋଇଥିଲେ । ଜଣେ ଶ୍ରୋତା କହୁଥିଲେ, ଏହା ଇନ୍ଦ୍ରଜାଲ ଭଳି ବୋଧହେଉଅଛି । ତଦନନ୍ତର ରାଜା ଶୌରୀନ୍ଦ୍ରମୋହନ ଠାକୁର ଗୋଟିଏ ମନୋଜ୍ଞ ଅଥଚ ସଂକ୍ଷେପ ବକ୍ତୃତାଦ୍ୱାରା ସମାଗମ କାର୍ଯ୍ୟପ୍ରତି ସନ୍ତୋଷ ପ୍ରକାଶ ଏବଂ ତାହାଙ୍କ ଅଧ୍ୟକ୍ଷମାନଙ୍କର ପ୍ରଶଂସା କଲେ ଶେଷରେ ସମସ୍ତଙ୍କୁ ନାନାପ୍ରକାର ଫଳ ମୂଳ ଓ ମିଷ୍ଟାନ୍ନ ଖୁଆଇ ବିଦାୟ କରାଗଲା । ଗୋଟିଏ ହିନ୍ଦୁ ମହିଳାକର୍ତ୍ତୃକ ଚିତ୍ରିତ ଚିତ୍ରଗଣ ତତ୍ପରେ ପ୍ରଦର୍ଶିତ ହୋଇଥିଲା । ଚିତ୍ରକାରିଣୀର ଚିତ୍ର ନୈପୁଣ୍ୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ନାନାପ୍ରକାର ଚିତ୍ରିତ ପୁସ୍ତକ ସମାଗତ ବ୍ୟକ୍ତିମାନଙ୍କ ଦର୍ଶନ ନିମିତ୍ତ ମେଜଉପରେ ରଖାହୋଇଥିଲା" ।

---

## ଓଡ଼ିଶାର ସାମାଜିକ ଅବସ୍ଥା ।

ଓଡ଼ିଶାର ଉନ୍ନତି ଦେଖିବା ପାଇଁ ଆମ୍ଭେମାନେ ବ୍ୟସ୍ତ ଓ ସେହି ଉଦ୍ଦେଶ୍ୟରେ ଆମ୍ଭମାନଙ୍କର ସହଯୋଗିମାନେ ଗବର୍ଣ୍ଣମେଣ୍ଟ ଓ ସ୍ଥାନୀୟ କର୍ମଚାରୀଙ୍କୁ ନାନା ସଦନୁଷ୍ଠାନ କରିବାକୁ ଅହରହ ପରାମର୍ଶ ଦେଉଅଛନ୍ତି ଓ ତହିଁ ମଧ୍ୟରେ କୌଣସି ଗର୍ହିତ କାର୍ଯ୍ୟ ଦେଖିଲେ ତୀବ୍ରଭାବେ ତହିଁର ପ୍ରତିବାଦ କରୁଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ତଦ୍ୱାରା ଆଶାନୁରୂପ ଫଳ ଫଳୁ ନାହିଁ । ଏହିର କାରଣ କି? ଆମ୍ଭମାନଙ୍କ ମତରେ ଏମନ୍ତ ଜଣାଇ ଯେ ଏଠାର ସାମାଜିକ ଦୁରବସ୍ଥା ଏହିର ପ୍ରଧାନ କାରଣ ଅଟଇ । ସମାଜ ସଂସ୍କରଣ ପକ୍ଷରେ ଏଠା ଲୋକେ ଦୃଢ଼ଚିତ୍ତ ନ ହେଲେ କୌଣସି ଉନ୍ନତି ଏଠାରେ ହେବାର ଆଶା ହୋଇ ନ ପାରେ । ଅନ୍ୟାନ୍ୟ ସାମାଜିକ ଗର୍ହିତ ନିୟମ ମଧ୍ୟରେ ଦଳାଦଳୀକୁ ପ୍ରଧାନ କୋହିବାକୁ ହେବ । କି ଓଡ଼ିଶା କି ବଙ୍ଗଳା ଦଳାଦଳୀ ସବୁଠାରେ ପ୍ରଚଣ୍ଡ ହେଉଅଛି ତେବେ ପ୍ରଭେଦ ଏହିକି ଯେ ଓଡ଼ିଶାରେ ଦଳାଦଳର ପ୍ରଭାବ ବଙ୍ଗାପେକ୍ଷା ଅଧିକ । ବଙ୍ଗଳାର ସମାଜଭୁକ୍ତ ସମସ୍ତ ଶ୍ରେଣୀର ଲୋକମାନେ ପରସ୍ପରଠାରୁ ଏତେ ଅନ୍ତରରେ ରହିଅଛନ୍ତି ଯେ ତାହାଙ୍କ ମଧ୍ୟରେ ସଦ୍ଭାବ ରହିବାର କୌଣସିରୂପେ ସମ୍ଭବ ନୁହଇଁ । ଜାତିଭେଦ ଦଳାଦଳର ମୂଳକାରଣ ଅଟଇ ଓ ଯେତେକାଳ ହିନ୍ଦୁଧର୍ମର ଗୌରବ ଭାରତବର୍ଷରେ ଥିବ ତେତେକାଳ ଜାତି ଭେଦ ଉଠିଯିବାର ଆଶା ହୋଇ ନ ପାରେ । ଶାସ୍ତ୍ରାନୁସାରେ ଯେତେଦୂର ଜାତି ଭେଦ ରକ୍ଷା କରିବାର ଉଚିତ ଯେବେ ସେତିକରେ ଲୋକେ ଆବଦ୍ଧ ହୋଇ ରହନ୍ତେ ତାହା ହେଲେ ମଧ୍ୟ ବଡ କ୍ଷତି ନ ଥିଲା । କିନ୍ତୁ ଦୁଃଖର ବିଷୟ ଯେ ଶାସ୍ତ୍ରାନୁସାରେ ଯେତେଦୂର ଜାତି ଭେଦ ରହିବାର ପ୍ରମାଣ ଅଛି ତହିଁରୁ ଅଧିକ ବର୍ତ୍ତମାନକୁ ଲୋକମାନେ କଳ୍ପନା କରି ସ୍ୱଜାତୀୟ ମଧ୍ୟରେ ସୁଦ୍ଧା ଆହାର ବ୍ୟବହାରଦ୍ୱାରା ପ୍ରଭାବ ରଖିବାକୁ କାତର ହୋଇଅଛନ୍ତି । ଆମ୍ଭେମାନେ ଦେଖିଅଛୁଁ ବା ଶୁଣିଅଛୁଁ ଯେ ପଶ୍ଚିମର ଲୋକମାନେ କେବଳ ରୁଟି ଘିଅ ଓ ଡାଲି ତିଆରି ପୁରି ଭରିବାର ଓ ଅନ୍ୟାନ୍ୟ ଦ୍ରବ୍ୟ ଏକାସନରେ ବସି ଉଚ୍ଚ ନୀଚ ଜାତିର ଲୋକମାନେ ଭୋଜନ କରନ୍ତି ଓ ପଶ୍ଚିମର ଗନ୍ଧବଣିକ ଦୋକାନରେ ପୁରି ମିଷ୍ଟାନ୍ନ ସହିତ ଭରିବାର ବିଧିଥିବା ହୁଅଇ ସମସ୍ତେ ତାହା କିଣି କରି ବ୍ୟବହାର କରନ୍ତି । ବଙ୍ଗଳାରେ ପଶ୍ଚିମ ପ୍ରାୟ ନିୟମ ଠିକ ପ୍ରଚଳିତ ନ ଥିଲେହେଁ ଉଚ୍ଚ ନୀଚ ଜାତିର ଲୋକମାନେ ପରସ୍ପରର ଘରେ ପୁତପକ୍ୱ ଲବଣ ହୀନ ତରକାରି ସହିତ ପୁରି ଓ ମିଷ୍ଟାନ୍ନ ଭୋଜନ କରନ୍ତି କିନ୍ତୁ ଓଡ଼ିଶାର କଥା ସୃଷ୍ଟିରୁ ବାହାର । ମହାପ୍ରସାଦ ସେବନ ଓ ବୈଷ୍ଣବଙ୍କ ଅଧରାମୃତ ଭୋଜନରେ ଏଠା ଲୋକେ ଯେପରି ବ୍ୟବହାର କରନ୍ତି ତାହା ଦେଖିଲେ କେହି ମନେ କରିପାରେ ଯେ [illegible] ଅଧେ ଜାତିର ବ୍ୟବସ୍ଥା ନାହିଁ ମାତ୍ର [illegible] ବିବେଚନା କଲେ ପ୍ରକାଶ ପାଏ ଯେ ପ୍ରାଚୀନ ନିୟମ କର୍ତ୍ତାମାନେ ଜାତି କୁସଂସ୍କାର ଉଠାଇବା ନିମନ୍ତେ ଏତାଦୃଶ ଉପାୟ କରିଥିବା ସମ୍ଭବ ହୋଇଅଛନ୍ତି । କରଣମାନେ ଓଡ଼ିଶାର ପ୍ରଧାନ ଜାତି ହେଉଅଛନ୍ତି କିନ୍ତୁ ଏମାନଙ୍କ ମଧ୍ୟରେ ଏମନ୍ତ ରୀତି ପ୍ରଚଳିତ ଅଛି ଯେ ବିଶେଷ ସମ୍ପର୍କବିନା କେହି କାହାର ଘରେ ଅନ୍ନ ଭୋଜନ କରିବେ ନାହିଁ ଓ ଘୃତସହିତ ଲବଣ ହୀନ ଘୃତପକ୍ୱ ତରକାରୀ ଚଳିଲେ ମଧ୍ୟ ଏହାଙ୍କର ଜାତି ଯିବ ବୋଲି ଜ୍ଞାନ କରନ୍ତି । ଜାତି ବିଷୟରେ ଏପ୍ରକାର କଡାକଡି ଥିବାରୁ ଏହାଙ୍କ ମଧ୍ୟରେ ସଦ୍ଭାବ ଅତି ଉଣା ଦେଖାଯାଏ । ବାସ୍ତବରେ ଏକତ୍ରେ ବସି ଭୋଜନ କରିବାରେ ଯେମନ୍ତ ପରସ୍ପର ପ୍ରଣୟ ହୁଅଇ ଅନ୍ୟ କୌଣସି ଉପାୟରେ ତାହା ହେବାର ନୁହଇ ଓ ବୈଷ୍ଣବମାନଙ୍କର ମହୋତ୍ସବ ତହିଁର ପ୍ରଧାନ ଉଦାହରଣର ସ୍ଥଳ ଅଟଇ । ଏହି ଜାତିଭେଦ ହେତୁରୁ ଦେଖାଯାଏ ଯେ ବଙ୍ଗାଳିମାନଙ୍କ ଘରେ ଶ୍ରାଦ୍ଧ କ୍ରିୟା ଉପଲକ୍ଷରେ ଅନେକ ଲୋକଙ୍କୁ ସମାଦରପୂର୍ବକ ଭୋଜନ କରାଇବାର ଯେଉଁ ରୀତି ଅଛି ତାହା ଓଡ଼ିଆଙ୍କ ମଧ୍ୟରେ ପ୍ରଚଳିତ ନାହିଁ ।

ଓଡ଼ିଆଙ୍କ ମଧ୍ୟରେ ଜାତି କୁସଂସ୍କାର ଯେମନ୍ତ ପ୍ରଗାଢ଼ ଉକ୍ତ କୁସଂସ୍କାର ପ୍ରବୃତ୍ତି ଭାଙ୍ଗିବାକୁ ଏମାନଙ୍କର ଅମନୋଯୋଗ ତହିଁ ଅଧିକ ବଳିତ ବଙ୍ଗଦେଶୀୟ କାୟସ୍ଥ ଓ ବ୍ରାହ୍ମଣ ପ୍ରାୟ ୨୫୦ ବା ୩୦୦ ବର୍ଷ ହେବ ଏ ପ୍ରଦେଶକୁ ଆସି ଘର କରି ରହିଅଛନ୍ତି ଓ ଏବେ ମଧ୍ୟ ଆସୁଅଛନ୍ତି । ପ୍ରଣିଧାନ କରି ଦେଖିଲେ ସବୁ ପ୍ରଦେଶର ବ୍ରାହ୍ମଣ ଓ କାୟସ୍ଥ ଏକଜାତି ଅଟନ୍ତି କିନ୍ତୁ ଏତେ ଦୀର୍ଘକାଳ ଏକତ୍ରରେ ରହି ସୁଦ୍ଧା ଏମାନଙ୍କ ମଧ୍ୟରେ ଆହାର ବ୍ୟବହାର ସାମ୍ୟମତ ରତି ନାହିଁ । ଅନ୍ନଭୋଜନ ଅବଶ୍ୟ ଦୂରର କଥା କିନ୍ତୁ ଜଳପାନ ସଙ୍ଗେ ଘୃତପକ୍ୱ ତରକାରୀ ସୁଦ୍ଧା ଚଳ ନାହିଁ । ବଙ୍ଗାଳିମାନେ ଯାହା ହେଉ ଓଡ଼ିଆ ବ୍ରାହ୍ମଣଙ୍କୁ ପ୍ରକୃତ ବ୍ରାହ୍ମଣଠାରୁ ପୃଥକ୍ ଜ୍ଞାନ ନ କରି ତାହାଙ୍କ ହସ୍ତରେ ପାକ କରାଇ ଖାଉଅଛନ୍ତି କିନ୍ତୁ ଓଡ଼ିଆମାନେ ଅବଧି ବଙ୍ଗାଳିବ୍ରାହ୍ମଣଙ୍କ ହସ୍ତର ଅନ୍ନ ଭୋଜନ କରୁ ନାହାନ୍ତି ଅଥଚ ଓଡ଼ିଆ କରଣମାନେ ପ୍ରାୟ ସମସ୍ତେ ବୈଷ୍ଣବ ମତାବଲମ୍ବୀ ଓ ବଙ୍ଗାଳାର ଗୋସ୍ୱାମିମାନଙ୍କୁ ପ୍ରଗାଢ଼ଭକ୍ତି କରି ତାହାଙ୍କ ଅଧରାମୃତକୁ ଅମୂଲ୍ୟ ବୋଲି ଜାଣନ୍ତି ଅଥଚ ସେହି ଗୋସ୍ୱାମିମାନେ ଆପଣା ସ୍ୱଜାତୀୟ ଯେଉଁ ବ୍ରାହ୍ମଣଙ୍କ ଘରେ ଅନ୍ନ ଭୋଜନ କରନ୍ତି ତାହାଙ୍କ ରନ୍ଧା ଅନ୍ନ ଖାଇବାରେ ଜାତି ଯିବାର ଆଶଙ୍କା କରନ୍ତି ଏପରି ଅଲୌକିକ ଲୌକିକ କୁରୂପ କୁସଂସ୍କାର ପାଶ କାଟି ଦେଇ ମୁକ୍ତ ହେବେ ଯେ ତାହାଙ୍କଦ୍ୱାରା ସାମାଜିକ ଉନ୍ନତି ସାଧନ ହେବ ।

ଯାହା ହେଉ ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ବାବୁ ଜଗଦାନନ୍ଦ ଦାସ କରଣମାନଙ୍କ ସୃଷ୍ଟି ଓ ଜାତିମର୍ଯ୍ୟାଦା ବିଷୟରେ ଖଣ୍ଡିଏ ପୁସ୍ତକ ରଚନା କରୁଅଛନ୍ତି ଓ ଅନତିକାଳମଧ୍ୟରେ [illegible] ।

Digitized by srujanika@gmail.com

Split by PDF Splitter



ମୁଦ୍ରିତ ଓ ପ୍ରଚରିତ କରାଇବେ । ଯେବେ ଏଥି ସଙ୍ଗେ୨ ବାବୁ ମହାଶୟ କରଣମାନଙ୍କର ପରସ୍ପର ସହିତ ଆହାର ବ୍ୟବହାର ସମ୍ପର୍କୀୟ କେତେକ କୁରୀତି ସଂଶୋଧନ କରିବାକୁ ସମର୍ଥ ହେବେ ତେବେ ତାହାଙ୍କଦ୍ୱାରା ଗୋଟିଏ ଭାରି ମଙ୍ଗଳ ସାଧନ ହେବ ।

---

## ଓଡ଼ିଆ ଯାତ୍ରା ଓ ମଜଲିସ ।

ଗତ ସଂ ୧୬ ସଂଖ୍ୟା ବାଲେଶ୍ୱର ସଂବାଦବାହିକାର ଏକ ସ୍ଥାନରେ ଲେଖାଅଛି ଯେ "ଓଡ଼ିଶା ମଧ୍ୟରେ ବାଲେଶ୍ୱରରେ ଯେରୂପ ମଜଲିସର ଆଡ଼ମ୍ବର ଓ ନାଚରଙ୍ଗର ଆମୋଦ ସେରୂପ ଅନ୍ୟ ଜିଲ୍ଲାରେ ଶୁଣା ଯାଏ ନାହିଁ, ବଡ଼ ଦୁଃଖର ବିଷୟ ଯେ ଓ ଓଡ଼ିଆଭାଷାର ଯାତ୍ରାବାଲାମାନଙ୍କ ଅବସ୍ଥା କିରୂପେ ଉତ୍ତମ ହେବ ସେଥି ନିମନ୍ତେ କେହି ମନୋଯୋଗୀ ହେଉ ନାହାନ୍ତି" ।

ଆମ୍ଭେମାନେ ଅନେକଥର ଉପରଲିଖିତ ବିଷୟଟି ଚିନ୍ତା କରିଅଛୁଁ ଓ ବାସ୍ତବରେ ଆମ୍ଭମାନଙ୍କର ହୃଦୟଙ୍ଗମ ହୋଇଅଛି ଯେ ବାହକ ଯାହା ଲେଖିଅଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ ଅଟଇ । ପୁରୀରେ ଜଗନ୍ନାଥ ମହାପ୍ରଭୁଙ୍କର ଯାତ୍ରା ପର୍ବମାନ ବର୍ଷଯାକ ଲଗିଥାଏ ଓ ସେଠା ନିବାସିମାନେ ତାହା ଦେଖିବାରେ ମଗ୍ନ ଥାନ୍ତି ବୋଲି ଅନ୍ୟ କୌଣସି ସ୍ଥଳରେ ମଜଲିସ ଇତ୍ୟାଦି କରିବାର ପ୍ରୟୋଜନ ହୁଅଇ ନାହିଁ । ପୁଣି ସେଠାରେ ମଠଧାରୀଙ୍କ ଛଡ଼ା ଅନ୍ୟ ଧନୀଲୋକ ପ୍ରାୟ ନାହାନ୍ତି ଓ ମଠଧାରୀ ଓ ଅନ୍ୟାନ୍ୟ ନିବାସିମାନଙ୍କର ଯାହା ପରମ୍ପରା ଶିକ୍ଷାଅଛି ସେହିପରି କରି ଆସୁଅଛନ୍ତି ସୁତରାଂ ସେଠାରେ ଦୋଳ ଦୁର୍ଗୋତ୍ସବ ପର୍ବାଦିରେ ମଜଲିସ ଇତ୍ୟାଦି ନ ହେବାର କାରଣ ବୁଝା ଯାଉଅଛି - କିନ୍ତୁ କଟକରେ କାହିଁକି ନ ହୁଅଇ ତହିଁର କାରଣ ସହଜରେ ଜଣା ଯାଉ ନାହିଁ । ଏଠାରେ ଧନିଲୋକର ଅଭାବ ନାହିଁ ଓ ଯଦ୍ୟପି କି ଓଡ଼ିଆଙ୍କମଧ୍ୟରେ ଦୁର୍ଗୋତ୍ସବ ପର୍ବର ତାଦୃଶ ଆଦର ନାହିଁ ତଥାଚ ଦୋଳଯାତ୍ରା ଏଠାର ସର୍ବାପେକ୍ଷା ପ୍ରଧାନ ଯାତ୍ରା ଅଟଇ ଏବଂ ଏହି ନଗରରେ କେତେକ ଧନୀ ଭଦ୍ରଲୋକଙ୍କ ଘରଠାରେ ଠାକୁର ସେବା ମଧ୍ୟ ଅଛି । ଏସ୍ଥନେ [illegible] ଠାରେ କାହାର ଘରେ ବର୍ଷରେ ଏ [illegible] ଭାରି ମଜଲିସ ହୁଅଇ ନାହିଁ ତହିଁ [illegible] କେବଳ ଏହି ଜଣାଯାଏ ଯେ ଏ ଅଞ୍ଚଳର ଓଡ଼ିଆମାନେ ସାମାଜିକ ସଦ୍ଭାବ ସ୍ଥାପନ ଓ ଆମୋଦ ପ୍ରମୋଦ କରିବା ବିଷୟରେ ନିତାନ୍ତ ଅଜ୍ଞ ଅଟନ୍ତି । କିନ୍ତୁ ଏକା ଓଡ଼ିଆଙ୍କୁ କାହିଁକି ଦୋଷଦେବା ପଣ୍ଡିତ ପ୍ରଭୃତି ଅନ୍ୟ ଶ୍ରେଣୀର ସମ୍ଭ୍ରାନ୍ତ ଓ ଧନୀ ବ୍ୟକ୍ତି ଏଠାରେ ଅଛନ୍ତି ସେମାନଙ୍କ ଘରେତ କେବେ ସର୍ବସାଧାରଣଙ୍କ ସହିତ ଆମୋଦ ପ୍ରମୋଦ କରିବାର ମଜଲିସ ହେବାର ଦେଖା ନ ଯାଏ । ଧନୀ ମୁସଲମାନ କେହି ବର୍ତ୍ତମାନ ଏ ନଗରରେ ନାହାନ୍ତି ଓ ଏଦେଶୀୟ ବଙ୍ଗାଳ ବଡ଼ଲୋକ ମଧ୍ୟରେ ବାବୁ ଗୋଲକଚନ୍ଦ୍ର ବୋଷ ଅଟନ୍ତି ମାତ୍ର ତାହାଙ୍କ ନିଜଘର ମୋଫସଲରେ ଥିବାରୁ ସେଠାରେ ଭାରି ମଜଲିସ ଦୁର୍ଗୋତ୍ସବ ସମୟରେ ହେଲେ ସୁଦ୍ଧା ନଗରବାସିଙ୍କୁ ତାହା ଜଣା ପଡ଼ଇ ନାହିଁ । ବିଦେଶୀୟ ବଙ୍ଗାଳିଙ୍କରତ କଟକ ଘର ନୁହଇ କେବଳ ତାହାଙ୍କର ଅର୍ଜନଭୂମି ସୁତରାଂ ତାହାଙ୍କ ଘରେ ମଜଲିସ କାହିଁକି ହେବ ? ଏପ୍ରକାର ବିଚାର କଲେ ଅନିବାର୍ଯ୍ୟରୂପେ ମନରେ ଏହି କଥା ଉଦୟ ହେଉଅଛି ଯେ ସାମାଜିକ ସଦ୍ଭାବ ରକ୍ଷା ଏବଂ ଆମୋଦ ପ୍ରମୋଦ ବିଷୟରେ ବଙ୍ଗାଳୀ ଓ ମୁସଲମାନ ଯେମନ୍ତ, ଏଅଞ୍ଚଳର ଅନ୍ୟ କୌଣସି ଶ୍ରେଣୀର ଲୋକ ସେପରି ନୁହନ୍ତି । ପୂର୍ବେ ଯେତେବେଳେ ଏନଗରରେ ଧନୀ ମୁସଲମାନ ଓ ବଙ୍ଗାଳୀ ଥିଲେ ସେତେବେଳେ ବର୍ଷମଧ୍ୟରେ ପଞ୍ଚ ସାତ ମଜଲିସ ହେଉଥିଲା ଓ ମୁସଲମାନମାନେ ସଙ୍ଗୀତବାଦ୍ୟର ଏମନ୍ତ ଗ୍ରାହକ ଥିଲେ ଯେ ପଶ୍ଚିମରୁ ଶିକ୍ଷକ ଆଣାଇ ଏଠା ବେଶ୍ୟାମାନଙ୍କୁ ନୃତ୍ୟ ଗାନରେ ବିଲକ୍ଷଣ ରୂପ ନିପୁଣ କରିଥିଲେ । ଏଣିକି ସଙ୍ଗୀତର ଚର୍ଚ୍ଚା ଏକାବେଳକେ ଉଠି ଯାଇଅଛି ବୋଲିବାକୁ ହେବ କାରଣ ତହିଁର ଗ୍ରାହକ ଆଉ କେହି ନାହାନ୍ତି । ନବ୍ୟ ସମ୍ପ୍ରଦାୟମଧ୍ୟରେ ହିନ୍ଦୁଧର୍ମର ଆଦର ନାହିଁ ବୋଲି ତଦାନୁସଙ୍ଗିକ ଆମୋଦ ପ୍ରମୋଦରେ ମଧ୍ୟ ଇଚ୍ଛା ନାହିଁ । ସଭ୍ୟତାର ଅନୁଗ୍ରହରେ ଏମାନଙ୍କର ଘର ଖର୍ଚ୍ଚ ବିସ୍ତର ବଢ଼ିଥିବାରୁ ଆମୋଦ ପ୍ରମୋଦରେ କିଛି ବ୍ୟୟ କରିବାକୁ କୁଣ୍ଠିତ ହୁଅନ୍ତି ଏବଂ ଏହା ମଧ୍ୟ ଅସମ୍ଭବ ନୁହଇ ଯେ ଆପଣାକୁ ଅଧିକ ଉନ୍ନତ ମଣି ଅପର ସାଧାରଣଙ୍କ ସଙ୍ଗେ ମଜଲିସ ଇତ୍ୟାଦି ଯୋଗେ ଐକ୍ୟତା ସ୍ଥାପନ କରିବାକୁ ଆସ୍ଥା କରନ୍ତି ନାହିଁ । ଭିନ୍ନ୨ ସମ୍ପ୍ରଦାୟର ଲୋକଙ୍କ ଅବସ୍ଥା ଯେ ସ୍ଥଳେ ଏପ୍ରକାର ସେ ସ୍ଥଳେ ମଜଲିସ ଇତ୍ୟାଦି ହେବାର କିପରି ସମ୍ଭବ ? ଆହାର ଓ ମଜଲିସ ସମାଜର ଭିନ୍ନଶ୍ରେଣୀର ଲୋକଙ୍କ ମଧ୍ୟରେ ସଦ୍ଭାବ ଦୃଢ଼ କରିବାର ପ୍ରଧାନ ଉପାୟ ବୋଲି ପୁରାତନ କାଳରୁ ପରିଗଣିତ ହୋଇ ଆସିଅଛି ଓ ଫଳଦ୍ୱାରା ତହିଁର ପ୍ରତ୍ୟକ୍ଷ ପରିଚୟ ମଧ୍ୟ ପାଆଯାଇ ଅଛି ତେବେ ଆହାର ଅପେକ୍ଷା ମଜଲିସ ଗୁରୁତର ଉପାୟ ଅଟଇ । କାରଣ ଜାତିଭେଦ ନିୟମ ହେତୁରୁ ସମସ୍ତଙ୍କ ସଙ୍ଗେ ଏକତ୍ରରେ ଆହାର କରିବା ଅସମ୍ଭବ ଅଟଇ । ବର୍ତ୍ତମାନକାଳକୁ ମଜଲିସର ଅସ୍ତିତ୍ୱ ଲୋପ ହେବାରେ କି ସାମାଜିକ ବିଶୃଙ୍ଖଳା ଘଟି ନାହିଁ ? ଆମ୍ଭମାନଙ୍କ ବିବେଚନାରେ ଘଟିଅଛି ଓ ଏଠାର ସମସ୍ତ ଶ୍ରେଣୀର ଧନୀ ଓ ଭଦ୍ରଲୋକଙ୍କ ମଧ୍ୟରେ ଐକ୍ୟତା ଥିବାର ବିଶ୍ୱାସ ହେଉ ନାହିଁ । ବର୍ଷରେ ଥରେସୁଦ୍ଧା ଯେବେ ଏମାନେ ଏକତ୍ରରେ ବସା ଉଠା ନ କଲେ ତେବେ ଏହାଙ୍କ ମଧ୍ୟରେ ପ୍ରକୃତ ସଦାଲାପ ଥିବାର କେମନ୍ତକରି ଜ୍ଞାନ କରିବାକୁ ହେବ? ଏହିସବୁ ଅବସ୍ଥାରୁ କଟକର ସମାଜ ଜର୍ଜରିତ ହୋଇ ରହିଅଛି ଓ ଏହି ହେତୁରୁ ଏଠାର ଉନ୍ନତି ହେବା କଠିନ ହୋଇ ଅଛି ।

କେହି୨ କହିପାରନ୍ତି କି ଯଦ୍ୟପି କଟକରେ ନିୟମିତ ଭାରି ମଜଲିସ ହେବାର ଦେଖା ନାହିଁ କିନ୍ତୁ ସମୟବିଶେଷରେ ଅନ୍ୟ ସ୍ଥାନରୁ କୌଣସି ନାଚ ଯାତ୍ରା ପ୍ରଭୃତି ଆସିଲେ ତହିଁପାଇଁ ବୃହତ୍ ମଜଲିସ ହୋଇଥାଏ । ମାତ୍ର ତାହା ଧର୍ତ୍ତବ୍ୟ ନୁହଇ କାରଣ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସେରୂପ ହୋଇଥାଏ ଓ ତାହା ବହୁକାଳରେ ଥରେ ପ୍ରତ୍ୟକ୍ଷ ହେବାରୁ ତଦ୍ଦ୍ୱାରା କୌଣସି ଫଳଲାଭ ହୁଅଇ ନାହିଁ ।

ଉପରେ ଯାହା ଲେଖାଗଲା ତହିଁଉତ୍ତାରୁ ଓଡ଼ିଆ ଯାତ୍ରାବାଲାଙ୍କର କଥା କହିବାର ଆବଶ୍ୟକ ନ ରହେ ଯେଉଁଠାରେ ଆଦୌ ମଜଲିସ ନାହିଁ ସୁତରାଂ ଯାତ୍ରାଦର ପ୍ରୟୋଜନ ନାହିଁ ସେଠାରେ ଏମାନଙ୍କର ଅବସ୍ଥା ଉତ୍ତମ କରିବାକୁ କିଏ ଚେଷ୍ଟିତ ହେବ । ଏମାନଙ୍କର ଥିବା ନ ଥିବାରେ ଭଦ୍ରଲୋକଙ୍କର କିଛି ଯାଏ ଆସେ ନାହିଁ । ଏଠାର ସାମାନ୍ୟ ଲୋକଙ୍କ ଆମୋଦ ନିମିତ୍ତ ଯାତ୍ରାବାଲାମାନେ ବ୍ୟବସାୟରେ ଲିପ୍ତ ଅଛନ୍ତି ଓ ଯେ ପର୍ଯ୍ୟନ୍ତ ଆପଣା ଗ୍ରାହକଙ୍କମନ ଯୋଗାଉ ଅଛନ୍ତି ସେ ପର୍ଯ୍ୟନ୍ତ ଏମାନେ ଅଧିକ କିଛି କାହିଁକି ଲୋଡ଼ିବେ ଓ ଅଧିକ ଗୁଣ କରିବାକୁ ଗଲେ ଯେ ଅଧିକ ଶ୍ରମ ଓ ବ୍ୟୟ ହେବ

Digitized by srujanika@gmail.com

Split by PDF Splitter



ତାହା କେଉଁଠାରୁ ପୁନଃ ପ୍ରାପ୍ତ କରିବେ ! ଯେତେବେଳେ ଓଡ଼ିଆମାନେ ଅମୋଦପ୍ରିୟ ହେବେ ଅଥଚ ବିଦ୍ୟା ଓ ଧନଦ୍ୱାରା ଆପଣାର ଉନ୍ନତିର ଚେଷ୍ଟା କରିବେ ସେତେବେଳେ ଏଠା ଯାତ୍ରାବାଲାଙ୍କର ଅବସ୍ଥା ଅପେ ଭଲ ହେବ । ବର୍ତ୍ତମାନ ତହିଁର ଆଶା ନାହିଁ ।

---

## ସାପ୍ତାହିକ ସଂବାଦ ।

କଥିତ ହୁଅଇ ଯେ ଗବର୍ଣ୍ଣମେଣ୍ଟ ମଲ୍ହାର୍‌ରାଓଙ୍କୁ ବାର୍ଷିକ ନଲକ୍ଷଟଙ୍କା ଖର୍ଚ୍ଚ ଦେବେ ।

ସମ୍ବାଦପତ୍ରମାନଙ୍କରେ ଲେଖାଯାଏ ଯେ ଭାରତବର୍ଷର ଶିକ୍ଷାବିଭାଗର ତତ୍ତ୍ୱାବଧାରଣ ନିମନ୍ତେ ଗୋଟିଏ ନୂତନ ମହକୁମା ନିଯୁକ୍ତ କରିବାକୁ ସେକ୍ରେଟରି ଅବଷ୍ଟେଟ ମନସ୍ଥ କରିଅଛନ୍ତି ଏ ମହକୁମାର ଅଧ୍ୟକ୍ଷ ତିନି ପ୍ରେସିଡେନ୍ସିରେ କର୍ତ୍ତୃତ୍ୱ ପ୍ରକାଶ କରିବେ ।

ଅସ୍ମମାନଙ୍କର ଭାବୀ ବାଦସାହ ଅର୍ଥାତ୍ ଶ୍ରୀମତୀ ମହାରାଣୀଙ୍କ ପ୍ରଥମ ପୁତ୍ର ଭାରତବର୍ଷରେ ଆଗାମୀ ନବେମ୍ବର ମାସଠାରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ରହିବେ ଓ ଏଥିମଧ୍ୟରେ ଯେତେ ସ୍ଥାନ ଦେଖିପାରନ୍ତି ତାହା ଦେଖିବାର ମନସ୍ଥ କରିଅଛନ୍ତି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଜଣେ ଗୌଡ଼ ବୃଦ୍ଧଙ୍କ ବାତ ଛଡ଼ିବା ସକାଶେ ଜୁଲାବର ଗୁଡ଼ ଖାଇଗଲା । ବାତ ଛଡ଼ିଲା ସନ୍ଧ୍ୟା ମାତ୍ର ଦୁଇଘଣ୍ଟା ଉତ୍ତାରୁ ତାହାର ସମସ୍ତ ଦେହରୁ ରକ୍ତ ବାହାରିବାର ଆରମ୍ଭ ହେଲା ଓ ଶେଷରେ ଉଦରପୀଡ଼ା ହୋଇ ମୃତ୍ୟୁ ହେଲା ।

କର୍ଣ୍ଣେଲ ଫେଅର ବମ୍ବେ ବିଭାଗର ସୈନାଧ୍ୟକ୍ଷ ହୋଇଅଛନ୍ତି । ଏ କର୍ମଟି ଏହାଙ୍କର ଯୋଗ୍ୟ ଅଟଇ ।

ବାଲେଶ୍ୱର ଟ୍ରେଜରିର ହେଡ୍‌କିରାଣୀ ଶ୍ୟାମାଚରଣ ସରକାର ଲୋକାଲଫଣ୍ଡର କିଛି ଟଙ୍କା ଆତ୍ମସାତ୍ କରିଥିବା ଅପରାଧରେ ପୂର୍ବେ ୨ବର୍ଷ କାରାବାସର ଦଣ୍ଡ ପାଇଥିଲେ, ଏକ୍ଷଣେ ସେ ଡିପୋଜିଟ୍‌ରୁ ଆଉ ନଅ ଶ ଟଙ୍କା ଆତ୍ମସାତ୍ କରିଥିବା ଅପରାଧରେ ଦୋଷସ୍ପର୍ଶ ହୋଇଅଛନ୍ତି । ବୋଧ ହୁଏ କଲେକ୍ଟର ସାହେବଙ୍କର ଉତ୍ତମ ତତ୍ତ୍ୱାବଧାରଣ ନ ଥିଲା ନଚେତ୍ ଶ୍ୟାମାଚରଣ ଉପରେ ଏପରି ଆଚରଣ କ୍ରମାଗତ କରି ପାରନ୍ତେ ।

ପେଶାଓର୍ ନଗରସ୍ଥ ନରମପୁର୍ ମହଲ୍ଲାରେ ଏହି ମାସ ତା ୧୪ ରିଖ ୫ ଘଣ୍ଟିକା ସମୟରେ ଅଗ୍ନି ଲାଗିଲା ଉକ୍ତସ୍ଥାନରୁ ସରକାରୀ କର୍ମଚାରୀମାନେ ଦମକଲ ଘେନି ସେଠାରୁ ଆସିଲେ ଓ ଅନେକ ଲୋକ ସମାଗତ ହେଲେ ମାତ୍ର ଅଗ୍ନି ନିବାଇବାର ଯେତେ ଉପାୟ କଲେ ସବୁ ବିଫଳ ହେଲା । ତା ୧୫ ରିଖର ଦୁଇପ୍ରହର ପର୍ଯ୍ୟନ୍ତ ନିଆଁ ନିବଲା ନାହିଁ । ତିନ ଶହ ସାତ ଘର ପୋଡ଼ି ଯାଇଅଛି ଓ ସେଠାରେ ବଣିକ ଓ ଧନୀ ଲୋକଙ୍କର ବାସ ଥିବାରୁ ଅତିଶୟ କ୍ଷତି ହୋଇଅଛି । ଏଥିର ଦୁଇ ଏକ ଦିନ ଉତ୍ତାରେ ମୂର ନଗରର ବଜାର ପୋଡ଼ି ଗଲା ଓ କେତେ-ଦିନ ପୂର୍ବେ ପ୍ରୟାଗରେ ଘରପୋଡ଼ି ହୋଇଥିଲା । ଏବର୍ଷ ଅଗ୍ନି ଉପଦ୍ରବ ଊଣା ନୁହଇ ।

ମେଲଭିଲ ସାହେବ ମୁସଲମାନ ଧର୍ମ ଗ୍ରହଣ କରି କର୍ମଚ୍ୟୁତ ହୋଇଥିବା ପ୍ରସଙ୍ଗ ପାଠକମାନଙ୍କୁ ଜଣାଅଛି । ବର୍ତ୍ତମାନ ସେ ବିସୂଚିକାରୋଗରେ କାଳଗ୍ରାସରେ ପତିତ ହୋଇଅଛନ୍ତି । ଶୁଣାଯାଏ ଯେ ସେ ମୃତ୍ୟୁର ପୂର୍ବେ ଖ୍ରୀଷ୍ଟୀୟାନ ଧର୍ମକୁ ଫେରି ଆସିଲେ ।

ଏ ସପ୍ତାହରେ ଏଠାରେ ବର୍ଷା ହୋଇଅଛି ଓ ଅନ୍ୟ ସ୍ଥାନମାନଙ୍କରେ ଯଥେଷ୍ଟ ବୃଷ୍ଟି ହୋଇଥିବାର ସମ୍ବାଦ ମିଳିଅଛି ଏମନ୍ତ କି ନାଇନିତାଲରେ ଅଠର ଘଣ୍ଟା ପର୍ଯ୍ୟନ୍ତ କ୍ରମାଗତ ଭାରି ବର୍ଷା ହେଲା । ବୃଷ୍ଟି ଯୋଗୁଁ ଏ ବର୍ଷ ଗ୍ରୀଷ୍ମର ଉତ୍ତାପ ଅନେକ ଊଣା ଅଛି । ପୂର୍ବ ବର୍ଷମାନଙ୍କ ପରି ପ୍ରଚଣ୍ଡ ରୌଦ୍ର ଏପର୍ଯ୍ୟନ୍ତ ଦେଖା ନାହିଁ । ଏଣିକି କଣ ହେବ ବୋଲାଯାଇ ନ ପାରେ ।

ପ୍ରସିଆଦେଶସ୍ଥ ବର୍ଲିନ ନଗରରେ ବ ୭୫ ର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବର୍ତ୍ତମାନ ୧୨୨୫୧ ଜଣ ଅଛନ୍ତି । ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କର ବୟସ ବ ୯୦ ର୍ଷରୁ ବ ୧୦୧ ର୍ଷ ପର୍ଯ୍ୟନ୍ତ । କାୟିକପରିଶ୍ରମ, ମାଂସଭୋଜନ ଓ ପରିମିତାଚାର ଦୀର୍ଘାୟୁର ମୂଳ କାରଣ ଅଟେ । ଏ ଦେଶରେ ଏଥିର ଅଭାବ ଯେତିକି ଦୀର୍ଘାୟୁ ମନୁଷ୍ୟର ଅଭାବ ସେତିକି ।

କୌଷ୍ଟିନ୍ ସମ୍ବାଦପତ୍ରରୁ ଅବଗତ ହେଲୁଁ ଯେ ପୁନା ଜିଲ୍ଲାନ୍ତର୍ଗତ ମୁରଶୀ, ସୁପା ଏବଂ ବାର୍‌ମୁଣ୍ଡି ଗ୍ରାମସ୍ଥ ମାରୱାଡ଼ିମାନେ ସେଠା ରୟତଙ୍କ ଦ୍ୱାରା ଅବଲୁଣ୍ଠିତ ହୋଇଓଛନ୍ତି । ଅଧମର୍ଣ୍ଣମାନେ ସେମାନଙ୍କର ହିସାବ ଓ ଖାତାବହି ଓ ତମସୁକ ଆଦି ଦସ୍ତାବିଜମାନ ନଷ୍ଟ କରିଅଛନ୍ତି ଏବଂ ନଗଦ ଟଙ୍କା ଅଳଙ୍କାର ପ୍ରଭୃତି ବହୁମୂଲ୍ୟର ଦ୍ରବ୍ୟ ସବୁ ଘେନି ଯାଇଅଛନ୍ତି । ମେଜିଷ୍ଟ୍ରେଟ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏକ କୋମ୍ପାନୀ ସେନା ଘେନି ସେ ଗ୍ରାମକୁ ଯାଇଅଛନ୍ତି ଓ ଭାରି ଧୂମଧାମ ଲାଗିଅଛି । ଏ ଉପଦ୍ରବର ହେତୁ ଏହି ଯେ ମାରୱାଡ଼ିମାନେ ରୟତଙ୍କୁ ଟଙ୍କା ଋଣଦେବାରେ ଭାରି କଳନ୍ତର ( ସୁଧ ) ଗ୍ରହିଲେ ଓ ରୟତମାନେ ତେତେ ସୁଧ ଦେବାକୁ ଅକ୍ଷମ ଥିବାରୁ ବିରାଗ ବୋଧ ମାରୱାଡ଼ିଙ୍କ ଉପରେ ଉପର୍ଯ୍ୟୁକ୍ତ ଅତ୍ୟାଚାର କଲେ । ଏ ଘଟଣା ଗତ ମାସ ତା ୧୨ ଓ ୧୩ ଦିନରେ ଘଟିଅଛି । ମାରୱାଡ଼ିମାନେ କୃଷକପ୍ରଜାଙ୍କର ରକ୍ତ ଶୋଷିବାକୁ ବସିବେଣି କି ?

ଅମେରିକା ଦେଶର ଦୁଇଜଣ ଖ୍ରୀଷ୍ଟିଆନ ଧର୍ମପ୍ରଚାରକ କଲିକତାକୁ ଆସିଅଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ବକ୍ତା ଓ ଜଣେ ଗାୟକ ଉଭୟେ ଆପଣା୨ କାର୍ଯ୍ୟରେ ବିଶେଷ ନିପୁଣ । ସେମାନଙ୍କ ବକ୍ତୃତା ଓ ଭଜନ ଶୁଣିବା ପାଇଁ ଦେଢ଼ହଜାର ପର୍ଯ୍ୟନ୍ତ ଲୋକ ପ୍ରତ୍ୟେକ ସଭାରେ ଉପସ୍ଥିତ ହେଉଅଛନ୍ତି ଓ ତତ୍ ସ୍ଥଳରେ ଶତଶତ ନର ନାରୀ ବିମୁଗ୍ଧ ହୋଇ ଅଶ୍ରୁଜଳ ବର୍ଷଣ କରୁଅଛନ୍ତି । ଇଂରାଜମାନଙ୍କର ବହୁ ବିଶ୍ୱାସ ଉପୁଜିଛି ।

ବାଲେଶ୍ୱର ସମ୍ବାଦବାହିକା ଲେଖନ୍ତି ଯେ ସେ ନଗରର ବାରବୁଢ଼ାବନ୍ଦଘାଟର ଗୋଟିଏ ଯୁବତୀ ବୁଢ଼ୀଷଣ୍ଡୀ ବାରବୁଢ଼ାବନ୍ଦ ପୋଖରୀରୁ ଦିନରେ ପାଣି ଘେନି ଘରକୁ ଯାଉଥିବା ସମୟରେ ଗୋଟାଏ ଲେଣ୍ଡା ତାହାକୁ ଉଷ୍ଣମୁଣ୍ଡିଭରି ଗାଲରେ ଗୋଟାଏ କାମୋଡ଼ ପକାଇଲା । ଦୁର୍ବୃତ୍ତ ଏତେ ଅଧିକରେ କାମୋଡ଼ିଥିଲା ଯେ, ଅଳ୍ପ ଗୋଟିଏ ସ୍ତ୍ରୀଲୋକ ତାକୁ ଦୂର ଘଣ୍ଟାମାରିବାରେ ଛାଡ଼ ଦେଲା !!! ଶୁଣିଲୁ ସେ ସ୍ତ୍ରୀଲୋକଟିର ସ୍ୱାମୀ ଲୋକଲଜ୍ଜା ଭୟରେ ମକଦ୍ଦମା କରିବାକୁ ଦିଏ ନାହିଁ କିନ୍ତୁ ଦୁର୍ବୃତ୍ତର ସମୁଚିତ ଶାସ୍ତି ଦେବା ଉଚିତ । ତାଲିଗ ନ କଲେ କ୍ଷତି ହେବ ।

ଅମ୍ଭେମାନେ ବାଲେଶ୍ୱର ସମ୍ବାଦବାହିକାରୁ ଶୁଣି ବଡ଼ ଆନନ୍ଦିତ ହେଲୁଁ ଯେ, ଖଣ୍ଡପଡ଼ାର ସଦାଚାରସମ୍ପନ୍ନ ବାବୁ ଆପଣ ସ୍ତ୍ରୀଶିକ୍ଷା ସ୍କୁଲରେ ନୋଅଖାଲିଆ ଝିଅମାନଙ୍କୁ ପୋଷାକ ପୋଷାକ ଓ ପାଠ୍ୟପୁସ୍ତକମାନ ଦେଇ ପଠାଉଅଛନ୍ତି ।

---

ଏହି ଉତ୍କଳଦୀପିକା ସହର [illegible] ଯାବତ୍ କଟକପ୍ରିଣ୍ଟିଂକମ୍ପାନୀଙ୍କ [illegible] ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ } ସଂଖ୍ୟା ୨୩ } ତା ୮ ଋଗ ଜୁନ ସନ ୧୮୭୮ ମସିହା । ଜ୍ୟେଷ୍ଠ ୨୬ ଦିନ ସନ ୧୨୮୫ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪ । ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ । ମଫସଲ ପାଇଁ ଡାକମାସୁଲ ୫୧୦

ବରୋଦାର ନୂତନ ଗୁଇକୁଅର ମନୋନୀତ ହୋଇ ଗାଦିରେ ବସି ଅଛନ୍ତି ଓ ଏ ସମ୍ପର୍କରେ ସେଠାର ରେସିଡେଣ୍ଟ ସାହେବ ସମସ୍ତ ସରଦାର ଇତ୍ୟାଦି ଏବଂ ଅନ୍ୟ ଲୋକମାନଙ୍କୁ ଘୋଷଣା-ପତ୍ରଦ୍ୱାରା ଜଣାଇଅଛନ୍ତି ଯେ "କାଶୀରାଓଙ୍କ ପୁତ୍ର ଗୋପାଳରାଓ ଅର୍ଥାତ୍ ଖାଣ୍ଡେରାଓ ଇତ୍ୟାଦି ଗାଇକୁଆଡ଼ଙ୍କ ମଧ୍ୟରୁ ଏକଜଣଙ୍କୁ ମହାରାଣୀ ଯମୁନାବାଈ ପୋଷ୍ୟପୁତ୍ର କରିବା ଏବଂ ମହାମାନ୍ୟ ଗବର୍ଣ୍ଣର ଜେନେରାଲ ସାହେବ ତହିଁରେ ସମ୍ମତ ହେବାରୁ ଉକ୍ତ ମଇମାସ ତା ୨୭ ଋଗରେ ସେ ଗାଦିରେ ଅଭିଷିକ୍ତ ହେବେ ଓ ସମସ୍ତ ଲୋକଙ୍କର କର୍ତ୍ତବ୍ୟ ଯେ ଏହାଙ୍କୁ ବରୋଦାର ଗୁଇକୁଅଁର ସ୍ୱରୂପ ସକଳବିଷୟରେ ପ୍ରଚଳିତ ନିୟମାନୁସାରେ ଗ୍ରହଣ କରନ୍ତୁ"। ଏହି ଘୋଷଣାପତ୍ରାନୁସାରେ ଗତମାସ ତା ୨୭ ଋଗରେ ଯଥାବିଧି କ୍ରିୟା ସହିତ ଗୋପାଳରାଓ ବରୋଦାର ସିଂହାସନରେ ଅଧୀନ ହେଲେ ଏବଂ ଏହି ଉପଲକ୍ଷରେ ଏଦିନ ବରୋଦାରେ ଭାରି ଉତ୍ସବ ହୋଇଥିଲା।

---

ଗତ ସପ୍ତାହରେ ମହାନଦୀ କାଠଯୋଡ଼ୀ ପ୍ରଭୃତି ନଦୀର ପାର ହେବା ଘାଟମାନଙ୍କର ଅ-[illegible]ବସ୍ତ ହୋଇଗଲା। ଏଥିରୁ ଦେଖା[illegible] ଗତବର୍ଷ ପର ଏବର୍ଷ ମଧ୍ୟ ଉକ୍ତ [illegible] ଘାଟ ରହିଅଛି। ଗତବର୍ଷର କାର୍ଯ୍ୟ [illegible]ଥାରଣ ବିଶ୍ୱାସ ଏମନ୍ତ ହୋଇଥିଲା ଯେ ଘାଟ ବନ୍ଦୋବସ୍ତରେ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ଓ ଲୋକଙ୍କର ଅସୁବିଧା ଭିନ୍ନ କୌଣସି ଉପକାରର ସମ୍ଭାବନା ନାହିଁ। ମାତ୍ର ମାଜିଷ୍ଟ୍ରେଟ ସାହେବ ଏବର୍ଷ ପୁଣି ସେହି ନିୟମରେ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହେବାରୁ ଅନୁମାନ ହୁଅଇ ଯେ ଉକ୍ତ ଦେବାଠାରୁ ଘାଟ ତହସିଲରେ ଅଧିକ ଲାଭ ହୋଇଅଛି। ଯେବେ ସେରୂପ ହୋଇଥାଏ ତେବେ ଏକପ୍ରକାର ଭଲ ହୋଇଅଛି ବୋଲିବାକୁ ହେବ ମାତ୍ର ଗତବର୍ଷ ଓ ତହିଁ ପୂର୍ବବର୍ଷର ଉପ୍ତଲଟଙ୍କାର ପରିମାଣ ସର୍ବସାଧାରଣରେ ପ୍ରକାଶ ହୋଇ ନ ଥିବାରୁ ତହିଁ ପକ୍ଷରେ ନିଶ୍ଚିତ ପ୍ରକାଶ ହୋଇ ନ ପାରେ ତଥାଚ ଅମ୍ଭେମାନେ ବାଧ ହୋଇ କହୁଅଛୁଁ ଯେ ଉକ୍ତ ଅପେକ୍ଷା ଘାଟ ତହସିଲ ଭଲ ନୁହଇ ଓ ଗତବର୍ଷ ତଦ୍ଦ୍ୱାରା ଅନେକ ଅନିଷ୍ଟ ଜାତ ହୋଇଥିଲା।

---

ଓଡିଶାର ଉନ୍ନତି ବିଷୟରେ ଯେମନ୍ତ ଗବର୍ଣ୍ଣମେଣ୍ଟ ତେମନ୍ତ (ଅଥବା ତହିଁରୁ ଊଣା ହେଉ) ଲୋକମାନେ ଉପାୟ କରୁଅଛନ୍ତି ମାତ୍ର ଏହାର କପାଳ ଏଡ଼େ ମନ୍ଦ ଯେ ଅପର ସ୍ଥାନରେ ଯାହାର ଉନ୍ନତିର ହେତୁ ଏଠାରେ ତାହାଦ୍ୱାରା ସୁଦ୍ଧା ଅମଙ୍ଗଳର ଆଶଙ୍କା ହେଉଅଛି। ଛାପାଖାନା ଓ ସଂବାଦପତ୍ର ଦେଶର ମଙ୍ଗଳପ୍ରଦ ବିଷୟ ମଧ୍ୟରେ ପରିଗଣିତ ମାତ୍ର ବାଲେଶ୍ୱରରେ ଦୁଇ ଛାପାଖାନା ଓ ଦୁଇ ସଂବାଦପତ୍ର ହେବାରୁ କେବଳ ଅନର୍ଥ ଜାତ ହେଉଅଛି। ଉକ୍ତ ଦୁଇ ସଂବାଦପତ୍ର କେବଳ ଆପଣାମାନଙ୍କ ମଧ୍ୟରେ ବିବାଦ କରି ଦନ୍ତପାତ କରୁଅଛନ୍ତି। ଏଥିରେ ପ୍ରକୃତ-ପକ୍ଷରେ କାହାର ଦୋଷ ଅଧିକ ଅମ୍ଭେମାନେ ତାହା ବିଚାର କରିବାର ଯୋଗ୍ୟ ନୋହୁଁ କେବଳ ସାଧାରଣ ହିତ ଓ ମତର ଅନୁସରଣ କରି ଏତିକି କହି ପାରୁଁ ଯେ ଏକ କ୍ଷୁଦ୍ରସ୍ଥଳର ଦୁଇଖଣ୍ଡି ସଂବାଦପତ୍ର ମଧ୍ୟରେ ଏରୂପ ଘଟଣା ହେବା ଅତ୍ୟନ୍ତ ଅସୁନ୍ଦର ଦିଶୁଅଛି ଏଥିରେ ଗୃହବିଚ୍ଛେଦ ବୃଦ୍ଧି ହେବା ଭିନ୍ନ କୌଣସି ସାଧାରଣ ମଙ୍ଗଳ ଦେଖାଯାଉ ନାହିଁ। ଯେବେ ଉଭୟ ପତ୍ରିକାର ସମ୍ପାଦକମାନେ କିଞ୍ଚିତ୍ ସହିଷ୍ଣୁତା ଅବଲମ୍ବନ ପୂର୍ବକ ଆପଣା ମଧ୍ୟରେ ଯୁଦ୍ଧ କରିବା ପରିତ୍ୟାଗ କରି ସାଧାରଣ ମଙ୍ଗଳ ପ୍ରତି ଦୃଷ୍ଟି କରନ୍ତି ତାହା ହେଲେ ବଡ଼ ଆନନ୍ଦର ବିଷୟ ହେବ।

---

ସନ ୧୮୭୮ ମସିହା ତା ୩୦ ଋଗରେ ଶେଷ ହେବା ବର୍ଷ ବାବଦ ବଙ୍ଗାଳାର ଷ୍ଟେଟ୍‌ମେଣ୍ଟ ଅବାପ୍ତିର ବାର୍ଷିକ ବିଜ୍ଞାପନୀ ଓ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମନ୍ତବ୍ୟ ବାହାରିଅଛି ତହିଁରୁ ଦେଖାଯାଏ ଯେ ଉକ୍ତବର୍ଷ ନିମ୍ନଲିଖିତରୂପେ ଓଡିଶାରେ କର ଧାର୍ଯ୍ୟ ଓ ଅବାପ୍ତି ହୋଇଥିଲା। ଯଥା।

Digitized by srujanika@gmail.com

ଭୂମି ଉପରେ କର ।

| ନାମଜିଲ୍ଲା | ନିରୂପିତକର | ଅଦାୟ |
|---|---|---|
| କଟକ | ଟ୨୨୨୪୭ | ଟ୨୨୬୦୯୭ |
| ପୁରୀ | ଟ୧୩୦୦୫ | ଟ୧୩୦୦୫ |
| ବାଲେଶ୍ୱର | ଟ୧୨୯୮୦ | ଟ୧୧୦୩୮ |

ଘର ଉପରେ କର ।

| | | |
|---|---|---|
| କଟକ | ଟ ୬୭୮ | ଟ ୬୨୪ |
| ପୁରୀ | ଟ ୩୩ | ଟ ୩୩ |
| ବାଲେଶ୍ୱର | ଟ ୨୨୦ | ଟ ୧୮୬ |

ଉକ୍ତ ସଙ୍କପତ୍ରରୁ ଦେଖାଯାଏ ଯେ ସବ୍‌ସୁଦ୍ଧା ଏ କର ବଙ୍ଗଳାପ୍ରଦେଶର ୧୪ ଜିଲ୍ଲାରେ ଧାର ହୋଇଅଛି ତହିଁରେ ମୋଟରେ ଟ ୬୮୭୪୧୧ ଭୂମି ଉପରେ କର ନିରୂପିତ ହୋଇଥିଲା ତହିଁ ମଧ୍ୟରୁ ଟ ୫୪୮୨୮୭ ଅଦାୟ ହୋଇଅଛି । ଘରର ଶେଷ ଟ ୩୩୮୦୦ ଧାର୍ଯ୍ୟ ହୋଇଥିଲା ତହିଁ ମଧ୍ୟରୁ ଟ ୩୪୧୭୩ ଅଦାୟ ହୋଇଅଛି । ବଙ୍ଗଳାର ଯେସବୁ ଜିଲ୍ଲାରେ ଦୁର୍ଭିକ୍ଷ ପଡ଼ିଥିଲା ସେହିସବୁ ସ୍ଥାନରେ ବିସ୍ତର ବାକୀ ପଡ଼ିଅଛି ।

---

କଟକ କଲେଜ ।

ଅମ୍ଭମାନଙ୍କ ଲେପ୍‌ଟେନାଣ୍ଟ ସର ରିଚର୍ଡ ଟେ-ମ୍ପଲ ଯେଉଁ ସମୟରେ ଓଡ଼ିଶାକୁ ଆସିଥିଲେ ସେ ସମୟରେ କଟକରେ ହାଇସ୍କୁଲ ପରିବର୍ତ୍ତରେ ଗୋଟିଏ କଲେଜ ସ୍ଥାପନ କରିବାର କଥା ତାହାଙ୍କଠାରେ ପ୍ରକାଶ ହୋଇଥିଲା ଓ ଡଲଗ କମିଶନର ସାହେବଙ୍କ ଇଚ୍ଛା ଯେ ବାର୍ଷିକ ଟ ୧୨୦୦୦ ଙ୍କା ଅଧିକା ଗବର୍ଣ୍ଣମେଣ୍ଟ ଦେଲେ ସେ ଏ ପ୍ରସ୍ତାବକୁ ପରୀକ୍ଷା କରି ଦେଖିବେ । ଉକ୍ତ ଟଙ୍କା ମାସକୁ ଏକ ହଜାର ଲେଖାଏ ଇଲଲିଖିତରୂପେ ଖର୍ଚ୍ଚ ହେବ ଯଥା—

| | | |
|---|---|---|
| ଏକଜଣ ଅଧ୍ୟକ୍ଷ | ମାସକୁ | ଟ ୪୫୦ |
| „ ଅଧ୍ୟାପକ | „ | ଟ ୨୫୦ |
| „ ଗ୍ରାମ୍ୟନ-ଶିକ୍ଷକ | „ | ଟ ୨୦୦ |
| ବାକେ ଖର୍ଚ୍ଚ | | ଟ ୧୦୦ |

ବର୍ତ୍ତମାନ ହାଇସ୍କୁଲରେ ମାସକୁ ଟ୬୮୪ ବ୍ୟୟ ହେଉଅଛି ଯେ ତହିଁ ମଧ୍ୟରୁ ଗବର୍ଣ୍ଣମେଣ୍ଟ ଟ୭୫୦ ଦେଉଅଛନ୍ତି । ଯାହା ହେଉ ବାର୍ଷିକ ମୋଟ ଟ୨୪୦୦୦ ଙ୍କାରେ ପ୍ରସ୍ତାବିତ କଲେଜ ନିର୍ବାହ ହୋଇ ପାରିବ ଓ ଯେସ୍ଥଳେ ଢାକା ଓ ପାଟନା କଲେଜମାନଙ୍କରେ ଟ ୩୦୦୦୦ ଠାରୁ ଟ ୩୫୦୦୦ ପର୍ଯ୍ୟନ୍ତ ବ୍ୟୟ ହେଉଅଛି ସେ ସ୍ଥଳେ ପ୍ରସ୍ତାବିତ ଖର୍ଚ୍ଚାକୁ ଊଣା ବୋଲିବାକୁ ହେବ । ଅଧିକା ଟ ୧୨୦୦୦ ଙ୍କା ମଧ୍ୟରୁ କମିଶନର ସାହେବ ଟ ୬୦୦୦ ଙ୍କା ସ୍ଥାନୀୟ ଲୋକମାନଙ୍କ ଠାରୁ ଆଦାୟ କରିବାକୁ ଚେଷ୍ଟା କରିବେ ବୋଲି କହିଅଛନ୍ତି । ଏଥିରୁ ଲେପ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ଏହି ଅଭିପ୍ରାୟ ବ୍ୟକ୍ତ କରିଅଛନ୍ତି କି ଯେବେ ଏରୂପ ଲୋକମାନେ ପାଞ୍ଚବର୍ଷ ପର୍ଯ୍ୟନ୍ତ ଦେବାପାଇଁ କମିଶନର ସାହେବ ଅଶ୍ୱାସ ଦିଅନ୍ତି ତେବେ ଅବଶିଷ୍ଟ ଟ ୬୦୦୦ ଙ୍କା ଗବର୍ଣ୍ଣମେଣ୍ଟ ଦେଇ ପରୀକ୍ଷାସ୍ୱରୂପ କଲେଜ ବସାଇବେ ।

ଉପର ଲିଖିତ ମର୍ମରେ ମାନ୍ୟବର ଲେପ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ଏକ ମନ୍ତବ୍ୟ ଗତ ଅପ୍ରେଲ ମାସ ତା ୨୭ ଦିନରେ ଲେଖି ସ୍ଥାନୀୟ ଲୋକମାନେ ଉଠି ପାରେ କି ନା ଜାଣିବା କାରଣ କମିଶନର ସାହେବଙ୍କ ନିକଟକୁ ପଠାଇ ଲେଖି ଅଛନ୍ତି । ଉକ୍ତ ମନ୍ତବ୍ୟରେ ଏହା ମଧ୍ୟ ଲେଖା ଅଛି ଯେ ଓଡ଼ିଶାରେ ବର୍ତ୍ତମାନ କଲେଜରେ ପଢ଼ିବା ଭଲ ଛାତ୍ର ଅନେକ ପାଆଯାଉ ନାହାନ୍ତି ପଶ୍ଚାତ୍ତରେ ଓଡ଼ିଆମାନେ କହନ୍ତି ଯେ ପ୍ରେସିଡେନ୍‌ସିଠାରୁ ସେମାନେ ଅନେକ ଅନ୍ତରରେ ଥିବାରୁ ବିସ୍ତର କଷ୍ଟ ସହ୍ୟ କରିବାକୁ ବାଧ୍ୟ ହୁଅନ୍ତି କାରଣ କଲିକତାକୁ ନ ଗଲେ ଉପାଧି ପାଇବା ଯୋଗ୍ୟ ହେବାର ଉପାୟ ନାହିଁ । କୌଣସି ବଙ୍ଗାଳୀ ବା ବିହାରୀ ଏରୂପ ଦୁରବସ୍ଥାରେ ପତିତ ହୋଇ ନାହିଁ ଅତଏବ ଯେବେ ଓଡ଼ିଆମାନେ କଟକରେ କଲେଜ ସ୍ଥାପନ କରି ପାରନ୍ତି ତେବେ ତାହାଙ୍କୁ ତହିଁ ନିମିତ୍ତ ସାହାଯ୍ୟ କରିବାର ଉଚିତ ।

ମାସକୁ ମାସ ଟ ୫୦୦ ଙ୍କା ଲେଖାଏ ଚାନ୍ଦା ଏଠାରେ ଉଠିପାରିବ ବୋଲି ଅମ୍ଭେମାନେ ସାହସ କରି କହି ନ ପାରୁଁ, ତେବେ ଶ୍ରୀଯୁକ୍ତ କମିଶନର ସାହେବ ଯେରୂପ ଉତ୍ସାହପୂର୍ଣ୍ଣ ଚିତ୍ତରେ ଏ ପ୍ରସ୍ତାବକୁ ଆରମ୍ଭ କରିଅଛନ୍ତି ଯେବେ ସେହିପରି ଚାନ୍ଦା ସଂଗ୍ରହରେ ଯତ୍ନ କରନ୍ତି ତେବେ ତହିଁର ଫଳାଫଳ ଦେଖିବାରେ ଅଛେ । ମାତ୍ର ଅମ୍ଭେମାନେ ଉତ୍କଳୀୟଙ୍କ ସହିତ ଐକ୍ୟ ହୋଇ କହୁଅଛୁଁ ଯେ ସବୁ ଟଙ୍କା ଗବର୍ଣ୍ଣମେଣ୍ଟଙ୍କୁ ଦେବାର ଉଚିତ । ଓଡ଼ିଶାର ଦୁରବସ୍ଥା ଅମ୍ଭମାନଙ୍କ ଲେପ୍‌ଟେନାଣ୍ଟ ସାହେବଙ୍କୁ ଅବିଦିତ ନାହିଁ ଓ ଯେଉଁ ବଙ୍ଗଳା ଓ ବେହାରର ଦାରିଦ୍ର୍ୟ ଦେଉଅଛନ୍ତି ତହିଁ ପାଇଁ ଗବର୍ଣ୍ଣମେଣ୍ଟ ଯେବେ ବ୍ୟୟ କରୁ ତାହାରେ ଭାଗୀ ଓଡ଼ିଆଙ୍କ ଦେଲକୁ ସାହାଯ୍ୟର ଆଶା ରଖିବା ଭଲ ହୋଇ ନାହିଁ ।

---

ପୁରୁଷୋତ୍ତମର ଚନ୍ଦନଯାତ୍ରା ।

ଓଡ଼ିଶାର ଯେତେ ସ୍ଥାନରେ ଚନ୍ଦନଯାତ୍ରା ହୁଏଇ ସବୁଠାରୁ ପୁରୀର ଚନ୍ଦନଯାତ୍ରା ଉତ୍କୃଷ୍ଟ ବୋଲି କହିବାଲକୁ ଏଠା ଲୋକଙ୍କୁ ଜଣା ଅଛି ମାତ୍ର ପୁରୁଷୋତ୍ତମରେ ବାରମାସରେ ତେର ଯାତ୍ରା ଯଥାବିଧି ଅନୁସାରେ ହେଉଥିବା ପ୍ରତ୍ୟକ୍ଷ ବିଶେଷରେ ରଥଯାତ୍ରା ସମୟରେ ଏକା ବର୍ଷ ଲକ୍ଷାଧିକ ଯାତ୍ରୀ ଆଗମନ ହେବୁ ତାହା ସବୁଠାରୁ ଅଧିକ ସମାରୋହର ପର୍ବ ହେଉଥିବା ପ୍ରତ୍ୟକ୍ଷ ଚନ୍ଦନଯାତ୍ରା କାହିଁକି ଉତ୍କୃଷ୍ଟତା ଲାଭ କଲା ବୋଧ ହୁଅଇ ତହିଁର କାରଣ ବହୁତ ଲୋକଙ୍କୁ ଜଣା ନ ଥିବ ଓ ଅନେକ ଲୋକ ରଥଯାତ୍ରାକୁ ପୁରୀର ବଡ଼ ଯାତ୍ରା କହିବାକୁ ପାରନ୍ତି । ବାସ୍ତବରେ ଚନ୍ଦନଯାତ୍ରା ପୁରୁଷୋତ୍ତମର ସବୁ ଯାତ୍ରାଠାରୁ ବଡ ଅଟଇ ଓ ଏପରି ଚନ୍ଦନଯାତ୍ରା ଆଉ କୌଣସି ସ୍ଥଳରେ ହେବାର ଅନୁମାନକୁ ଆସୁ ନାହିଁ । ଅମ୍ଭେମାନେ ଆଲୋଚନା କରି ଦେଖୁଅଛୁଁ ଯେ ପୁରୁଷୋତ୍ତମର ଅନ୍ୟାନ୍ୟ ଯାତ୍ରାରେ କେବଳ ଶ୍ରୀ ଜଗନ୍ନାଥଙ୍କର ବ୍ୟୟ ହୁଅଇ ଓ ସେଠା ନିବାସିମାନେ ଧନ ଅର୍ଜ୍ଜନ କରନ୍ତି କିନ୍ତୁ ଚନ୍ଦନଯାତ୍ରାରେ ଯେମନ୍ତ ଶ୍ରୀ ଜଗନ୍ନାଥଙ୍କର ଅର୍ଥ ବ୍ୟୟ ହୁଅଇ ସେହିପରି ସେଠା ଲୋକମାନେ ବ୍ୟୟକରି ଆମୋଦ ପ୍ରମୋଦରେ ମଗ୍ନ ହୁଅନ୍ତି । ଯେଉଁ ସମୟରେ ଲୋକେ ରୋଜଗାର ଧନ୍ଦା ଛାଡ଼ି ଆମୋଦ ପ୍ରମୋଦରେ ପ୍ରବୃତ୍ତ ହୁଅନ୍ତି ତାହାକୁ ଯଥାର୍ଥ ଉତ୍ସବର ସମୟ ବୋଲିବାକୁ ହେବ ସନ୍ଦେହ ନାହିଁ ଓ ଏହି ହେତୁରୁ ଚନ୍ଦନଯାତ୍ରା ସବୁଠାରୁ ଉତ୍କୃଷ୍ଟ ଅଟଇ କାରଣ ଏକାଳରେ ଦେବତାଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦରେ ମାତି ରହି ଥାନ୍ତି । ଚନ୍ଦନଯାତ୍ରାର ଆମୋଦକୁ ପୁରୀଲୋକେ ମୌଜ କହନ୍ତି ଓ ଛୋଟ ବଡ ସମସ୍ତେ ଏ ମୌଜ କରୁଥିବାରୁ ଯାତ୍ରାଟି ଏତେ ପ୍ରସିଦ୍ଧ ହୋଇଅଛି ।

କେବଳ ଠାକୁରଙ୍କ ଯାତ୍ରା ସମ୍ପର୍କରେ ପୁରୀର ଚନ୍ଦନଯାତ୍ରାକୁ ଶ୍ରେଷ୍ଠ ଉତ୍ସବ ବୋଲି ଯାଇ ନ ପାରେ କାରଣ ତାର ସମାରୋହ ପୂର୍ବକ ଯାତ୍ରା ନିର୍ବାହ ହେବାର ଉପକରଣମାନ ପଦାର୍ଥ କି ଅଶୃଙ୍ଖଳରୂପେ ପୂର୍ବରୁ ଚଞ୍ଚଳ ହୋଇଅଛି ମାତ୍ର ପୁରୀସ୍ଥମାନଙ୍କର ଅଯୋଗ୍ୟତା [illegible] ଶର ଉତ୍ତରାଧିକାରଣରେ ଦୃଷ୍ଟି ପ୍ରଯୁକ୍ତ ନ [illegible] ପ କାର୍ଯ୍ୟ ଚଳୁ ନାହିଁ ସୁତରାଂ ଏକା କାହିଁକି ଠାକୁରଙ୍କ ସବୁ ସେବାରେ

Split by PDF Splitter
Digitized by srujanika@gmail.com

Split by PDF Splitter



ତମାସ୍ୟ ବିଶୃଙ୍ଖଳ ଘଟିଅଛି ଓ ଏବିଷୟ ଅସଭ୍ୟ ଜାତି ସମାଜପ୍ରତି ଘୋର କଳଙ୍କ ଅଟଇ । ତେବେ ଯେ ପୁରୀର ଚନ୍ଦନଯାତ୍ରା ଉତ୍କୃଷ୍ଟ ହୋଇଅଛି ତାହା କେବଳ ଲୋକଙ୍କ ଯତ୍ନ ଓ ବିଶୁଦ୍ଧ ଆମୋଦର ଚର୍ଚ୍ଚା ହେତୁରୁ ଅଟଇ । ପୁରୀବାସିମାନେ ଆପଣା ସାହିରେ ଗୋଟିଏ ଲେଖାଏ ଅଖଡ଼ାଘର କରି ତାହାକୁ ସେଠାଲୋକେ ଯାଗା କହନ୍ତି ଦେବଦ୍ୱାର ନିର୍ମାଣ ଓ ରକ୍ଷା କରଅଛନ୍ତି । ସେଠାରେ ସାହିର ଲୋକମାନେ ପ୍ରତିଦିନ ସମବେତ ହୁଅନ୍ତି ଓ ଆପଣା ଅବସର କାଳକୁ ନାନାଦ ଆମୋଦରେ ଅତିବାହିତ କରନ୍ତି । ମଲ୍ଲସାଧନ ଓ ସଙ୍ଗୀତ ଚର୍ଚ୍ଚା ଏଠାର ପ୍ରଧାନ ବ୍ୟବସାୟ । ଅଖଡ଼ାଦ୍ୱାରା ଯେମନ୍ତ ସାହିଲୋକଙ୍କ ମଧ୍ୟରେ ସଦ୍ଭାବ ଓ ଐକ୍ୟତାର ବୃଦ୍ଧି ହୁଅଇ ତେମନ୍ତ ମଲ୍ଲସାଧନ ଓ ସଙ୍ଗୀତ ଏ ଦୁଇ ବିଶୁଦ୍ଧ ଆମୋଦର ଶିକ୍ଷା ହୁଅଇ । ଏଥିପାଇଁ ଅଖଡ଼ାର ରୀତିନୀତିକୁ ଅମ୍ଭେମାନେ ପ୍ରଶଂସା କରୁଁ ଓ ଯଦ୍ୟପି କ ଅପରିମିତ ଭାଙ୍ଗପାନ ପ୍ରଭୃତି କେତେଗୁଡ଼ିଏ ମନ୍ଦ ପ୍ରଥା ଇତ୍ୟାଦି ଜାତ ହୋଇଥିବାରୁ କେତେକ ଲୋକ ଅଖଡ଼ାକୁ ନିନ୍ଦା କରନ୍ତି ତାହା ଅନ୍ୟାୟ ଅଟଇ କାରଣ ସେସବୁ ଅଖଡ଼ାର ଉଦ୍ଦେଶ୍ୟ ନୁହଇ କେବଳ କୁକର୍ମି ମନ୍ଦଲୋକଙ୍କର କାର୍ଯ୍ୟ ଅଟଇ ଭଲଲୋକମାନେ ଅଖଡ଼ାକୁ ଯତ୍ନ ଶାସିତ କଲେ ସେସବୁ ଅନ୍ତର୍ଦ୍ଧାନ ହୋଇପାରେ । ଯାହା ହେଉ ଏହି ଅଖଡ଼ାବାଲାମାନେ ଚନ୍ଦନଯାତ୍ରା ସମୟରେ ସମାରୋହପୂର୍ବକ ବାହାରିବାରୁ ଯାତ୍ରାଟି ଅତିଶୟ ଆନନ୍ଦପ୍ରଦ ହୁଅଇ । ପ୍ରତ୍ୟେକ ଅଖଡ଼ାର ଲୋକଙ୍କ ମଧ୍ୟରୁ କେହି ମଲ୍ଲସାଧନ କରୁଥାନ୍ତି କେହି ଗୋଟିଏ ଚିତ୍ର ଧରିଥାନ୍ତି ଓ କେହି ଅବା ସଙ୍ଗୀତ କରୁଥାନ୍ତି ବିଶୁଦ୍ଧ ଆମୋଦରୁ ଏକତ୍ରେ ରହିବାରୁ ଅଖଡ଼ାବାଲାଙ୍କୁ ଦେଖିବାରେ ବଡ଼ ଆନନ୍ଦଜାତ ହୁଅଇ ଓ ଏମାନେ ଅପେ ଯେମନ୍ତ ସୁଖଭୋଗ କରୁଥାନ୍ତି ତେମନ୍ତ ଦର୍ଶକଙ୍କର ଆନନ୍ଦପ୍ରଦ ହୁଅନ୍ତି । ସଙ୍ଗୀତଚର୍ଚ୍ଚା ପ୍ରାୟ ସବୁଠାରେ ଲୋପ ହେବାର ଦେଖାଯାଏ କିନ୍ତୁ ପୁରୀରେ ତାହା ଅଦ୍ୟାପି ହେଉନ୍ତି ଅବସ୍ଥା ଜାଗ୍ରତ ଅଛି ଓ ଯେବେ [illegible] ଥିର କୌଣସି ଉନ୍ନତି ହେଉ ନାହିଁ ତ[illegible] [illegible]ାରଣ ଏହି ଯେ ଉଚ୍ଚଶ୍ରେଣୀର ଲୋ[illegible]କ ଯେଉଁମାନେ ଶିକ୍ଷାଲାଭଦ୍ୱାରା [illegible]ହାକୁ ବହନ୍ତି ଜାଣିଅଛନ୍ତି ସେମାନେ ପଥପ୍ରଦର୍ଶକ ହେଉ ନାହାନ୍ତି । ତାହା [illegible]ଦ୍ୱାରା ଦୃଷ୍ଟିର ଏଶ୍ରେଣୀର ଲୋକଙ୍କ ମଧ୍ୟରୁ ଏପ୍ରକାର ବିଶୁଦ୍ଧ ଆମୋଦ ଉଠିଯିବାର ଜଣାଯାଇପାରେ ତେବେ ଏମାନେ ଯାହାଙ୍କୁ ବଡ଼ାଇ ବା ନିମ୍ନଶ୍ରେଣୀର ଲୋକ ବୋଲନ୍ତି ସେମାନେ ଯେ କୌଣସିରୂପେ ସଙ୍ଗୀତ ବିଦ୍ୟାର ଚର୍ଚ୍ଚା ରଖିଅଛନ୍ତି ଏଥିପାଇଁ ସେମାନଙ୍କୁ ପ୍ରଶଂସା କରିବାକୁ ହେବ । ଓଡ଼ିଶାର ଆଉ କୌଣସି ସ୍ଥଳରେ ଏଥିର ଚର୍ଚ୍ଚା ଦେଖାଯାଉ ନାହିଁ ।

---

## ଜିଲ୍ଲା କମିଟିଙ୍କ ଅଧିକାର ।

ଆମ୍ଭମାନଙ୍କ ପୂର୍ବ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସର୍ ଜର୍ଜ କାମ୍ବଲ ଶିକ୍ଷାବିଭାଗର ତତ୍ତ୍ୱାବଧାରଣ ନିମିତ୍ତ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏ କମିଟୀ ସ୍ଥାପନ କରଅଛନ୍ତି ତାହାଙ୍କର ଅଧିକାର ଉପରମାଣରେ ଅଛି ଶିକ୍ଷାବିଭାଗର ଡାଇରେକ୍ଟର ଅନ୍ୟାନ୍ୟ କେତେକ ବିଷୟ ସହିତ ବର୍ତ୍ତମାନ ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ନିକଟରେ ପ୍ରଶ୍ନ କରିବାରୁ ସର୍ ରିଚର୍ଡ ଟେମ୍ପଲ ଗତମାସ ତା ୧ ରିଖରେ ଏକ ମନ୍ତବ୍ୟ ଲିପିବଦ୍ଧ କରଅଛନ୍ତି ଯେ ତାହା ଗତମାସ ତା ୨୬ ରିଖର କଲିକତା ଗେଜେଟରେ ଛପା ହୋଇଅଛି । ଅମ୍ଭେମାନେ ଏ ମନ୍ତବ୍ୟଟି ପାଠ କରି ଅତିଶୟ ଆନନ୍ଦିତ ହୋଇଅଛୁଁ କାରଣ ଶିକ୍ଷାବିଭାଗର ପ୍ରଧାନ କର୍ମଚାରୀଙ୍କଠାରୁ ଯେସବୁ କ୍ଷମତା ସର୍ ଜର୍ଜକାମ୍ବଲ ଛଡ଼ାଇ ନେଇଥିଲେ ତହିଁର ଅଧିକାଂଶ ସର୍ ରିଚର୍ଡ ଟେମ୍ପଲ ସେମାନଙ୍କୁ ପ୍ରତ୍ୟର୍ପଣ କରଅଛନ୍ତି । ଏଣିକି ଶିକ୍ଷାବିଭାଗର ଡାଇରେକ୍ଟର୍ ବଙ୍ଗଳା ଗବର୍ଣ୍ଣମେଣ୍ଟର ଜଣେ କର୍ମୀ ସ୍ୱରୂପ ନ ହୋଇ ଆପଣା ଭୂକରେ କେତେଗୁଡ଼ିଏ କାର୍ଯ୍ୟ କରିବାର କ୍ଷମତା ପାଇଅଛନ୍ତି ମାସିକ ଟ ୧୫୦ ଙ୍କା ବେତନ ପର୍ଯ୍ୟନ୍ତ ଶିକ୍ଷକ ପ୍ରଭୃତି ଡାଇରେକ୍ଟର ସାହେବ ସ୍ୱୟଂ ନିଯୁକ୍ତ କରିପାରିବେ । ଶିକ୍ଷାବିଭାଗର ଇନ୍ସପେକ୍ଟରମାନଙ୍କୁ ମଧ୍ୟ କେତେକ କ୍ଷମତା ଦିଆଯାଇଅଛି ମାତ୍ର ଜିଲ୍ଲା କମିଟିଙ୍କ ବିଷୟରେ ଏ ମନ୍ତବ୍ୟରେ ଯାହା ଲେଖାଅଛି ତାହା ସର୍ବାପେକ୍ଷା ଭଲ ଥିବା ଓ ସର୍ବସାଧାରଣଙ୍କ ଜାଣିବାର ଆବଶ୍ୟକ ଥିବାରୁ ତହିଁର ସଂକ୍ଷେପ ଅମ୍ଭେମାନେ ଏଠାରେ ଲେଖୁଅଛୁଁ । ଲେଫ୍ଟେନାଣ୍ଟ ଗବର୍ଣ୍ଣର ସାହେବ କହିଅଛନ୍ତି ଯେ କମିଟିର ଯାହା ଅଧିକାର ଅଛି ତାହା ସେ ସମ୍ପୂର୍ଣ୍ଣରୂପେ ରକ୍ଷା କରିବେ କାରଣ କମିଟିର କାର୍ଯ୍ୟଦ୍ୱାରା ଦେଶୀୟ ଲୋକମାନେ ଶିକ୍ଷାବିଭାଗର ବିଷୟ ସମ୍ବନ୍ଧେ ମନ ନିବେଶ କରିବାର ସୁଯୋଗ ଅଛି । କମିଶ୍ନର ଓ କଲେକ୍ଟରମାନଙ୍କର କାର୍ଯ୍ୟ ଏହି ଯେ ଦେଶୀୟ ସଭ୍ୟମାନଙ୍କୁ କମିଟିରେ ନିୟମିତରୂପେ ଉପସ୍ଥିତ ହେବାପାଇଁ ପ୍ରବର୍ତ୍ତାଇବେ ଓ ସେମାନଙ୍କଦ୍ୱାରା କାର୍ଯ୍ୟ ଚଳାଇବେ । କମିଟିର କାର୍ଯ୍ୟ ଯେମନ୍ତ ସଜୀବ ଓ ଯଥାର୍ଥପ୍ରକାରରେ ସମ୍ପନ୍ନ ହୁଅଇ ଏହା ଦେଖିବାପାଇଁ କମିଶ୍ନର ଓ କଲେକ୍ଟରମାନେ ଯେବେ ତେବେ ସଭାରେ ଉପସ୍ଥିତ ହେବେ ମାତ୍ର ପ୍ରତି ସଭାରେ ସେମାନଙ୍କର ଉପସ୍ଥିତ ହେବାର ପ୍ରୟୋଜନ ନ ରଖେ କାରଣ କେବେ କେବେ ଦେଶୀୟ ସଭ୍ୟମାନଙ୍କୁ ଏକା କାର୍ଯ୍ୟ ଚଳାଇବାକୁ ଦେବା ଉତ୍ତମ ଅଟଇ ଯେ ତଦ୍ଦ୍ୱାରା ସେମାନେ ବିନା ସାହାଯ୍ୟରେ ଆପଣା ମନକୁ ତହିଁ କାର୍ଯ୍ୟ କରିବାକୁ ଅଭ୍ୟାସ କରିବେ । ଯେ ସମୟରେ କଲେକ୍ଟର ଏବଂ କମିଶ୍ନର ସଭାରେ ଅନୁପସ୍ଥିତ ଥିବେ ସେ ସମୟରେ ସଭାପତିର କାର୍ଯ୍ୟ କରିବାକୁ କଲେକ୍ଟର ଯେଉଁ ସଭ୍ୟକୁ ମନୋନୀତ କରିବେ ସେ ବ୍ୟକ୍ତି ଦେଶୀୟ ସଭ୍ୟଙ୍କ ମଧ୍ୟରୁ ଜଣେ କାର୍ଯ୍ୟକ୍ଷମ ବ୍ୟକ୍ତି ହେବାର ଉଚିତ ।

ଗବର୍ଣ୍ଣମେଣ୍ଟଙ୍କର ଉପରଲିଖିତ ମନ୍ତବ୍ୟ ପାଠ କରି ଅମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ । ସମ୍ପ୍ରତି ସରକାରି କାର୍ଯ୍ୟରେ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ କରିବା କାରଣ ଅନେକ ପ୍ରକାର କମିଟୀମାନ ନିଯୁକ୍ତ ହୋଇଅଛି ଯଥା ଟାଉନକମିଟୀ ରୋଡସେସ କମିଟୀ ଦାତବ୍ୟଚିକିତ୍ସାଳୟ କମିଟୀ ଶିକ୍ଷାକମିଟୀ ଇତ୍ୟାଦି କିନ୍ତୁ ସାଧାରଣ ବିଶ୍ୱାସ ଏହି ଯେ ଏ ସବୁ କମିଟୀର କୌଣସି ପୃଥକ୍ ଅସ୍ତିତ୍ୱ ନାହିଁ ବରଂ ଏ ଜିଲ୍ଲାର କମିଶନର ରେଭେନସା ସାହେବ ଏ କଥା ଉତ୍ତମରୂପେ ଜାଣି ବାରମ୍ବାର ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଯେ କମିଟୀମାନ କେବଳ ଭଣ୍ଡସଭା ଅଟଇ ଏହାଦ୍ୱାରା କୌଣସି କାର୍ଯ୍ୟ ସାଧନ ହୁଅଇ ନାହିଁ ପ୍ରକୃତରେ ସରକାରୀ ପ୍ରଧାନ କର୍ମଚାରୀମାନେ ଯାହା କରନ୍ତି ସେଥିରେ ଏମାନେ କେବଳ ଅଙ୍କ ମଣିମା କରନ୍ତି କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ଏଥିରେ କମିଟୀର ଦୋଷ ନାହିଁ ମାତ୍ର ହାକିମଙ୍କର ଦୋଷ ଜିଲ୍ଲାର କଲେକ୍ଟରଙ୍କୁ ସ୍ଥାନୀୟ କର୍ତ୍ତାକର୍ତ୍ତା ବୋଲି ସମସ୍ତ ଲୋକେ ଜାଣନ୍ତି ବିଶେଷରେ ସଭାର ସଭ୍ୟମାନେ ପ୍ରାୟ ସମସ୍ତେ ଜମିଦାର ଓ ଡେପୁଟୀ ପ୍ରଭୃତି ଗବର୍ଣ୍ଣମେଣ୍ଟ କର୍ମଚାରୀ ଥିବାରୁ କଲେକ୍ଟରଙ୍କର ଅଧୀନବ୍ୟକ୍ତି ବୋଲାଯାଇ ପାରନ୍ତି । ସୁତରାଂ କଲେକ୍ଟର ସାହେବ କୌଣସି କଥା

Digitized by srujanika@gmail.com

Split by PDF Splitter



ନହିଲେ କ ପ୍ରସ୍ତାବ କଲେ ତହିଁର ପ୍ରତିବାଦ କରିବାକୁ କେହି ସାହସୀ ହୁଅନ୍ତି ନାହିଁ ପ୍ରକୃତରେ ଅଧିକାଂଶ ସଭ୍ୟ କଲେକ୍ଟରଙ୍କ ମନ ଯୋଗାଇ ପାରିଲେ ଆପଣାର ଶ୍ରେୟ ବିବେଚନା କରି ସାହେବ ଯେଉଁ ବାଟରେ ଚାଲନ୍ତି ତହିଁର ଅନୁଗାମୀ ହୁଅନ୍ତି । ହାକିମାନେ ଯେବେ ଦେଶୀୟ ଲୋକଙ୍କୁ ଆପଣା ମତାନୁସାରେ କାର୍ଯ୍ୟ କରିବାକୁ ଉତ୍ସାହ ଦେଉଥାନ୍ତେ ଓ ସେମାନଙ୍କ ସ୍ୱାଧୀନତା ତାହାଙ୍କୁ ଦେଖାଉଥାନ୍ତେ ତାହା ହେଲେ କଦାଚ କମିଟୀ ଉପହାସ୍ୟ ହୁଅନ୍ତା ନାହିଁ । ଯାହା ହେଉ ସର ରିଚର୍ଡ ଟେମ୍ପଲ ସମ୍ପ୍ରତି ଯେଉଁ ଅଭିପ୍ରାୟ ବ୍ୟକ୍ତ କରିଅଛନ୍ତି ଯେବେ ଜିଲ୍ଲା ହାକିମମାନେ ତାହା ଯଥାର୍ଥରୂପେ ପ୍ରତିପାଳନ କରନ୍ତି ତେବେ କେବଳ କମିଟୀର ଦୁର୍ନାମ ସୁଛିଯିବ ଏମନ୍ତ ନୁହେ ମାତ୍ର ଯେଉଁ ଉଦ୍ଦେଶ୍ୟରେ କମିଟୀ ସ୍ଥାପିତ ହୋଇଅଛି ତାହା ସଫଳ ହେବ । ବର୍ତ୍ତମାନ ଯେରୂପ ନିୟମରେ କମିଟୀର କାର୍ଯ୍ୟ ଚଳୁଅଛି ତହିଁରେ ଦେଶୀୟ ସଭ୍ୟମାନେ କେବଳ ବଦନାମର ଭାଗିଅଛନ୍ତି ସୁଖ୍ୟାତି ସଙ୍ଗେ ତାହାଙ୍କର କୌଣସି ସମ୍ପର୍କ ନାହିଁ ।

## ସାପ୍ତାହିକ ସଂବାଦ ।

କଲେକ୍ଟରୀ ନାଜର ପ୍ରଭୃତିଙ୍କ ମକଦ୍ଦମା ଧୀରେ୨ ଚାଲୁଅଛି । ଏଥିରେ ପ୍ରଥମରେ ଲୋକମାନେ ଯେମନ୍ତ ଏ ମକଦ୍ଦମାକୁ ଯେତ ବସିଥିଲେ ବର୍ତ୍ତମାନକୁ ତାହା ଅନେକାଂଶରେ ଶିଥିଲ ପଡ଼ିଗଲାଣି । ଶେଷରେ କଲମ୍ବେବାର ବୋଧ ହୁଅଇ ଏହାର ମହତ୍ତ୍ୱ ଜଣା ପଡ଼ିଗଲା । ଉତ୍କଳହିତୈଷିଣୀଙ୍କର ଆଉ ଅତିଉଗ୍ରପଣ ମଧ୍ୟ ବାହାରି ନାହି ।

ଗତସପ୍ତାହର ଅନ୍ତଗତ୍ୟ ଗ୍ରୀଷ୍ମ ଏ ନଗରରେ ହୋଇ ଅଛି ଓ ମଧ୍ୟ୨ରେ ବର୍ଷା ମଧ୍ୟ୨ ହେଉଥିଲେ ସୁଦ୍ଧା ବେଳକୁବେଳ ଗରମ ଅସହ୍ୟ ହୋଇଅଛି କିଛି ଉପଶମ ହୋଇ ନାହିଁ ।

ଏ ନଗରର ଅଦାଲତ କଚେରୀ ସମ୍ମୁଖରେ ଥିବା ପୋଖରୀର ପଙ୍କୋଦ୍ଧାର ହେଉଅଛି । ସେଣାଦ୍ୱାର ପାଣି ବୁହା ହେବାରେ ପୋଖରୀ ନ ଶୁଖିବାରୁ ଧୂଆଁକଲ ଯୋଗେ ଦମକଲଦ୍ୱାରା ପାଣି ବୁହା ହେଉଅଛି ଓ କୌତୁକ ଦେଖିବା ପାଇଁ କଳ ପାଖରେ ବହୁତ ଲୋକ ଜମା ହେଉଅଛନ୍ତି ।

ଉତ୍କଳଦର୍ପଣରୁ ଜଣାଗଲା ଯେ ବାବୁ କୃଷ୍ଣନାଥ ଦେ ବାଲେଶ୍ୱରକୁ ଗୋଟିଏ ବରଫ କଲ ଆଣିଅଛନ୍ତି । ସର୍ବସାଧାରଣଙ୍କ ସହିତ ଏଥିର କି ସମ୍ପର୍କ ଅମ୍ଭେମାନେ ଠିକ ବୁଝିପାରୁ ନାହୁଁ ଅନୁମାନ ହୁଅଇ ବାବୁ ବରଫ ପ୍ରସ୍ତୁତ କରି ବିକ୍ରୟ କରିଥିବେ ଯେବେ ତାହା ହୋଇଥାଏ ତେବେ ଏ ଗ୍ରୀଷ୍ମ ସମୟରେ ବାଲେଶ୍ୱର ବାସିମାନେ ଏକପ୍ରକାର ଉତ୍ତମରେ ନିର୍ବାହ ହେଉ ଥିବେ ।

ଡିଉକ ଅବ୍ ବକିଂହାମ ମାନ୍ଦ୍ରାଜକୁ ଗବର୍ଣ୍ଣର ହୋଇ ଆସୁଅଛନ୍ତି । ହିନ୍ଦୁପେଟ୍ରିଅଟ ବୋଲନ୍ତି ଯେ ଏହାଙ୍କର ବୟସ ୫୨ ବର୍ଷ ସେ ବିଲାତରେ ଅନେକ ରାଜକାର୍ଯ୍ୟ କରିଅଛନ୍ତି । ବର୍ତ୍ତମାନ ଏହାଙ୍କର ପୁତ୍ର ନାହିଁ କେବଳ ତିନୋଟି କନ୍ୟା ଅଛି । ଭବିଷ୍ୟତ୍ରେ ଏଠାର ଗବର୍ଣ୍ଣର ଜେନରଲ ହେବେ ଏହି ଆଶାରେ ଏଠାକୁ ଆଗମନ କରିବାର କେହି୨ ଅନୁମାନ କରନ୍ତି ।

ବମ୍ବେଠାରେ ଲୋକମାନେ ଗୋଳମାଳ କରୁଥିବାରୁ ନଗରର ନାନା ସ୍ଥାନରେ ସିପାହୀ ପହରା ଛିଡ଼ା ହୋଇଅଛନ୍ତି ଓ ବଳିଷ୍ଠ ଗୋଲନ୍ଦାଜମାନେ ମଧ୍ୟ ପ୍ରସ୍ତୁତ ଅଛନ୍ତି ।

ପେସାୱରରେ ଯେଉଁ ଭୟଙ୍କର ଅଗ୍ନିଦାହ ହୋଇ ଯାଇଅଛି ତଦ୍ଦ୍ୱାରା ୧୫୦୦୦ ଲୋକ ଘର ବିନା ପଦାରେ ପଡ଼ି ରହିଥିବାର ସେଠା କମିଶନର ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଓ ଏ ନଗରର ପଞ୍ଚମାଂଶ ପ୍ରାୟ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଅଛି ।

ଗବର୍ଣ୍ଣର ଜେନେରଲ ବାହାଦୁର ଆଗାମୀ ଅକ୍ଟୋବର ମାସରେ ସିମଲାଠାରୁ କଲିକତାକୁ ପ୍ରତ୍ୟାଗମନ କରିବେ ବୋଲି ଶୁଣାଯାଏ । ଫେର ଆସିଲାରୁ ପ୍ରିନ୍ସ ଅବ୍ ୱେଲ୍ସଙ୍କର ଅଭ୍ୟର୍ଥନାର ଆୟୋଜନ ହେବ ।

ସୋମପ୍ରକାଶ ବୋଲନ୍ତି ଯେ ଆମେରିକାର ଏକବ୍ୟକ୍ତି କାଗଜର ନୌକା ପ୍ରସ୍ତୁତ କରି ତହିଁରେ ବସି ଫିଲାଡେଲଫିୟାଠାରୁ ମେକ୍ସିକୋ ଉପସାଗର ପର୍ଯ୍ୟନ୍ତ ଯାଇଥିଲେ । ନୌକାର ଲମ୍ବ ୧୪ ଫିଟ ମୋଟ ୨୮ ଇଞ୍ଚ ଓ ଓସାର ୮୨ ଇଞ୍ଚ ମାତ୍ର । ଦିନକୁ ଦିନ କେତେ ଆଶ୍ଚର୍ଯ୍ୟ କଥା ଶୁଣାଯାଉଅଛି ।

ଡାକ୍ତର ମହେନ୍ଦ୍ରଲାଲ ସରକାରଙ୍କର ବିଜ୍ଞାନ ସଭା ସକାଶେ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ଟ ୧୦୦୦ଙ୍କା ଓ ବାବୁ କାଳୀକୃଷ୍ଣ ଠାକୁର ଟ ୨୫୦୦ଙ୍କା ଦାନ କରିଅଛନ୍ତି । ଏସବୁପାଇଁ ଯେରୂପ ଲୋକଙ୍କର ଉତ୍ସାହ ଓ ବଦାନ୍ୟତା ଦେଖାଯାଏ ତାହା ଅତି ଆନନ୍ଦର ଅଟଇ ।

ଇଂଲିଶଗେଜେଟ ଲେଖିଅଛନ୍ତି ଯେ ବ୍ରହ୍ମାର ରାଜା ଆପଣା ଅଧିକାର ମଧ୍ୟରେ ଘୋଷଣା ଦେଇଅଛନ୍ତି ଯେ ମହାଜନ ଓ ଅପରବ୍ୟକ୍ତିମାନେ ଯେ ଯେଉଁ ବ୍ୟବସାୟ କରୁଅଛନ୍ତି ତାହା ନିଃଶଙ୍କଭାବରେ କରିବେ ଓ କୌଣସି ମତେ ରାଜା ଇଂରେଜଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେବେ ନାହିଁ ।

## ବିଜ୍ଞାପନ ।

ତଳଲିଖିତ ହସ୍ତିମାନ ଆସନ୍ତା ଜୁନମାସ ତା ୧୨ ରଖ ବେଳ ଘ ୩ ଘଣ୍ଟା ସମୟରେ ଉଇଣ୍ଡର ସାହେବଙ୍କ ଘାଟ ନିକଟରେ ନିଲାମ ହେବ ।

ନ ୧ ମ୍ବର ହସ୍ତି ଲମ୍ବ ହା ୪୮ ଇ ଉଚ୍ଚତା ହା ୭୫ ଇ ଚୋଖାଇ ୨୭୫ ବସ୍ତା ୬ ମ ୪୫୦ ।

ନ ୨ ମ୍ବର ହସ୍ତି ଲମ୍ବ ହା ୫୦ ଇ ଉଚ୍ଚତା ହା ୭ ଇ ଚୋଖାଇ ୨୪୦ ବସ୍ତା ୬ ମ ୪୮୦ ।

ନ ୩ ମ୍ବର ହସ୍ତି ଲମ୍ବ ହା ୪୮ ଇ ଉଚ୍ଚତା ହା ୮ ଇ ଚୋଖାଇ ୨୫୦ ବସ୍ତା ୬ ମ ୫୦୦ ।

ସବୁ ନୂତନ ହସ୍ତି ବର୍ଷକର । ଯାହାଙ୍କର ଗ୍ରହଣ କରିବାର ଅବଶ୍ୟକ ଯଥା ସ୍ଥାନ ଓ ସମୟରେ ଉପସ୍ଥିତ ହୋଇଁ ନିଲାମର ସାଧାରଣ ନିୟମମତେ ଡାକ ଦେବେ ।

କଟକ } ସାମୁ ସାମଲ<br>
୧ । ୬ । ୭୫ } । ସା । ମହଲଦାର

ସିଥିଲବହ ଚିକିତ୍ସା ବିଦ୍ୟାଳୟରେ ପ୍ରବେଶାର୍ଥୀ ଛାତ୍ରମାନଙ୍କର ପରୀକ୍ଷା କଟକ ହାଇସ୍କୁଲଠାରେ ଅମ୍ଭଦ୍ୱାରା ଗୃହୀତ ହେବ । ପରୀକ୍ଷାର ସମୟ ପରେ ଜଣାଇ ଦିଆଯିବ । ପ୍ରାର୍ଥୀମାନେ ଶୀଘ୍ର ଅମ୍ଭଠାରେ ଆବେଦନ କରନ୍ତୁ ।

Cuttack } N. K. Dass.<br>
} *Jt. Inspector of*<br>
The 31st May 1875. } *Schools Orissa.*

ମୂଲ୍ୟପ୍ରାପ୍ତି ।

ବାବୁ ରାମଗୋପାଳ ଚକ୍ରବର୍ତ୍ତୀ<br>
ପୁରୀ ବକାୟା ଟ ୬୵<br>
ଶ୍ରୀ ରାଜା ବାହାଦୁର ମୟୂରଭଞ୍ଜ ,, ଟ ୬୧<br>
ବାବୁ ପୁରୁଷୋତ୍ତମ ଦାସ<br>
ସମ୍ବଲପୁର ଅଗ୍ରିମ

☞ ଏହି ଉତ୍କଳଦୀପିକା ସହରର ଯାବଜାରେ କଟକପ୍ରିଣ୍ଟିଂକମ୍ପାନୀଙ୍କ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

ଅ ଢ ଭ ଲ୍ତ ।

ଉତ୍କଳଦୀପିକା ତା ୭ ଉଖ ଜୁନ ସନ ୧୮୭୫ [illegible]

ମୃତ୍ୟୁର ତାଲିକା ବାବତ୍ତ ମାହେ ଅପ୍ରେଲ ସନ

| ବଲେଶ୍ୱର | | ଜଲସୁଘି | | |
|---|---|---|---|---|
| ଭୂମିପରିମାଣ ୩୧୭୮ ବର୍ଗମାଇଲ | | ଭୂମିପରିମାଣ ୨୧୭୦ ବର୍ଗମାଇଲ | | |
| ଲୋକସଂଖ୍ୟା ପୁରୁଷ ୭,୨୯,୩୩୦ ସ୍ତ୍ରୀ ୭୬୯୧୩୪ | | ଲୋକସଂଖ୍ୟା ପୁରୁଷ ୩୮୯୪୯ ସ୍ତ୍ରୀ | | |
| ଜାତିର ବିବରଣ | | ଜାତିର ବିବରଣ | | |
| ଖ୍ରୀଷ୍ଟିଆନ | ଜି ୨୫୧୪ | ... ... ... ଜି | | |
| ମୁସଲମାନ | ଜି ୪୦,୦୧୩ | ... ... ... ଜି | | |
| ହିନ୍ଦୁ | ଜି ୧୪,୩୦,୦୪୦ | ... ... ... ଜି | | |
| ବୌଦ୍ଧ | ଜି ୦ | ... ... ... ଜି | | |
| ଅନ୍ୟାନ୍ୟଜାତି | ଜି ୨୨୪୧୭ | ... ... ... ଜି | | |
| ମୋଟ | ଜି ୧୪,୯୪,୭୮୪ | ଜି ୭୬୯,୭୭୨ | | |
| କେଉଁ ଜାତିରେ କେତେ ମୃତ୍ୟୁ | | କେଉଁ ଜାତିରେ କେତେ ମୃତ୍ୟୁ | | ... ... ଜି |
| ଖ୍ରୀଷ୍ଟିଆନ | ଜି ୨ | ... ... ... ଜି | | |
| ମୁସଲମାନ | ଜି ୪୯ | ... ... ... ଜି | | ଜି ୭ |
| ହିନ୍ଦୁ | ଜି ୧,୬୨୩ | ... ... ... ଜି ୬୦ | | କେଉଁ ଜାତିରେ କେତେ |
| ବୌଦ୍ଧ | ଜି ୦ | ... ... ... ଜି ୦ | | ... ... ... |
| ଅନ୍ୟାନ୍ୟଜାତି | ଜି ୦ | ... ... ... ଜି ୧୬ | | ... ... ... |
| | ଜି ୧,୬୭୦ | ଜି ୬[illegible] | | ... ... ... |

| [illegible]ନ | ପୁରୁଷ | ସ୍ତ୍ରୀ | | ପୁରୁଷ | ସ୍ତ୍ରୀ | | ପୁରୁଷ | ସ୍ତ୍ରୀ |
|---|---|---|---|---|---|---|---|---|
| [illegible] | ୧୬[illegible] | ୧୧୭ | ... ... ... | ୨୫ | | | | |
| ବସନ୍ତ | ୧୬ | ୧୬ | ... ... ... | ୩ | ୮ | ... ... | ଜି ୭ | ୧୮ |
| ଜ୍ୱର | ୩୨୭ | ୨୯୩ | ... ... ... | ୧୧୮ | ୯୩ | ... ... | ଜି ୬୩ | ୭୯ |
| ଉଦରରୋଗ | ୧୦୭ | ୭୯ | ... ... ... | ୩୭ | ୪୦ | ... ... | ଜି ୬୩ | ୩୮ |
| ଅତ୍ମହତ୍ୟା | ୨ | ୯ | ... ... ... | ୧ | ୦ | ... ... | ଜି ୦ | ୮ |
| ଆଘାତ | ୧ | ୦ | ... ... ... | ୦ | ୦ | ... ... | ଜି ୦ | ୧ |
| ଦୁର୍ଘଟଣା | ୧୦ | ୧୧ | ... ... ... | ୫ | ୫ | ... ... | ଜି ୨ | ୨ |
| ସର୍ପାଘାତ ଓ ହିଂସ୍ରଜନ୍ତୁଦ୍ୱାରା ହତ | ୮ | ୮ | ... ... ... | ୨ | ୩ | ... ... | ଜି ୨ | ୫ |
| ଅନ୍ୟକାରଣ | ୨୮୧ | ୨୭୦ | ... ... ... | ୧୬୪ | ୧୦୬ | ... ... | ଜି ୯୩ | ୬୬ |
| ମୋଟ | ୮୬୬ | ୮୦୩ | | ୩୬୫ | ୩୦୨ | | ଜି ୪୩୪ | ୪୩୦ |
| ଯେତେ ବୟସରେ ମୃତ୍ୟୁ | | | ଯେତେ ବୟସରେ ମୃତ୍ୟୁ | | | ଯେତେ ବୟସରେ ମୃତ୍ୟୁ | | |
| | ପୁରୁଷ | ସ୍ତ୍ରୀ | | ପୁରୁଷ | ସ୍ତ୍ରୀ | | ପୁରୁଷ | ସ୍ତ୍ରୀ |
| ମୃତଜାତ | ୨୨ | ୨୬ | ... ... ... | ୨୬ | ୧୬ | ... ... | ଜି ୧୩ | ୧୩ |
| ଏକବର୍ଷର ଅନଧିକ | ୧୬୬ | ୧୩୨ | ... ... ... | ୫୬ | ୫୮ | ... ... | ଜି ୪୦ | ୧୯ |
| ପାଞ୍ଚ ବର୍ଷ | ୧୪୩ | ୧୨୫ | ... ... ... | ୪୨ | ୩୪ | ... ... | ଜି ୪୨ | ୪୨ |
| " ୧୨ | ୫୨ | ୫୨ | ... ... ... | ୮ | ୧୨ | ... ... | ଜି ୨୧ | ୩୧ |
| " ୨୦ | ୪୪ | ୯୪ | ... ... ... | ୩୪ | ୩୨ | ... ... | ଜି ୩୧ | ୫୦ |
| " ୩୦ | ୯୪ | ୯୯ | ... ... ... | ୩୫ | ୫୧ | ... ... | ଜି ୫୮ | ୬୯ |
| " ୪୦ | ୧୫୦ | ୬୦ | ... ... ... | ୪୨ | ୨୪ | ... ... | ଜି ୬୪ | ୫୧ |
| " ୫୦ | ୬୮ | ୪୦ | ... ... ... | ୩୯ | ୧୯ | ... ... | ଜି ୬୬ | ୩୩ |
| " ୬୦ | ୭୪ | ୬୬ | ... ... ... | ୩୫ | ୩୧ | ... ... | ଜି ୫୨ | ୫୬ |
| ବର୍ଷର ଉର୍ଦ୍ଧ୍ୱ | ୮୩ | ୧୧୮ | ... ... ... | ୪୩ | ୨୪ | ... ... | ଜି ୪୬ | ୪୬ |
| ମୋଟ | ୮୬୬ | ୮୦୩ | | ୩୬୫ | ୩୦୨ | | ୪୩୪ | ୪୩୦ |

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦
ସଂଖ୍ୟା ୨୩

ତା ୫ ରିଖ ଜୁନ ସନ ୧୮୭୫ ମସିହା । ମୂ । ଜ୍ୟେଷ୍ଠ ଦ ୨୪ ଦିନ ସନ ୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧।୵

ଅବାଲତ ପୋଖରୀ ଜଳ ଦମକଲଦ୍ୱାରା ଶୁଖାଇବାର ପ୍ରସଙ୍ଗ ଆମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ ମାତ୍ର ଗତ ଶନିବାର ଦିନରେ କିଛି ପାଣି ଉଠି ନ ଥିଲା ସେଦିନ ପାଣି ଉଠିବାରୁ ଗୋଟିଏ ଘଣ୍ଟା ଯାଏ ଲାଗିଲା ଓ ନଗର ଛଡ଼ା ତହିଁ ଆଖପାଖ ଲୋକସୁଦ୍ଧା କୌତୁକ ଦେଖିବାକୁ ଆସିଥିଲେ ଫଳତଃ ଦମକଲଦ୍ୱାରା ଏତେ ସହଜରେ ଓ ଏମନ୍ତ ଶୀଘ୍ର ଜଳ ଉଠେ ବୋଲି ଲୋକଙ୍କୁ ଜଣା ନ ଥିଲା ବର୍ତ୍ତମାନ ତାହା ପ୍ରତ୍ୟକ୍ଷ କରିବାରେ ତାହାଙ୍କର ଯେମନ୍ତ କୌତୁକ ସେହିପରି ଶିକ୍ଷା ହୋଇଅଛି ଏଣିକି ବହୁତ ଜଳ ଥିବା ପୋଖରୀସବୁକୁ ଶୁଖାଇବାକୁ ହେଲେ ଦମକଲ ବିନା କେହି ସେଣକୁ ପଶିବେ ନାହିଁ ଓ ସେପରି ହେଲେ ଏଠାରେ ଗୋଟିଏ ଉପକାର ହେଲା ବୋଲିବାକୁ ହେବ । ମାତ୍ର ପୋଖରୀଟିର ପଙ୍କ ଉଦ୍ଧାର ହେବା ବିଷୟରେ ଆମ୍ଭମାନଙ୍କର ଘୋର ସନ୍ଦେହ ହୁଅଇ । କଳ ଲଗାଇ କଣ୍ଟ୍ରାକ୍ଟର ଦୁଇ ଛଅଦିନେ ପାଣି ଶୁଖାଇ ଦେଲେ ସତ୍ୟ ଓ ଅଧିକ ମନୁଷ୍ୟ ଲଗାଇ ଅଳ୍ପ ଦିନରେ ପଙ୍କସବୁ ପୋଖରୀ ଭିତରୁ ପୋଛି ଆଣି ଯେମନ୍ତ ଚୂଇପାଖ ବାଡ଼ି ଓ ଗଡ଼ନ୍ତରେ ପକାଉଅଛନ୍ତି ସେହିପରି ପକାଇ ଦେଇପାରିବେ ଏଥିରେ ମଧ୍ୟ ସନ୍ଦେହ ନାହିଁ କିନ୍ତୁ ଏସବୁ କରୁଁ କରୁଁ ବର୍ଷାକାଳ ଆରମ୍ଭ ହେଲା ଉପରେ ପଡ଼ିବା ମାଟି ବସିଯିବା ଓ ତହିଁ ଉପରେ ଚେତା ଛଡ଼ିଣି ହେବାର ଅଉ କାଳ ନାହିଁ ସୁତରାଂ ଯେଉଁ ମାଟି ଭିତରୁ ପୋଛି ହୋଇଁ ଉପରେ ପଡ଼ିଅଛି ତାହା ସମସ୍ତ ବର୍ଷାଜଳରେ ପୁନର୍ବାର ଜଳକୁ ବହିଆସିବ ବର୍ଷାକାଳ ଉତ୍ତାରୁ ପୋଖରୀଟି ପୂର୍ବପ୍ରାପ୍ତ ଆକାର ଧାରଣ କରିବ ସୁତରାଂ କେବଳ ଟଙ୍କା ଖର୍ଚ୍ଚ ଓ ପରିଶ୍ରମ ସାର ହେଲା । ଉପକାର କିଛି ମାତ୍ର ହେଲା ନାହିଁ । ସରକାର କୌଡ଼ି ବୋଲିସିନା ଏମନ୍ତ ବରବାଦ ହେଉଅଛି ଆପଣା କୌଡ଼ି କୌଣସି ବିବେକ ଲୋକ ଏପରି ଖର୍ଚ୍ଚ କରିବ ନାହିଁ ।

---

ଗତ ପ୍ରକାଶିତ ଉତ୍କଳ ହିତୈଷିଣୀରୁ ଜଣାଯାଏ ଯେ ବାଲେଶ୍ୱରର କୌଣସି ବ୍ୟକ୍ତି ଉକ୍ତ ପତ୍ରିକାର ପ୍ରଶଂସାସୂଚକ ଖଣ୍ଡିଏ ପତ୍ର ଉତ୍କଳସମ୍ବାଦ ପତ୍ରିକାରେ ପ୍ରକାଶ କରାଇଥିଲେ ତହିଁର ଅଗସ୍ତ କରି ହିତୈଷିଣୀ ଅନେକ ଆତ୍ମପ୍ରଶଂସା ଗାନ କରିଅଛନ୍ତି । ଆପଣା ପ୍ରଶଂସା ଶୁଣିଲେ ତହିଁରେ ଆନନ୍ଦିତ ହେବାର ମନୁଷ୍ୟର ସ୍ୱଭାବସିଦ୍ଧ ଓ ପ୍ରଶଂସାପତ୍ର ଦେଖାଇ ବୁଲି ତହିଁ ସଙ୍ଗେ ଆପଣା କ୍ଷମତାର ପରିଚୟ ଦେବା ଓ ଆତ୍ମପ୍ରଶଂସା କରିବା ମଧ୍ୟ ସମସ୍ତଙ୍କ ପକ୍ଷରେ ଉଚିତ ହେଉ ବା ନ ହେଉ ଉମେଦବାରଙ୍କ ପକ୍ଷରେ ତାହା ଅବଶ୍ୟ କର୍ତ୍ତବ୍ୟ ବୋଲି ବୋଲିବାକୁ ହେବ । ପୁଣି ଉତ୍କଳ ହିତୈଷିଣୀ ପ୍ରକୃତ ଉମେଦବାରପରି ଯେମନ୍ତ ଆପଣାର ଯୋଗ୍ୟତାର ପ୍ରଶଂସାପତ୍ର ଦେଖାଇ ଅଛନ୍ତି ସେହିପରି ସେକ୍ରେଟାରୀ ବିନା ତାହାଙ୍କର ଲୁଥମ୍ (କଣ୍ଟ୍ରୋଲର ପ୍ରଭୃତି) ଗତମରିବା ଓ ସେହି ହେତୁରୁ ଯଥା ନିୟମରେ କାଗଜଖଣ୍ଡିକ ବାହାର କରିବାକୁ ଅକ୍ଷମ ହେବା ଇତ୍ୟାଦି ଦୁଃଖର କାହାଣୀ ମଧ୍ୟ କହି ଅଛନ୍ତି ।

ବିଶେଷରେ ସେ ପ୍ରସ୍ତାବରେ ଏହାମଧ୍ୟ ଲେଖାଯାଇ ଅଛି ଯେ ସାହାଯ୍ୟ ପାଇଲେ ସେ ଯଥାର୍ଥରୂପେ ଆପଣା କର୍ତ୍ତବ୍ୟକର୍ମ କରିବେ । ସୁତରାଂ ସର୍ବପ୍ରକାରରେ ତାହା ଉମେଦବାର ଦରଖାସ୍ତପରି ହୋଇଅଛି । ଯାହା ହେଉ ସମସ୍ତେ ଆପଣା ମଙ୍ଗଳ ଲୋଡ଼ନ୍ତି ଓ ହିତୈଷିଣୀଙ୍କର ଏପରି ଲେଖିବାରେ ଅନ୍ୟ କାହାରି କିଛି ଆପତ୍ତି ନ ଥିଲା କିନ୍ତୁ ବଡ଼ ଦୁଃଖର ବିଷୟ ଯେ ତହିଁ ସଙ୍ଗେ ହିତୈଷିଣୀ ଅନ୍ୟ ପତ୍ରିକାମାନଙ୍କୁ କେବଳ ନିନ୍ଦା କରିଅଛନ୍ତି ଏମନ୍ତ ନୁହେ ତାହାଙ୍କ ନାମରେ ମିଥ୍ୟାପବାଦ ମଧ୍ୟ ଦେଇଅଛନ୍ତି । ସେ ଲେଖିଅଛନ୍ତି ଯେ ଓଡ଼ିଶାର ଅନ୍ୟ ସମ୍ବାଦପତ୍ରଙ୍କ ପରି ସେ ଗବର୍ଣ୍ଣମେଣ୍ଟଙ୍କର ବୃତ୍ତି ଉପରେ ନିର୍ଭର କରନାହାନ୍ତି ଏଥିର ଅର୍ଥ କଣ ? ଓଡ଼ିଶାର ଆଉ କାଗଜସବୁ ସଂବାଦପତ୍ର ଗବର୍ଣ୍ଣମେଣ୍ଟ ବୃତ୍ତି ଭୋଗ କରୁଅଛନ୍ତି ଏବା ହିତୈଷିଣୀ ତହିଁର ଅପେକ୍ଷା ନ ରଖି ଜନସମାଜରେ ଆପଣା ଟେକପଣ ଦେଖାଉଅଛନ୍ତି ! କଟକର କେଉଁ ସମ୍ବାଦପତ୍ର ଗବର୍ଣ୍ଣମେଣ୍ଟ ବୃତ୍ତି ପାଇବାର ହିତୈଷିଣୀ ଜାଣନ୍ତି ଓ ଯେବେକି ବାଲେଶ୍ୱରର ଉଭୟପତ୍ରିକା ସରକାର ବାର୍ଷିକ ଏକଶତଟଙ୍କା ଦେବା ସକାଶେ ସ୍ୱୀକାର କରୁଅଛନ୍ତି

Digitized by srujanika@gmail.com

Split by PDF Splitter



ମାତ୍ର ତାହା ସରକାର କାହିଁକି ଦେବାକୁ ସ୍ୱୀକାର କରିଥିଲେ ଓ ଏପର୍ଯ୍ୟନ୍ତ କିଏ ଅବା ତାହା ଲୋପ କଲାଣି? ପର ନାମରେ ମିଥ୍ୟାପବାଦ ଦେବା ଭିନ୍ନ ଯେଉଁ ଲୋକ ଆପଣାର ମହତ୍ତ୍ୱ ଅନ୍ୟ କୌଣସିରୂପେ ଦେଖାଇ ନ ପାରେ ସେ ଯେ କିପ୍ରକାର ଲୋକ ପାଠକମାନେ ତହିଁର ବିଚାର କରିବେ ଆମ୍ଭେମାନେ ଏପ୍ରକାରଲୋକଙ୍କୁ ଅତ୍ୟନ୍ତ ଦୟାର ପାତ୍ର ଜ୍ଞାନ କରୁ ।

---

ବଙ୍ଗଳାର ଅବକାରୀ ନିୟମ ।

ଗତମାସ ତା ୨୬ ରିଖର କଲିକତା ଗେଜେଟରେ ବଙ୍ଗଳାବିଭାଗର ଅବକାରୀ ନିୟମ ସମ୍ପର୍କରେ କେତେଗୁଡ଼ିଏ କାଗଜ ଛପା ହୋଇଅଛି ସେ ସବୁ ପଢ଼ିବାକୁ ଅତି ସୁଖକର ଓ ତହିଁରେ ଅନେକ ପ୍ରକାର ମତାମତ ପ୍ରକାଶ ହୋଇ ଅଛି ଆମ୍ଭମାନଙ୍କର କ୍ଷୁଦ୍ର ପତ୍ରିକାରେ ସ୍ଥାନାଭାବ ହେତୁରୁ ତହିଁର ମର୍ମ ଅତି ସଂକ୍ଷେପରୂପେ ପାଠକଙ୍କୁ ଜଣାଉ ଅଛୁଁ ।

ସମ୍ପ୍ରତି ଯେଉଁ ନିୟମରେ ବଙ୍ଗ ପ୍ରଦେଶର ଅବକାରୀ ମହଲୁମାର କାର୍ଯ୍ୟ ଚଳୁଅଛି ତହିଁରେ ମାଦକଦ୍ରବ୍ୟ ସେବନ ରହିତ ନ ହୋଇ ଉନ୍ମତ୍ତତାର ବୃଦ୍ଧି ହେବାର ଜ୍ଞାନ କରି ତହିଁର ପ୍ରତୀକାର କରିବା ଉଦ୍ଦେଶରେ ବଙ୍ଗଳାର କେତେକ ସମ୍ଭ୍ରାନ୍ତବ୍ୟକ୍ତି ବା ସବୁରୁ ଆବେଦନ ପତ୍ରମାନ ଇଣ୍ଡିଆ ଓ ବଙ୍ଗଳା ଗବର୍ଣ୍ଣମେଣ୍ଟରେ ପ୍ରଦତ୍ତ ହୋଇଥିଲା । ସେ ସବୁ ବୋର୍ଡ଼ରେବିନ୍ୟୁର ମତ ସହିତେ ଗବର୍ଣ୍ଣମେଣ୍ଟ ପଠାଇବାରୁ ଅବକାରୀ ଏଲାକାର ଭାରପ୍ରାପ୍ତ ମେମ୍ବର ଗ୍ରାଣ୍ଟଲୁ ମହାସାହେବ ଗୋଟିଏ ସୁଦୀର୍ଘ ରିପୋର୍ଟ ପଠାଇ ଅଛନ୍ତି ଯେ ତହିଁରେ ଅନ୍ୟାନ୍ୟ କଥା ମଧ୍ୟରେ ନିମ୍ନଲିଖିତ ପ୍ରସଙ୍ଗମାନ ଅଛି । ମହାସାହେବ କହନ୍ତି ଯେ ମଦ୍ୟପାନର ଅଭ୍ୟାସ ପୂର୍ବଠାରୁ ଅନେକ ବଢ଼ିଅଛି ବିଶେଷତଃ ନଗର ଓ ଭଦ୍ର ଶ୍ରେଣୀ ମଧ୍ୟରେ ଅଧିକ ବୃଦ୍ଧି ଦେଖାଯାଏ ମାତ୍ର ଅବକାରୀ ମହଲୁମାର ଦୋଷରୁ ତାହା ହୋଇ ନାହିଁ । ଉଚ୍ଚଶ୍ରେଣୀର ଲୋକଙ୍କ ମଧ୍ୟରେ ପାନଦୋଷ ବୃଦ୍ଧି ହେବାର ତିନିଜଣ ଅର୍ଥାତ୍ ଓଡ଼ିଶା ଭାଗଲପୁର ଓ ଢାକାର କମିଶନରମାନେ ସାକ୍ଷ ଦେଇ ଅଛନ୍ତି କେତେକଜଣ କଲେକ୍ଟର ମଧ୍ୟ ଏହିପରି ମତ ଦେଇ ଅଛନ୍ତି । ଇଂରାଜୀ ଶିକ୍ଷା ସହିତ ପାନଦୋଷର ବିଶେଷ ପ୍ରଣୟ ଥିବାର ମଧ୍ୟ ଏମାନେ କହି ଅଛନ୍ତି ଗ୍ରାଣ୍ଟଲୁ ମହାସାହେବ ବୋଲନ୍ତି ଯେ ଉଚ୍ଚଶ୍ରେଣୀର ଲୋକଙ୍କ ପାନପ୍ରବୃତ୍ତି ନିବାରଣ ପକ୍ଷରେ କୌଣସି ବିଧାନ କରିବା ଅସମ୍ଭବ କାରଣ ସେମାନେ ବିଲାତି ସରାବ ଆପଣାଘରେ ବସି ପାନ କରନ୍ତି । ଦେଶୀୟ ସରାବ ବ୍ୟବହାର କରନ୍ତି ନାହିଁ ବା ଦୋକାନକୁ ଆସନ୍ତି ନାହିଁ । ବିଲାତି ମଦର ମାସୁଲ ଯାହା ଅଛି ତାହା ବଢ଼ିଲେ ମଧ୍ୟ ବିଶେଷ ଫଳ ନାହିଁ କାରଣ ତହିଁରେ ଇଉରୋପୀୟଙ୍କର ବିଶେଷ କଷ୍ଟ ହେବ ବଙ୍ଗଳାର ଅଧିକାଂଶ ଲୋକ ଯେ ମଦପାନ କରନ୍ତି ବୋଲି ଶୁଣାଯାଏ ଏକଥା ମଧ୍ୟ ସତ୍ୟ ନୁହଇ କାରଣ ହିସାବଦ୍ୱାରା ଦେଖାଯାଏ ଯେ ପ୍ରତ୍ୟେକ ମନୁଷ୍ୟ ହାରାହାରି ବର୍ଷରେ ୧୦ପାଇ ମଦ୍ୟର ମାସୁଲ ଦିଅଇ ଓ ଏଥିରେ ପୁଣି ଇଂରାଜ ଲୋକଙ୍କର ଖର୍ଚ୍ଚ ଅଧିକ ଅଛି ଇଂଲଣ୍ଡ ସଙ୍ଗେ ତୁଳନା କଲେ ସେଠାଲୋକମାନେ ଜଣକେ ହାରାହାରି ବାର୍ଷିକ ୫ ୧୦୯ ଅବକାରୀ ମାସୁଲ ଦିଅଇ । ବିଶେଷତଃ ବଙ୍ଗଳାର ଦେଶୀୟ ସରାବ ଅତି ଦୁର୍ବଳ ସୁତରାଂ ମତୁଆଲା ହେବା ଏଥିର ସାଧାରଣ ଫଳ ନୁହଇ ମାତ୍ର ଅକସ୍ମାତ ଘଟନା । ଅଳ୍ପ ମଦପାନଦ୍ୱାରା ଲୋକେ ଗୁରୁତର ଅପରାଧ କରିବାର ପ୍ରବୃତ୍ତି ଦେଖା ନ ଯାଏ । ଯାହାର ସେପରି ପ୍ରବୃତ୍ତି ମଦ୍ୟପାନଦ୍ୱାରା ତାହା ବୃଦ୍ଧି ହୁଅଇ ମାତ୍ର ସେପରି ପ୍ରବୃତ୍ତି ଜାତ ହୁଅଇ ନାହିଁ । ଏ ବିଷୟରେ କଲିକତାର ପ୍ରସିଦ୍ଧ ପୁଲିସ କମିଶନର ଓ୍ୱାକପସାହେବ ମତ ଦେଇ ଅଛନ୍ତି ।

ପରଶେଷରେ ଗ୍ରାଣ୍ଟଲୁ ମହାସାହେବ କହି ଅଛନ୍ତି ଯେ ଗବର୍ଣ୍ଣମେଣ୍ଟ ଯେତେ ଉପାୟ କରନ୍ତୁ ଏ ଦେଶର ଲୋକଙ୍କ ମଧ୍ୟରୁ କିୟଦଂଶ ଯେ ମଦ୍ୟପାନ ନ କରିବେ ବା ଅବକାରୀ ରାଜସ୍ୱ ବୃଦ୍ଧି ନ ହେବ ଏମନ୍ତ ହୋଇ ନ ପାରେ । ଉଚ୍ଚଶ୍ରେଣୀର ଲୋକମାନେ ଯେତେ ଇଉରୋପୀୟ ବ୍ୟବହାରକୁ ଅନୁକରଣ କରିବେ ତେତେ ଭଲ ମନ୍ଦ ଉଭୟକୁ ଗ୍ରହଣ କରିବେ ଏବଂ ମଧ୍ୟମ ଓ ନିମ୍ନଶ୍ରେଣୀର ଲୋକଙ୍କ ଅବସ୍ଥା ଯେତେ ଭଲ ହେଉଥିବ, କୃଷି ଓ ବାଣିଜ୍ୟ ଯେତେ ବିସ୍ତାର ହେବ ଓ ଲୋକସଂଖ୍ୟା ଯେତେ ବଢ଼ିବ ସେମାନେ ତେତେ ଅଧିକ ଲୁଗା ପିନ୍ଧିବେ, ଅଧିକ ଖାଇବେ ଓ ଅଧିକ ମଦପାନ କରିବେ ଏ ପ୍ରଦେଶରେ ସ୍ୱେଚ୍ଛାମତ ପ୍ରସ୍ତୁତ ଓ ବିକ୍ରୟ କରିବାର ବିସ୍ତର ସୁଯୋଗ ଥିବାରୁ ଲୋକଙ୍କ ପରିମିତପାନ ଅଭ୍ୟାସ କରାଇବା କଠିନ ଅଟଇ । ଗବର୍ଣ୍ଣମେଣ୍ଟ କେବଳ ଏତିକି କରି ପାରନ୍ତି ଯେ ଲୋକଙ୍କର ପ୍ରୟୋଜନ ଯୋଗାଇବେ ମାତ୍ର ତାହା ବଢ଼ାଇବେ ନାହିଁ ।

ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କ ମନ୍ତବ୍ୟର ପ୍ରକାଶ ଯେ ସେ ମହାସାହେବଙ୍କ ମତରେ ଐକ୍ୟ ହୋଇ ଅଛନ୍ତି । ସର ରିଚର୍ଡ ଟେମ୍ପଲ ବୋଲନ୍ତି ଯେ ବଙ୍ଗଳାର ଲୋକମାନେ ସ୍ୱଭାବତଃ ପରିମିତାଚାରୀ ଓ ଶାନ୍ତ ଅଟନ୍ତି ଓ ମୋଟ ଲୋକସଂଖ୍ୟା ଧରି ବିଚାର କଲେ ଜଣକେ ବର୍ଷ ମଧ୍ୟରେ ଏକ ଗ୍ଲାସମଦରୁ ଅଧିକ ପିଇବାର ପ୍ରକାଶ ପାଉ ନାହିଁ ମଦପାନଦ୍ୱାରା ଅପରାଧ ବଢ଼ିବାର ମଧ୍ୟ ପ୍ରମାଣ ନାହିଁ । ଏହିପରି ଅଫିମ ସମ୍ପର୍କରେ ଦେଖାଯାଏ ତ ୧୪ ଣ ମନୁଷ୍ୟରେ ବର୍ଷରେ ଅର୍ଦ୍ଧ ଛଟାକ ମାତ୍ର ସେବନ କରନ୍ତି । ଏମନ୍ତ ଅନୁମାନ ହୁଅଇ ଯେ ଅନେକଲୋକ କେବେ ମଦ ଦେଖି ନାହାନ୍ତି । ଯେଉଁଠାରେ ଅନେକ କୁଲି ମଜୁର ଦଳବଦ୍ଧ ହୋଇ କର୍ମ କରନ୍ତି ସେଠାରେ ପାନ ଦୋଷ ଦେଖାଯାଏ ମାତ୍ର ଏହାଙ୍କ ଅଧିକ ଉଣା ହେତୁରୁ ଏମାନେ ଅଧିକ ପାନ କରି ନ ପାରନ୍ତି ଏବଂ ଏମାନଙ୍କର କଠିନ ଶ୍ରମକୁ ସ୍ମରଣ କଲେ ଏମାନେ ଅଧିକ ପାନ କରିବାର ଶଙ୍କା ହୋଇ ନ ପାରେ । ମାତ୍ର କଲିକତା ଓ ତହିଁର ଚତୁଃପାର୍ଶ୍ୱ ଶିକ୍ଷିତ ଓ ଭଦ୍ରସମାଜରେ ପାନଦୋଷର ବୃଦ୍ଧି ହେବା ବଡ଼ ଶୋଚନୀୟ ଅଟଇ । ଏ ଦୋଷ ନିବାରଣ ଉଦ୍ଦେଶରେ କେତେକ ଉପାୟ ହୋଇଅଛି ମାତ୍ର ଲୋକମାନେ ଆପଣା ଧର୍ମନୀତି ବୃତ୍ତିକୁ ଉତ୍ତେଜିତ ନ କଲେ ଏଥିର ପ୍ରକୃତ ପ୍ରତୀକାର ହୋଇ ନ ପାରେ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏସମସ୍ତ ପାଠକରି ଗ୍ରାଣ୍ଟଲୁ ମହାସାହେବଙ୍କ ସହିତ ଐକ୍ୟ ହୋଇ କହିଅଛନ୍ତି ଯେ ମଦ ବିକ୍ରୟ ପକ୍ଷରେ ଅଧିକ କଠିନ ନିୟମ କଲେ କେବଳ ଚୋରା ବିକ୍ରୀ ବଢ଼ିବ ସୁତରାଂ ସରକାରୀ କର୍ମଚାରୀଙ୍କର ଉତ୍ପାତ ବା ଦୋକାନର ସଂଖ୍ୟା ଯେତେ ଉଣା ହୋଇ ପାରେ ତାହା କରିବେ ।

ଏଥିରୁ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟ ଗ୍ରାଣ୍ଟଲୁ ମହାସାହେବଙ୍କ ମତକୁ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରି ଅଛନ୍ତି ଓ ବାସ୍ତବରେ ଆମ୍ଭମାନଙ୍କ ବୁଝିବାରେ ମହାସାହେବ ଆପଣା ମତକୁ ସୁନ୍ଦର ଯୁକ୍ତିଦ୍ୱାରା ସପ୍ରମାଣ କରିଅଛନ୍ତି । ବଙ୍ଗଳାରେ ପାନଦୋଷ ବିଶେଷ ବୃଦ୍ଧି ହେବାର ସନ୍ଦେହ କହନ୍ତି ସତ୍ୟ ମାତ୍ର ତହିଁର କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ କେବଳ ଏତିକି ବୋଲିଯାଇ ପାରେ ଯେ ପୂର୍ବେ ମଦପାନ

Digitized by srujanika@gmail.com

Split by PDF Splitter



...ସମୟରେ ଧର୍ମସଂକ୍ରାନ୍ତ ଯେଉ ସଂସ୍କାର ଥିଲା ତାହା ଏଣିକି କଟିଯିବାରେ ଅନେକଲୋକ ମଦ ଖାଇବାର ଦେଖାଯାଏ ମାତ୍ର ସର୍ବଦା ମଦପାନରେ ମତୁଆଲ ହେବାର ଅଧିକ ଦେଖାଯାଏ ନାହିଁ ବରଂ ବିଶେଷ ପର୍ଯ୍ୟାଲୋଚନା କରି ଦେଖିଲେ ପ୍ରତ୍ୟକ୍ଷ ହେବ ଯେ ପୂର୍ବଠାରୁ ମତୁଆଲଙ୍କ ସଂଖ୍ୟା ଊଣା ହୋଇ ଆସୁଅଛି ।

ପ୍ରାପ୍ତ

## ଗଡ଼ଜାତର କାହିଁରେ ଉନ୍ନତି ହେବ ?

( ଗତ ପ୍ରକାଶିତ ଉତ୍ତାରୁ )

### ଭଞ୍ଜପୁରରେ ଦଣ୍ଡବିଧି ।

ପୂର୍ବେ ଗଡ଼ଜାତ ରାଜାମାନେ ଯେଉଁସବୁ ଭୟାନକ ଦଣ୍ଡ ଦେଉଥିଲେ ତାହା ନ୍ୟୂନାଧିକରେ ଅସ୍ମଦେଶୀୟ ସମସ୍ତ ବ୍ୟକ୍ତିଙ୍କି ପ୍ରାୟ ଅବଗତ ଅଛି । କରତରେ ଚିରି ଦେବା, କୁକୁର ଲଗାଇ ଦେବା, ଢେଙ୍କିରେ ମୁଣ୍ଡ କୁଟାଇ ଦେବା ଓ ଅଙ୍ଗୁଳିମାନଙ୍କର ନଖ ମଧ୍ୟରେ ବାଉଁସକାଠି ଫୋଡି ତହିଁରେ ତେଲକନା ଗୁଡ଼ାଇ ମସାଲ ଜାଳିବା ପ୍ରଭୃତି ଭୟାନକ ଦଣ୍ଡମାନ ରହିତ ହୋଇଥିଲେହେଁ ସାମାନ୍ୟ ଅପରାଧରେ ଅଥବା ନିରପରାଧରେ ଯେଉଁସବୁ ଦଣ୍ଡ କୌଣସି କୌଣସି ସ୍ଥଳରେ ବ୍ୟବହାର ହେଉଅଛି ତାହା ବର୍ତ୍ତମାନ ସମୟରେ ଶ୍ରବଣ କଲେ ଚକିତ ହେବାକୁ ହୁଅଇ । ଦୃଷ୍ଟାନ୍ତ ଯେମନ ଯେବେ କୌଣସି ବ୍ୟକ୍ତି ଗଡ଼ମଧ୍ୟରେ ବାଟରେ ଗୁଳିବ ତେବେ ତାହାପ୍ରତି ଅର୍ଥଦଣ୍ଡ ଓ ଯଥେଷ୍ଟ ନାସ୍ତି ଅପମାନ କରିବା । କୌଣସିବ୍ୟକ୍ତି ଯେବେ ପିନ୍ଧା ଲମ୍ବାଇ ବାଟ ଗୁଳିଲା ତେବେ ଖନ୍ଦୁଆମାନେ କହିଲେ ଯେ ଅଙ୍କା ଏହାର ଅନେକଟଙ୍କା ହେଲାଣି ଏ ଗୋସେଇଁଙ୍କୁ ହଜାର ପଞ୍ଚାଶ ଦେଇ ରାଜାଙ୍କ ଆଜ୍ଞାରେ ତାହାପ୍ରତି ଦାବି ହୁଏ ଯେ ତୁମ୍ଭେ ରାଜ୍ୟରେ ଥାଇଁ ଏତେଧନ ଉପାର୍ଜ୍ଜନ କଲ ଅଥବା ତୁମ୍ଭର ଏତେଧ୍ୟରୁଷ ହେଲା ରାଜଦାଣ୍ଡରେ ଗୁଳିର କର ଜମା ପାରୁପଣ କରି ଏତେ ଟଙ୍କା ନେଲ ସରକାରର ପ୍ରୟୋଜନ ଅଛି ତୁମ୍ଭେ ହଜାର କି ପାଞ୍ଚଶଟଙ୍କା ଦିଅ । ଯେ ଦେଲା ସେତ ତ୍ରାହି ପାଇଲା, ନଭୁବା ଯାହାର ନାହିଁ ଅଥବା ଯେ ଲୋଭ ପରିତ୍ୟାଗ ନ କଲା ସେ ଅସ୍ୱୀକୃତ ହେଲେ ତାହାକୁ ଆଦ୍ୟରେ ଶାରୀରିକ ଦଣ୍ଡ ଦିଆଯାଏ ତହିଁରେ ନ ଦେଲେ ତ ଦେଇ ନ ପାରିଲେ ତାହାର ଘର ଦୁଆର ଆଣିବାର ଆଦେଶ ହୁଏ । ଶାରୀରିକ ଦଣ୍ଡ ଏହି ଯେ ଖରା ଦିନରେ ଖରାରେ ବସାଇ ରଖିବା, ଶୀତଦିନରେ ରାତ୍ରିରେ ଜାକରରେ ବସାଇ ଜଳ ଢାଳିବା ଓ ଯେଉଁ ପୁଷ୍କରିଣୀରେ ଜଳୌକା ଥାନ୍ତି ସେ ପୁଷ୍କରିଣୀ ମଧ୍ୟରେ ଜଳରେ ଠିଆ କରି ରଖିବା ଓ ମାଡ଼ ମରାଇବା ଇତ୍ୟାଦିପ୍ରକାର ଦୁଃସହ ଯନ୍ତ୍ରଣା ଦିଅନ୍ତି । ଅଳ୍ପଦିନ ପୂର୍ବେ ଶୁଣା ହେଉଥିଲା ଯେ ଏକସ୍ଥାନରେ ଜଣକର ଗୁହ୍ୟଦ୍ୱାର ଦେଇ ଗୋଟାଏ ଯୋକ ପ୍ରବେଶ କରିବାରୁ ସେ ମରିଗଲା । କେବଳ ଗୋଟିଏ କି ଦୁଇଟି ମନୁଷ୍ୟ ଏକ କାଳରେ ଦଣ୍ଡ ପାନ୍ତି ଏପରି ମଧ୍ୟ ନୁହଇ । ଅନେକସ୍ଥଳରେ ଦଶ, ବିଂଶ ଓ ପଞ୍ଚଶଜଣ ମନୁଷ୍ୟଙ୍କୁ ଏକତ୍ର ଖରାରେ କି ରାତ୍ରରେ ଶୀତରେ ଅଥବା ଜଳରେ ବସାଇ ରଖି ବଳାତ୍କାରପୂର୍ବକ ଅର୍ଥଗ୍ରହଣ କରନ୍ତି । ଉତ୍କଳଦେଶର ନିବାସିମାନଙ୍କର ନିରୀହସ୍ୱଭାବ ଯେଉଁମାନେ ଅବଗତ ଅଛନ୍ତି ସେମାନେ ଏହା କଦାପି ଅସମ୍ଭବ ମଣିବେ ନାହିଁ ଯେ ଦୁଃଖି ଓ ସହାୟହୀନ ପ୍ରଜାମାନେ ଏପ୍ରକାର କ୍ଲେଶ ସହ୍ୟ କରି ସ୍ୱୀୟ ସ୍ୱସ୍ଥାନ ପରିତ୍ୟାଗ କରି ଯାଉ ନାହାନ୍ତି କି ଏକତ୍ରିତ ହୋଇ କମିଶ୍ନର ପ୍ରଭୃତି ସାହେବଙ୍କଠାରେ ଆବେଦନ କରି ଆପଣାର ଦୁଃଖ ମୋଚନରେ ଯତ୍ନବାନ୍ ହେଉ ନାହାନ୍ତି ।

ଗୋଟିଏ ଦୁଃଖୀ ପ୍ରଜାର ଅଳ୍ପଦିନ ପୂର୍ବେ ଘଟିଥିବା କୌଣସି ଦୁର୍ଦ୍ଦଶା ଲେଖୁଅଛୁଁ । ବୋଧକରୁଁ ଏପରି ଦୁରବସ୍ଥା କେହି ଶୁଣି ନାହାନ୍ତି । ସେବ୍ୟକ୍ତିର ବଳଦ କମ୍ପା ଗଠକ ନ ଥିବାରୁ ବନମଧ୍ୟରୁ କାଷ୍ଠ ଆଣି ପ୍ରାଚୀର ଦେବାକୁ ଅକ୍ଷମ ହୋଇ ନିଜେ ଜଳ ବହିଆଣି କାନ୍ଥ ଦେବାକୁ ଆରମ୍ଭ କଲା, କେତେଦିନ ମଧ୍ୟରେ ତାହାର ଦୁଇକେତେ କାନ୍ଥ ଉଠିଲା, ତହିଁରେ ଖନ୍ଦୁଆମାନେ ରାଜାଙ୍କଠାରେ କହିଲେ ଅମୁକ ଗଡ଼ଭଳି କାନ୍ଥ ଦଉଛି, ତହୁଁ ତାହାପ୍ରତି ଚିଠି ହେଲା ସେ ହାଜର ହୁଅନ୍ତେ ତାକୁ ପଚାରିଗଲା ଯେ ଧେ [illegible] କାନ୍ଥ ଦେବ ତେବେ ରାଜାଙ୍କର ନଅରରେ ଆଉ କି ଦିଆଯିବ । ସେଠାରେ କି ଛିଟାବାଡ ହେବ । ରାଜା ଓ ପ୍ରଜାଙ୍କ ଗୃହର ଆଉ କି ଇତର ବିଶେଷ ରହିବ । ଏହା କହି ତାହାପ୍ରତି ଟ ୫୦ ଙ୍କା ଜରିମାନା କଲେ ଓ ତାକୁ ଦନାକେତେ ହାଜତରେ ରଖିଲେ, ଏତନ୍ମଧ୍ୟରେ ସେ ଦଶାନ୍ତରକୁ ପଳାଇ ଯିବାର ସ୍ଥିରକରି ଆପଣାର ଜଣେ କୁଟୁମ୍ବକୁ ଜାମିନ ଦେଇ ଘରକୁ ଗଲା ଓ ରାତ୍ରିରେ ଗୋପନଭାବରେ ଆପଣାର ସ୍ତ୍ରୀପୁତ୍ର ଓ ଗାଈ ଦୁଇଟି ତିନିଗୋଟି ତାହାର ଯଥାସର୍ବସ୍ୱ ଏହିମାତ୍ର ତାକୁ ଘେନି ରାଜ୍ୟାନ୍ତରକୁ ପଳାୟନ କଲା, ତହୁଁ ରାଜା ଆପଣାର ଲୋଭ ଓ କ୍ରୋଧ ପ୍ରବୃତ୍ତିକି ଚରିତାର୍ଥ କରି ନ ପାରି ସତର୍କ ଥାନ୍ତି । ସେ ଯେଉଁ ରାଜ୍ୟରେ ଆସି ରହିଲା ସେ ରାଜ୍ୟ ପୂର୍ବରାଜ୍ୟର ସଂଲଗ୍ନ ଥିବାରୁ ତାହାର ଗୋରୁମାନେ ଚରୁଥିଲେ ଏକଦିନରେ ତାଙ୍କୁ ବାନ୍ଧିନେଇଗଲେ ଯେ ତାଙ୍କୁ ବିକ୍ରୟ କରି ତାହାର ଜରିମାନା ଆଦାୟ କରିବେ । ହେଉ ଏହାଠାରୁ ଜାଣି ଏପରି ଜରିମାନା ଉସୁଲ ହେଲା । ଯେଉ ବ୍ୟକ୍ତି ଜାମିନ ଥିଲା ସେ କହିଲା ଯେ ଜରିମାନାତ ଉସୁଲ ହେଲା ଏବେ ତାହାକୁ ଖଲାସ ଦିଆଯାଉ କିନ୍ତୁ ରାଜା ଉତ୍ତର କଲେ ଯେ ରାଜାଙ୍କ ପାରୁପଣିଆରେ ସିନା ସେ ଗାଈକି ଧରାଇଆଣି ଜରିମାନା ଉସୁଲ କଲେ ଜାମିନଦାରର ଏଥିରେ କି କାର୍ଯ୍ୟ ରହିଲା । ତାହାଠାରୁ ଜାମିନ ବାବଦ ଟ ୫୦ ଙ୍କା ଉସୁଲ ହେଲା । ଏହିପରି ନ୍ୟାୟମାନ ଯେଉଁଠାରେ ପ୍ରଚଳିତ ହେଉଅଛି ସେଠାରେ ପ୍ରଜାଙ୍କର କି ସୁଖ ?

କ୍ରମଶଃ ।

# ସାପ୍ତାହିକ ସଂବାଦ ।

**ଅସ୍ମମାନଙ୍କର** ଜଜ ସାହେବ ବୌଗ୍‌ବର୍ନ ସକାଶେ ଅଚ୍ଛ ବାଲେଶ୍ୱରକୁ ଯାତ୍ରା କରିବେ । ଏଥର ପ୍ରାୟ ଦ ୮ ନ ଲଗିବ ।

ଗତ ସପ୍ତାହରୁ ଯେରୂପ ମେଘ ହୋଇ ବର୍ଷାରମ୍ଭ ହୋଇ ଅଛି ତହିଁରୁ ବୋଧ ହୁଅଇ ଯେ ଏଥର ନଈବଢ଼ି ଅତିଶୀଘ୍ର ହୋଇପାରେ । ଜୁନମାସ ଶେଷ ସପ୍ତାହରେ ସତଗଡ଼ର ନଈବଢ଼ି ହୁଅଇ ।

କଲେକ୍ଟରୀ ନାଜର ଯତିଙ୍କ ମୋକଦ୍ଦମା ପୂର୍ବପ୍ରାୟ ମନ୍ଦ ୨ ଗତି କରୁଅଛି । ଅବସ୍ଥ ଗ୍ରହା ଯୋବାନବନ୍ଦୀ ଶେଷ ହୋଇ ନାହିଁ ।

ଏ ନଗରର ଛତ୍ରକୋଣିସ୍ଥାକଗିରିଠାରୁ କଟକବାଟ ପର୍ଯ୍ୟନ୍ତ ବଳ ମଟିଦେଇ ଗୋଟିଏ କଡ଼ସଡ଼କ ବାହାରୁ ଅଛି । ଏଥିରେ ଅନେକ ଉପକାର ହେବାର ସମ୍ଭାବନା ଅଛି । ଶ୍ରୀଯୁକ୍ତ କିନ୍ସ ସାହେବ ସଡ଼କ ଓ ପୋଗସ୍ତି ଇତ୍ୟାଦି ନିର୍ମାଣ ବିଷୟରେ ବଡ଼ ତତ୍ପର ।

ଅସ୍ମେମାନେ ଡେପୁଟୀ ବଢ଼ିତଯୋଗ ନାମରେ ତଣ୍ଡିଏ ପୁସ୍ତିକା ଏଥିର ଛନ୍ଦକର୍ତ୍ତା ଶ୍ରୀଯୁକ୍ତ ବାବୁ ଅନନାଥ ବନ୍ଦ୍ୟୋପାଧ୍ୟାୟଙ୍କଠାରୁ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁ-

Digitized by srujanika@gmail.com

Split by PDF Splitter



ଅଟୁଁ । ଏହା ବଙ୍ଗଳା ଭାଷାରେ ମୁଦ୍ରିତ ଓ ରହସ୍ୟପୂର୍ଣ୍ଣ ଅଟଇ ଓ ଏଥିରେ ଡେପୁଟୀମାନଙ୍କର ନାନାପ୍ରକାର ଦୋଷ ବା ଅପୂର୍ଣ୍ଣତାର ବର୍ଣ୍ଣନ ହୋଇଅଛି ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଅହମଦାବାଦର ହିନ୍ଦୁମାନଙ୍କ ମଧ୍ୟରେ ଗତ ମଇମାସ ତା ୧୮ ରଖ ଦିନ ଗୋଟିଏ ବିଧବାବିବାହ ହୋଇଯାଇଅଛି । ବିଧବାଟି ଗୃର୍ଜିକାହେବ ବେଶ୍ଵରଦାସ ଅମ୍ବାଲଦାସର କନ୍ୟା । ଅହମଦାବାଦରେ ହିନ୍ଦୁମାନଙ୍କ ମଧ୍ୟରେ ଏହି ପ୍ରଥମ ବିଧବା ବିବାହ ।

୨ । ସମ୍ପ୍ରତି ଅଷ୍ଟ୍ରେଲିୟାରେ ଓୟେଟମ୍ୟାନ ନାମକ ଏକବ୍ୟକ୍ତି ଆଶ୍ଚର୍ଯ୍ୟ ଭେଳକାକୀ ଦେଖାଉଅଛି । ସେ ବ୍ୟକ୍ତି ଆପଣାକୁ ସ୍ଥଳଚର ମତ୍ସ୍ୟ ବୋଲି ପରିଚୟ ଦେଉଥାଏ । ଏହି ଅଧିକନ୍ତୁ ମତ୍ସ୍ୟାବତାରର ପ୍ରଦର୍ଶନସ୍ଥାନ ଗୋଟିଏ ବୃହତ୍ ପୋଖରୀ ଅଟଇ । କାର୍ଯ୍ୟ ପ୍ରଦର୍ଶନକାଳରେ ସେହି ବ୍ୟକ୍ତି ଉକ୍ତ ପୋଖରୀର ଅତଳସ୍ଥିର ଜଳ ଉପରେ ଗୋଟିକେତେ ଗ୍ୟାସର ନଳ ଲଗାଇଦେଲା ଏବଂ ତଦୁପରେ ସେହି ଅଳ୍ପଅଟଳେ ନୂଆ ମଦ୍ୟପାନ ଚେଟିଖାଇବା ପ୍ରଭୃତି କାର୍ଯ୍ୟ କରୁଥାଏ । ତାହାର ସେହି ସବୁ କାର୍ଯ୍ୟ ଉପରଜଗରେ ଗ୍ୟାସ ଥିବାରୁ ସୁସ୍ପଷ୍ଟରୂପେ ଦର୍ଶକ ଲୋକମାନଙ୍କର ସମ୍ୟକ୍ ଦୃଷ୍ଟିଗୋଚର ହେଉଥିଲା ।

କଲିକତାରେ ଜଣେ ମିସ୍ତ୍ରୀ ଲୁହା କଲମ ପ୍ରସ୍ତୁତ ଓ ବିକ୍ରୟଦ୍ୱାରା ଏତେଧନ ସଞ୍ଚୟ କରିଅଛନ୍ତି ଯେ ସେ ଗୋଟିଏ ବୃହତ୍ ବିଜ୍ଞାନ ଶିକ୍ଷାଳୟ ପଚାଶଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନ କରିଅଛନ୍ତି ଏହି କାଲେଜରେ ସକଳ ଦେଶୀୟ ଓ ସକଳମତାବଲମ୍ବୀ ଲୋକେ ଗୃହୀତ ହେବେ ଓ କୌଣସି ବିଶେଷ ଧର୍ମର ଶିକ୍ଷା ଦିଆ ନ ଯାଇ କେବଳ ବିଜ୍ଞାନ ବିଷୟର ଶିକ୍ଷା ଦିଆଯିବ । କଲିକତାରେ ସାମାନ୍ୟ ଲୋକେମୁଦ୍ଧା ସାମାନ୍ୟ ଉପାୟରୁ ସୁଚାରୁରୂପେ କରି ତହିଁରେ ଏତାଦୃଶ ଧନ ଅର୍ଜି ସର୍ବସାଧାରଣଉପକାରାର୍ଥେ ସଦ୍‌ବ୍ୟୟ କରୁଅଛନ୍ତି ଧନ୍ୟ ଇଂରେଜ ! ଧନ୍ୟ ବିଲାତ ।

କୃଷ୍ଣ ନଗରରେ କାଲେଜ ସ୍ଥାପନ ସକାଶେ ମହାରାଣୀ ସ୍ୱର୍ଣ୍ଣମୟୀ ଅତ୍ରତ୍ୟ ଦୁଇଲକ୍ଷ ଟଙ୍କା ଦେବାକୁ ଅଙ୍ଗୀକାର କରିଅଛନ୍ତି ।

ବମ୍ବେଇରେ ସର୍ବତ୍ର ବିଶେଷ ଉନ୍ନତି ଦେଖାଯାଏ । କୌଣସି ସମ୍ବାଦପତ୍ରରୁ ଅବଗତ ହେଲୁଁ ଯେ ସେଠାର ଉଚ୍ଚଶ୍ରେଣୀସ୍ଥ ପାର୍ସି ଜାତୀୟ ସ୍ତ୍ରୀମାନେ ଏକ ନାଟଶାଳାରେ ଇଂରେଜଙ୍କ ସହିତ ସ୍ୱଚ୍ଛନ୍ଦରୂପେ କଥୋପକଥନ ଓ ନୃତ୍ୟ କଲେ । କେତେ ସ୍ତ୍ରୀ ଗାଡି ଓ ଘୋଡାରେ ନଗରରେ ଭ୍ରମଣ କରନ୍ତି ଓ ସେମାନଙ୍କ ପର ସମସ୍ତ ପାର୍ସିସ୍ତ୍ରୀ ବାହାରକୁ ବାହାରିବାର ଅଧିକ ବିଳମ୍ବ ହେବ ନାହିଁ ।

ପେସଓ୍ୟାରର ଘରପୋଡ ସମ୍ପର୍କରେ ସେଠା ଡେପୁଟିକମିଶ୍ନର ଏକ ସଭାରେ ଉପସ୍ଥିତ ଥିବା ଦେଶୀୟଲୋକଙ୍କୁ କହିଲେ କି ଏଠା ଘରସବୁ କାଠରେ ନିର୍ମାଣ ହୋଇଥିବାରୁ ଅଗ୍ନିର ପ୍ରତାପ ଏତେବଡ ହୋଇଥିଲା ଯେବେ ପକ୍କାଘର ଓ ଚୌଡା ସଡକସବୁ ଥାନ୍ତା ତେବେ ଏପରି ହୁଅନ୍ତା ନାହିଁ । ଏହାଶୁଣି ସେଠା ନିବାସିମାନେ ପକ୍କାଘର ପ୍ରସ୍ତୁତ କରିବାକୁ ସମ୍ମତ ହୋଇଅଛନ୍ତି । ଅମଙ୍ଗଳରୁ ମଙ୍ଗଳ ଜାତ ହେବାର ଏ ଗୋଟିଏ ଉଦାହରଣ ଅଟଇ ।

କଲିକତାରେ ଜଣେ ଦେଶୀୟ ସ୍ତ୍ରୀଲୋକ ଫଟୋଗ୍ରାଫିଦ୍ୱାରା ଛବି ପ୍ରସ୍ତୁତ କରିବାର ବିଦ୍ୟା ଶିକ୍ଷାକରି ସମ୍ଭ୍ରାନ୍ତ ବଙ୍ଗାଳମାନଙ୍କ ପରିବାର ମଧ୍ୟରେ ଯାଇ ସ୍ତ୍ରୀଲୋକଙ୍କର ଛବି ଉତ୍ତୋଳୁଅଛି । ଏହାକୁ ଗୋଟିଏ ପ୍ରକୃତ ଉନ୍ନତିର ଲକ୍ଷଣ ବୋଲିବାକୁ ହେବ ।

ଗତମାସ ତା ୨୭ ରିଖ ପର୍ଯ୍ୟନ୍ତ ଭାରତବର୍ଷର ଫସଲର ଅବସ୍ଥା ଗବର୍ଣ୍ଣମେଣ୍ଟଇଣ୍ଡିଆ ଗେଜେଟରେ ପ୍ରକାଶ ହୋଇଅଛି ତହିଁରୁ ଜଣାଯାଏ ବର୍ଷା ସର୍ବତ୍ରରେ ହୋଇଅଛି । ବିଶେଷ ବଙ୍ଗଳାରେ ଦାଳିଅଫସଲ ଉତ୍ତମରୂପେ ଲାଭ ହୋଇଅଛି ଓ ବର୍ଷାକାଳର ଫସଲର ଉଦ୍ୟମ ଯଥାର୍ଥରୂପେ ଲାଗିଅଛି ।

ବରୋଦାରୁ ଟାଇମସ୍ ଅବଇଣ୍ଡିଆ ଶୁଣିଅଛନ୍ତି ଯେ ସାଲିମ ଯଶୋବନ୍ତ ରାଓ ନରସୁଙ୍କୁ ଯାବତଜୀବନ ଦୀପାନ୍ତର କରିବାରେ ଲୋକମାନେ ସନ୍ତୁଷ୍ଟ ନାହାନ୍ତି । ସେମାନେ କହୁଅଛନ୍ତି ଯେ ଏହା ଅତ୍ୟାଗ୍ର ଅଟଇ ଇଂଗ୍ରେଜ [illegible] ସନପ୍ରଣାଳୀ ଅନୁସାରେ ହୋଇ ନାହିଁ ।

ଶ୍ରୀମତୀମହାରାଣୀଙ୍କର ଜ୍ୟେଷ୍ଠପୁତ୍ରଙ୍କର ଭାରତବର୍ଷ ଶୁଭାଗମନର ଉଦ୍ୟମ ବର୍ତ୍ତମାନଠାରୁ ଲାଗିଲାଣି । ସେରାପିସନାମକ ଜାହାଜ ଏଥିପାଇଁ ସୁସଜ୍ଜିତ ହେଉଅଛି ଓ ବିଲାତର କେତେକ ସମ୍ବାଦପତ୍ରର ଅଧିକାରିମାନେ ସ୍ୱଇଚ୍ଛାପତ୍ରପ୍ରେରକ ପଠାଇବାର ବନ୍ଦୋବସ୍ତ କରୁଅଛନ୍ତି ।

ମାନ୍ଦ୍ରାଜର ଏକ ସମ୍ବାଦପତ୍ରରୁ ଅବଗତ ହେଲୁଁ ଯେ ସେଠାରେ ବର୍ତ୍ତମାନ ପାଞ୍ଚଜଣ ମୁସଲମାନ ଧର୍ମାବଲମ୍ବୀ ଇଉରୋପୀୟ ସେଠାରେ ଉପସ୍ଥିତ ଅଛନ୍ତି ଏମାନେ ବମ୍ବେଇପ୍ରଭୃତି ସ୍ଥାନ ଭ୍ରମଣ କରି ମକ୍କାତୀର୍ଥକୁ ଯାତ୍ରାକରିବେ ।

କୃଷ୍ଣଗେଗରେ ଗର୍ଜନଚେଲ ଉପକାର କରିବାର ଡାକ୍ତର ସିଙ୍କେଲିଆର ରିପୋର୍ଟ କରିଅଛନ୍ତି ମାତ୍ର ହନ୍ତୁପେନ୍ତ୍ରି ଅଛି ବୋଲନ୍ତି ଯେ କଲିକତା ହାସପାତାଲରେ ଏଥିର ଗୁଣ ଭଲ ଦେଖାଯାଇ ନାହିଁ । ପ୍ରଥମେ ଏହଦ୍ୱାରା ଉପକାର ଦେଖାଯାଏ କିନ୍ତୁ ପରକୁ ରହଇ ନାହିଁ ।

ଢାକାର ବିଖ୍ୟାତ ଖାଜେଅବଦୁଲଗନି ସି ଏସ୍ ଆଇ ନବାବ ଉପାଧି ଗବର୍ଣ୍ଣମେଣ୍ଟରୁ ପାଇଅଛନ୍ତି ଓ ତାହାଙ୍କ ପୁତ୍ର ଖାଜେ ଅସାନୁଲାଖାନ ବାହାଦୁର ଉପାଧି ପାଇଅଛନ୍ତି ପିତା ପୁତ୍ର ଦୁହେଁ ସାଧାରଣ ଉପକାର ନିମିତ୍ତ ବିସ୍ତର ଅର୍ଥ ଦାନ କରିଅଛନ୍ତି ।

ଢାକାର ଖାଜା ଅସାନୁଲ୍ଲାଖାନ ବାହାଦୁର ସିଂପାର୍ତ୍ତ ଚିକିତ୍ସାଳୟର ଘର ସ୍ତ୍ରୀଲୋକଙ୍କର ଚିକିତ୍ସା ସକାଶେ ଅପ୍ରଶସ୍ତ ହେବାରୁ ତାହାକୁ ବଢାଇବା ପାଇଁ ୫ ୨୦୦୦୦୲ ଟଙ୍କା ଦାନ କରିଅଛନ୍ତି । ବଙ୍ଗଳାରେ ନବାବ ଅବଦୁଲ ଗନି ଓ ତାହାଙ୍କ ପୁତ୍ର ବଦାନ୍ୟତାରେ ସର୍ବଶ୍ରେଷ୍ଠ ଅଟନ୍ତି ।

କଲିକତାର ମେଉନିସିପଲ ହାଟରେ ବିକ୍ରୟ ହେଉଥିବା ଦ୍ରବ୍ୟସବୁର ମୂଲ୍ୟାଦି ଜଣାଇବାକାରଣ ପ୍ରତି ସପ୍ତାହରେ ଗୋଟିଏ ଲେଖାଏ ତାଲିକା ବାହାରିବ । ଧନ୍ୟ କଲିକତା !

କଲିକତାର ଜଜ ବିଖ୍ୟାତ ଫେଗନ ସାହେବ ମରିଯିବାର ଯେଉଁ ଜନରବ ଉଠିଥିଲା ତାହା ମିଥ୍ୟାବୋଲି ଇଂଲିସ ମ୍ୟାନ ପ୍ରକାଶ କରିଅଛନ୍ତି ।

କଲିକତାର ଜଣେଘସିନି କି ଯାହାର ବ୍ୟବସାୟ ଘର ନିର୍ମାଣ କରିବା ଅଟଇ ଆପଣା ସ୍ତ୍ରୀ ପ୍ରତି ସନ୍ଦେହ କରି ତହିଁର ଦୃଢବୋଧ ପ୍ରମାଣ ପାଇ ଗଣ୍ଡେ ଦାଆରେ ପ୍ରଥମେ ସ୍ତ୍ରୀର ଗଳା କାଟିଦେଲା ଓ ତଦପର ସେହି ଦାଆକୁ ଏମନ୍ତ ସବଳରୂପେ ଆପଣା ମୁଣ୍ଡରେ ମାରିଲା ଯେ ଖୋପରି ଫାଟି ଦନ୍ତ ବାହାରିପଡିଲା, ଦୁହିଙ୍କର ଯନ୍ତ୍ରଣାରୁ ମୃତ୍ୟୁ ହେଲା ।

ଗଞ୍ଜଣା ବିଷୟରେ ଯେଉଁ ନୂତନ ଆଇନର ପ୍ରସ୍ତାବ ବଙ୍ଗଳା ଗବର୍ଣ୍ଣମେଣ୍ଟରେ ହୋଇଅଛି ତନ୍ସମ୍ପର୍କରେ ଢାକାର ଜମିଦାରମାନେ ଗବର୍ଣ୍ଣମେଣ୍ଟକୁ ଏକ ଆବେଦନ ପତ୍ର ପଠାଇଅଛନ୍ତି ।

---

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର ଦୀ କପ୍ରିଷ୍ଟି କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

REGISTERED NO. 18
Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ । ସଂଖ୍ୟା ୨୫ } ତା ୧୯ ରଖ ଜୁନ ସନ ୧୮୭୫ ମସିହା ।ମୁ। ଆଷାଢ଼ ୭ ଦିନ ସନ ୧୨୮୨ ସାଲ ଶନିବାର {
ଅଗ୍ରିମ ବାର୍ଷିକ ମୂଲ୍ୟ ୫
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୬
ମଫସଲ ପାଇଁ ଡାକମାସୁଲ ୧।୷

ସୁବିଖ୍ୟାତ ବାବୁ ପ୍ରତାପଚନ୍ଦ୍ର ମଜୁମଦାର ଆଗାମୀ ସପ୍ତାହରେ କଲିକତାରୁ କଟକକୁ ଯାତ୍ରା କରିବେ ବୋଲି ଆମ୍ଭେମାନେ ସମ୍ବାଦ ପାଇଅଛୁଁ । ଏ ମହାଶୟ ଭାରତବର୍ଷୀୟ ବ୍ରାହ୍ମସମାଜର ଜଣେ ପ୍ରଧାନ ସହକାରୀ ଅଟନ୍ତି ଅଳ୍ପଦିନ ତଳେ ବିଲାତକୁ ଯାଇ ବ୍ରାହ୍ମଧର୍ମ ବିଷୟରେ ଇଂରାଜୀଭାଷାରେ ଏମନ୍ତ ସଦ୍‌ବକ୍ତୃତା କରିଥିଲେ ଯେ ସେଠା ଲୋକେ ମୋହିତ ହୋଇ ତାହାଙ୍କର ବହୁତର ପ୍ରଶଂସା କରିଥିଲେ । ଏପରି ଲୋକର ଦର୍ଶନ ଅବଶ୍ୟ ପ୍ରୀତିକର ଅଟଇ ।

---

ଏଠା କଲେକ୍ଟରୀ ମାହାଫିଜଖାନାରେ ଟ ୨୦ ଣ ଠିକା ମୋହରର ଏକବର୍ଷ ସକାଶେ ନିଯୁକ୍ତ ହେବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଥିବାରୁ କଚେରୀରେ ଉମେଦୱାରଙ୍କର ଭିଡ଼ ହୋଇଥିଲା । ବହୁତ ଲୋକ ପ୍ରାର୍ଥୀ ଏକତ୍ରିତ ହୋଇଥିଲେ । ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ବାମସ ସାହେବ ଉମେଦୱାରଙ୍କ ଭିଡ଼ରୁ ଅସ୍ତବ୍ୟସ୍ତ ହୋଇ ସେମାନଙ୍କୁ କଚେରୀ ଭିତରକୁ ଯାଇ ଦେଲେ ନାହିଁ ଓ ସିରସ୍ତାଦାର ତାହାଙ୍କ ଆଜ୍ଞାମତେ ପୂର୍ବରୁ ଯେଉଁ ତାଲିକା ପ୍ରସ୍ତୁତ କରିଥିଲେ ତାହା ଦେଖି ଯାହାକୁ ଇଚ୍ଛା ହେଲା ତାହାକୁ ନିଯୁକ୍ତ କଲେ ଅପର ଉମେଦୱାରମାନେ କର୍ମକୁ ଅଦର ଫେରି ଆସିଲେ କେଉଁ ଗୁଣରୁ କେବେ କର୍ମ ପାଇଲା ବା କେଉଁ ଦୋଷରୁ କେବେ ବାହୁଡ଼ି ଆସିଲା ତାହା ସେ ଜାଣିପାରିଲା ନାହିଁ । ସୁତରାଂ ସମସ୍ତେ ଅଦୃଷ୍ଟକୁ ସର୍ବୋପରି ମଣିଲେ ।

---

ଯାଜପୁରଠାରୁ ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଯେ ଗତମାସ ତା ୪ ରିଖ ବୈକାଳ ଘ ୪ ଟା ସମୟରେ ସେଠାରେ ଭାରି ତୋଫାନ ହୋଇ ଅନେକ ବଡ଼ ବଡ଼ ଗଛମାନ ଭାଙ୍ଗି ଓ କେତେକ ମୂଳରୁ ଉପାଡ଼ି ପକାଇଅଛି ଅନେକ ଘରରୁ କୁଟା ଉଡ଼ି ଯାଇଅଛି ମାତ୍ର ଏଥିରୁ ବଳକର ଅଉ କିଛି ଅନିଷ୍ଟ ହୋଇ ନାହିଁ । ଦର୍ପଣରୁ ଜଣାଗଲା ଯେ ଗତମାସ ୩ ତାରିଖରେ ଭଦ୍ରକରେ ଏହିପରି ତୋଫାନ ହୋଇଥିଲା । ଏହି ସମୟରେ କଟକ ଅଞ୍ଚଳରେ ମଧ୍ୟ ଭାରି ବତାସ ସହିତ ବୃଷ୍ଟି ହୋଇଥିଲା କିନ୍ତୁ ଘର ବା ବୃକ୍ଷାଦି ପ୍ରତି କିଛି ଅତ୍ୟାଚାର ହୋଇ ନାହିଁ ।

---

ଏଠାରେ ଗୋଟିଏ ଅଭିନବ ଜାଲ ଚେକ୍‌ କଥା ମକଦ୍ଦମା ହୋଇଅଛି । ଏଥିର ବୃତ୍ତାନ୍ତ ଏହି ଯେ ଜଣେ ସ୍ତ୍ରୀଲୋକ ତାହାର ନାମରେ ମାରପିଟ ମକଦ୍ଦମା କରି ଜରିମାନାରୁ ଟ ୫ ଙ୍କା ଖର୍ଚ୍ଚା ପାଇଲା । ତହୁଁ ତାକୁ ବିଶ୍ୱାସ ଅଗାଜାନ ଖାଁର ପୋଷ୍ୟପୁତ୍ର କଲୁଆଁ କହିଲା ଯେ ଅଦାଲତରେ ଇଜ୍ଜତଦାବୀର ମକଦ୍ଦମା କଲେ ଟ ୧୦୦ଙ୍କା କ୍ଷତିପୂରଣ ପାଇବ ଏଥିରେ ସେ ସ୍ତ୍ରୀ ସମ୍ମତ ହେବାରୁ କଲୁଆଁ ତାହାଠାରୁ କ୍ରମେକ୍ରମେ ଟ ୨୫ ଙ୍କା ପର୍ଯ୍ୟନ୍ତ ଖର୍ଚ୍ଚା ନେଇ ମକଦ୍ଦମାଟି କରି କିଛି ଦିନ ଉତ୍ତାରେ ତାକୁ କହିଲା ଟ ୧୦୦ ଙ୍କା ଡିକ୍ରୀ ହେଲା ଓ ଆଉ କିଛି ଖର୍ଚ୍ଚା ନେଇ ଟ ୧୦।୶ ର ଏକ କୃତ୍ରିମ ଚେକ ତାକୁ ଆଣି ଦେଲା । ଗୋଟିଏ ଡାକ ରସିଦରେ ହୁଣ୍ଡି ସିଟାମ୍ପ ଲଗାଇ ଓ ଅବଶ୍ୟକୀୟ ବୃତ୍ତାନ୍ତ ଲେଖି ସେଥିରେ ଅଲସାହେବଙ୍କ ସ୍ୱାକ୍ଷର କରି ଅଛି ଓ ରେକଟଙ୍କା ଦେବା ହୁକୁମରେ ବାମସ ସାହେବ କଲେକ୍ଟର ଓ ତାଙ୍କ ହେଡ କ୍ଳାର୍କ ଓ ଖଜଣାଖାନା ଡିପୋଟିଙ୍କ ସ୍ୱାକ୍ଷରମାନ କରିଅଛି । ଏ ଚେକକୁ ସେ ସ୍ତ୍ରୀଲୋକ ଖଜଣାଖାନା ଏକାଉଣ୍ଟେଣ୍ଟଠାରେ ସିଦ୍ଧା କରିବାକୁ ଦେବାରୁ ସେ ଡିପୋଟିଙ୍କୁ ଏ ପ୍ରସଙ୍ଗ ଜଣାଇଲେ । ତହୁଁ କଲୁଆଁ ଧରା ହୋଇ ହାଜତକୁ ପଠାଯାଇଥିଲା ଗତ କାଲି ଦୌରାସୁପୋର୍ଦ୍ଦ ହୋଇଅଛି ।

---

### ରୋଡସେସ ବିଜ୍ଞାପନ ।

ଗତମାସର କଲିକତା ଗେଜେଟରେ ରୋଡସେସ ଓ ଅନ୍ୟାନ୍ୟକର ଯେ ଯାହା ସ୍ଥାନୀୟ ଉନ୍ନତି କର୍ମ ନିମିତ୍ତ ଆଦାୟ ହେଉଅଛି ତହିଁର ଆୟବ୍ୟୟ ହିସାବ ପ୍ରସ୍ତୁତ ପ୍ରକାଶିତ ହୋଇଅଛି । ଉକ୍ତ ହିସାବ ସନ ୧୮୭୩।୭୪ ସାଲର ଅଟଇ ଓ ଯେଉଁ ସନ ରୋଡସେସ ଆଇନାନୁସାରେ ଗତ ସେପ୍ଟେମ୍ବର ମାସ ତା ୩୦ ରଖରେ ଶେଷ ହୋଇଅଛି । ଏହି ସନ ମଧ୍ୟରେ ତିନି ଜିଲ୍ଲାର ମୋଟ ଆୟବ୍ୟୟ ନିମ୍ନଲିଖିତ ପ୍ରକାର ଅଟଇ ଯଥା—

Digitized by srujanika@gmail.com

| ଆୟ | କଟକ | ପୁରୀ | ବାଲେଶ୍ୱର |
|---|---|---|---|
| ଗଡ଼ସଲବାଗ | ଟ ୨୦୮୮ | ଟ ୫୪୩ | ଟ ୬୮୩ |
| ଶ୍ରୋତଶେଷ | ଟ ୨୭୭୨୫ | ଟ ୧୯୫୯୯ | ଟ ୧୩୭୪୬ |
| ଘାଟମାସୁଲ | ଟ ୫୯୨୨ | | ଟ ୩୦୫ |
| ଗବର୍ଣ୍ଣମେଣ୍ଟଦାନ | ଟ ୨୫୦୦୦ | ଟ ୧୨୪୫୮ | ଟ ୧୫୦୮୦ |
| ବାଯେ | ଟ ୯୩୫ | ଟ ୯୬ | ଟ ୨୪୯୧ |
| | ଟ ୬୫୭୭୦ | ଟ ୩୨୭୯୬ | ଟ ୩୨୩୦୬ |

| ବ୍ୟୟ | କଟକ | ପୁରୀ | ବାଲେଶ୍ୱର |
|---|---|---|---|
| ତହସିଲଖର୍ଚ୍ଚା | ଟ ୮,୭୮୬ | ଟ ୩୧୦୬ | ଟ ୫୩୧୩ |
| ନୂତନକର୍ମ | ଟ ୧୫,୦୬୦ | ଟ ୯୧୫୯ | ଟ ୩୮୩୨ |
| ମରମତ | ଟ ୨୨,୪୦୮ | ଟ ୩୬୦୧ | ଟ ୧୬୩୬୦ |
| ବାରକମାସ୍ତର,ହଉସ୍ପାରଇତ୍ୟାଦ | ଟ ୧୨୬୪ | ଟ ୧୨୦ | ଟ ୨୭୦୫ |
| | ଟ ୪୭୫୨୯ | ଟ ୧୫୯୮୬ | ଟ ୨୯୨୧୯ |
| ବାକି | ଟ ୧୮୧୪୧ | ଟ ୧୭୭୦୯ | ଟ ୩୦୮୬ |

କମିଶ୍ନର ଯେଉଁ ମନ୍ତବ୍ୟ ପ୍ରକାଶ କର ଅଛନ୍ତି ତହିଁର ସାରାଂଶ ଏହି ଯେ ସବୁ ଜିଲାରେ କତୁକ ଟଙ୍କା ବାକି ପଡ଼ିଅଛି ଭବିଷ୍ୟତରେ ଏହା ନିବାରଣ ପକ୍ଷରେ ଜିଲ ହାକିମମାନେ ଅଧିକ ମନୋଯୋଗୀ ହେବେ । ଜିଲ ଓ ସବ୍ ଡିବିଜନର କମିଟିମାନେ ସର୍ବଦା ଉପସ୍ଥିତ ହୋଇ ମନୋଯୋଗ ପୂର୍ବକ କର୍ମ କରୁଅଛନ୍ତି ଓ ଅନେକ ଜମିଦାର ମଧ୍ୟ ରାସ୍ତାବାଟସବୁ ନିର୍ମାଣ ପକ୍ଷରେ ବିସ୍ତର ସାହାଯ୍ୟ କରୁଅଛନ୍ତି । କେବଳ ଖୋର୍ଦ୍ଧାରେ ସବ୍ ଡିବିଜନ ହାକିମ କମିଟିଙ୍କ ସାହାଯ୍ୟ ନ ନେଇ କର୍ମସବୁ ନିର୍ବାହ କରୁଅଛନ୍ତି । ଭବିଷ୍ୟତକୁ ଆଶା ହୁଅଇ କମିଟିଙ୍କୁ ନେଇ ସବ୍ ଡିବିଜନର ହାକିମମାନେ କର୍ମ କରିବେ । ପରିଶେଷରେ କମିଶ୍ନରସାହେବ କହି ଅଛନ୍ତି ଯେ ଉତ୍ତରୋତ୍ତର ରାସ୍ତା ବାଟମାନ ଅଧିକ ପରିମାଣରେ ନିର୍ମାଣ କରିବା ବିଷୟରେ ହାକିମମାନେ ଯତ୍ନଶୀଳ ହେବେ କାରଣ ତଦ୍ୱାରା ଲୋକମାନେ ଜାଣିପାରିବେ ଯେ ସେମାନେ ଯେ କର ଦେଉଅଛନ୍ତି ତାହାଙ୍କ ଉପକାର ନିମନ୍ତେ ତାହା ବ୍ୟୟ ହେଉଅଛି ।

ଜିଲହାକିମଙ୍କ ମଧ୍ୟରେ କଟକର କଲେକ୍ଟର ସାହେବ ଆପଣା ରିପୋର୍ଟରେ ସମସ୍ତ କର୍ମର ବିବରଣ ଭଲରୂପେ ଲେଖିଅଛନ୍ତି ଓ ବାଲେଶ୍ୱରର କଲେକ୍ଟର କିଛି ରିପୋର୍ଟ ଲେଖି ନାହାନ୍ତି ବୋଲିବାକୁ ହେବ ।

ଗ୍ରେଣ୍ଡଟ୍ରାଙ୍କରେ ଯେଉଁ ବୃହତ୍ ବଗିଚ୍ଚ ପ୍ରସ୍ତୁତ ହୋଇଅଛି ତହିଁର ଉଦ୍ଦେଶ୍ୟ କ ଅଛି ଏଠାଲୋକଙ୍କୁ ଜଣା ନାହିଁ । ଗ୍ରୀମ୍ସଲି ସାହେବଙ୍କ ବିଜ୍ଞାପନରୁ ପ୍ରକାଶ ଯେ ଏ ବଗିଚ୍ଚରେ ଛୋଟଗଛମାନ ତିଆରି ହୋଇ ସଡ଼କ ଦୁଇ ପାଖରେ ଲଗାଇ ଦିଆଯିବ ଓ କାଉନ୍ସିଲ ମାସ୍ତର ଓ ନାଳ ଏଞ୍ଜିନିୟର ପ୍ରୟୋଜନ ସକାଶେ ଗଛମାନ ବିକ୍ରୟ ହେବ । ବିଜ୍ଞାପନ ଲେଖିବା ସମୟରେ ସେ ବଗିଚ୍ଚରେ ୫୦୦୦ ଛୋଟଗଛ ପ୍ରସ୍ତୁତ ହେଉଥିଲା । ଏଥିରୁ ଜାଜପୁର ସଡ଼କର ପ୍ରାୟ ବୃଦ୍ଧମାଇଲ ବାଟ ଦୁଇପାଖରେ ଗଛସବୁ ଲଗି ଅଛି ଏବଂ ଅନ୍ୟ ମହକୁମାକୁ ଗଛମାନ ବିକ୍ରୟ ହେଉଅଛି । କଲେକ୍ଟର ସାହେବ ଆଶା କରନ୍ତି ଯେ ସମୟରେ ଏ ବଗିଚ୍ଚ ଆପଣା ଆୟରେ ଚଳିପାରିବ ଏଥିପାଇଁ କିଛି ଖର୍ଚ୍ଚା ଦେବାକୁ ହେବ ନାହିଁ ଅଥଚ ଏହାଦ୍ୱାରା ଏ ଜିଲ୍ଲାର ସମସ୍ତ ବାଟର ଦୁଇପାଖରେ ଲାଇ ନିମନ୍ତେ ଗଛମାନ ପ୍ରସ୍ତୁତ ହୋଇଯିବ । ଏବର୍ଷ ଏ ବଗିଚ୍ଚରେ ପ୍ରାୟ ଟ ୧୫୦୦ଟଙ୍କା ଖର୍ଚ୍ଚ ପଡ଼ିଥିଲା ।

ଶ୍ରୋତଶେଷଦ୍ୱାରା ଯେ ଅନେକ ସୁଯୋଗ ହୋଇଅଛି ସନ୍ଦେହ ନାହିଁ ଓ କ୍ରମଶଃ ଅନେକ ସଡ଼କବାଟ ମୋଫସଲରେ ହେବ ଏମନ୍ତ ଆଶା ମଧ୍ୟ ଅଛି । ମାତ୍ର ସ୍ଥାନୀୟ ଲୋକଙ୍କୁ ଏସବୁ ବିଷୟ ଜଣାଇବା ସକାଶେ କମିଶ୍ନର ସାହେବ କିଛିମାତ୍ର ଉଦ୍ୟମ କରି ନାହାନ୍ତି ବଡ଼ ଦୁଃଖର ବିଷୟ ଏଟିଇ ବାର୍ଷିକ ବିଜ୍ଞପ୍ତି କଲିକତା ଗେଜେଟରେ ଇଂରାଜୀରେ ଛପା ହେବାରେ ଏଠା ଲୋକଙ୍କର କିଛିମାତ୍ର ଉପକାର ନାହିଁ । ଅଧିକନ୍ତୁ ଯେବେ ଏସବୁ ତାଲିକା ଓ ବିଜ୍ଞପ୍ତି ଓଡ଼ିଆଗେଜେଟରେ ଛପା ହୋଇଥାନ୍ତା ତାହା ହେଲେ ମଧ୍ୟ କେତେଲୋକ ଜାଣିପାରନ୍ତେ । ସ୍ଥାନୀୟ ଗେଜେଟରେ ଯେବେ ଏପରି ବିଷୟମାନ ପ୍ରକାଶିତ ନ ହେବ ତେବେ ତାହିଁପାଇଁ ସେ ଗେଜେଟି ରହିଅଛି ।

---

## ଓଡ଼ିଶା କଲେଜ ।

ଓଡ଼ିଶା କଲେଜସ୍ଥାପନ ନିମନ୍ତେ ପାଞ୍ଚବର୍ଷ ସକାଶେ ଟ ୫୦୦୦୦ ଟଙ୍କା ଚେଦାଦ୍ୱାରା ଲୋକଙ୍କଠାରୁ ସଂଗ୍ରହ କରିବାପାଇଁ ଗ୍ରୀମ୍ସଲି ରେଭେନ୍ସାସାହେବ କମିଶ୍ନର ବିଜ୍ଞାପନମାନ ଛପାଇ ଓଡ଼ିଶାର ଜମିଦାରମାନଙ୍କୁ ବିତରଣ କରିଅଛନ୍ତି ଉକ୍ତ ବିଜ୍ଞାପନରେ ବଙ୍ଗଳାଗବର୍ଣ୍ଣମେଣ୍ଟ ପ୍ରସ୍ତାବିତ କାଲେଜ ବିଷୟରେ ଯାହା ମନ୍ତବ୍ୟ ଲେଖି ଅଛନ୍ତି ତହିଁର ଅନୁବାଦ ପ୍ରକାଶ ହୋଇଅଛି ଏବଂ ତହିଁସଙ୍ଗେ କମିଶ୍ନର ସାହେବ ଲେଖି ଅଛନ୍ତି ଯେ "ଉତ୍କଳଦେଶୀୟ ଧନାଢ୍ୟ ଅଧିବାସୀ ଓ ଜମିଦାରମାନେ ଅବଶ୍ୟକ ଥିବା ଟ ୫୦୦୦୦ ଟଙ୍କା ଚେଦାଦ୍ୱାରା ସଂଗ୍ରହକରି ଗବର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ସୁଯୋଗପ୍ରତି ସ୍ୱୀୟ ଅନୁରାଗ ବ୍ୟକ୍ତ କରିବେ" । କେବଳ ଏହି ବିଜ୍ଞାପନଦ୍ୱାରା ଟ ୫୦୦୦୦ ଟଙ୍କା ଅସିବ ବୋଲି କମିଶ୍ନର ସାହେବ ଆଶା କରନ୍ତି କି ଅନ୍ୟ କିଛି ଉପାୟ କରିବେ ବିଜ୍ଞାପନରୁ ଜଣାଯାଉ ନାହିଁ ଅନୁମାନ ହୁଅଇ ଏଥିକରେ ସେ ଆପଣା କର୍ତ୍ତବ୍ୟଶେଷ କରୁଅଛନ୍ତି ଯେବେ ତାହା ହୁଅଇ ତେବେତ ସବୁ ହେଲା ନୋହିଲେ ଯେବେ କମିଶ୍ନର ନିତାନ୍ତ ଏ ଟଙ୍କା ଉଠାଇବାର ଚେଷ୍ଟା କରନ୍ତି ତେବେ ତାହାଙ୍କୁ ଉଚିତ ଯେ ପ୍ରଥମବର୍ଷ ପାଇଁ ପ୍ରୟୋଜନଥିବା ଟ ୨୦୦୦୦ ଟଙ୍କା ସକାଶେ ତିନିଜିଲର କଲେକ୍ଟରଙ୍କ ଯୋଗେ ଅରେ ଲେଖାଏ ସମସ୍ତ ଧନାଢ୍ୟ ବ୍ୟକ୍ତିଙ୍କର ଦସ୍ତଖତ ଚେଦା ସ୍ୱାକ୍ଷର କରାଇନେଇନ୍ତୁ ତାହା ହେଲେ ଅବା କିଛି ଫଳ ହୋଇପାରେ । ଫଳତଃ କୌଣସିରୂପେ ଯେ ଓଡ଼ିଶାରୁ ବାର୍ଷିକ ଟ ୨୦୦୦୦ ଟଙ୍କା ବା ଏକକାଳରେ ଯେ ୫୦୦୦୦ ଦେବା ଉଚିତ ଏମନ୍ତ ଆମ୍ଭମାନଙ୍କ ସମ୍ମତ ହେଉ ନାହିଁ । ମେଓସାହେବଙ୍କ ମୃତ୍ୟୁ ସମୟରେ ଗଡ଼ଜାତ ଓ ମୁଗଲବନ୍ଦୀର ରଜା ଜମିଦାରମାନେ ଏକତ୍ର ହୋଇ ଅତଳେଷଗରେ ୧୩୦୦ ହଜାରଟଙ୍କା ଚେଦା ସ୍ୱାକ୍ଷର କରିଥିଲେ । ସେ ସମୟରୁ ଏଣିକି କ୍ରୋଡ଼ ସଭ୍ୟତା ଓ ଧନ

Digitized by srujanika@gmail.com

Split by PDF Splitter



ବୃତ୍ତି ହେଲେ ଯେ ତାହାଁର ବ୍ୟୟ ଟଙ୍କା ଅନାୟାସରେ ହସ୍ତଗତ ହେବ? ସେ ଯାହା ହେଉ ପାଞ୍ଚବର୍ଷ ନିମନ୍ତେ ଏ ଟଙ୍କା ସଂଗ୍ରହ ହେବାର ସମ୍ଭାବନା ହେଲେ ମଧ୍ୟ ଭବିଷ୍ୟତକୁ ଏ କଲେଜ ରହିବ କି ନାହିଁ ଓ ରହିଲେ ଉପର ଏଥିର ବ୍ୟୟ ଲାଗି ହେବ ତାହା କିଛି କମିଶ୍ନର ସାହେବ କହି ନାହାନ୍ତି । ଯେବେ ଗବର୍ଣ୍ଣମେଣ୍ଟ ସ୍ଥାୟୀ ନିମନ୍ତେ ବର୍ତ୍ତମାନ ସମସ୍ତ ବ୍ୟୟ ସ୍ୱୀକାର ନ କଲେ ତେବେ ଭବିଷ୍ୟତରେ କରିବେ ବୋଲି ଆଶା ହୋଇ ନ ପାରେ ସୁତରାଂ ଲୋକମାନେ ଚିରକାଳ ନିମନ୍ତେ ଏ ଟଙ୍କା ଦେବାକୁ ପ୍ରସ୍ତୁତ ନ ହେଲେ କଲେଜ ରହିବାର ଅସମ୍ଭବ ଜଣାଯାଏ ଏମନ୍ତସ୍ଥଳେ କୌଣସି ଚିରସ୍ଥାୟୀ ବନ୍ଦୋବସ୍ତ ବିନେ ବାର୍ଷିକ ଟ ୬୦୦୦୲ ଟଙ୍କା ଲାଭ ହେବାର ଆଶା ନ ଦେଖି କେବଳ ପାଞ୍ଚବର୍ଷ ନିମନ୍ତେ କଲେଜ ବସାଇବାରେ କିଛି ଫଳ ନାହିଁ । ଏ ପାଞ୍ଚବର୍ଷ ମଧ୍ୟରେ ଅନ୍ତତ ହେଲେ ୧୦।୧୨ ଜଣ ଛାତ୍ର କୃତକାର୍ଯ୍ୟ ହେବେ ( ଏ ବିଷୟରେ ଉତ୍କଳଦର୍ପଣ ଯାହା ଲେଖି ଅଛନ୍ତି ତାହା ଅମ୍ଭମାନଙ୍କ ମତରେ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଅଟଇ ) ଓ ୧୨ ଜଣ ଛାତ୍ରଙ୍କ ପାଇଁ ଲୋକମାନେ ଓ ଗବର୍ଣ୍ଣମେଣ୍ଟ ମିଶି ଟ ୬୦୦୦୦୲ ଟଙ୍କା ବ୍ୟୟ କଲେ ଜଣପିଛା ଅତି ଊଣାରେ ଟ ୪୦୦୦୲ ଟଙ୍କା ବ୍ୟୟ ହେବ ଏହାକୁ କେଉଁ ଲୋକ ଯୁକ୍ତିସଙ୍ଗତ ବ୍ୟୟ ବୋଲିବ ? ଅମ୍ଭମାନଙ୍କ ବିବେଚନାରେ ଯେବେ ଗବର୍ଣ୍ଣମେଣ୍ଟ କଲେଜ ନିମନ୍ତେ ବାର୍ଷିକ ଟ ୬୦୦୦୲ ବ୍ୟୟ ନ କରି କଲିକତାରେ ପଢ଼ିବା ନିମନ୍ତେ ମାସିକ ଟ ୨୫୲ ଟଙ୍କା ମୂଲ୍ୟର କେତେଗୁଡ଼ିଏ ଛାତ୍ରବୃତ୍ତି ଅର୍ପଣ କରନ୍ତି ଯେ ଯେଉଁମାନେ କଟକ ହାଇସ୍କୁଲରୁ ଫାଷ୍ଟଆର୍ଟସ ପରୀକ୍ଷା ଦେଇ ବାହାରିବେ ସେମାନେ କଲିକତାକୁ ପଢ଼ିବାକୁ ଗଲେ ତାହା ପାଇବେ ତେବେ ଏଠାରେ କଲେଜ ସ୍ଥାପନଦ୍ୱାରା ଯାହା ଉପକାର ହେବାର ସମ୍ଭାବନା ତାହା ଅତ୍ୟଳ୍ପ ବ୍ୟୟରେ ସାଧିତ ହେବ ଅର୍ଥାତ୍ ପାଞ୍ଚବର୍ଷ ମଧ୍ୟରେ ୨।୧୦ ହଜାର ଟଙ୍କା ବ୍ୟୟରେ ଅନ୍ୟୂନ ୨୦ ଜଣ କଲିକତାରେ ବି, ଏ, ପରୀକ୍ଷା ଦେବାକୁ ସକ୍ଷମ ହେବ ଓ ଲୋକମାନଙ୍କଠାରୁ ଯେବେ ଟ ୩୦୦୦୦୲ ଟଙ୍କା ଚାନ୍ଦା ଉଠିପାରେ ତେବେ ତାହାକୁ କମ୍ପାନି କାଗଜରେ ଗଚ୍ଛିତ କଲେ ମାସିକ ଟ ୧୦୦୲ ଟଙ୍କା ଲେଖାଁଏ ସୁଧ ଆସିବ ଓ ତହିଁରେ ମଧ୍ୟ ଅନ୍ତତଃ ଦୁଇବର୍ଷରେ ଚାରିଜଣ ଛାତ୍ର କଲେଜରେ ପଢ଼ିବାର ସୁଯୋଗ ପାଇ ପାରନ୍ତି ଫଳତଃ ଅମ୍ଭେମାନେ ପୁନର୍ବାର କହୁଅଛୁଁ କି ଯେବେ ଓଡ଼ିଶାରେ କଲେଜ ସଂସ୍ଥାପନ କରିବାକୁ ଗବର୍ଣ୍ଣମେଣ୍ଟ ଇଚ୍ଛାନ୍ତ ବାସନା କରନ୍ତି ତେବେ ଯେମନ୍ତ ଅନ୍ୟାନ୍ୟ କଲେଜ ନିମନ୍ତେ ଟଙ୍କା ବ୍ୟୟ କରୁଅଛନ୍ତି ସେହିପରି ଏଠାନିମନ୍ତେ ମଧ୍ୟ ବ୍ୟୟ କରନ୍ତୁ ନୋହିଲେ ଅକାରଣରେ ସାଧାରଣ ଓ ଲୋକଙ୍କ ଟଙ୍କା କେବଳ କର୍ମଗୃହପ୍ରତି ପାଳନ ନିମନ୍ତେ ବ୍ୟୟ କରିବା ଉଚିତ ନୁହଇ ।

---

ଚଳିତମାସ ତା ୨ ରିଖର କଲିକତା ଗେଜେଟରେ ଅମ୍ଭମାନଙ୍କ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଶିକ୍ଷାସଂକ୍ରାନ୍ତ ଅତି ଛଅଗୋଟି ବିଷୟରେ ଆପଣା ଅଭିମତ ପ୍ରକାଶ କରିଅଛନ୍ତି ଯଥା ୧ମ ପ୍ରାଇମେରିସ୍କୁଲ ଅର୍ଥାତ୍ ଚାଟଶାଳୀରେ ଯାହା ପଢ଼ିବାକୁ ହେବ ତହିଁର ନିୟମ ସ୍ଥିର କରିବ ଓ ଶିଳ୍ପଶିକ୍ଷାନିମିତ୍ତ ବିଦ୍ୟାଳୟ ସଂସ୍ଥାପନ ଓ ୩ୟ ମୋଫସଲରେ ଦୂଃଖୀ ଇଉରୋପୀୟ ଓ ଫିରଙ୍ଗିଙ୍କ ପିଲାମାନଙ୍କୁ ଶିକ୍ଷାଦାନ । ତୃତୀୟବିଷୟଟି ଏପ୍ରଦେଶସହିତ ତାଦୃଶ ସମ୍ପର୍କ ରଖୁ ନ ଥିବାରୁ ତହିଁର ଉଲ୍ଲେଖରୁ ଅମ୍ଭେମାନେ କ୍ଷାନ୍ତ ହୋଇ ପ୍ରଥମ ଦୁଇବିଷୟର ସାରାଂଶ ଲେଖୁଅଛୁଁ ଯଥା।

୧ ଚାଟଶାଳରେ ପାଠର ନିୟମ ।

ଲେଫ୍ଟେନେଣ୍ଟ ଗବର୍ଣ୍ଣର କହନ୍ତି ଯେ ବର୍ତ୍ତମାନ ଚାଟଶାଳରେ ସାମାନ୍ୟ ଲେଖା ପଢ଼ା ଓ ଅଙ୍କର ଶିକ୍ଷା ଦିଆଯାଏ ଓ କୌଣସିପ୍ରକାର ସାମାନ୍ୟ ପୁସ୍ତକ ମଧ୍ୟ ନିର୍ଦ୍ଦିଷ୍ଟ ହୋଇ ନାହିଁ । ମାତ୍ର ଏପରି ଶିକ୍ଷାନିମନ୍ତେ ଛାତ୍ରବୃତ୍ତି ଦେବା ଭଲ ହୋଇ ନାହିଁ ଏଥିରୁ କିଛି ଉଚ୍ଚଶିକ୍ଷା ଦେବାର ଉଚିତ । ସମ୍ପ୍ରତି ଡାଇରେକ୍ଟରଙ୍କସହିତ ପରାମର୍ଶ କରି ଛାତ୍ରବୃତ୍ତିନିମନ୍ତେ ନିମ୍ନଲିଖିତ ବିଷୟରେ ଶିକ୍ଷା ଦିଆଯିବାର ସ୍ଥିର କରିଅଛନ୍ତି । ଯଥା—

୧ । ଲେଖିବା ଏବଂ ଛପା ଓ ହସ୍ତାକ୍ଷର ପଢ଼ିପାରିବା ।

୨ । ଅଙ୍କମିଶ୍ର ଭାଗ ହାରପର୍ଯ୍ୟନ୍ତ ଇଂରାଜୀ ନିୟମରେ ଏବଂ ଶୁଭଙ୍କରର ଅନୁସାରେ ମାନକଷା ମାସ ମହିନା ଓ ଜମାବନ୍ଦୀ ।

୩ । ବଜାର ଜମିଦାରୀ ହେସାବ ଏବଂ ସାମାନ୍ୟ ଭୂମିମାପ ଯେଉଁ ଛାତ୍ରମାନେ ଭଲ ଶିକ୍ଷା କରିବେ ସେମାନେ ବୃତ୍ତି ପାଇବେ ମାତ୍ର ଅନେକ ସହସ୍ର ପିଲା ମଧ୍ୟରେ ବୃତ୍ତି ନିମିତ୍ତ ପରୀକ୍ଷା ନିମନ୍ତେ କିଛି ଉଚ୍ଚ ପାଠ ନିର୍ଦ୍ଧାରିତ ନ କଲେ ପାଠଶାଳାଦ୍ୱାରା କୌଣସି ଉପକାର ହେବାର ନୁହଇ । ଅତଏବ ଆଗାମୀ ବର୍ଷ ନିମନ୍ତେ ଉପର ଲିଖିତ ପ୍ରକାର ପାଠର ବ୍ୟବସ୍ଥା ହେଲା କିନ୍ତୁ ତହିଁଉତ୍ତାରୁ ଏଥିରୁ ଅଧିକ ଉଚ୍ଚ ପାଠର ନିୟମ କରିବାକୁ ହେବ । ଯେଉଁ ପାଠର ନିୟମ ବର୍ତ୍ତମାନ ହେଲା ଏହାଦ୍ୱାରା ଅନ୍ତତଃ କେତେଗୁଡ଼ିଏ ବିଦ୍ୟାଳୟର ଅବସ୍ଥା ଭଲ ହୋଇ ପାରିବ । ସମ୍ପ୍ରତି ସବୁ ପାଠଶାଳାରେ ଏପ୍ରକାର ଉଚ୍ଚ ଶିକ୍ଷା ଦିଆ ହେବାର ସୁବିଧା ନ ହୋଇପାରେ ମାତ୍ର କେତେଗୁଡ଼ିଏ ଚାଟଶାଳୀରେ ତାହା ହେବାର କଠିନ ନାହିଁ ବିଶେଷ ଅବଧାନମାନେ ନର୍ମାଲ ସ୍କୁଲରୁ ଶିକ୍ଷାଲାଭ କରି କ୍ରମଶଃ ଉପଯୁକ୍ତ ହେଉଅଛନ୍ତି । ପ୍ରତ୍ୟେକ ଜିଲ୍ଲାର ଚାଟଶାଳୀ ନିମନ୍ତେ ଯେତେ ଟଙ୍କା ବର୍ତ୍ତମାନ ଦିଆ ଯାଉଅଛି ଅନ୍ତତଃ ତହିଁର ତୃତୀୟାଂଶ ଏପ୍ରକାର ଚାଟଶାଳୀରେ ବ୍ୟୟ ହେବା ନିମନ୍ତେ ପୃଥକ ହୋଇ ରହିବ ।

ଅମ୍ଭେମାନେ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଏ ବିଚାରରେ ବଡ଼ ଆନନ୍ଦିତ ହେଉଅଛୁଁ । ବଙ୍ଗପ୍ରଦେଶରେ କେବଳ ପ୍ରାଇମେରି ଶିକ୍ଷା ନିମିତ୍ତ ବର୍ଷକୁ ଚାରିଲକ୍ଷ ଟଙ୍କା ଦିଆ ଯାଉଅଛି ମାତ୍ର ପାଠର ନିୟମ ଅତି ସାମାନ୍ୟ ଥିବାରୁ ତାହା ଏକପ୍ରକାର ପାଣିରେ ପକାଇ ଦେବା ହେଉଥିଲା । ଅବଧାନ ପୂର୍ବେ ଯାହା ପଢ଼ାଉଥିଲେ ଯେବେ କେବଳ ତାହାହିଁ ପଢ଼ାଇଲେ ତେବେ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟରୁ କି ଫଳ ହେଲା । ସମ୍ପ୍ରତି ଯେଉଁ ନିୟମ ହେଲା ଏଥିରେ ଅବଶ୍ୟ କିଛି ଉପକାର ହେବ ଏବଂ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଯେ କ୍ରମଶଃ ଉଚ୍ଚପାଠର ବ୍ୟବସ୍ଥା କରିବାକୁ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି ତାହାକୁ ଅତ୍ୟନ୍ତ ଶୁଭଲକ୍ଷଣ ବୋଲିବାକୁ ହେବ ।

୨ ଜରିପ ଓ ଶିଳ୍ପ ଶିକ୍ଷା ନିମନ୍ତେ ବିଦ୍ୟାଳୟ ସଂସ୍ଥାପନ ।

ଜରିପ ବିଦ୍ୟାଳୟ ସମ୍ପର୍କରେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏହି ମନ୍ତବ୍ୟ ବ୍ୟକ୍ତ କରିଅଛନ୍ତି ଯେ ବର୍ତ୍ତମାନ ଅନେକ ବିଦ୍ୟାଳୟରେ ଜରିପ ଶିକ୍ଷାର ଶ୍ରେଣୀ ଫିଟିଅଛି ମାତ୍ର ଏଥିରେ ଛାତ୍ରମାନେ ଅନ୍ୟାନ୍ୟ ଶିକ୍ଷାର ଏକଅଂଶ ସ୍ୱରୂପ ଜରିପ ଶିକ୍ଷା କରନ୍ତି । ଏ ପ୍ରଦେଶରେ ଜରିପ କରିବାକୁ ଜାଣିବା ଅତ୍ୟନ୍ତ ପ୍ରୟୋଜନୀୟ ଅଟଇ ଏବଂ ଯେଉଁମାନେ ... ପାଠ

Digitized by srujanika@gmail.com

Split by PDF Splitter



ବ୍ୟବସାୟ ସ୍ୱରୂପ ଶିକ୍ଷା କରିବେ ସେମାନେ ସମ୍ପୂର୍ଣ୍ଣ ସୁଯୋଗ ପାଉ ନାହାନ୍ତି । ଅତଏବ ଏପ୍ରକାର ଲୋକଙ୍କ ସକାଶେ ପୃଥକ୍ ଜରୀବ ବିଦ୍ୟାଳୟମାନ ସ୍ଥାପନ କରିବାର ଉଚିତ । ଡାଇରେକ୍ଟର ସାହେବ ତାଙ୍କ ପାଟନା ଓ କଟକରେ ଗୋଟିଏ ଲେଖାଏ ଜରୀବ ବିଦ୍ୟାଳୟ ବସାଇବାର ପ୍ରସ୍ତାବ କରିଅଛନ୍ତି ଯେ ତାହା ମଞ୍ଜୁର ହୋଇଅଛି ଏସବୁ ବିଦ୍ୟାଳୟରେ ଦେଶୀୟ ଭାଷାରେ ଶିକ୍ଷା ଦିଆଯିବ ଓ ବର୍ଣ୍ଣାକୁଲର ଓ ମାଇନର ଛାତ୍ରବୃତ୍ତି ପାଇବା ବାଳକମାନେ ଏଥିରେ ଅଧ୍ୟୟନ କରି ପାରିବେ । ଏ ବିଦ୍ୟାଳୟଦ୍ୱାରା ବିଶେଷ ଉପକାରର ସମ୍ଭାବନା କାରଣ ଅନେକ ଉମ୍ମେଦ କର୍ମ ଯେଉଁମାନେ କରିବାଦ୍ୱାରା ପେଟପାଇବାକୁ ବାଞ୍ଛା କରନ୍ତି ସେମାନେ ଅନାୟାସରେ ଭଲ ଶିକ୍ଷା ପାଇବେ । ଅମ୍ଭେମାନେ ଭରସା କରୁଁ ଯେ ଏ ବିଦ୍ୟାଳୟ ବସିଲାଠାରୁ ସାହେବମାନେ ଏମନ୍ତ ନିୟମ କରିବେ ଯେ ଏଠାରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ନ ହେବା ବ୍ୟକ୍ତି ଯେମନ୍ତ ବଣ୍ଡୁଅସ୍ତ ଅମିନ ଜରୀବ ଅମିନ କାନୁନଗୋଇ ତହସିଲଦାର ପ୍ରଭୃତି କୌଣସି କର୍ମ ପାଇବେ ନାହିଁ । ତାହା ହେଲେ ଏ ବିଦ୍ୟାଳୟରେ ଛାତ୍ରସଂଖ୍ୟା ସର୍ବଦା ଯଥାପରିମାଣରେ ହେବ ।

ଶିଳ୍ପବିଦ୍ୟାଳୟ ସମ୍ପର୍କରେ ୨୪ ପ୍ରଗନ୍ନାର ବାବୁ ପ୍ରତାପଚନ୍ଦ୍ର ଘୋଷ ଯେଉଁ ପ୍ରସ୍ତାବ କରିଅଛନ୍ତି ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତାହା ମନୋନୀତ କରିଅଛନ୍ତି । ସେ ପ୍ରସ୍ତାବ କଣ ପ୍ରକାଶ ହୋଇ ନ ଥିବାରୁ ଅମ୍ଭେମାନେ ଠିକ ଠିକ ନ ପାରୁଁ ମାତ୍ର ଏଡୁକେଶନ ଗେଜେଟରୁ ଜଣାଯାଏ ଯେ କାଗଜ କାଚ ପ୍ରଭୃତି ଦ୍ରବ୍ୟମାନ ଏ ଦେଶୀୟ ବାଳକଙ୍କୁ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ସ୍ଥାପନ କରିବାକୁ କହିଅଛନ୍ତି । ଏଥିକୁ ଲେଫ୍‌ଟେନଣ୍ଟ ଗବର୍ଣ୍ଣର ଏହି ଆଜ୍ଞା ଦେଇଅଛନ୍ତି କି ଯେବେ ସ୍ଥାନୀୟ ସାହେବମାନେ ଏପ୍ରକାର ବିଦ୍ୟାଳୟମାନ ସ୍ଥାପନ କରିବାକୁ ଉଦ୍ୟମ କରିବେ ତେବେ ସେ ଯଥା ଯୋଗ୍ୟ ସାହାଯ୍ୟ ଦେବେ ।

ଅମ୍ଭମାନଙ୍କ ବିବେଚନାରେ ଶିଳ୍ପବିଦ୍ୟାଳୟ ସଂସ୍ଥାପନ କରିବା ସବୁଠାରୁ ଉତ୍କୃଷ୍ଟ କାର୍ଯ୍ୟ ଅଟଇ ଜରୀବ ବିଦ୍ୟାଳୟଠାରୁ ଏହା ଅଧିକ ପ୍ରୟୋଜନୀୟ ସ୍ଥାନୀୟ ସାହେବମାନେ ଏ ବିଷୟରେ କି ଉପାୟ କରିବେ ଦେଖିବାରେ ଅସିବ ସେମାନେ ଯେବେ ଇଚ୍ଛାନ୍ତି ଅପଣା ଅଧୀନସ୍ଥ ପ୍ରଜାଙ୍କ ସୁଖ ମନାସନ୍ତି ତେବେ ଅବଶ୍ୟ ଏବିଷୟର ବିଧାନ କରିବେ ।

# ସାପ୍ତାହିକ ସଂବାଦ ।

ଯାତ୍ରୀଙ୍କ ସଙ୍ଗେ ଓଲାଉଠା ରୋଗ ଉପସ୍ଥିତ ହେଲାଣି ଯାଜପୁରଠାରେ ଜ ୬ ଣ ମନୁଷ୍ୟ ଏରୋଗରେ ମରିବାର ଜଣା ଯାଇଅଛି ।

ଗତସପ୍ତାହଠାରୁ ଏଠାରେ ବର୍ଷାକାଳ ଆରମ୍ଭ ହୋଇ ପ୍ରତିଦିନ ବର୍ଷା ହେଉଅଛି ମାତ୍ର ନଈରେ ପାଣି ଅସି ନାହିଁ ।

ଏଠାର ସବଡିନେଟ ଜଜଙ୍କ ଅଦାଲତରେ ଗୋଟିଏ ମନୁଷ୍ୟ ଜାଲ ଧରା ପଡ଼ିଅଛି । ଏକବ୍ୟକ୍ତି ଅପଣାକୁ ଅନ୍ୟ ଏକବ୍ୟକ୍ତି ବୋଲି ପରିଚୟ ଦେଇ ତାହା ନାମର ଅରଜି ଦାଖଲ କରିଅଛି । ମକଦ୍ଦମା ବିଚାରାଧୀନରେ ଅଛି ପ୍ରମାଣ ହେଲେ ଦଣ୍ଡ ପାଇବ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ନୀଳଗିରିର ଗୋଳମାଳ ପୂର୍ବଠାରୁ ଅଧିକ ବଳବତ୍ ହୋଇଅଛି ସ୍ୱୟଂ ରାଜା ଖଡ଼ପୁର ମୁକାମରେ କି ଯେଉଁଠାରେ ବିବାଦ ଲାଗିଅଛି ଉପସ୍ଥିତ ଅଛନ୍ତି ପୁନର୍ବାର କମିଶ୍ନରସାହେବଙ୍କୁ ଯିବାକୁ ପଡ଼ିବ ଏରୂପ ଲୋକେ ଜନରବ ଉଠାଇ ଅଛନ୍ତି । ଏସବୁ ଯେବେ ସତ୍ୟ ହୁଅଇ ତେବେ କମିଶ୍ନର ସାହେବଙ୍କୁ ଏଥର କିଛି କଠିନ ବିଧାନ କରିବାକୁ ହେବ ।

ଯାଜପୁରରେ ଉତ୍ତମବୃଷ୍ଟି ହେଉଥିବାରୁ କୃଷିକର୍ମ ଯଥା ଉଚିତରୂପେ ହେଉଥିବାର ସମ୍ବାଦ ପାଇଅଛୁଁ କିନ୍ତୁ ଏ ଅଞ୍ଚଳରେ ଅଧିକ ବୃଷ୍ଟି ହେତୁ ଗୃହର ବ୍ୟାଘାତ ହେବାର କେତେକ ଲୋକଙ୍କଠାରୁ ଶୁଣାଯାଏ ।

ରଥଯାତ୍ରା ସକାଶେ ବଙ୍ଗାଳିଯାତ୍ରୀ ଆସିବାର ଆରମ୍ଭ ହେଲାଣି । ଅନୁମାନ ହୁଅଇ ଏବର୍ଷ ଯାତ୍ରୀସଂଖ୍ୟା ଅଧିକ ହେବ କାରଣ ଦୁର୍ଭିକ୍ଷ ହେତୁରୁ ଗତବର୍ଷ ବଙ୍ଗାଳିଯାତ୍ରୀ ଅସିପାରି ନ ଥିଲେ ।

ଯାଜପୁରରେ ଏ ସମୟରେ ଅଗ୍ନି ଉତ୍ପାତ ହୋଇଥିବାର ସମ୍ବାଦ ଅସିଅଛି । ଏକଦିନ ଅଗ୍ନିଲାଗି ବଣିଆମାନଙ୍କର ଗୋ ୧୪ ଟା ଘର ପୋଡ଼ି ଯାଇଅଛି ଓ ଏଥିରେ କେତେକ ଦ୍ରବ୍ୟାଦି ମଧ୍ୟ ନଷ୍ଟ ହୋଇଅଛି ।

ମାନ୍ଦ୍ରାଜଟାଇମସ୍ ଲେଖନ୍ତି ଯେ ଗତ ମଇମାସରେ ପୂର୍ବ ଦୁଇବର୍ଷାପେକ୍ଷା ମାନ୍ଦ୍ରାଜରେ ଗ୍ରୀଷ୍ମ ବିଶେଷ ହୋଇଥିଲା । ପୂର୍ବ ବର୍ଷମାନଙ୍କରେ ତାପମାନଯନ୍ତ୍ରରେ ପାରା ୧୦୬ ଡିଗ୍ରୀଯାଏ ଉଠିଥିଲା କିନ୍ତୁ ଏ ବର୍ଷ ୧୦୯ ଡିଗ୍ରି ହୋଇଥିଲା ।

ବମ୍ବେଇଗେଜେଟ ଲେଖନ୍ତି ଯେ ବାଉକଲ୍‌ଷ୍ଟେସନ ଘାଟରେ ଗୋଟିଏ ଛଅବର୍ଷର ପିଲା ଏକ ପୋଖରୀ ମଧ୍ୟରେ ପଡ଼ିଗଲା ଓ ଲୋକେ ତାହାକୁ ବାହାର କରି ଅଣି ମରଣର ବିଚାର କରି ଛାଡ଼ିଗଲେ । ଅଟିସ୍ୱର ଉଜରଙ୍ଗୀ ନାମରେ ଜଣେ ଇଞ୍ଜିନିୟର ଅପଣା ବଙ୍ଗଳା ମଧ୍ୟରୁ ଏ ଘଟଣା ଦେଖି କାହାର କଥା ନ ଶୁଣି ପିଲା ଦେହକୁ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅଉଁସିବାରେ ତାହାର ନିଶ୍ୱାସ ବାହାରିଲା ତହିଁଉତ୍ତାରୁ ତାହାକୁ ଔଷଧ ଦେଇ ଅରୋଗ୍ୟକଲେ ସେ ଏପରି କରି ନ ଥିଲେ ପିଲାଟିକୁ ଜୀଅନ୍ତା ପୋତି ବା ପୋଡ଼ାଇଯାଇ ଥାନ୍ତେ ।

ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀ ନାଇଟ ସାହେବ ଅପଣା ଇଚ୍ଛାମତେ କର୍ମରୁ ଇସ୍ତଫା ଦେବା ପାଇଁ ଗବର୍ଣ୍ଣମେଣ୍ଟଇଣ୍ଡିଆରୁ ଅନୁମତି ପାଇଅଛନ୍ତି । ଏତେ ବିଗ୍ରହ କାହିଁକି ?

କଲିକତା ଛୋଟଅଦାଲତର ଜଜ ଶ୍ରୀଯୁକ୍ତ ଫେଗନ ସାହେବଙ୍କ ମୃତ୍ୟୁ ସଂବାଦ ପରଦେଶରେ ସତ୍ୟ ହେଲା ଏତ ଦୁଃଖର ବିଷୟ ଅଟଇ ।


## NOTICE.

Wanted a Head master for the Kendrapara Middle Class English School on a salary Rs. 40 per mensem. Preference will be given to those who have passed the First Examination in Arts. Candidates should send in their applications, with their testimonials, to the undersigned before the 30th June 1875, stating their experience in teaching and knowledge in Surveying.

Kendrapara, the 13th June, 1875.

R. H. Greaves.
Honorary Secretary
to the Kendrapara
M. C. E. School.


## ମୂଲ୍ୟପ୍ରାପ୍ତି ।

ବାବୁ ରମାଇଚରଣ ନେଉଟୀ
କଟକ ବକେୟା ୫ ୨ ୧
ବାବୁ ଚନ୍ଦ୍ରକୁମାର ଘୋଷ „ ଅଗ୍ରିମ ୫ ୪ ୧

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା୧୦ଗ ସଂ୨୬ଖ୍ୟା } ତା ୨୬ ରଖ ଜୁନ ସନ ୧୮୭୫ ମସିହା ।ମୂ। ଆଷାଢ଼ ୧୪ ଦିନ ସନ ୧୨୮୨ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪୲ ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲ ମଫସଲ ପାଇଁ ଡାକମାସୁଲ ୫୷୦

ଅମ୍ଭେମାନେ ସଂବାଦପତ୍ରମାନଙ୍କରେ ପଢ଼ି ଆଶ୍ଚର୍ଯ୍ୟ ହେଲୁଁ ଯେ କରେଦା ରାଜ୍ୟ ଶାସନ ସମ୍ପର୍କରେ ସର ମାଧୋରାଓ ଓ ସର ଲୁଇସ ପେଲି ସାହେବଙ୍କ ମଧ୍ୟରେ ମତାନ୍ତର ଉପସ୍ଥିତ ହୋଇଅଛି ଓ ତହିଁରେ ସର ମାଧୋରାଓ ଅତ୍ୟନ୍ତ ଅସନ୍ତୋଷ ହୋଇ ଅଛନ୍ତି । ଗବର୍ଣ୍ଣମେଣ୍ଟ ସର ମାଧୋରାଓଙ୍କ ଉପରେ ଶାସନ ଭାର ନିର୍ବାହ କରିବା କାରଣ ନିଯୁକ୍ତ କରିଅଛନ୍ତି ଓ ସର ଲୁଇସ ପେଲିଙ୍କର ତାହାଙ୍କ ଉପରେ କୌଣସି କ୍ଷମତା ନାହିଁ ସେ ତାହାଙ୍କର କାର୍ଯ୍ୟ ସ୍ୱତନ୍ତ୍ର ପ୍ରକାରର ଅଟଇ ଓ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଦୂତେ ନିଯୁକ୍ତ ହୋଇଅଛନ୍ତି ଏ ସ୍ଥଳେ ସର ଲୁଇସ ପେଲି କେଉଁ କ୍ଷମତାରେ ତାହାଙ୍କ ଉପରେ ହୁକୁମ ଚଳାଇବାକୁ ବସିଅଛନ୍ତି ବୁଝା ଯାଉ ନାହିଁ । ରେସିଡେଣ୍ଟ ସାହେବଙ୍କର ଏହିପ୍ରକାର ଅନଧିକାର ଚର୍ଚ୍ଚା ଅନେକ ଅନିଷ୍ଟର ମୂଳ ଅଟଇ ।

---

ସନ ୧୮୭୪ ମସିହା ଅକ୍ଟୋବରମାସରେ ବଙ୍ଗଉପସାଗରରେ ଯେଉଁ ତୋଫାନ ହୋଇଥିଲା ତହିଁର ବିବରଣ କଲିକତା ଗେଜେଟରେ ଛପା ହୋଇଅଛି । ତହିଁରୁ ଦେଖାଗଲା ଯେ ଉକ୍ତ ତୋଫାନର ପ୍ରକୋପ ମେଦନୀପୁରରେ ଭାରି ପ୍ରକାଶ ହୋଇଥିଲା ତହିଁରୁ ଊଣା ବଳ କଲିକତା ଓ ତଥା ବର୍ଦ୍ଧମାନ ରାଜସାହି ଓ ଛୋଟନାଗପୁରରେ ପ୍ରକାଶ ପାଇଥିଲା । ଓଡ଼ିଶାମଧ୍ୟରେ କେବଳ ବାଲେଶ୍ୱର ଜିଲାର ଉତ୍ତରାଂଶ ବାଲିଆପାଲ ଓ ଜଲେଶ୍ୱରରେ ତୋଫାନ ଅତ୍ୟନ୍ତ ଭୟଙ୍କର ହୋଇଥିଲା । ଏଠାରୁ ତା ୧୫ ରଖ ଅକ୍ଟୋବର ଦିନ ଦୁଇପ୍ରହରଠାରୁ ରାତି ଅଧଯାଏ ତୋଫାନ ପ୍ରବଳଥିଲା । ପ୍ରାୟ ସମସ୍ତ ଘର ଭାଙ୍ଗିଯାଇଥିଲା । ଗୃହ ପାଳିତ ପଶୁଙ୍କ ମଧ୍ୟରୁ ଅଧେ ମରିପଡ଼ିଥିଲେ ଓ ଜ ୨୦୦ ଣ ମନୁଷ୍ୟ ମରିଥିଲେ । ମେଦନୀପୁରରେ ସବୁଠାରୁ ଅନିଷ୍ଟ ଅଧିକ ହୋଇଥିଲା ସେଠାରେ ଜ ୩,୦୪୯ ଣ ମନୁଷ୍ୟ ଓ ୧୭,୫୦୦ ପଶୁ ମରିପଡ଼ିଥିଲେ ।

---

ଗତ ପ୍ରକାଶିତ କଲିକତା ଗେଜେଟରେ ଦେଖିଲୁଁ ଯେ ଗଡ଼ଯାତରେ ଲବଣ ବିକ୍ରିର ସୁବିଧା କରଦେବାରୁ ଅମ୍ଭମାନଙ୍କର କମିଶନର ରାମ୍‌ସେ ରେବନସା ସାହେବ ଗବର୍ଣ୍ଣମେଣ୍ଟରୁ ପୁରସ୍କାର ଲଭିଅଛନ୍ତି । ଗଡ଼ଯାତରେ ଲୁଣ ବିକ୍ରୟ ପକ୍ଷରେ ପୂର୍ବରୁ ଏହି ନିୟମ ଚଳି ଆସୁଥିଲା ଯେ ପ୍ରତି ଗଡ଼ଯାତର ରାଜା ଆପଣା ଏଲାକାରେ ଲୁଣ ବିକ୍ରୟ କରାଉ କୌଣସି ଏକ ବେପାରୀକୁ ଅଧିକାର ଦେଉଥିଲେ ଓ ସେହି ଅଧିକାର ଦେବା ପାଇଁ ବାର୍ଷିକ କିଛି କର ବନ୍ଦୋବସ୍ତ କରି ନେଉଥିଲେ । ଯେଉଁ ବେପାରୀ ଅନୁମତି ପାଉଥିଲା ତାହା ଭିନ୍ନ ଆଉ କାହାରିକୁ ସେଠାରେ ଲୁଣ ବିକ୍ରୀ କରିବାର କ୍ଷମତା ନ ଥିଲା ସୁତରାଂ ଲବଣ କାରବାରଟି ଏକଚାଟିଆ ହୋଇ ପଡ଼ିଥିଲା । ବେପାରୀମାନେ କରଚ ନେବାକୁଣ କିଣୁଥିଲେ ଏମନ୍ତ ନୁହେଁ ସରକାରୀ ମାସୁଲ ଦେଇ ଗଞ୍ଜାମ ବା ପୁରୀର ଲୁଣ ନେଉଥିଲେ । ଏ ବନ୍ଦୋବସ୍ତରେ ସରକାରଙ୍କର କୌଣସି କ୍ଷତି ନ ହୋଇ ରାଜାଙ୍କର କିଞ୍ଚିତ ଲାଭ ହେଉଥିଲା ତେବେ ଏକ ଚାଟିଆ ବେପାର ହେତୁରୁ ଖାଉଟିମାନଙ୍କୁ କୌଣସି କୌଣସି ଗଡ଼ଯାତରେ ଅଧିକା ମୂଲ୍ୟ ଦେବାକୁ ପଡ଼ୁଥିଲା ମାତ୍ର ଯେଉଁଠାରେ ରାଜା ଊର୍ଦ୍ଧ୍ୱ ସଂଖ୍ୟାର ଦର ସ୍ଥିର କରି ଦେଉଥିଲେ ସେଠାରେ ସେପରି ଘଟୁ ନ ଥିଲା । ସମ୍ପ୍ରତି ଗେଜେଟରୁ ଜଣାଯାଏ ଯେ ଶ୍ରୀଯୁକ୍ତ କମିଶନରସାହେବ ରାଜାମାନଙ୍କୁ ପ୍ରବର୍ତ୍ତାଇ ଉକ୍ତ ଏକଚାଟିଆ ଲବଣ କାରବାରରୁ ସେମାନଙ୍କୁ କ୍ଷାନ୍ତ କରି ଘୋଷଣାପତ୍ର ଦେଇଅଛନ୍ତି ଯେ ଲୁଣ ବେପାରୀମାନେ ଯେତେବେଳେ ଗଡ଼ଯାତ ମହାଲର ଯେଉଁ ସ୍ଥାନରେ ଗଞ୍ଜାମ ବା ଓଡ଼ିଶାର ମାସୁଲଦିଆ ଲୁଣ ବିକ୍ରୟ କରିବାକୁ ବାଞ୍ଛା କରିବେ ସେମାନେ ଅବାଧରୂପେ ତାହା କରି ପାରିବେ । ରାଜାମାନଙ୍କୁ କିଛି ମାସୁଲ ଦେବାକୁ ହେବ ନାହିଁ ବା ତାହାଙ୍କର ଦର ପ୍ରତି କେହି ଆପତ୍ତି କରିବେ ନାହିଁ । ସମସ୍ତ ରାଜା ଯେବେ ଯଥାର୍ଥରୂପେ ଏ ନିୟମଟିକୁ ପ୍ରତିପାଳନ କରନ୍ତି ତାହା ହେଲେ ପ୍ରଜାଙ୍କର ଉପକାର ହେବ ଓ ଗଡ଼ଯାତରେ ବାଣିଜ୍ୟର ମଧ୍ୟ ବିସ୍ତାର ହେବ ।

---

ଉଚ୍ଚଶିକ୍ଷା ।

କଟକ ହାଇସ୍କୁଲକୁ କାଲେଜ କରିବାର ପ୍ରସ୍ତାବ ସମ୍ପର୍କରେ ସ୍ଥାନୀୟ ଅନେକ ସମ୍ବାଦପତ୍ର

Digitized by srujanika@gmail.com

Split by PDF Splitter



ମଧ୍ୟରେ ଐକ୍ୟତା ଦେଖାଯାଏ ବଡ ସୁଖର ବିଷୟ ଅଟଇ। ଗତ ପ୍ରକାଶିତ ଉତ୍କଳହିତୈଷିଣୀରେ ଗୋଟିଏ ଦୀର୍ଘ ପ୍ରସ୍ତାବ ଏ ବିଷୟରେ ବାହାରଅଛି ଲେଖକ ତହିଁରେ ଉପଯୁକ୍ତ ଓ ସନ୍ତୋଷ ଜନକ ଯୁକ୍ତିଦ୍ୱାରା ଦେଖାଇ ଅଛନ୍ତି ଯେ ପ୍ରସ୍ତାବଟି ଆଲୋଚିତ ହୋଇ ନାହିଁ। ଓ ଏଥିରେ ଯେରୂପ ବ୍ୟୟ ହେବ ସେ ପରିମାଣରେ ଫଳ ମିଳିବ ନାହିଁ। ଲେଖକ ଯଥାର୍ଥ କହୁଅଛନ୍ତି ଯେ ତ ୧୦।୧୨ ଣ ଛାତ୍ରଙ୍କ ଶିକ୍ଷା ସକାଶେ ଟ ୨୦୦୦୦ଙ୍କା ବ୍ୟୟ କରିବା ଅପେକ୍ଷା ସେତିକି ଟଙ୍କା ତାହାଙ୍କୁ ବାଣ୍ଟି ଦେଲେ ବହୁତ ଉପକାର ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି। ଏପର୍ଯ୍ୟନ୍ତ ଆମ୍ଭେମାନେ ଉତ୍କଳହିତୈଷିଣୀଙ୍କ ବାକ୍ୟକୁ ଘଷାକରୁଁ ମାତ୍ର ଏହି ପ୍ରସ୍ତାବରେ ଉଚ୍ଚଶିକ୍ଷା ବିରୁଦ୍ଧରେ ଯେସମସ୍ତ କଥା ଲେଖା ଅଛି ଆମ୍ଭେମାନେ ତହିଁରେ ସମ୍ମତ ହୋଇ ନ ପାରୁଁ ଏବଂ ଲେଖକଙ୍କର ଉଚ୍ଚଶିକ୍ଷା ସମ୍ପର୍କରେ ଏତେବଡ ଭ୍ରମଅଛି ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଅଛୁଁ। ଅବଶ୍ୟ ଏକଥା ସତ୍ୟ ଯେ ଉଚ୍ଚଶିକ୍ଷା ଦେବାରେ ଗବର୍ଣ୍ଣମେଣ୍ଟ ଯେ ପରିମାଣରେ ମହତ୍ୱପଣ ପ୍ରକାଶ କରି ଅଛନ୍ତି ଶିକ୍ଷିତ ଲୋକମାନେ ସେପରିମାଣରେ ତାହା ଗ୍ରହଣ କରିବାକୁ ସମର୍ଥ ହୋଇ ନାହାନ୍ତି ଓ ଗୃହଙ୍କୁ ଶିକ୍ଷାର ଚରମଫଳ ଜ୍ଞାନକରି ଅନେକଲୋକ ମନଃପୀଡ଼ା ମଧ୍ୟ ପାଉ ଅଛନ୍ତି ମାତ୍ର ଏହାବୋଲି ଉଚ୍ଚଶିକ୍ଷାକୁ ଗର୍ହିତ ବିଷୟ ଅଥବା ଗବର୍ଣ୍ଣମେଣ୍ଟ ଉଚ୍ଚଶିକ୍ଷା ଦେଇ କେବଳ ଅପଣା ବେଳରେ ଲୁଣି ମାରୁ ଅଛନ୍ତି ବୋଲି ବୋଲଯାଇ ନ ପାରେ। ଉଚ୍ଚଶିକ୍ଷାର ପ୍ରକୃତଫଳ ଯେବେ ଅଧିକ ପରିମାଣରେ ଅବଧି ଫଳ ନାହିଁ ତେବେ ସେ ଦୋଷ ଲୋକଙ୍କର ଅଟଇ ତହିଁପାଇଁ ଉଚ୍ଚଶିକ୍ଷାର ନିନ୍ଦା ହୋଇ ନ ପାରେ। ବାସ୍ତବରେ ସମାଜର ଯାହାକିଛି ଉନ୍ନତି ହେଉଅଛି ତାହା ଅନେକାଂଶରେ ଉଚ୍ଚଶିକ୍ଷାର ପ୍ରଭାବରୁ ଅଟଇ ଓ ଶିକ୍ଷିତଲୋକମାନେ ସମସ୍ତେ ଯେବେ ଅପଣା କର୍ତ୍ତବ୍ୟପ୍ରତି ଦୃଷ୍ଟି କରନ୍ତେ ତାହା ହେଲେ ଆହୁରି ଅନେକ ଉନ୍ନତି ଦେଖାଯାନ୍ତା। ଫଳତଃ ଲେଖକ ଶିକ୍ଷିତଲୋକଙ୍କର ତ୍ରୁଟି ଦେଖି ଉଚ୍ଚଶିକ୍ଷାକୁ ନିନ୍ଦା କରିବାରେ ଏପରି ଜଣାଯାଏ ଯେ ସେ ଅପଣାକୁ ଅପେ ଛିଦ୍ରି ନ ପାଇ ବ୍ୟସ୍ତରେ ପଡି ଅଛନ୍ତି। ଏହାଙ୍କର ଏକାନ୍ତ ବାସନା ଯେ ଶିକ୍ଷା ବିଷୟରେ ଗବର୍ଣ୍ଣମେଣ୍ଟ ବ୍ୟାକ୍ତିଣ ହେଉନ୍ତୁ ମାତ୍ର ତହିଁର ଅର୍ଥ କିଛି ଆମ୍ଭେମାନେ ବୁଝିପାରୁ ନାହୁଁ। ଏକଥାଟିକୁ ବୁଝାଇ କହିଥିଲେ ଭଲ ହୋଇଥାନ୍ତା।

---

## ଟଙ୍କା ଜମା କରିବାର ନୂତନ ଉପାୟ।

ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଯେଉଁ ଲୋନ ଖୋଲି ଅଛନ୍ତି ଅର୍ଥାତ୍ ଟଙ୍କା ଋଣ କରୁଅଛନ୍ତି ତହିଁରେ ଢେଙ୍କାନାଳର ମହାରାଜା ଦୁଇଲକ୍ଷଟଙ୍କା ଦେଇ ଅଛନ୍ତି ଏହାକୁ ଓଡିଶାର ଗୋଟିଏ ଉନ୍ନତିର ଚିହ୍ନ ବୋଲି ଗଣିବାକୁ ହେବ କାରଣ ଏଠାଲୋକଙ୍କର ଅବଧି ଏରୂପ ଭ୍ରମ ଅଛି ଯେ ଗବର୍ଣ୍ଣମେଣ୍ଟ ଲୋନରେ ଟଙ୍କା ସ୍ଥାପିତ କରିବା ଓ ଟଙ୍କା ପାଣିରେ ପକାଇଦେବା ଏକା କଥା ଅଟଇ ଓ ଏହି ହେତୁରୁ ଓଡିଶାର କୌଣସି ଧନବ୍ୟକ୍ତି ଅବଧି ଗବର୍ଣ୍ଣମେଣ୍ଟ ଲୋନରେ ଅପଣା କଳକା ଧନ ଗଚ୍ଛିତ କରିବାକୁ ସାହସୀ ହୋଇ ନାହାନ୍ତି। ଯେଉଁମାନେ କୌଣସି ବ୍ୟବସାୟରେ ଟଙ୍କା ଲଗାଇବାକୁ ନ ଜାଣନ୍ତି ତାହାଙ୍କଘରେ ଅନର୍ଥକ ଟଙ୍କା ପଡି ରହିଥାଏ ତଦ୍ଦ୍ୱାରା କୌଣସି କାର୍ଯ୍ୟ ହୁଅଇ ନାହିଁ। ଅନର୍ଥକଟଙ୍କା ଘରେ ଲୁଚାଇ ରଖିବା ବୁଦ୍ଧିମାନ୍ ଲୋକର କର୍ମ ନୁହଇ ଏହାଦ୍ୱାରା କେବଳ ସେ ବ୍ୟକ୍ତିର ଉପକାର ହୁଅଇ ନାହିଁ ଏମନ୍ତ ନୁହେ ମାତ୍ର ତହିଁରେ ସାଧାରଣର ଅପକାର ହୁଅଇ କାରଣ ଟଙ୍କା ଚଳାଚଳ ହେଲେ ଯେଉଁମାନଙ୍କର ଉପକାର ହୁଅନ୍ତା ସେମାନେ ତହିଁରୁ ବଞ୍ଚିତ ହୁଅନ୍ତି। ଢେଙ୍କାନାଳର ମହାରାଜା ଯେମନ୍ତ ଅନେକ ବିଷୟରେ ଓଡିଶାରେ ଅଗ୍ରଗଣ୍ୟ ହୋଇ ଅଛନ୍ତି ଏ ବିଷୟରେ ମଧ୍ୟ ସେହିପରି ହେଲେ। ଯେଉଁ ଦୁଇଲକ୍ଷଟଙ୍କା ମହାରାଜା ଋଣଦେଲେ ତହିଁରେ ବାର୍ଷିକ ଟ ୮୦୦୦ ଙ୍କା ଲାଭ ଆସିବ ସୁତରାଂ ତୁଚ୍ଛାକୁ ଟଙ୍କା ଘରେ ରଖି ତହିଁର ରକ୍ଷା ସକାଶେ ଅଉକିଛି ବ୍ୟୟ କରିବାଠାରୁ ବାର୍ଷିକ ଅଠହଜାରଟଙ୍କା ଲାଭ କରିବା ସାମାନ୍ୟ କଥା ନୁହଇ। ପୁଣି ଗବର୍ଣ୍ଣମେଣ୍ଟଙ୍କ ଲେଖିଦେବା ତମସୁକ ବା ତାହାର ନାମ ପ୍ରମିସରି ନୋଟ ଅଟଇ ସର୍ବଦା ବଜାରରେ ଖରିଦ ବିକ୍ରୀ ହେଉଥିବାରୁ ଆବଶ୍ୟକ ହେଲେ ତାହା ବିକ୍ରିଦ୍ୱାରା ନଗଦଟଙ୍କା ମଧ୍ୟ କରିକି ଅସିପାରିବ। ଅତଏବ ଏପରି ଉପାୟରେ ଢେଙ୍କାନାଳର ମହାରାଜା ଟଙ୍କା ଗଚ୍ଛିତ କରି ଅପଣା ସୁବୁଦ୍ଧିର ବିଚକ୍ଷଣତା ଦେଖାଇ ଅଛନ୍ତି ଓ ଓଡିଶାର ଅନ୍ୟାନ୍ୟ ରାଜା ଓ ଜମିଦାରଙ୍କର ଆଦର୍ଶ ସ୍ୱରୂପ ହେବେ ସନ୍ଦେହ ନାହିଁ।

ପରନ୍ତୁ ଆମ୍ଭମା[illegible]ର ଏମନ୍ତ ଉଦୟ ହେଉଅଛି ଯେ [illegible]ଲର ମହାରାଜା ଏତେବଡ଼ ବିଚକ୍ଷଣ ଲୋକ ହୋଇ ଯାହା ଶତକଡା ଚାରିଟଙ୍କିଆ ସୁଧରେ ଟଙ୍କା ଜମାକଲେ ତଦ୍ଦ୍ୱାରା ଅନ୍ୟ କୌଣସି ହିତକର କାର୍ଯ୍ୟର ଅନୁଷ୍ଠାନ କରି ନ ପାରିଲେ ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ। ପ୍ରଜାଙ୍କଠାରୁ କରଗ୍ରହଣ ପୂର୍ବକ ଉକ୍ତଧନ ଏକତ୍ରିତ ହୋଇଅଛି ସୁତରାଂ ତାହାଦ୍ୱାରା ପ୍ରଜାଙ୍କର ଉପକାର ସାଧନ କରିବାର ଥିଲା ମହାରାଜା ଯେବେ ଅପଣା ରାଜ୍ୟର ଉନ୍ନତିସାଧନ ସକାଶେ ଉକ୍ତ ଧନର କୌଣସି ଅଂଶ ବ୍ୟୟ କରିଥାନ୍ତେ ତାହା ହେଲେ ଯେମନ୍ତ ତାହାଙ୍କର ସୁଖ୍ୟାତି ଅଧିକ ହୋଇଥାନ୍ତା ସେରୂପ ପ୍ରଜାଙ୍କର ମଧ୍ୟ ଉପକାର ହୋଇଥାନ୍ତା। ଗଡ଼ଜାତର ସ୍ଥିତାବସ୍ଥାପ୍ରତି ଦୃଷ୍ଟି କଲେ କେହି କେବେହେଲେ ହାତରେ ଟଙ୍କା ରଖି ତହିଁର ଉତ୍କର୍ଷ ସାଧନ ନ କରି ନିଶ୍ଚିନ୍ତ ହୋଇ ପାରିବ ନାହିଁ ଓ ଢେଙ୍କାନାଳର ପ୍ରଜାମାନେ ଅନ୍ୟାନ୍ୟ ଗଡ଼ଜାତର ଭଲ ଅଛନ୍ତି ବୋଲି ତାହାଙ୍କର ସକଳ ଅଭାବ ଦୂର ହୋଇଅଛି ବୋଲାଯାଇ ନ ପାରେ। ପ୍ରକୃତରେ ସେଠା ଲୋକଙ୍କର ଉନ୍ନତି ପକ୍ଷରେ କୌଣସି ଉପାୟ ହୋଇ ନାହିଁ। ଅଉ କଥା ତେଣିକି ଥାଉ ବାଣିଜ୍ୟର ବିସ୍ତାର ସକାଶେ ଭଲଅତେ ସଡ଼କବାଟ ସୁଦ୍ଧା ନାହିଁ। ମହାରାଜା ଯେବେ ଅପଣା ଏଲାକାରେ ବାଣିଜ୍ୟର ବିସ୍ତାର ସକାଶେ ଉପାୟ କରନ୍ତେ ବା କୌଣସି ଶିଳ୍ପବିଦ୍ୟାରେ ଲୋକଙ୍କୁ ଶିକ୍ଷାଦେବାର ବନ୍ଦୋବସ୍ତ କରନ୍ତେ ଅଥବା ଅପେ କୌଣସି ବାଣିଜ୍ୟ ଆରମ୍ଭ କରି ଯେମନ୍ତ ଅପେ ଲାଭ କରନ୍ତେ ତେମନ୍ତ ପ୍ରଜାଙ୍କୁ ଅର୍ଜନର ଉପାୟ କରି ଦିଅନ୍ତେ ତେବେ ବହୁତ ଭଲ ହୋଇଥାନ୍ତା। ସଂକ୍ଷେପରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ରାଜାମାନେ ପ୍ରଜାଙ୍କଠାରୁ ଯେଉଁ କରମାନ ଆଦାୟ କରନ୍ତି ତହିଁରୁ ରାଜ୍ୟ ଶାସନର ବ୍ୟୟ ଓ ଯଥାମାନ ସମ୍ଭ୍ରମ ସହିତ ଅପଣାର ବ୍ୟୟ ଲଗାଇ କରି ଉଦ୍ବୃତଟଙ୍କା ଏମନ୍ତ କର୍ମରେ ଲଗାଇବେ କି ଯହିଁରେ ରାଜ୍ୟର ଉନ୍ନତି ଓ ପ୍ରଜାଙ୍କର ହିତ ହେବା ସଙ୍ଗେ ରାଜ୍ୟର ଆୟ ମଧ୍ୟ ବୃଦ୍ଧି ହୋଇ ପାରିବ। ସେରୂପ ନ ହେଲେ ଯେଉଁ ରାଜା ବୃଥାରେ ଧନ ସଞ୍ଚୟ କରେ ଓ ଯେଉଁ ରାଜା ବୃଥା ଅପବ୍ୟୟ କରି କିଛି ସଞ୍ଚୟ ନ କରେ ଉଭୟର ଅବସ୍ଥା ସମାନ ବୋଲିବାକୁ

Digitized by srujanika@gmail.com

ହେବ କାରଣ ଏ ଦୁହଙ୍କଠାରୁ ପ୍ରଜାଙ୍କର ହିତ ହେବା ଅସମ୍ଭବ ଅଟଇ ।

---

## ସ୍କୁଲ ତତ୍ତ୍ୱାବଧାରଣର ନୂତନ ବ୍ୟବସ୍ଥା ।

ସ୍କୁଲସବୁର ତତ୍ତ୍ୱାବଧାରଣ ନିମିତ୍ତ ଡେପୁଟି ଇନ୍‌ସ୍‌ପେକ୍ଟର ଓ ସବ୍ ଇନ୍‌ସ୍‌ପେକ୍ଟର ପ୍ରତ୍ୟେକ ଜିଲାରେ ନିଯୁକ୍ତ ହୋଇଅଛନ୍ତି । ବର୍ତ୍ତମାନ ବଙ୍ଗଳାରେ ଏରୂପ କର୍ମଚାରୀ ଜ ୧୭୭ ଣ ଅଛନ୍ତି କିନ୍ତୁ ଆମ୍ଭମାନଙ୍କ ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କ ମତରେ ତାହା ପ୍ରଚୁର ନୁହଇ ବୋଲି ସେ ଏ ବିଷୟର ଗୋଟିଏ ନୂତନ ବନ୍ଦୋବସ୍ତ କରି ଗତମାସ ତା ୧୪ ରିଖର କଲିକତା ଗେଜେଟରେ ତାହା ପ୍ରକାଶ କରିଅଛନ୍ତି । ପୂର୍ବ ଲେପ୍ଟେନେଣ୍ଟଗବର୍ଣ୍ଣରଙ୍କ ଅଭିପ୍ରାୟ ଏହି ଥିଲା ଯେ ମୋଫସଲର ପାଠଶାଳା ପ୍ରଭୃତ ତଦାରଖ କରିବା ନିମନ୍ତେ ଅଧିକ ବିଦ୍ୱାନ୍ ଲୋକର ପ୍ରୟୋଜନ ନାହିଁ ଏଥିପାଇଁ ସେ ସବ୍ ଇନ୍‌ସ୍‌ପେକ୍ଟରଙ୍କର ବେତନ ମାସକୁ ଟ ୨୦।୨୫ ଙ୍କାରୁ ଆରମ୍ଭ କରିଥିଲେ । ମାତ୍ର ସର୍ ରିଚ୍ୟାର୍ଡ ଟେମ୍ପ୍ଲଙ୍କର ସେରୂପ ମତ ନୁହଇ ସେ ବୋଲନ୍ତି ଯେ ଯଦ୍ୟପି କି ଅଧିକାଂଶ ବିଦ୍ୟାଳୟରେ ସାମାନ୍ୟ ଶିକ୍ଷା ଦିଆଯାଏ ସତ୍ୟ ଓ ତହିଁ ନିମନ୍ତେ ଅଳ୍ପ ଶିକ୍ଷିତଲୋକ ତତ୍ତ୍ୱାବଧାରକ ନିଯୁକ୍ତ ହେଲେ କାର୍ଯ୍ୟ ଚଳିବାରେ ବ୍ୟାଘାତ ହେବ ନାହିଁ ତଥାପି ଏପ୍ରକାର କର୍ମର ମର୍ଯ୍ୟାଦା ରକ୍ଷା କରିବା ଉଚିତ ଓ ମୋଫସଲ ଲୋକମାନେ ଯେମନ୍ତ ଏପ୍ରକାର କର୍ମଚାରୀଙ୍କୁ ଅନାଦର ନ କରନ୍ତି ଓ ଏମାନଙ୍କର ଏରୂପ ପଦ ବୃଦ୍ଧି ଥିବାର ଉଚିତ କି ଯହିଁରେ ସେମାନେ ଉପଯୁକ୍ତ ପରିମାଣରେ ଆପଣା ଗୌରବ ଦେଖାଇପାରିବେ ଏପକ୍ଷରେ ଦୃଷ୍ଟି ରଖିବା ନିତାନ୍ତ ପ୍ରୟୋଜନ । ମାତ୍ର ଅଳ୍ପବେତନ ଦେଲେ ସେରୂପ ଲୋକ ମିଳିବାର ଅସମ୍ଭବ ଏଥିପାଇଁ ସେ ନିୟମ କରିଅଛନ୍ତି ଯେ ଟ ୫୦ ଙ୍କା ବେତନର ଊଣାରେ କେହି କର୍ମଚାରୀ ରହିବ ନାହିଁ ଓ ସେରୂପେ ଏମାନଙ୍କର ଶ୍ରେଣୀ ନିରୂପିତ ହୋଇଅଛି ତହିଁରେ ଏମନ୍ତ ସୁଯୋଗ ଅଛି ଯେ କୌଣସି କର୍ମଚାରୀ ଉତ୍ତମରୂପେ କାର୍ଯ୍ୟ ନିର୍ବାହ କଲେ ତାହାକୁ ଅଧିକଦିନ ନିମ୍ନଶ୍ରେଣୀରେ ପଡ଼ି ରହିବାକୁ ହେବ ନାହିଁ ଏହି ଆଶାରେ ତୃତୀୟ ଶ୍ରେଣୀର ସବ୍‌ଇନସ୍‌ପେକ୍ଟରଙ୍କଠାରୁ ଚତୁର୍ଥଶ୍ରେଣୀର ସଂଖ୍ୟା ଅଧିକ ହୋଇଅଛି । ଓ ଗସ୍ତ ଖର୍ଚ୍ଚର ଯେଉଁ ନିୟମ ହୋଇଅଛି ତଦନୁସାରେ ପ୍ରାୟ ବେତନ ପରିମାଣରେ ଗସ୍ତଖର୍ଚ୍ଚା ମିଳିବ ସୁତରାଂ ପ୍ରଥମରେ ଯେଉଁମାନେ କର୍ମରେ ପ୍ରବେଶ କରିବେ ସେମାନେ ପଦବୃଦ୍ଧି ପାଇବା ପର୍ଯ୍ୟନ୍ତ ଅନାୟାସରେ ନିର୍ବାହ ହୋଇପାରିବେ ।

ବର୍ତ୍ତମାନ ବ୍ୟବସ୍ଥା ଅନୁସାରେ ଯେତେଜଣ କର୍ମଚାରୀ ରହିବେ ଓ ଯେତେଲେଖାଏ ବେତନ ପାଇବେ ତାହା ତଲଲିଖିତରୂପେ ଅଟଇ ଯଥା—

ଡେପୁଟୀଇନସ୍‌ପେକ୍ଟର ।

୧ ମ ଶ୍ରେଣୀରେ ଜ ୨୦ ଣ ଟ ୨୦୦ ଲେଖାଏ
୨ ୟ „ ଜ ୧୫ ଣ ଟ ୧୫୦ „
୩ ୟ „ ଜ ୨୦ ଣ ଟ ୧୦୦ „

ସବ୍ଇନସ୍‌ପେକ୍ଟର

୧ ମ ଶ୍ରେଣୀରେ ଜ ୨୫ ଣ ଟ ୭୫ ୲ ଲେଖାଏ
୨ ୟ „ ଜ ୭୫ ଣ ଟ ୫୦ ୲ „
୩ ୟ „ ଜ ୫୫ ଣ ଟ ୩୦ ୲ „

---

ମୋଟ ଜ ୨୦୦ ଣ

ଏଥିରୁ ପାଠକମାନେ ଦେଖିବେ ଯେ ଯଦ୍ୟପି କି ଲେପ୍ଟେନେଣ୍ଟ ଗବର୍ଣ୍ଣର ସବ୍‌ଇନସ୍‌ପେକ୍ଟରମାନଙ୍କ ନ୍ୟୂନ ସଂଖ୍ୟାର ବେତନ ଟ ୫୦ ଙ୍କା ନ କରି ଟ ୩୦ଙ୍କା କରିବାରେ କିଞ୍ଚିତ୍ କୃପଣତା ଦେଖାଇଅଛନ୍ତି ତଥାପି ଏ ବନ୍ଦୋବସ୍ତରେ ତାହାଙ୍କର ଏହି ଭାବ ବ୍ୟକ୍ତ ହେଉଅଛି ଯେ ସେ ଡେପୁଟୀ ଓ ସବ୍‌ଇନସ୍‌ପେକ୍ଟରମାନଙ୍କୁ ଉଚ୍ଚ ବେତନରେ ଉପଯୁକ୍ତ କରିଅଛନ୍ତି ଓ ଏ ହେତୁରେ ଉଚ୍ଚଶ୍ରେଣୀର ଡେପୁଟୀ ଇନସ୍‌ପେକ୍ଟରଙ୍କ ସଂଖ୍ୟା ବୃଦ୍ଧି କରି ଦେଇଅଛନ୍ତି ଏହା ସୁଖର ବିଷୟ ଅଟଇ । ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଅଭିପ୍ରାୟ ଏହି ଯେ ପ୍ରତ୍ୟେକ ଜିଲାରେ ଜଣେ ଲେଖାଏ ଡେପୁଟୀ ଇନସ୍‌ପେକ୍ଟର ରହିବେ ଓ ସବ୍‌ଇନସ୍‌ପେକ୍ଟର କେଉଁଠାରେ କେତେ ରହିବେ ଜିଲା ହାକିମଙ୍କ ସହିତ ତହିଁର ପରାମର୍ଶ କରି ସ୍ଥିର କରିବାର ଆଦେଶ ହୋଇଅଛି ।

କର୍ମଚାରୀ ସଂଖ୍ୟା ଜ ୧୭୭ଣରୁ ଜ ୨୦୦ ଣ ପର୍ଯ୍ୟନ୍ତ ବୃଦ୍ଧି କଲେହେଁ ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କର ବିଶ୍ୱାସ ଅଛି ଯେ ସକଳ ବିଦ୍ୟାଳୟର ସମୁଚିତ ତତ୍ତ୍ୱାବଧାରଣ ନିମିତ୍ତ ଏହା ଯଥେଷ୍ଟ ନୁହଇ ବୋଧ ହୁଅଇ ଏଥିପାଇଁ ସେ ଆପଣା ମନ୍ତବ୍ୟର ଶେଷଦଫାରେ ଲେଖିଅଛନ୍ତି ଯେ ଡେପୁଟୀ କଲେକ୍ଟର ପୁଲିସ ଇନ୍‌ସ୍‌ପେକ୍ଟର ପ୍ରଭୃତ କର୍ମଚାରୀମାନେ ଯେତେବେଳେ ମୋଫସଲର ଯେଉଁ ସ୍ଥାନକୁ କାର୍ଯ୍ୟୋପଲକ୍ଷରେ ଯିବେ ସେଠାର ପାର୍ଶ୍ୱବର୍ତ୍ତୀ ପାଠଶାଳାମାନ ଯେତେ ଦେଖିପାରିବେ ତାହା କରିବାରେ ତ୍ରୁଟି କରିବେ ନାହିଁ । ପାଠଶାଳା ସବୁ ନିୟମିତରୂପେ ଚଳୁଅଛି କି ନାହିଁ ତାହା ସର୍ବଦା ଦେଖିବାର ଆବଶ୍ୟକ ଏଥିପାଇଁ ରେବନ୍ୟୁ ଓ ପୁଲିସ ଇଲାକାର ଉଚ୍ଚ କର୍ମଚାରୀଙ୍କୁ ଗବର୍ଣ୍ଣମେଣ୍ଟ ଏପ୍ରକାର ଆଜ୍ଞା ଦେଇଅଛନ୍ତି ।

---

# ସାପ୍ତାହିକ ସଂବାଦ ।

ଆଷାଢ଼ମାସ ଆରମ୍ଭ ନ ହେଉଣୁ ଆଜଯାଏ ଏକପ୍ରକାର ଲଗାଣ ଝଡ଼ ହେଉଅଛି । କୌଣସିଦିନ ମନାଏ ହେଲେ ବୃଷ୍ଟି ନ ହୋଇ ନାହିଁ । ଏଥିରେ ମୋଫସଲର ଅନେକସ୍ଥାନରେ ଗୃହର ଭାଙ୍ଗି ବ୍ୟାଘାତ ହେବାର ଶୁଣାଯାଏ ।

ଓଡ଼ିଶା କଲେଜ ସକାଶେ ଚେନ୍ଦାସଂଗ୍ରହ କରିବାର ବିଶେଷ ଉଦ୍ୟମ ଲାଗିଅଛି । ଶୁଣିଲୁଁ ଯେ ଶ୍ରୀଯୁକ୍ତ ବାମସ୍ ସାହେବ ଚେନ୍ଦା ଉଠିବ ନାହିଁ ବୋଲି କଲେଜର ସ୍ଥାନ୍ତ ହେବା ସକାଶେ କମିଟିରେ ବ୍ୟକ୍ତ କରିଥିଲେ ମାତ୍ର କମିଶ୍ନର ସାହେବ କହିଲେ କି ଲୋକେ ପୁନଃ ପୁନଃ କଲେଜ ସକାଶେ ଅନୁରୋଧ କରୁଅଛନ୍ତି ସେମାନଙ୍କର ଅନୁରାଗ କେତେ ଚେନ୍ଦା ମାଗିଲେ ଜାଣାପଡ଼ିବ । ଏଥିରୁ ଆମ୍ଭେମାନେ ଦେଖୁଁ ଯେ ମାନ୍ୟବର ସର୍ ରିଚ୍ୟାର୍ଡ ସାହେବ ଏ ପ୍ରଦେଶକୁ ଆସିବା ସମୟରେ କଟକ ଓ ବାଲେଶ୍ୱରର ଯେଉଁ ଆବେଦନପତ୍ରମାନ ଦିଆ ଯାଇଥିଲା ତହିଁରେ କଲେଜର ପ୍ରାର୍ଥନା ଆଦୌ ନାହିଁ । ବୋଧହୁଏ ଅତ କେବଳ ସ୍କୁଲର ଛାତ୍ର ଓ ଶିକ୍ଷକଙ୍କ କଥାରେ ସାହେବଙ୍କର ଉକ୍ତ ବିଶ୍ୱାସ ହୋଇଅଛି ।

ବାଲେଶ୍ୱରର ମୁନସଫ ଏକମାସର ଛୁଟୀ ନେବାରୁ ତାହାଙ୍କ କର୍ମରେ ମେଦିନୀପୁରର ଉକିଲ ବାବୁ ଉପେନ୍ଦ୍ରନାଥ ଘୋଷ ଏକଟିଂ ହୋଇ ଆସିଅଛନ୍ତି ।

ଚନ୍ଦନଯାତ୍ରା ସମ୍ପର୍କରେ ଆମ୍ଭମାନଙ୍କ ପ୍ରକାଶିତ ପ୍ରସ୍ତାବକୁ ଲକ୍ଷକରି ଉତ୍କଳହିତୈଷିଣୀ କହିଅଛନ୍ତି ଯେ ପୁରୀରାଜାଙ୍କ ପ୍ରତି ଆମ୍ଭମାନଙ୍କ ଅଭିପ୍ରାୟ ସର୍ବଦା ମନ୍ଦ ଅଟଇ । ସେ କି ଆଶା କରନ୍ତି ଯେ ଆମ୍ଭେମାନେ ପୁରୀ ରାଜାଙ୍କର ଚାଟୁକାର ହୋଇ ମନ୍ଦିରର ନୀତି ଚଳିବା ବିଷୟରେ ବହୁପ୍ରକାର ବିଶୃଙ୍ଖଳା ଦେଖି ଦେଖି ସାଧାରଣ ଅଭିପ୍ରାୟର ବହିର୍ଭୂତ ତାହାଙ୍କ କାର୍ଯ୍ୟର ପ୍ରଶଂସା କରିବୁଁ ? ରାଜାଙ୍କର ଯଶ

Split by PDF Splitter
Digitized by srujanika@gmail.com

Split by PDF Splitter



ଅପଯଶ ଆମ୍ଭମାନଙ୍କ ହସ୍ତରେ ନାହିଁ ମନ୍ଦର ସମ୍ପର୍କରେ ତାହାଙ୍କ କାର୍ଯ୍ୟଉପରେ ନିର୍ଭର କରଇ । ଆମ୍ଭେମାନେ ତାହାଙ୍କ ହିତ ଲୋଡ଼ୁଁ ବୋଲି ଉକ୍ତ କାର୍ଯ୍ୟର ତ୍ରୁଟିମାନ ଦେଖାଇ ଦେଇଅଛୁଁ ।

ଉତ୍କଳଦର୍ପଣରୁ ଅବଗତହେଲୁଁ ଯେ ଗତ ଦୌରାରେ ଏକହତ୍ୟା କରିବା ମକଦ୍ଦମାରେ ଚାରିଜଣ ସାକ୍ଷି ପୁଲିସ ଓ ମାଜିଷ୍ଟ୍ରେଟଙ୍କ ସାକ୍ଷାତରେ ଯାହା ଯୋବାନବନ୍ଦି ଦେଇଥିଲେ ତହିଁର ବିପରୀତ କହିବାରୁ ବିଚାର କାରଣ ଫୌଜଦାରିକୁ ପ୍ରେରିତ ହୋଇଅଛନ୍ତି । ଏରୂପ କହିବାର କାରଣ ପଚରାଯିବାରେ ସେମାନେ ବାବୁ ଜଗଦୀଶନାଥ ରାୟ ଡିଃ ସୁଃ ଓ ବାବୁ ପୂର୍ଣ୍ଣଚନ୍ଦ୍ର ବାନୁର୍ଯ୍ୟା ଦାରୋଃ ଇଃଙ୍କୁ ଦେଖାଇ ଦେଇ କହିଲେ କି ଏହି ବୁଝାବାରୁ ହୁକୁମ ଦେବା ଓ ଏହି ଦାରୀଆବାରୁ ମାରିବାରୁ ଆମ୍ଭେମାନେ ଭୟରେ ହତ୍ୟାବିଷୟ ମେଜିଷ୍ଟ୍ରେଟରେ କହିଥିଲୁଁ ଦେଖାଯିବ ସେମାନେ ଏପରି ଭୟାନକକଥା ପ୍ରମାଣ କରିପାରିବେ କି ନାହିଁ ?

ବାଲେଶ୍ୱରର ବାବୁ ଶ୍ୟାମାଚରଣ ସରକାର ରୋଡସେସ ଟଙ୍କା ଆତ୍ମସାତ କରିଥିବା ଅପରାଧରେ ଗତ ଦୌରାରେ ବ ୫ ର୍ଷ କାରାବାସର ଆଜ୍ଞା ପାଇଅଛନ୍ତି । ଦୁଇଦଫାରେ ଏହାଙ୍କୁ ବ ୨ ର୍ଷ କାରାବାସ କରିବାକୁ ହେବ ।

ଲଣ୍ଡନ ନଗରରେ ଏରୂପ ଜନରବ ଉଠିଅଛି ଯେ ମଧ୍ୟଏସିଆର ବିଷୟ ନିଷ୍ପତ୍ତି କରିବା ନିମନ୍ତେ ଇଂଲଣ୍ଡ ଓ ରୁସିଆ ମଧ୍ୟରେ ସନ୍ଧି ଲାଗିଅଛି । ଏବିଷୟଟି ଶାନ୍ତିରୂପେ ନିଷ୍ପତ୍ତି ହୋଇଗଲେ ବଡ ସୁଖରବିଷୟ ହେବ ।

ମାନ୍ଦ୍ରାଜରେ ଜଣେ ପାଦ୍ରି ସାହେବ ପ୍ରତି ଶନିବାର ସନ୍ଧ୍ୟା ସମୟରେ ପଦାର୍ଥବିଦ୍ୟାର ଗୋଟିଏ ୨ ଉପଦେଶ ଦେଉଅଛନ୍ତି ତାହା ଶୁଣିବାପାଇଁ ସ୍କୁଲଛାତ୍ର ଛଡ଼ା ଅନ୍ୟଶ୍ରେଣୀର ଅନେକ ଲୋକ ଆସୁଅଛନ୍ତି । ପଦାର୍ଥବିଦ୍ୟାରେ ଲୋକଙ୍କର ଏପ୍ରକାର ଆଦର ଶୁଭଲକ୍ଷଣ ଅଟଇ ।

ଇଣ୍ଡିୟାନ ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ମୁଲ୍ତାନ ସବଇନସ୍ପେକ୍ଟରଙ୍କ ବେତନବୃଦ୍ଧିର ପ୍ରସ୍ତାବ ପୁଲିସ ଇନସ୍ପେକ୍ଟର ଜେନେରଲଙ୍କ ନିକଟରେ ହୋଇଅଛି । କିପରିମାଣରେ ବୃଦ୍ଧି ହେବ ସ୍ଥିର ହୋଇ ନାହିଁ ଅଠ ଦଶଟଙ୍କା ଅଧିକା ହେବାର ଅନୁମାନ ହେଉଅଛି ।

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ଦୁଧରେ ଟିକିଏ କେରୋସିନତେଲ ମିଶାଇ ଦେଲେ [illegible] ତାହା ଅମ୍ଳ ହୁଅଇ ନାହିଁ । ପାଏ ଦୁଧରେ ୧୦।୧୨ ଟୋପା ତେଲ ପକାଇ ଦେଲେ କେତେକ ସପ୍ତାହ ପର୍ଯ୍ୟନ୍ତ ତାହା ସୁନ୍ଦରରୂପେ ରହିବ ।

ପୃଥିବୀ ମଧ୍ୟରେ ଅଷ୍ଟ୍ରେଲିୟା ଅତ୍ୟନ୍ତ ସ୍ୱାସ୍ଥ୍ୟକର ସ୍ଥାନ ବୋଲି ଅନୁଭବ ହୁଅଇ । ସେଠାର ଭିନ୍ନ ୨ ସ୍ଥାନର ତାଲିକାରୁ ଦେଖାଯାଉଅଛି ଯେ ପ୍ରତିହଜାର ଲୋକରେ ମୃତ୍ୟୁସଂଖ୍ୟା ଜ୧୨ଠାରୁ ଜ୧୪ ଣ ପର୍ଯ୍ୟନ୍ତ ଅଟଇ । ଲଣ୍ଡନ ଓ ପାରିସ ପ୍ରଭୃତି ଅତି ସମୃଦ୍ଧିଶାଳୀ ନଗରମାନଙ୍କରେ ଏଥିର ଦ୍ୱିଗୁଣ ବା ଅଧିକ ଦେଖାଯାଏ ।

କାମ୍ବଗିଲ ନାମରେ ଏକ ଦ୍ୱୀପଅଛି ସେଠାରେ ଥିବା ଖ୍ରୀଷ୍ଟଧର୍ମ ପ୍ରଚାରକଙ୍କ ମଧ୍ୟରୁ ଜଣେ ପାଦ୍ରି ଲେଖିଅଛନ୍ତି ଯେ ଉକ୍ତ ଦ୍ୱୀପର ଉପକୂଳରେ ଭ୍ରମଣ କରୁଁ ୨ ସେଠା ଲୋକଙ୍କ ଠାରୁ ଶୁଣିଲେ ଯେ ଦ୍ୱୀପ ମଧ୍ୟଭାଗରେ ଏକପ୍ରକାର ଲୋକ ଅଛନ୍ତି ଯେ ତାହାଙ୍କର କାନ ଅତ୍ୟନ୍ତ ବଡ ୨ କାନ୍ଧପର୍ଯ୍ୟନ୍ତ ଝୁଲିପଡିଥାଏ ଓ ଆଉ ଏକପ୍ରକାର ଲୋକଙ୍କର ଲାଙ୍ଗୁଳଅଛି ଯେ ଆଗେ ଗାତମଧ୍ୟରେ ଲାଙ୍ଗୁଳକୁ ଭର୍ତ୍ତିକରି ତହିଁ ଉତ୍ତାରୁ ଭୂମିରେ ବସନ୍ତି । ଯେଉଁ ସମ୍ବାଦପତ୍ରରୁ ଆମ୍ଭେମାନେ ଏ ସଂବାଦଟି ଉଦ୍ଧୃତ କଲୁଁ ତହିଁର ସମ୍ପାଦକ ଲେଖିଅଛନ୍ତି ଯେ ପୂର୍ବେ ସେ ଶୁଣିଥିଲେ ଏକପ୍ରକାର ମନୁଷ୍ୟଙ୍କର ଅତିଦୀର୍ଘ କର୍ଣ୍ଣମାନଅଛି ଯେ ତହିଁମଧ୍ୟରୁ ଗୋଟିଏ କର୍ଣ୍ଣକୁ ବିଛାଇ ତହିଁଉପରେ ଶୁଅନ୍ତି ଓ ଅନ୍ୟ କର୍ଣ୍ଣକୁ ପାଛୁଡ଼ା ପରି ଘୋଡ଼ିହୁଅନ୍ତି । ତେବେ ଏମାନଙ୍କର ଲୁଗା ବୋଢ଼ିବାର କିଛିମାତ୍ର ଆବଶ୍ୟକ ନ ଥିଲା ।

ଇଣ୍ଡିୟାନଡେଲିନ୍ୟୁସ ବୋଲନ୍ତି ଯେ ପ୍ରିନ୍ସ ଅବ ୱେଲସ୍‌ଙ୍କର ଇଣ୍ଡିୟାକୁ ଆସିବାର ପ୍ରଧାନ ଉଦ୍ଦେଶ୍ୟ ଏହି ଯେ ସେ ବନାରସର ପଣ୍ଡିତଙ୍କଠାରେ ସଂସ୍କୃତ ଭାଷାଅଧ୍ୟୟନ କରିବେ । ଏଥିପାଇଁ ପ୍ରୋଫେସର ମାକ୍ସମୂଲର ସାହେବ କି ସେ ସଂସ୍କୃତ ଭାଷାରେ ଇଉରୋପରେ ଅଗ୍ରଗଣ୍ୟ ଅଟନ୍ତି ଆମ୍ଭମାନଙ୍କ ଯୁବରାଜଙ୍କ ସହିତ ଆସିବେ ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ଆଗ୍ରାଠାରେ ଗବର୍ଣ୍ଣମେଣ୍ଟ ଯେଉଁ ଆଦର୍ଶକ୍ଷେତ୍ର ପ୍ରସ୍ତୁତ କରିଥିଲେ ତାହା ବନ୍ଦ ହେଲା କାରଣ ପରୀକ୍ଷାଦ୍ୱାରା ତହିଁରେ କିଛି ଫଳ ଦେଖାଗଲା ନାହିଁ । ହାୟ ନନ୍ଦକୁମାର ଅଦୃଷ୍ଟ !

ରଙ୍ଗୁନରେ ଡକାଇତଙ୍କ ଭୟ ଅଧିକ ହୋଇଅଛି । କିଛିଦିନ ହେଲା ଡକାଇତମାନେ ଗୁଳି ମାରି ସେଠାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ହାତ ଭାଙ୍ଗି ଦେଇଥିଲେ । ସମ୍ପ୍ରତି ଶୁଣାଯାଏ ପୁଲିସର ଇନ୍ସପେକ୍ଟର ଜେନେରଲ ଏକଦଳ ଡକାଇତ ପଛରେ ଦୌଡିବାରୁ ସେମାନେ ଏହାଙ୍କୁ ଗୁଳି ମାରି ପ୍ରାଣନାଶ କରିଅଛନ୍ତି । ଯାହା ହେଉ ରଙ୍ଗୁନରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ କେତେକ ଡକାଇତ ଧରା ପଡିଲେଣି ।

ପାଇୟୋନିଅର ପତ୍ରିକାରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଇଂଲଣ୍ଡରେ ଗୋଟିଏ ବ ୧୯ ର୍ଷ ବୟସ୍କା ଯବନୀ ସ୍କାଲେଭର ପ୍ରଦର୍ଶନ ହେଉଅଛି ଯେ ଏହାର ଦୁଇଟା ମୁଣ୍ଡ ଦୁଇ ବେକ ଚାରିହାତ ଚାରିଗୋଡ ମାତ୍ର ଦେହ ଗୋଟିଏ ଅଛି । ସେ ଗୀତ ଅଭ୍ୟାସ କରିଅଛି ମାତ୍ର ଦୁଇଗଳାରୁ ଦୁଇପ୍ରକାର ସ୍ୱର ବାହାର ହେଉଅଛି ।

ବାବୁ ସ୍ୱରୂପନାରାୟଣ ବଟବ୍ୟାଲ ହରିହରପୁର ବିଦ୍ୟାଳୟଠାରୁ ସମ୍ବାଦ ଦେଇଅଛନ୍ତି ଯେ ଶ୍ୱାସରୋଗର ଯେଉଁ ଔଷଧ ତାହାଙ୍କ ନିକଟରେ ଥିଲା ତାହା ଶେଷ ହୋଇଥିବାରୁ ଆଗାମୀ ଆଶ୍ୱିନମାସ ପର୍ଯ୍ୟନ୍ତ କାହାରିକୁ ସେ ଔଷଧ ଦେଇ ପାରିବେ ନାହିଁ । ଉକ୍ତ ସମୟରେ ନୂଆ ଔଷଧ ସଂଗ୍ରହ କଲାରୁ କାର୍ତ୍ତିକ ମାସଠାରୁ ପୁନର୍ବାର ବିତରଣ କରିବେ ।

---

## ବିଜ୍ଞାପନ ।

---

ବିଖ୍ୟାତକବି ଅଭିମନ୍ୟୁ ସାମନ୍ତସିଂହାରଙ୍କଦ୍ୱାରା ବିରଚିତ ବିଦଗ୍ଧଚିନ୍ତାମଣି ନାମକ ପୁସ୍ତକ କଠିନଶବ୍ଦମାନଙ୍କ ଅର୍ଥସହିତ ମୁଦ୍ରିତ ଓ ଉତ୍ତମ ଜିଲ୍‌ଦବନ୍ଧା ହୋଇ କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ମୂଲ୍ୟ ଟ ୨ ଙ୍କା ମାତ୍ର । ମୋଫସଲ ଗ୍ରାହକମାନେ କଟକପ୍ରିଣ୍ଟିଂକମ୍ପାନିଙ୍କ ସେକ୍ରେଟେରି ଶ୍ରୀ ବାବୁ ଗୌରୀଶଙ୍କର ରାୟଙ୍କ ନିକଟକୁ ଡାକମାସୁଲ ସହିତ ମୂଲ୍ୟ ପଠାଇଲେ ଅନାୟାସରେ ପାଇ ପାରିବେ ।

ତା ୨୪ ରିଖ ଜୁନ ସନ ୧୮୭୫ } ଶ୍ରୀ ଗୌରମୋହନ ରାୟ

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ସବିନୟପୂର୍ବ୍ବକ ନିବେଦନମିଦଂ

ମହାଶୟ ! ଅନୁଗ୍ରହ ପ୍ରକାଶ କରି ଆପଣଙ୍କ ସୁପ୍ରଶଂସିତପତ୍ରିକାର ପାର୍ଶ୍ୱରେ ନିମ୍ନ ଲିଖିତ ବିଷୟଟିକୁ ସ୍ଥାନଦାନ କରି ଚିରବାଧିତ କରିବା ହେବେ । ଅଦ୍ୟ ମଧ୍ୟାହ୍ନ ସମୟରେ କଟକ-ଜିଲ୍ଲାନ୍ତର୍ଗତ ପଟାମୁଣ୍ଡାଇ ଗ୍ରାମର ଉତ୍କଳ ବିଦ୍ୟାଳୟର ଛାତ୍ରମାନଙ୍କୁ ଶ୍ରୀଯୁତ ଅନରେବଲ ହରମୁରମିତ୍ର ଜମିଦାର ମହାଶୟଙ୍କ ପୁଷ୍ପୋଦ୍ୟାନସ୍ଥିତ ଭବନରେ ପାରିତୋଷିକ ବିତରଣ କରାଗଲା । ତଦୁପଲକ୍ଷରେ ଏ ସ୍ଥାନର ଭଦ୍ରଲୋକମାନେ ଉପସ୍ଥିତ ହୋଇ ବିତରଣ ସ୍ଥଳର ଶୋଭା ସମ୍ବର୍ଦ୍ଧନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁତ ବାବୁ ରାମଯାଦବ ବସୁ ସଭାପତିର ଆସନରେ ଆରୂଢ଼ ହୋଇଥିଲେ । ସମସ୍ତ ସଭ୍ୟମାନେ ସମାଗତ ହେଲେ ୧ ମ ଶିକ୍ଷକ ବାର୍ଷିକ ବିବରଣ ପାଠ କଲେ ତାହା ପରିସମାପ୍ତ ହେଲାବାଦ ଛାତ୍ର ନିକର ଅଭ୍ୟସ୍ତ ସୁଲଳିତ ପଦ୍ୟମାନ ପାଠ କରି ଉପସ୍ଥିତ ଜନମାନଙ୍କ ହୃଦୟସରସିଜ ପ୍ରଫୁଲ୍ଲିତ କଲେ । ତଦନନ୍ତର ଶ୍ରୀଯୁତ ବାବୁ ଗିରିଧାରୀସିଂହ ପଟାମୁଣ୍ଡାଇ ଥାନାର ସବ୍-ଇନ୍‌ସ୍ପେକ୍ଟର ମହାଶୟ ବିଦ୍ୟାବିଷୟକ ଗୋଟିଏ ସୁଦୀର୍ଘ ବକ୍ତୃତା କରି ସ୍ତବ୍ଧ ହେବାର ଅବ୍ୟବହିତ ପରେ ସମ୍ପାଦକ ମହାଶୟ ବିଦ୍ୟାବିଷୟକ ଗୋଟିଏ ବକ୍ତୃତା କଲେ । ତତ୍ପରେ ଶ୍ରୀଯୁତ ବାବୁ ଇନ୍ଦ୍ରମଣିଦାସ କାନନଗୋଇ ମହାଶୟ ସଭ୍ୟମାନଙ୍କ ଶୋଭା ବର୍ଣ୍ଣନ କରି ଛାତ୍ରମାନଙ୍କ ବିଦ୍ୟାବିଷୟରେ ଉତ୍ସାହ ଦାନ କଲେ । ସଭ୍ୟମାନଙ୍କ ବକ୍ତୃତା ପରିସମାପ୍ତ ହେଲେ ଛାତ୍ରମାନଙ୍କୁ ପାରିତୋଷିକ ବିତରଣ କରାଗଲା । ପରିଶେଷେ ସଭାପତିଙ୍କୁ ଧନ୍ୟବାଦ ପ୍ରଦାନାନନ୍ତର ସଭା ଭଙ୍ଗ ହେଲା ।

ଯେ ସମସ୍ତ ସଭ୍ୟମାନଙ୍କ ସମକ୍ଷରେ ପାରିତୋଷିକ ବିତରଣ କରାଗଲା ତାହାଙ୍କର ନାମ ।

ଶ୍ରୀଯୁତ ବାବୁ ରାମଯାଦବ ବସୁ ନାଏବ, ଶ୍ରୀଯୁତ ବାବୁ ଗିରିଧାରୀ ସିଂହ ସବ୍ ଇନ୍‌ସ୍ପେକ୍ଟର, ଶ୍ରୀଯୁତ ବାବୁ ଲମ୍ବୋଦର ଚକ୍ରବର୍ତ୍ତୀ ଡେପୋଟି ପୋଷ୍ଟମାଷ୍ଟର, ଶ୍ରୀଯୁତ ବାବୁ ଇନ୍ଦ୍ରମଣି କାନନଗୋଇ, ଶ୍ରୀଯୁତ ମଣି ଉହାତ, ଶ୍ରୀଯୁତ ଆର୍ତ୍ତତ୍ରାଣ ପଣ୍ଡା, ଶ୍ରୀଯୁତ ଗୋପାଳଜୀବନ ଅଧିକାରୀ, ଶ୍ରୀଯୁତ ବାବୁ ଶୌରିହରି ଲାଲ ହେଡ୍ କନଷ୍ଟେବଲ, ଶ୍ରୀଯୁତ ବାବୁ ମାଗୁଣିସିଂହ ହେଡ୍‌କନଷ୍ଟେବଲ, ଶ୍ରୀଯୁତ ବାବୁ ରାଧାନନ୍ଦ ପଟ୍ଟନାୟକ, ଶ୍ରୀଯୁତ ବାବୁ ମହେନ୍ଦ୍ରନାଥ ମିତ୍ର, ଶ୍ରୀଯୁତ ବାବୁ ସୂର୍ଯ୍ୟମୋହନବସୁ, ଶ୍ରୀଯୁତ ବାବୁ ଭାସ୍କରମହାନ୍ତି, ଶ୍ରୀଯୁତ ବାବୁ ପୁରୁଷୋତ୍ତମମହାନ୍ତି, ଶ୍ରୀଯୁତ ବାବୁ ଗଙ୍ଗାଧର ମହାନ୍ତି, ଶ୍ରୀଯୁତ ବାବୁ ଚକ୍ରଧର ମହାନ୍ତି, ଶ୍ରୀଯୁତ ବାବୁ ଲକ୍ଷ୍ମୀଧରମହାନ୍ତି, ଶ୍ରୀଯୁତ ବାବୁ ଦୁର୍ଯ୍ୟୋଧନଦାସ ।

ଛାତ୍ରମାନଙ୍କୁ ଟ ୧୮ ଙ୍କାର ପାରିତୋଷିକ ଦିଆଗଲା ।

ତା ୧୭ ତାରିଖ ଜୁନମାସ
ସନ ୧୮୭୫ ମସିହା
ପଟାମୁଣ୍ଡି } ଶ୍ରୀ:

---

ମହାଶୟ !

ରାଗ ଆଷାଢ଼ଶୁକ୍ଳ ।

କଣ୍ଠି ନବେଶି ଶୁଣ ହେ ସୁଜନ ।
କହେଁ ଓଡ଼ିଶାର ପୂର୍ବ ବିଧାନ ।
କେତେ୨ ଏଥି ଥିଲେ ନୃପତି ।
କରିଅଛନ୍ତି ଯେତେ ସେ ଅନୀତି ।
କହୁଛି ଦୋଷରେ ।
କଟାଇ ଦିଅନ୍ତି ଶିର ସଭରେ ॥
ଖଟୁଆ କଥା କେ ବିଶ୍ୱାସ କରି ।
ଖର କରତରେ ଦିଅନ୍ତି ଚିରି ।
ଖଣ୍ଡ୨ କରି ରାଇବେଶର ।
ଖଳଲୋକ ବୋଲେ ବୋଲେ ଅଙ୍ଗର ।
ଖଡ଼କାବଂଶରେ ।
ଖଟାନ୍ତି ସେବା କେ ଜାଳ ନଖରେ ॥
ଗେଲାଇ ହୋଇଣ କେତେ ରାଜନ ।
ଗୋଡେ ରଜ୍ଜୁ କରି ତୈଳ ଲେପନ ।
ଗ୍ରୀଷ୍ମ ବାଲୁକାରେ ଝିଙ୍କାନ୍ତି ପୁନ ।
ଗ୍ରାହ ଆସୁଅଛି ଭାଷେ ଏମନ ।
ଗୁମାନ କେ ଧରି ।
ଗୁଳା ପକାଇ ତୋପେ ଲକ୍ଷ୍ୟ କରି ॥
ଘରେ ପୂର୍ଣ୍ଣ କରିଅଛି ସମ୍ପତ୍ତି ।
ଘେନାଇ କହନ୍ତେ କେତେ ଅରାତି ।
ଘଟାଇ ଦୋଷ ବିନାପରାଧରେ ।
ଘେନେ ବେଡ଼ି ଦେଇ ରଖି ବନ୍ଧରେ ।
ଘେରି ତା ସଦନ ।
ଘୃଣା ନ କରି ବହି ନେଇ ଧନ ॥
ନାରୀ ଶୋଭା ଦେଖି କେତେ ଭୂପତି ।
ନେଇ ବଳାତ୍କାରେ ରଚେ ପୀରତି ।
ନନନୀ ବାଲ୍ୟକାଳୁ କେହି କେଇ ।
ନମ୍ର ହେଲେ ପିଠା ଦଣ୍ଡକୁ ଦେଇ ।
ନ ବୁଝି ତା ଦୁଃଖ ।
ନାରୀସମ୍ଭୋଗେ କରିଥାନ୍ତି ସୁଖ ॥
ଚନ୍ଦନୀ ଆଦି କେ କଲେ ରତନ ।
ଚଞ୍ଚ ଗଞ୍ଜି ତାର ନିଅନ୍ତି ଧନ ।
ଚୋର ପେଷି କାର ବଇଲୁ ହରି ।
ଚକିତ ହୋଇ ସେ କଲେ ଗୁହାରି ।
ଚାହିଁ ତା ବଦନ ।
ଚଳ ବୋଲେ କପାଁ ନ କଲୁ ଦାନ ॥
ଛୋଟ ଲୋକ ମିଥ୍ୟା ନ ବୁଝିବାରେ ।
ଛେଦେ କାହା ଶିର ଅଯୁକ୍ତକାରେ ।
ଛାତିରେ ଶିଳା ଦେଇ କେ କ୍ରୋଧରେ ।
ଛୁରୀରେ ଚକ୍ଷୁ ଖୋଲାନ୍ତି କାହାରେ ।
ଛପେ କା ଛଳରେ ।
ଛତ୍ରପତିଦୋଷୀ ବୋଲି ଅକ୍ଷରେ ॥
ଯୋଗ ସଧାନ୍ତି କେ ଶୂଳେ ବସାଇ ।
ଜାମୁକ ତପ୍ତ କା ଅଙ୍ଗେ ନେସଇ ।
ଜନାରଣ୍ୟ ସ୍ଥାନେ କା ବଂଶ ନେଇ ।
ଜଗାଇ ନାଶନ୍ତି ଅନ୍ନ ନ ଦେଇ ।
ଜାତ ପୁତ୍ର ପାଇ ।
ଯୁବାନରବଳ ଦେବାରେ ଦେଇ ॥
ଝୁଣା ଆଦି ଧୂପ କା ମୁଖେ ଦେଇ ।
ଝିଙ୍କି କୂପେ ପେଲି ଶିଳା ପକାଇ ।
ଝଟିତ କାହାକୁ ଗୃହେ ମରାଇ ।
ଝିନବାସ ଧନ ଆଦି ସେ ନେଇ ।
ଝୁରି ତାହା ନାରୀ ।
ଝାଡ଼ ମଧ୍ୟେ ଅନ୍ନ ନ ପାଇ ମରି ॥
ନାବକେ କହି କୃତ୍ରିମ ନାଦରେ ।
ନେଇ ବୁଡାଇ କେ ନଦୀ ମଧ୍ୟରେ ।
ନାଶ ନୋହି ଯେବେ ଆସେ ଉଭରି ।
ନଳଖଡ୍ଗଯୋଗେ ଜଗି ସଂହାରି ।
ନ୍ୟାୟ ଭାଷି କେହି ।
ନ ରଖି ରାଜ୍ୟରେ ଦୂରେ ତଡ଼ାଇ ॥
ଟୋପେ ପକାଇ ନାଶେ କେ ସ୍ୱଜାତି ।
ଟିପି ଗଳପଦେ କେ ହତ କରି ।
ଟାଣ କରି କେ ସ୍ୱବଂଶ ମାରନ୍ତି ।
ଟେକପଣ୍ଡୁ କେ ମୁଆଁଳୀ ନିଅନ୍ତି ।
ଟାକି ବସିଥାନ୍ତି ।
ଟକା ଲୋଭରେ ଗୁରୁଙ୍କୁ ହାଣନ୍ତି ॥
ଠାବେ ଠାବେ କେହି ଦସ୍ୟୁ ପଠାଇ ।
ଠୁଳ କରିଥାନ୍ତି ଦ୍ରବ୍ୟ ଚୋରାଇ ।
ଠକଲୋକ ସଙ୍ଗେ ମିତ୍ର ହୋଇଣ ।
ଠିକଜନ ଦାନ କରି ହରଣ ।
ଠସେ ତାକୁ ନେଇ ।
ଠିକଣାସ୍ଥାନରେ ବଧ କରାଇ ॥
ଡରେ ପ୍ରଜା ଦାସ ଆଜ୍ଞା ପାଳନ୍ତି ।
ଡୋଳେ ଦେଖିଲେ ଯମଦୂତ ଭ୍ରାନ୍ତି ।
ଡେରିଥାନ୍ତି କଣ୍ଠ ଦଣ୍ଡ ଦେବାରେ ।

Digitized by srujanika@gmail.com

Split by PDF Splitter



ଡକା ପକାଇଣ ପଳାନ୍ତେ ଡରେ ।
ଡଗରା ପେଷିଣ ।
ଡାକ ପ୍ରମାଣ ଦେଇ ନଏ ପ୍ରାଣ ॥
ଢାଲେ ସ୍ୱାମି ମାର ଜା ଗର୍ବ ଢଉ ।
ଢମପଣେ ଢନ ହସ୍ତ କେ ମାଉ ।
ଢିପାବନା କାହାପୃଷ୍ଠେ ଚଢନ୍ତି ।
ଢାଉ ଖେଳ ବୋଲି ମେଷେ ମରାନ୍ତି ।
ଢୋଲ ଗଲେ ଦ୍ୟନ୍ତି ।
ଢାଲେ ଟଙ୍କା ଦେଇ ଦୃଢ ପେଷନ୍ତି ॥
ଅଙ୍ଗନା ଅଙ୍ଗ ଆଦ ଭୂଷା ଧନ ।
ଅଦଶୋକେ ଅଣିଦେଲେ ସେଜନ ।
ଅଙ୍ଗୀକୃତ ନୋହି ଭାଷେ ଏସନ ।
ଅହାପଟ ଜଲେ ଦେବୁଁ ପ୍ରସନ୍ଦ ।
ଅଷ୍ଟ ବନ୍ଧୁଧନ ।
ଅଣଶୀସ୍ରେ ଦେଲେ ରଖିଁ ଜୀବନ ॥
ତରୁଣୀ ଯୁବା କେ ଉଲଙ୍ଗ କଉ ।
ତଳ୍ପରଚ ଗତ ମଧ୍ୟରେ ତଉ ।
ତହିଁ ବ୍ୟାଳ ଦଂଶ, ପାଶ, ଖଡ଼ଳ୍ପ ।
ତପସ୍ୟା କପ୍ରଲମ୍ବ ଆଚରନ୍ତି ।
ତଣ୍ଡବାନ୍ଧ ଘାଁଇ ।
ତୀକ୍ଷ୍ଣକଣ୍ଟକ ପଯ୍ୟୃରେ ମରାଇ ॥
ଅଷ୍ଟା କଉ କେହି ନାସା ଅଗ୍ନିରେ ।
ସ୍ଥିତ କରଥାନ୍ତି ରଭରଙ୍ଗରେ ।
ଥିଲେ ଋଣଧାନ ପ୍ରଜା ଉପରେ ।
ଥରେ ବୁଡାଇ ଶୀତଳଜଳରେ ।
ଥୋକେ ଲୋକ ଯାଇ ।
ଥଯ୍ୟ କର ସୂର୍ଯ୍ୟବାଯୁକୁ ଦେଇ ॥
ଦାଣ୍ଡେ ଗ୍ରୀଷ୍ମକାଳେ ନମ୍ର କରାଇ ।
ଦରହାସେ ଶୀଳା ପିଠିରେ ଦେଇ ।
ଦାଲୁ, ହଉ, ଦେଇ କାହା ପଦରେ ।
ଦଣ୍ଡ ଦେଉଥାନ୍ତି ନା ନା ବିଧିରେ ।
ଦୟା ଧର୍ମ ତେଜ ।
ଦୁଃଖେ ପ୍ରଜାପୁଞ୍ଜ ହୁଅନ୍ତି ଗଞ୍ଜି ॥
ଧର୍ମରାଜମୂର୍ତ୍ତି ରଘୁଜାରୂପ ।
ଯାହା ରଚେ ସେ ଏହି ଅନୁରୂପ ।
ଧର୍ମ ପାଳଥାନ୍ତି ନାଗପୁରରେ ।
ଧନାପହରଣ ପରଦାରରେ ।
ଧାଡକାରେ ନେଇଁ ।
ଧୀରବତନେ ନଜପୁର ଦେଇ ॥
ନ ମାନଲେ ତାଙ୍କ ତଳ ନୃପତ୍ତ ।
ନଗର ପୋଡ ନାଶ ସେକ ଯାନ୍ତି ।
ନାହିଁ ପଟାନ୍ତର ସର୍ବେ ସମାନ ।
ନଶୀ ହବା ଅର୍ତ୍ତି ହୋଇଣ ଜନ ।
ନନ୍ଦ ଜଣାବନ୍ତି ।

ନଷ୍ଟଜପଢ ଦୁଃଖ କର ଶାନ୍ତି ॥
ପରମେଶ୍ୱର ଅନ୍ତର୍ଯ୍ୟାମୀ ଜାଣି ।
ପ୍ରଜା ରକ୍ଷାକାରଣୀ ମହାରାଣୀ ।
ପୃଥ୍ୱୀ ଇଙ୍ଗଲଣ୍ଡ ପୁର ଲଣ୍ଡନ ।
ପାଳବାର ଅର୍ଥେ ଏ ଦୁଃଖିଜନ ।
ପଦ ପ୍ରାପ୍ତ କଲେ ।
ପୂର୍ବ ନୃପଙ୍କ ଅଧର୍ମ ଧ୍ୱଂସିଲେ ॥
ଫୁଲପଣ୍ଡ କେହି ନଉ ନାଶିଲେ ।
ଫାଟକ ବନ୍ଦରେ କାଳ ହରଲେ ।
ଫାଶୀ ହାଲୁ ଦେଇ କେ ଦୀପାନ୍ତରେ ।
ଫାବଲେ ହଅନ୍ତି ଧର୍ମ ବତ୍ତରେ ।
ଫରଳ ଦୁଃଖିରେ ।
ଫେରାଇ ନ ଦେଇ ଅନ୍ଧ ବସ୍ତ୍ରରେ ।
ବହୁସ୍ଥାନେ ସ୍କୁଲମାନ କରଣ ।
ବଦ୍ୟାଦାନ ଦେଇ ବାଳକଗଣ ।
ବୃତ୍ତି ଦେଇ କେତେ ଶିକ୍ଷା କରାଇ ।
ବସ୍ତୀର୍ଣ୍ଣ ପରୀକ୍ଷା ଯାଠାରୁ ନେଇ ।
ବେତନକୁ ଦେଇ ।
ବେତ୍ନ ୨ କର୍ମେ ବୃଦ୍ଧି କରାଇ ॥
ଭଦ୍ରଦାସ ସ୍ଥାନେ ୨ ରଖାଇ ।
ଭ୍ରମ ଦୂର କଉ ଧାରା ବୁଝାଇ ।
ଭଷଜଗଣ ଔଷଧାଳୟରେ ।
ଭଲ କରନ୍ତି ରୋଗିଙ୍କି ସତ୍ୱରେ ।
ଭୁକ୍ତ ବାସ ଦେଇ ।
ଭାରତବର୍ଷରେ ଏପର ହୋଇ ॥
ମାର୍ଗ ରଚନା ଅତି ମନୋହର ।
ମହା ଅବ ଯହିଁ କରେ ସଞ୍ଚାର ।
ମାପି ଯୋଜନକେ ହପଣୀ ରଖି ।
ମାନବ ବଶ୍ରାମେ ହୁଅନ୍ତି ସୁଖୀ ।
ମନ୍ଦର ଅନେକ ।
ମହାଜନର ବ କହିବା ଟେକ ॥
ଯୁଧିଷ୍ଠିର ଚକ୍ରବର୍ତ୍ତିର ହନେ ।
ଯୁଗଢେ ନ ଥିବ ଏ ସମ ସେନେ ।
ଯୋଦ୍ଧା ଆଡମ୍ବର ଦେଖି ନେତ୍ରରେ ।
ଯୁବରାଜବାର ସେବେ ପଯ୍ୟୃରେ ।
ଯାନ ରେଲଗାଡ ।
ଯୋଜନଦଶ ଚଳେ ଏକପଡ ॥
ରତ୍ନାକରେ ଜଳରଥ ଧୂମରେ ।
ରହସେ ଯାଏ ମାସକ ଦନରେ ।
ରଥ୍ୟାରେ ବଦ୍ୟୁତ୍ତ ଡାକଖବର ।
ରହି ବଦେଶେ ବାର୍ତ୍ତା ଲଭବାର ।
ରଜନୀ ବାସରେ ।
ରସିଥାନ୍ତି କଥାବାର୍ତ୍ତା ପ୍ରକାରେ ॥
ଲୋକେ ଖ୍ୟାତ ଗବର୍ଣ୍ଣର ଜର୍ଣ୍ଣେଲ ।

ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଯା ତଳ ।
ଲକ୍ଷ ନାହିଁ ତାଙ୍କ ସମାନ ଭ୍ରାନ୍ତ ।
ଲେଖା ମହାରାଣୀ ସମ କେବଳ ।
ଲକ୍ଷ ଲକ୍ଷ ନୃପ ।
ଲେଖା ପଦ ଲଭ ହୋନ୍ତି ସଂତୃପ୍ତ ॥
ବଙ୍ଗଦେଶେ କଲକତା ସହର ।
ବନ୍ଧୁ କର୍ମଗୃହ ଅଟେ ଯାଙ୍କର ।
ବିଖ୍ୟାତ ଭାରତଖଣ୍ଡେ ଏପର ।
ବହିତ ଧାରାକୁ ସର୍ବେ ଆଦର ।
ବଳେ ନାହିଁ କେହି ।
ଭବବ ଲଭ ଦୁଃଖୁଁ ହେଲେ ତ୍ରାହି ॥
ଶେଷ୍ଟ କମିଷନ ଲଟେକେ ଖ୍ୟାତ ।
ଶାଘ୍ରଖି, ଓଡଶାଦ, ଗଡଜାତ ।
ଶବାରେ ପାଳନ୍ତି ପରଜାବ୍ରାତ ।
ଶକ୍ତିତଜନ ଭାଷନ୍ତେ ଲ୍ୱରତ ।
ଶୁଦ୍ଧ ଡେଉଥାନ୍ତି ।
ଶୀଘ୍ରେ ଦୋଷାଦୋଷ ବୁଝି ଛାଡନ୍ତି ॥
ଷଡ଼ାନନ ସାନୁଜଙ୍କ ସମାନ ।
ଷଡ଼ଶାସ୍ତ୍ର ଜାବ୍ୟ କରେ ପଠନ ।
ଷଡ଼ଅଂଶୁ ଅଂଶେ କର ସେନାନ୍ତି ।
ଷଡ଼ଅର କାମଅଦ ନାଶନ୍ତି ।
ଷଡ଼ବର୍ଗ ଘାଳି ।
ଷଡ଼ାର୍ଦ୍ଧ ପୁରର ନୃପ ମଉଳୀ ॥
ଶୂରବୀରପଣେ ବୋଲାନ୍ତି ବଳୀ ।
ଶିରମଣ୍ଡନ ହଲେ ନପାବଳ ।
ସାର୍ବଭୌମୀ ମହାରାଜା ପଦରେ ।
ସର୍ବଗୁଣ ଜାଣି ଦେଲେ ମୁଦରେ ।
ସଦାସ ପ୍ରକାରେ ।
ସଦା ସିଦ୍ଧା ଦ୍ୟନ୍ତି ନ୍ୟାଯ୍ୟ ଧର୍ମରେ ॥
ହୃଷ୍ଟମନେ ଦୁଃଖି ଦୁଃଖ ହରନ୍ତି ।
ହିତଜନର ସର୍ବଦା କରନ୍ତି ।
ହିଂସା ନ ଥାଇ ଅରାଡ ଲୋକରେ ।
ହତାଦର ଏହା ଦୁଷ୍ଟଜନରେ ।
ହେଲାକୁ ତେଜନ୍ତି ।
ହୁଦେ ପ୍ରଜାସୁଖ ସଦା ସର୍ଜନ୍ତି ।
କ୍ଷତ୍ରିୟକୁଳର ମୁକୁଟମଣି ।
କ୍ଷମା କରନ୍ତି ଦାସ ଦୋଷ ମଣି ।
କ୍ଷିତୀମଧ୍ୟେ ଢେଙ୍କାନାଳ ନୃପତି ।
କ୍ଷମେ ଭଗୀରଥ ନାମରେ ଖ୍ୟାତ ।
କ୍ଷଣେ ସେ ପଯ୍ୟୃର ।
କ୍ଷିପ୍ରେ ଭାବଣ ଘାଷେ ଚକ୍ରଧର ॥ ୩୪ ॥
। ଚ । ଶ୍ରୀ ଚକ୍ରଧର ପଟ୍ଟନାୟକ
ଢେଙ୍କାନାଳ ଗଡ଼ସ୍ଥ ।

☞ ମୂଳପତ୍ର ଦେଖ

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ଶ
ସଂଖ୍ୟା ୨୭

ତାଂ୧୭ଖ ଜୁଲାଇ ସନ ୧୮୭୫ ମହିହା ।ମୁ। ଆଷାଢ଼ ୨୨ଦିନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୧॥୵

ଗତସପ୍ତାହରେ ଏ ନଗର ଅନ୍ତଃପାତୀ କସବା ନଗରରେ ଯେଉଁ ହତ୍ୟାବ୍ୟାପାର ଶୁଣାଯାଇଥିଲା ପୁଲିସ ତହିଁର ଆସାମୀକୁ ଧରି ଚାଲାଣ କରିବାରେ ମାଜିଷ୍ଟ୍ରେଟଙ୍କ ସାକ୍ଷାତରେ ସେ ଏକରାର କରିଅଛି ଯେ ପିଲାଦେହରେ ଅଳଙ୍କାର ଦେଖି ଲୋଭଗ୍ରସ୍ତ ହୋଇ ତାହାକୁ ନଦୀପାଣିରେ ବୁଡାଇ ମାରିଲା ଉକ୍ତ ନଦୀରେ ମାଛ ଧରିବାପାଇଁ ପିଲାକୁ ନେଇ ଯାଇଥିଲା । ଆସାମୀଠାରୁ ଅଳଙ୍କାରମାନ ବାହାରିଅଛି ଓ ସେ ପିଲାସଙ୍ଗରେ ନଦୀଆଡକୁ ଯିବାର ମଧ୍ୟ ଏକବ୍ୟକ୍ତି ଦେଖିବାର କଥିତ ହୁଅଇ । ଏ ଘଟନାଟି ଦିନ ଗାଧୁଆବେଳରେ ହେଲା ଓ ଆସାମୀ ପରେ ମଡାକୁ ଘୋଡାଇରଖି ତହିଁ ଅରଦିନ ପୁନର୍ବାର ବାହାର କରି ନଦୀରେ ଭସାଇ ଦେଇଥିଲା କି ଭୟଙ୍କର ବ୍ୟାପାର ! ଏତେ କଟକଣା ଓ କଠିନ ଦଣ୍ଡ ବିଧାନ ହେଲାଠାରେ ସୁଦ୍ଧା ଲୋକେ ସାମାନ୍ୟ କଥାରେ ମନୁଷ୍ୟ ମାରିବାକୁ ଭୟ କରୁ ନାହାନ୍ତି !

---

ହାଜତ ଆସାମିମାନଙ୍କୁ ଗବର୍ଣ୍ଣମେଣ୍ଟ ମନୁଷ୍ୟ ମଧ୍ୟରେ ନା ପଶୁମଧ୍ୟରେ ଧରିଅଛନ୍ତି ? ଜେଲର ନିୟମରେ କଣ ଅଛି ଆମ୍ଭେମାନେ କହି ନ ପାରୁଁ କିନ୍ତୁ ଏ ବର୍ଷାକାଳରେ ବୃଷ୍ଟି ହେଉଥିବା ସମୟରେ ଆମ୍ଭେମାନେ ଦେଖୁଁ ଯେ ହାଜତ ଆସାମିମାନେ ପାଣିରେ ଭିଜି୨ କେବଳ ଗାମୁଛା ଖଣ୍ଡେ ମୁଣ୍ଡରେ ପକାଇ କଚେରୀକୁ ଯାଉଥାନ୍ତି । ସେହି ଅବସ୍ଥାରେ ସନ୍ଧ୍ୟାଯାଏ କଚେରୀରେ ପାଣିଯାକ ଦେହରେ ମାରନ୍ତି ଏଥିରେ ସେମାନଙ୍କର କପର୍ଯ୍ୟନ୍ତ ଶାରୀରିକ ଓ ମାନସିକ ପୀଡ଼ା ହେଉ ନ ଥିବ ! ରୋଗକଥା ତଏ ପଶ୍ଚରେ ଯେତେବେଳକୁ ବୋଧ ହୁଅଇ ଡାକ୍ତରସାହେବ ଅଶ୍ରୟ ହେବେ । ଗବର୍ଣ୍ଣମେଣ୍ଟ ଜେଲସମ୍ପର୍କରେ ଏତେପ୍ରକାର ଖର୍ଚ୍ଚ କରୁ ଅଛନ୍ତି ହାଜତ ଆସାମିମାନଙ୍କପାଇଁ ଖଣ୍ଡେ୨ ପଛିଆ ଦେଲେ କେତେଅବା ଅଧିକା ବ୍ୟୟ ହେବ ଅଥଚ ହତଭାଗ୍ୟ ହାଜତମାନେ ଅପେକ୍ଷାକୃତ ଭଲ ରହିବେ ଆଶ୍ଚର୍ଯ୍ୟର ବିଷୟ ଯେ ଗବର୍ଣ୍ଣମେଣ୍ଟ କଇଦଙ୍କ ସହିତ ଯେପରି ବ୍ୟବହାର କରନ୍ତି ହାଜତଙ୍କ ପ୍ରତି ତହିଁରୁ ଅଧିକ ନିର୍ଦ୍ଦୟରୂପେ ବ୍ୟବହାର କରନ୍ତି ବାସ୍ତବରେ ବୁଝିବାକୁ ହେଲେ ଅପରାଧୀଙ୍କ ଅପେକ୍ଷା ବନ୍ଦୀଧୀନ ବ୍ୟକ୍ତିଙ୍କ ଅବସ୍ଥା କିଛି ଭଲ ରହିବାର ଉଚିତ । ଯାହା ହେଉ ଆମ୍ଭେମାନେ ଭରସା କରୁଁ ଜେଲର ତତ୍ତ୍ୱାବଧାରକମାନେ ନିତାନ୍ତ ପଶୁକପରି ହାଜତମାନଙ୍କୁ ଖରା ବର୍ଷାରେ ବାହାରକୁ ଛାଡିଦେବେ ନାହିଁ । ଖରାରେ ବରଂ ରକ୍ଷା ଅଛି ବର୍ଷାର କଷ୍ଟ ଅମାପ ଅଟଇ ।

---

ଜେଲଖାନାରେ କଇଦମାନେ ଦଣ୍ଡ ଭୋଗ କଲାଉତ୍ତାରୁ ମୁକ୍ତି ପାଇବା ବିଷୟରେ ଏ ପ୍ରଦେଶରେ ପୃଥକ୍ ମତ ପ୍ରଚଳିତ ଥିବାର ଦେଖାଯାଏ । କୌଣସି ବ୍ୟକ୍ତି ଯେତେଦିନ ସକାଶେ କାରାବାସର ଦଣ୍ଡ ପାଏ ସେହିଦିନକୁ ସେନ ଗଣନା କରି ଯେତେଦିନ ଶେଷ ହେବାର ପରଦିନ ସକାଳବେଳେ ତାହାକୁ ଛାଡିଦିଆଯାଏ । କିନ୍ତୁ ଗତସପ୍ତାହରେ ଆମ୍ଭେମାନେ ଶୁଣିଲୁଁ ଯେ କଟକ ଜେଲର ତତ୍ତ୍ୱାବଧାରକ ଡାକ୍ତରସାହେବ ତହିଁର ବିପରୀତ ଗଣନା କରି ଯେଉଁଦିନ ମିଆଦ ପୂର୍ଣ୍ଣ ହେଲା ସେହିଦିନ ଅପରାହ୍ନକାଳରେ କଇଦଙ୍କୁ ଖଲାସ ଦେଇ ଅଛନ୍ତି । ଯଥା; କେତେକବ୍ୟକ୍ତି ଗତମାସ ତା୧୫ ରଖ ମଙ୍ଗଳବାର ବେଳ ତିନଟା ସମୟରେ ଦି୧୫ନ କାରାବାସର ଆଜ୍ଞା ପାଇଥିଲେ ସେମାନଙ୍କୁ ସେହିମାସ ତା୨୯ରଖ ମଙ୍ଗଳବାର ଘର ବାଜିଯିବା ସମୟରେ ଖଲାସ ଦିଆଗଲା । ଏ ଗଣନା ଠିକ ହୋଇଅଛି କି ନାହିଁ ସନ୍ଦେହର ବିଷୟ ଫଳତଃ ଯେବେ ଠିକ ହୁଅଇ ତେବେ ସକଳ ଜେଲଖାନାରେ କଇଦଙ୍କ ପକ୍ଷରେ ଏହିରୂପ ବ୍ୟବହାର କରିବାର ଉଚିତ ତାହା ହେଲେ କଇଦମାନେ କିଛି ସୁଖୀ ହେବେ । ଆମ୍ଭେମାନେ ଶୁଣିଥିଲୁଁ ଯେ ସକାଳବେଳେ କଇଦଙ୍କୁ ମୁକ୍ତି ଦିଆଯାଏ କିନ୍ତୁ ଏ ନିୟମରେ ସୂର୍ଯ୍ୟାସ୍ତ ପୂର୍ବରୁ ଛାଡିଦେବାର ଉଚିତ କାରଣ ସକାଳବେଳେ କଚେରୀ ନ ହେଉଥିଲେ ସକାଳେ କେହି ଦଣ୍ଡ ପାଇବାର ସମ୍ଭବ ନୁହଇ । ଆମ୍ଭେମାନେ ଯେଉଁ ଉଦାହରଣଟି ଉପରେ ଲେଖିଲୁଁ ତହିଁରେ କଇଦମାନେ ପୂର୍ଣ୍ଣ ଦି୧୪ନ ଓ ରାତ୍ରୀ କାରାବାସ କଲେ ମାତ୍ର ଦି୧୫ନର ଆଜ୍ଞା ହୋଇଥିଲା । ବୋଧ ହୁଅଇ ଡାକ୍ତରସା-

Digitized by srujanika@gmail.com

ହେବ ବୁଝିଅଛନ୍ତି ଯେ ଧନ କହିଲେ କେବଳ ଧନକୁ ବୁଝାଏ ଘରକୁ ବୁଝାଏ ନାହିଁ ।

---

## ବ୍ରହ୍ମଦେଶ ।

ଆମ୍ଭେମାନେ ଆନନ୍ଦର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ଅବଶେଷରେ ବ୍ରହ୍ମଦେଶ ସହିତ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ଯୁଦ୍ଧର ସମ୍ଭାବନା ରହିତ ହେଲା । ବ୍ରହ୍ମା ସହିତ ଯେଉଁ ବିଷୟରେ ମତାନ୍ତର ହୋଇଥିଲା ତାହା ଶାନ୍ତିଭାବରେ ନିଷ୍ପତ୍ତି ହୋଇଅଛି । ସର ଡଗଲସ ଫରସିଥ ଆପଣା ସମଦ୍ବ୍ୟବହାର ଲୋକଙ୍କ ସହିତ ଇଂରେଜ ଗବର୍ଣ୍ଣମେଣ୍ଟଙ୍କର ଦୂତସ୍ୱରୂପ ବ୍ରହ୍ମାର ରାଜାଙ୍କ କଟକକୁ ଯିବା ଉତ୍ତାରୁ ଏଠାରେ ଅନେକ ପ୍ରକାର ଜନରବ ଶୁଣାଯାଉ ଥିଲା ଓ ଭାରତାଙ୍କରେ ମଧ୍ୟ ଯୁଦ୍ଧର ଆୟୋଜନ ହେବାର ଦେଖାଗଲା ଏମନ୍ତ କି ଗୋଟିଏ ଭାରତୀୟ ସମ୍ବାଦ ପାଠକରି ଆମ୍ଭେମାନେ ଅବଗତ ହେଲୁଁ ଯେ ବ୍ରହ୍ମଦେଶକୁ ଯିବାପାଇଁ ସୈନ୍ୟ ପ୍ରସ୍ତୁତ ରଖିବା ସକାଶେ ଭାରତବର୍ଷର ପ୍ରଧାନ ମାନ୍ୟ ଗବର୍ଣ୍ଣମେଣ୍ଟଙ୍କ କଟକକୁ ଆଦେଶ ପଠାଇ ଥିଲେ । ମାତ୍ର ସୁଖର ବିଷୟ ଯେ ତହୁଁ ଅଳ୍ପଦିନ ଶୁଣାଗଲା କି ଫରସିଥ ସାହେବ ବ୍ରହ୍ମା ରାଜାଙ୍କ ଦରବାରରେ ପ୍ରବେଶ ହୋଇ ସକଳକଥାର ମୀମାଂସା କରିଅଛନ୍ତି ଓ ଧାର୍ଯ୍ୟମତେ ସନ୍ଧିପତ୍ର ଲେଖାପଢ଼ା ହୋଇ ତହିଁରେ ରାଜାଙ୍କର ଦସ୍ତଖତ ହୋଇଅଛି । ପଶ୍ଚିମ କେରେନୀ ଦେଶଯେଉଁ ଗୋଟିଏ ବିବାଦର ସୂତ୍ର ହୋଇଥିଲା । ବ୍ରହ୍ମାର ରାଜା ଏ ଦେଶର ସମ୍ପୂର୍ଣ୍ଣ ସ୍ୱାଧୀନତା ସ୍ୱୀକାର କଲେ ଓ ଚୀନଦେଶର ଦୂତର ଆଗମନ ସମ୍ପର୍କରେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ସଂଶୟ ଜାତ ହୋଇଥିଲା ରାଜା ତହିଁର ସଦୁତ୍ତର ପ୍ରଦାନ ପୂର୍ବକ ସଂଶୟ ଛେଦନ କରିଅଛନ୍ତି । ଏସବୁ କାର୍ଯ୍ୟ ସମାଧାକରି ସର ଫରସିଥ ସାହେବ ଭାରତବର୍ଷକୁ ଫେରି ଆସୁଅଛନ୍ତି ।

ବ୍ରହ୍ମାର ରାଜା ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କ ସହିତ ଯୁଦ୍ଧ ନ କରି ଆପଣା ମହତ୍ୱ ବଢ଼ାଇ ଅଛନ୍ତି ଏକଥା ବୋଲିବା ବାହୁଲ୍ୟ ଓ ତାହାଙ୍କର ସୁବିବେଚନା ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ସୁଖରେ ଥାଉ୨ ଯେ ଦୁଃଖକୁ ଆମନ୍ତ୍ରଣ କରିଅଣେ ତାହାଠାରୁ ହତଭାଗ୍ୟ କେହି ନାହିଁ ।

---

## କୋର୍ଟଫିସଚୋରି ମକଦ୍ଦମା ।

ଏତେଦିନେ ଏଠା କଲେକ୍ଟରୀ ନାଜରର ମକଦ୍ଦମାର ତଦନ୍ତ ଫଉଜଦାରୀରେ ଶେଷ ହେଲା । ଏ ମକଦ୍ଦମାରେ ସରକାର ପକ୍ଷରୁ ୪୦ କି ୪୫ ଜଣ ସାକ୍ଷି ଗୃହୀତ ହୋଇଅଛନ୍ତି ଓ ଯେତେରୂପେ ତଦନ୍ତ କରାଯାଇ ପାରେ ସେସବୁ ହେଲା ଉତ୍ତାରେ ଏସପ୍ତାହରେ ପ୍ରତିବାଦୀମାନଙ୍କର ଉତ୍ତର ନିଆଗଲା ଓ ଏଥିରେ ଅଧିକ କାଳ ଲାଗିଲା । ନାଜର ଜବାବ ଦେଇଅଛି ଯେ ମିଆଦପାଇଁ କୋର୍ଟଫିସ ଟିକଟ ନେବାର ସନ ୧୮୭୩ ମସିହା ସେପ୍‌ଟେମ୍ବର ମାସରେ ତାର ଦେହଲରୁ ସେହିଦିନ୍ ଆମ୍ଭେ ନଗଦ ଟଙ୍କା କାହାରଠାରୁ ନ ନେଇ କୋର୍ଟଫିସ ଟିକଟ ନେଉ ଏ ଟିକଟସବୁ ଅମଲାମାନେ ମାମଲତକାରଠାରୁ ନେଇ ଆମ୍ଭକୁ ଦିଅନ୍ତି ଓ ଆମ୍ଭେ ସମନ କି ପରୱାନାରେ ଲଗାଇ ଜାରି କରୁଁ ଓ ତାହା ବହିରେ ଲେଖୁଁ ଓ ସେ ବହି ସିରସ୍ତାଦାର ପ୍ରତି ସପ୍ତାହରେ ଓ ମାସରେ ଉଦାରଣ କରନ୍ତି । କେବଳ ବସ୍ତୋଗ୍ ଓ ମୁଦ୍ଫର୍ଗା ମକଦ୍ଦମାରେ ପିଆଦାମାନେ ମୋଫସଲରୁ ନଗଦ ମିଆଦ ଓସୁଲ କରି ଆଣନ୍ତି ତହିଁ ଆମ୍ଭେ ଟିକଟ କଣିବାକୁ ଦେଉଁ ସେମାନେ ଟିକଟ କିଣି ପରୱାନାରେ ଲଗାଇ ଦିଅନ୍ତି । ଆମ୍ଭକୁ ଅବକାଶ ନ ଥିବାରୁ କେତେକ ଆମ୍ଭେ ପରୱାନା ଇତ୍ୟାଦି ଜାରି କରି ତହିଁର କଇଫିଅତ ଦେଉଁ ବାକି ସବୁ ନାଏବ ନାଜର କରେ । ଆମ୍ଭେ ଯେଉଁ କଇଫିୟତରେ ଦସ୍ତଖତ କରୁଅଛୁଁ ସେଥିରେ ଠିକ ଟିକଟ ଲାଗିଥିଲା ପଶ୍ଚାତ୍ କିପରି ପରିବର୍ତ୍ତିତ ହେଲା ଆମ୍ଭେ କହି ନ ପାରୁଁ ଆମ୍ଭ ସିରସ୍ତାରୁ କାଗଜ ନେଲବେଳେ ଅମଲାମାନେ ଦେଖି ନଅନ୍ତି ଓ ବୁଝିକି ଟିକଟରେ ଯେପରି ଚାରିମାନ ପଡ଼ିଅଛି ତାହା କି ୫ ର୍ତର ବାଳକ ଦେଖିଲେ ସନ୍ଦେହ କରିବ । ଏହି ପ୍ରକାର ନାଜର ଲମ୍ବା ବାହୁଲ୍ୟ ଜବାବ ଦେଇଅଛି ଓ ସିରସ୍ତାଦାର ଓ ମୋହରରଙ୍କ କରୁଦ୍ଧରେ କେତେକ କଥା କହିଅଛି ମକଦ୍ଦମା ନିଷ୍ପତ୍ତି ଉତ୍ତାରେ ସେସବୁ ଆମ୍ଭମାନଙ୍କ ମନ୍ତବ୍ୟ ସହିତ ଲେଖିବାର ମାନସ ରହିଲା ।

ନାଏବ ନାଜର କହିଲା କି ମକଦ୍ଦମାର ଦଉର ମେଜଷ୍ଟରରେ ହେଲେ ସେ ଉତ୍ତର ଦେବ ନତେତ୍ ସେସନ ଅଦାଲତରେ ଉତ୍ତର ଦେବ । କୌଣସି ପ୍ରଶ୍ନର ଉତ୍ତର ଦେବା ନ ହେବାର ତାହାର [illegible] ଏହା ତାର ବୁଝାଇ ଦେଇ କେତେକ ପ୍ରଶ୍ନ କଲେ କିନ୍ତୁ ନାଏବ ନାଜର ତହିଁର ଉତ୍ତର ନ ଦେଇ କହିଲା କି ସେସବୁର ଉତ୍ତର ସେସନ ଅଦାଲତରେ ଦେବ । ବେଲେଷ୍ଟର ମହାନ୍ତ ତାଏଦନବିସ ବାହୁଲ୍ୟ ଜବାବ ଦେଇଅଛି ତହିଁର ମର୍ମ୍ମ ଏହି ଯେ ସେ କଦାପି ନଗଦ ଟଙ୍କା ବା କୋର୍ଟଫିସ ଟିକଟ କାହାରଠାରୁ କେବେ ନେଇ ନାହିଁ କ୍ଷମ୍ୟା ରଖଇ ନାହିଁ ସେସବୁ ନାଜର ଓ ନାଏବନାଜର ନିଅନ୍ତି ଓ ତାକୁ ଯେଉଁ କର୍ମ କରିବାକୁ କହନ୍ତି ସେ ତାହା କରଇ । କେତେ୨ ପରୱାନାରେ କୋର୍ଟଫିସ ଟିକଟ ଲଗାଇ ଦେବାକୁ ସେମାନେ ଆଦେଶ କରିବାରେ ସେ ଲଗାଇ ଦିଏ ।

ଜଏଣ୍ଟମେଜଷ୍ଟର ବାଦୀପକ୍ଷର ପ୍ରମାଣ ଓ ପ୍ରତିବାଦମାନଙ୍କ ଉତ୍ତର ଦୃଷ୍ଟିରେ ଅପରାଧ ନାଜର, ଓ ନାଏବନାଜର ଓ ତାଏଦ ନବିସ ଏ ତିନି ଜଣଙ୍କ ପ୍ରତି ସାବ୍ୟସ୍ତ ହେବାର ବିବେଚନା କରି ଗତମାସ ତା ୧ ରିଖରେ ସେମାନଙ୍କୁ ଦଣ୍ଡବିଧିର ଧା ୪୦୯ ଗନ୍ମାରେ ଦଉର୍ ସୁପର୍ଦ କଲେ । ଏମକଦ୍ଦମାରେ ଜଏଣ୍ଟ ମେଜଷ୍ଟର ଷ୍ଟ୍ରିଭନସାହେବ ବିଶେଷ ପରିଶ୍ରମ କରିଅଛନ୍ତି ।

---

## ଦେଶୀୟ ସିଭିଲ ସର୍ଭିସ୍ ପରୀକ୍ଷା ।

ମହାତ୍ମା ସର୍ କାମ୍ବଲଙ୍କର ଏ ଗୋଟିଏ କୀର୍ତ୍ତି ଅଟଇ ଓ ଏ ପରୀକ୍ଷା ସୃଜନ ସମୟରେ କେତେ ଆଡମ୍ବର ହୋଇଥିଲା ମାତ୍ର ତିନି ବର୍ଷ ହୋଇ ତାହା ରହି ନ ପାରିଲା । ଯେତେବେଳେ ସାଧାରଣ ପରୀକ୍ଷାଦ୍ୱାରା ଦେଶୀୟ ଲୋକଙ୍କୁ ଉଚ୍ଚ ପଦ ଦେବା ଉଦ୍ଦେଶ୍ୟରେ ଏ ପରୀକ୍ଷାର ନିୟମ ବାହାରିଲା ସେତେବେଳେ ପ୍ରାୟ ସମସ୍ତ ସଂବାଦ ପତ୍ରରେ ଏଥିର ପ୍ରତିବାଦ ହୋଇଥିଲା ମାତ୍ର କାମ୍ବଲସାହେବଙ୍କ ପରି ଯବରଦସ୍ତ ଲୋକ କି କାହାର କଥା ଶୁଣିପାରେ ସେ ଆପେ ଯାହା ବୁଝନ୍ତି ତାହା କରନ୍ତି ସୁତରାଂ କାହାର ଆପତ୍ତି ନ ମାନି ନିୟମଗୁଡ଼ିକ ପ୍ରଚଳିତ କଲେ ଓ ସାଧାରଣ ଶିକ୍ଷା ସକାଶେ ଦିଆ ଯାଉଥିବା ବ୍ୟୟ ମଧ୍ୟରୁ କେତେ ଟଙ୍କା ବ୍ୟୟ କରି ସ୍ଥାନ୨ରେ ସିଭିଲ ସର୍ଭିସ୍ ଲେଟିମାନ ସ୍ଥାପନ କଲେ କେତେଲୋକ ଦୌଡ଼ି୨ ଗୋଡ ଗୋଦଡ଼ା କଲେ କେହ ଛୋଟାରୁ କଚ୍ଛ ପଡ଼ି ହାତଗୋଡ ଭାଙ୍ଗିଲେ କିନ୍ତୁ ତଥାପି ସମସ୍ତଙ୍କର ଆଶା ପୂର୍ଣ୍ଣ ହେଲା ନାହିଁ । ତିନିବର୍ଷ ଉତ୍ତାରୁ ଦେଖାଗଲା ଯେ ସବୁର କାମ୍ବଲ ଡେପୁଟି ପ୍ରସ୍ତୁତ

Split by PDF Splitter



ହୋଇଗଲେ ଓ ସକଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକଟ ବାନ୍ଧି ବସିଲେ ଚାକିରି ଆଉ ମିଳନ୍ତ ନାହିଁ । ମିଳିବ ଅବା କେଉଁଠାରୁ ? ଯେତେ ଲୋକ ଲୋଡ଼ା ତହିଁର ଦୁଇ ତିନିଗୁଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏ ଅବସ୍ଥା ଦେଖି ଗତବର୍ଷର ସବୁ ଉର୍ଡ଼ି ଟେମ୍ପଲ ପ୍ରାର୍ଥିଙ୍କ ସଂଖ୍ୟା ଊଣା କରିବା ସକାଶେ ପରୀକ୍ଷାର ନିୟମଗୁଡ଼ି କଠିନ କରିଦେଲେ । ଏଥିରେ ଫଳ ଯାହା ହୋଇଅଛି ତାହା ଗତମାସ ତା ୨୩ ରିଖର କଲିକତା ଗେଜେଟରେ ପ୍ରକାଶିତ ଲେଫ୍‌ଟନେଣ୍ଟ ଗବର୍ଣ୍ଣରଙ୍କ ନିର୍ଦ୍ଧାରଣରୁ ବିଲକ୍ଷଣରୂପେ ଜଣାଯାଉ ଅଛି । ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଲେଖନ୍ତି ଯେ ଜ ୭୮ ଣ ପରୀକ୍ଷା ଦେବାକୁ ପ୍ରାର୍ଥନା କରି ଥିଲେ ତହିଁ ମଧ୍ୟରୁ କେବଳ ପ୍ରଥମ ଶ୍ରେଣିରେ ତିନିଜଣ ଓ ଦ୍ୱିତୀୟ ଶ୍ରେଣିରେ ପାଞ୍ଚଜଣ ଉତ୍ତୀର୍ଣ୍ଣ ହେଲେ । ଯେଉଁଠାରେ ବଙ୍ଗଳାରେ ଶତକଡ଼ା ଜ ୧୦ ଣ ଉତ୍ତୀର୍ଣ୍ଣ ହେଲେ ସେଠାରେ ଓଡ଼ିଶାର କେହି ଉତ୍ତୀର୍ଣ୍ଣ ହୋଇ ନାହାନ୍ତି କହିବାର ଅଧିକ । ଏପରି ଗବର୍ଣ୍ଣମେଣ୍ଟ ଅନୁଗ୍ରହ ପୂର୍ବକ ଆଉ ଏଗାର ଜଣ ଉତ୍ତୀର୍ଣ୍ଣ ହେବା ବ୍ୟକ୍ତିଙ୍କ ମଧ୍ୟରେ ଏହି ନିୟମରେ ଅଣିଅଛନ୍ତି କି ସେମାନେ ଯେଉଁ ବିଷୟରେ ଏଥର ପରୀକ୍ଷା ଦେଇପାରି ନାହାନ୍ତି ଅଗାମୀ ବର୍ଷ ତାହା ଦେଇ ପାରିଲେ ସାର୍ଟିଫିକଟ ପାଇବେ ।

ଲେଫ୍‌ଟନେଣ୍ଟ ଗବର୍ଣ୍ଣର ବୋଲନ୍ତି ଯେ ସନ ୧୮୬୨ ମସିହାରେ ଏ ପରୀକ୍ଷାର ନିୟମାରମ୍ଭ ହେବାଠାରୁ ଅବଧି ସର୍ବସୁଦ୍ଧା ଜ ୪୦୦ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏଥିମଧ୍ୟରୁ ଯେଉଁମାନେ କର୍ମ ପାଇଅଛନ୍ତି ବା ନୈରାଶ ହୋଇ ଅନ୍ୟ ବ୍ୟବସାୟ ଗ୍ରହଣ କରିଅଛନ୍ତି ସେମାନଙ୍କୁ ମିହା ଦେଇ ସୁଦ୍ଧା ଅବଧି ଜ ୨୦୦ ଣ କର୍ମ ପାଇବାକୁ ବାକୀ ଅଛନ୍ତି । ଯଦ୍ୟପି ଗବର୍ଣ୍ଣମେଣ୍ଟ ଏମାନଙ୍କୁ କର୍ମ ଦେବାକୁ ବାଧ୍ୟ ନୁହନ୍ତି ତଥାପି କର୍ମ ଦେବା ପାଇଁ ଚେଷ୍ଟା କରିବେ ଏବଂ ଏପ୍ରକାର କର୍ମ ପ୍ରାର୍ଥିଙ୍କ ସଂଖ୍ୟା ଯେମନ୍ତେ ଆଉ ବଢ଼ିବ ନାହିଁ ଏଥିପାଇଁ ଅଗାମୀ ବର୍ଷରେ କେବଳ ଯେଉଁମାନେ କୌଣସି ବିଷୟରେ ଉତ୍ତୀର୍ଣ୍ଣ ହୋଇ ନ ଥିବାରୁ ପରୀକ୍ଷାଧୀନରେ ଅଛନ୍ତି ତାହାଙ୍କୁ ଛଡ଼ା ଆଉ କାହାର ପରୀକ୍ଷା ହେବ ନାହିଁ । ଏତେ କଥା କହିଲା ଉତାରୁ କାହିଁକି ଗବର୍ଣ୍ଣମେଣ୍ଟ ଏକାବେଳକେ ଏଥିର ମାୟା ତ୍ୟାଗ କରିପାରୁ ନାହାନ୍ତି ଅମ୍ଭେମାନେ କହୁଁ ଯେ ଏ ନିୟମଟିକୁ ଏକାବେଳକେ ରହିତ କରି ଦେଲେ ଭଲ ହେବ । ଏଥିରେ କିଛି ଉପକାର ହୋଇ ନାହିଁ ବରଂ ଅନେକ ଲୋକଙ୍କର ବୃଥା ଆଶା ବର୍ଦ୍ଧିତ ହୋଇଥିଲା । ପୂର୍ବେ ଡେପୁଟି କଲେକ୍ଟର ନିଯୁକ୍ତ କରିବାର ଯେଉଁ ନିୟମ ଥିଲା ତାହାକୁ ପୁନର୍ଜୀବିତ କଲେ ଭଲ ହେବ ଓ ସିଭିଲ ସର୍ଭିସ୍ ଶ୍ରେଣୀ ସବୁ ଉଠାଇ ଦେଲେ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ଅନର୍ଥକ ବ୍ୟୟ ଲାଘବ ହେବ ।

---

## ଏଥର ଆଖି ଫିଟିଲା ପରା ।

ବାବୁ ଶ୍ୟାମାଚରଣ ସରକାର ସରକାର ବାହାଦୁରଙ୍କ ଆଖିରେ ଧୂଳିଦେଇ ଯେରୂପ ବାହାଦୁରି କରିନେଲେ ଓ ପରଶେଷରେ ଯେମନ୍ତ ଦୁର୍ଦ୍ଦଶାକୁ ଲଭିଲେ ତାହା ପାଠକମାନେ ଜାଣନ୍ତି । ମାତ୍ର ଅମ୍ଭେମାନେ ଦୁଃଖିତ ହୋଇ ଜଣାଉ ଅଛୁଁ ଯେ ଶ୍ୟାମାଚରଣଙ୍କର କୃତ କାର୍ଯ୍ୟର ଫଳ ସେ ଏକା ଭୋଗ କରି ନାହାନ୍ତି । ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ଭୋଗାଇବାର ସହଳ କରିଦେଇ ଅଛନ୍ତି । ପୁରୁଣାଲୋକେ ଯେ କହି ଅଛନ୍ତି କି ଯେ ବ୍ୟକ୍ତି ମନ୍ଦ ଲୋକର ଉପକାର କରେ ଓ ଯେଉଁମାନେ ତାହାର ସଂସର୍ଗୀ ହୁଅନ୍ତି ସେମାନେ ସମସ୍ତେ ମନ୍ଦଫଳ ଭୋଗ କରନ୍ତି ତାହା ଯଥାର୍ଥ ଅଟଇ ସରକାରୀ କର୍ମରେ ଥାଇ ଯେଉଁମାନେ ଏ ସତ୍ୟଟି ଜାଣନ୍ତି ନାହିଁ ସେମାନେ ଶ୍ୟାମାଚରଣର ଅବସ୍ଥାକୁ ସ୍ଥିରଭାବରେ ଚିନ୍ତା କରନ୍ତୁ ତାହା ହେଲେ ତାହାଙ୍କର ସମସ୍ତ ବିପଦ ଅଚିରେ ନାଶ ହେବ ।

ବାବୁ ଶ୍ୟାମାଚରଣଙ୍କୁ ଶ୍ରୀଯୁକ୍ତ ବିମ୍‌ସସାହେବ ବାଲେଶ୍ୱରର କଲେକ୍ଟର ଥିବା ସମୟରେ ସେରସ୍ତେଷ ହେଡ଼କିରାନୀ କର୍ମରେ ନିଯୁକ୍ତ କରିଥିଲେ । ସାହେବଙ୍କର ଏହାଙ୍କ ସହିତ ପୂର୍ବରୁ ଆଳାପ ଥିଲା ସୁତରାଂ ବାଲେଶ୍ୱରମାନଙ୍କୁ ଦେଖିପାରୁଥିବା ପ୍ରତ୍ୟକ୍ଷେ ତାହାଙ୍କ ଆଡ଼କୁ ନ ଚାହିଁ ପୂର୍ବଭାବର ଅନୁରୋଧକୁ ଘେନିଲେ ଓ ବାବୁଙ୍କୁ ଯେତେ ଅଧିକାର ଦେବାର ତାହା ଦେଲେ ଓ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ତାହାଙ୍କ ସୁଖ୍ୟାତି ଲେଖି ପଠାଇଲେ ! ବାବୁ ଜାଣିଲେ ସେ ସାହେବଙ୍କ ବିଶ୍ୱାସ ପାତ୍ର ହୋଇ ଅଛନ୍ତି ତହୁଁ ଆପଣା ସ୍ୱଭାବିକ ଗୁଣ ପ୍ରକାଶ କରି ପ୍ରାପ୍ତି ସୁଯୋଗ ଓ ଅଧିକାରର ଯଥାର୍ଥ ବ୍ୟବହାର ପୂର୍ବକ ପ୍ରଭୁପକାର ସାଧିବାର ବାଟ କରିଦେଲେ ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ କରି ଦେଖିଲେ ଯେ ଶ୍ୟାମାଚରଣ ଯାହାକିଛି ଟଙ୍କା ଆତ୍ମସାତ୍ କରି ଅଛନ୍ତି ତାହା ସବୁ ଶ୍ରୀଯୁକ୍ତ ବିମ୍‌ସ୍‌ସାହେବ କଲେକ୍ଟର ଥିବା ସମୟରେ ଘଟିଅଛି । ଅତଏବ ଏ ଟଙ୍କା ସକାଶେ ସେ ଦାୟୀ ଅଟନ୍ତି କି ନାହିଁ କମିଶ୍ନରସାହେବଙ୍କଠାରୁ ଏଥିର ରିପୋର୍ଟ ତଲବ କରି ଅଛନ୍ତି । ଲୋକଙ୍କୁ ଦାନା ଦେଇ ପୁଣି ତାହାର ଦୁଷ୍କର୍ମ ନିମିତ୍ତ ଦଣ୍ଡ ଦେବା ସାମାନ୍ୟ ଦୁଃଖର ବିଷୟ ନୁହଇ ମାତ୍ର ସରକାରୀ ଟଙ୍କା କ୍ଷତି ହେବା ମଧ୍ୟ ସାଧାରଣ ଦୁଃଖର ବିଷୟ ଅଟଇ ଓ ଏପରି କିଛି କଟକଣା ନ ହେଲେ ହାକିମମାନଙ୍କର କାହିଁକି ଭୟ ହେବ ? ଏଥିରୁ ଦେଖାଯାଏ ଯେ ଶ୍ୟାମାଚରଣଙ୍କର ଉପକାର କରି ଶ୍ରୀଯୁକ୍ତ ବିମ୍‌ସାହେବଙ୍କୁ ପ୍ରାୟଶ୍ଚିତ୍ତ କରିବାର ଆଶଙ୍କା ହୋଇ ଅଛି ।

ବାବୁ ଶ୍ୟାମାଚରଣ ହେଡ଼କିରାନୀ ଥାଇ ଏରୂପ ଦୁଷ୍କର୍ମ କଲେ ଓ ତାହାଙ୍କଠାରୁ ଯାମିନ ନିଅଯିବାର ବିଧି ନ ଥିଲା ସୁତରାଂ ଯେ ଟଙ୍କା ଆତ୍ମସାତ୍ ହେଲା ତାହାଙ୍କଠାରୁ ଅଦାୟ ହେବାର ଉପାୟ ନାହିଁ । ସ୍ଥାନୀୟ କମିଶ୍ନର ଏହା ଦେଖି ସବୁ ଜିଲ୍ଲାର କଲେକ୍ଟରଙ୍କଠାରେ ପ୍ରସ୍ତାବ କଲେ କି ଯେଉଁ ଅମଲା ବା କିରାନୀମାନଙ୍କ ହାତରେ ଟଙ୍କାର କାରବାର ଅଛି ତାହାଙ୍କଠାରୁ ଜାମିନ ନେବାର ଉଚିତ । ତଦନୁସାରେ ତିନି କଲେକ୍ଟରଙ୍କ ମଧ୍ୟରୁ କେହି ଜାମିନ ନେବାର ସ୍ଥିର କରି ଅଛନ୍ତି । ଏ ପ୍ରସ୍ତାବ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଅନ୍ୟାନ୍ୟ ବିଭାଗର କମିଶ୍ନରମାନଙ୍କ ମତ ପ୍ରାର୍ଥନା କରି ଅଛନ୍ତି । ଇଚ୍ଛା ହେଲା ଯେ ଗବର୍ଣ୍ଣମେଣ୍ଟ ସ୍ଥାନୀୟ କମିଶ୍ନରଙ୍କ ମତରେ ଐକ୍ୟ ହେଲେ ନାହିଁ । ଅନେକ କିରାନୀ ଓ ଅମଲାଙ୍କଠାରୁ ଯାମିନ ନେବା ଯେମନ୍ତ ଖାତ କରୁଛି ଏମାନଙ୍କ ପକ୍ଷରେ ଯାମିନ ଦେବା ମଧ୍ୟ ତଦ୍ରୂପ କ୍ଳେଶକର ଅଟଇ । ଟଙ୍କାର ଏଲକା ଏତେଲୋକଙ୍କ ହାତକୁ ଦେବାର ପ୍ରୟୋଜନ କି? ଯାହାଙ୍କ ଜମା ତହବିଲ ବା ମାଲ ରହଇ ଓ ସର୍ବଦା ଟଙ୍କା ଜମା ଖର୍ଚ୍ଚ କରନ୍ତି ତାହାଙ୍କଠାରୁ ଯାମିନ ନେବାର ବିଧି ଅଛି ଥରେଅଧେ କାହାରି ହାତକୁ ନିର୍ଦ୍ଦିଷ୍ଟ ବ୍ୟୟର ଟଙ୍କା ଅସିଲେ ତାହାଠାରୁ ଯାମିନ ନେବା ଅଭ୍ୟାଗ୍ୟର ଭିନ୍ନ ଅନ୍ୟ ନୁହଇ । ଏରୂପ ଯାମିନ ଦେଇ କେତେ କିରାନୀ ନିର୍ବାହ ହୋଇ ପାରିବେ ?

ପରଶେଷରେ ଅମ୍ଭମାନଙ୍କର ବକ୍ତବ୍ୟ ଏହି କି ଯଦ୍ୟପି ସରକାରଙ୍କର ଆଖିଫିଟିଲା ତେବେ ପ୍ରକୃତ ପ୍ରଦେଶରେ ଦୃଷ୍ଟି କାହିଁକି ପଡ଼ୁ ନାହିଁ ! ଶ୍ୟାମାଚରଣ ମୋକଦ୍ଦମାରେ ଯଦ୍ୟପି କୌଣସି

Digitized by srujanika@gmail.com

ସନ୍ଦେହକଥା ପ୍ରକାଶ ହୋଇଥାଏ ତେବେ ତାହା ଏହି ଯେ ଲୋକଲଫଣ୍ଡ ଓ ଷ୍ଟେଡଶେଷ ହିସାବ ତତ୍ତ୍ୱାବଧାରଣର କୌଣସି ଉତ୍ତମ ବନ୍ଦୋବସ୍ତ ନାହିଁ । ସେପରି ହିସାବ ଥିଲେ ଶ୍ୟାମାଚରଣ ଆପେ ଧରାପଡ଼ି ଥାନ୍ତା ମାତ୍ର ବେନାମୀ ଦରଖାସ୍ତରୁ ଧରାପଡ଼ିବାରୁ ଏତେକ ପ୍ରମାଣ ହୋଇଅଛି ଯେ ସ୍ୱତନ୍ତ୍ର ହିସାବ ବୁଝାଯାଉ ନାହିଁ । ଖଜଣାଖାନାର ହିସାବ ଏକାଉଣ୍ଟାଣ୍ଟ ଜେନେରଲ ବୁଝନ୍ତି ବୋଲି ଏଥିରେ ଗୋଟିଏ ପଇସାର ଭୁଲ ହେଲେ ତାହା ତତ୍କ୍ଷଣାତ୍ ଧରାପଡ଼ଇ ମାତ୍ର ବାଯେ ତହବିଲର ଜମା ଖର୍ଚ୍ଚରେ ଦୁଇ ତିନ ଥର ଏକା ଟଙ୍କା ଖର୍ଚ୍ଚପଡ଼ିଲେ କେହି ଧଇବାର ନାହିଁ । ଶ୍ୟାମାଚରଣ ହିସାବ ବୁଝିବାର ଏହି ଦୋଷ ଦେଖିଲାରୁ ସିନା ଟଙ୍କା ଆତ୍ମସାତ୍ କରିବାର ସୁଯୋଗ ପାଇଲା ଯେବେ ଥରେ ହିସାବ ଧରାପଡ଼ିଥାନ୍ତା କମ୍ବା ଧରାପଡ଼ିବାର ସମ୍ଭାବନା ଅଛି ବୋଲି ସେ ଜାଣିପାରିଥାନ୍ତା ତେବେ କଦାଚ ଏ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତା ନାହିଁ । ଅତଏବ ଆମ୍ଭେମାନେ କମିଶ୍ନର ସାହେବଙ୍କ ଠାରେ ଏତତ ଅନୁରୋଧ କରୁଁ ଯେ ବୃଥାରେ ଅନେକ ଛୋଟ୨ କିରାନି ଓ ଅମଲାଙ୍କ ଉପରେ ଯମିନ ଦାୟୀ ନ ପକାଇ ନାଜର କମ୍ବା ଖଜାଞ୍ଚିମାନଙ୍କ ସବୁଟଙ୍କା କାରବାର ହେବା ଓ ହିସାବ ତଦାରକ ଯଥାର୍ଥରୂପେ ହେବା ପକ୍ଷରେ ନିୟମ ପ୍ରଚାର କରନ୍ତୁ ତାହା ହେଲେ ସବୁ ଅନିଷ୍ଟର ଉପଯୁକ୍ତ ପ୍ରତୀକାର ହେବ ।

---

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କମିଶ୍ନରସାହେବ ଇରଗେଗନ କନର କାର୍ଯ୍ୟ ସମ୍ପର୍କରେ ଗଡ଼ଜାତ ଓ ବଙ୍ଗିଡର ଭ୍ରମଣ କରିବାକୁ ଯାଇ ଅଛନ୍ତି । ଶୀଘ୍ର ପ୍ରତ୍ୟାଗମନ କରିବେ ।

ଗତସପ୍ତାହଠାରୁ ଏ ନଗରରେ ଓଲାଉଠା-ରୋଗ ଆରମ୍ଭ ହୋଇ ଅଛି ମାତ୍ର ସୁଖର ବିଷୟ ଯେ ରୋଗର ପ୍ରବଳ ବଳ ନୁହଇ । ଏହି ସମୟରୁ ଲୋକେ ସାବଧାନ ହୋଇ ଚଳିଲେ ରୋଗ ବିସ୍ତର ହୋଇ ପାରିବ ନାହିଁ ।

ଆଗାମୀ ମଙ୍ଗଳବାରଠାରୁ ଦୌରା ଅଦାଲତ ବସିବ ଏଥର ଏଠାରେ ଅନେକଗୁଡ଼ିଏ ମୋକଦ୍ଦମା ବିଚାର ହେବାକୁ ଅଛିଅଛି ।

ପଟ୍ଟାମୁଣ୍ଡାଇ ସାମିଲ ତାଲୁକ ପଟ୍ଟନା ଗ୍ରାମରେ କେବୁଲେଙ୍କାର ସ୍ତ୍ରୀ ଏକାଠି ଛଅୋଡ଼ି ଥିଲା ଜନ୍ମ କରିଅଛି । ଅମ୍ଭମାନଙ୍କ ସମ୍ବାଦଦାତା ଏ ଘଟଣାର ଦୂରଦନ ଉତ୍ତାରୁ ପତ୍ର ଲେଖିଥିଲେ ଯେ ସେ ସମୟରେ ପିଲାମାନେ ବଞ୍ଚିଥିଲେ । ଛଅୋଡ଼ି ଯାକ ପୁତ୍ର ଏହାଙ୍କୁ ଦେଖିବାପାଇଁ ଅନେକଯାତ୍ରୀ ଆସୁ ଅଛନ୍ତି ।

ପୁରୀରୁ ସମ୍ବା ପାଇଅଛୁଁ ଯେ ଏ ସମୟରେ ଯେତେ ଯାତ୍ରୀ ସେଠାରେ ଜମା ହୁଅନ୍ତି ଏବର୍ଷ ତାହା ନାହିଁ । ସେଠାଲୋକେ ଅନୁମାନ କରନ୍ତି ଏଥର ବିସ୍ତର ଯାତ୍ରୀ ହେବେ ନାହିଁ ।

କଟକ କଲେଜପାଇଁ ବାଲେଶ୍ୱରରେ ତାଲିଖିଲ ପ୍ରକାର ଚାନ୍ଦା ଉଠିଥିବାର ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯଥା ।

| | | | |
|---|---|---|---|
| ଶ୍ରୀଯୁକ୍ତ ବାବୁ ଶ୍ୟାମାନନ୍ଦ ଦେ | | ଟ | ୧୦୦୦ |
| ,, | ,, ବୃନ୍ଦାବନଚନ୍ଦ୍ରମଣ୍ଡଳ | ଟ | ୫୦୦ |
| ,, | ,, ରାଧାରମଣ ଦାସ | ଟ | ୪୦୦ |
| ,, | ,, ମଦନମୋହନ ଦାସ | ଟ | ୪୦୦ |
| ,, | ,, ପୁରୁଷୋତ୍ତମ ଦାସ | ଟ | ୧୫୦ |
| ,, | ,, ଲକ୍ଷ୍ମୀନାରାୟଣକର | ଟ | ୫୦ |
| ,, | ,, କଉଡ଼ିଚରଣ ଦାସ | ଟ | ୨୫ |
| ,, | ,, ମଥୁରମୋହନପାଣ୍ଡି ଓ ବିଷ୍ଣୁମୋହନପାଣ୍ଡି | ଟ | ୩୦୦ |
| ,, | ,, ହରଘୋରନାରାୟଣ ପହରାଜ | ଟ | ୨୫ |
| ଏଠ | | ଟ | ୨୯୫୦ |

ଗତ ପ୍ରକାଶିତ ପିଷକ ଦେଖି ଆମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ । ତହିଁରେ ରଚନା ବିଷୟରେ ଯେସମସ୍ତ ଉପଦେଶ ଦିଆଯାଇଅଛି ତାହା ଅତି ଉପଯୋଗୀ ଅଟଇ ଏପ୍ରକାର ଉପଦେଶ ଶିକ୍ଷକ ଓ ଛାତ୍ରଙ୍କ ପକ୍ଷରେ ଅତି ପ୍ରୟୋଜନୀୟ ଅଟଇ ।

ପେସାୱରରେ ଯେଉଁ ଅଗ୍ନିଭୟ ଉତ୍ପାତ ହୋଇଥିଲା ତହିଁରେ ୧୦୮୭ ଘର ଓ ୮୨୯ ଦୋକାନ ପୋଡ଼ି ଯାଇଥିଲା ଓ ତହିଁରେ ଚାରି ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି । ସେଠାର କମିସ୍ନର ବୋଲନ୍ତି ଯେ ଏ ସବୁଘର ନିର୍ମାଣ ନିମନ୍ତେ ସେଠା ଅଧିବାସିମାନେ ବାହାର ଲୋକଠାରୁ ଚାନ୍ଦା ନେବାକୁ ମାନସ କରନ୍ତି ନାହିଁ ସେମାନେ ଆପେ ଆପଣାକୁ ସାହାଯ୍ୟ କରି ଏ ସବୁ ସମ୍ପନ୍ନ କରିନେବେ । ପେସାୱର ନଗରବାସିଙ୍କ ପକ୍ଷରେ ଏକଥା ବଡ଼ ପ୍ରଶଂସନୀୟ ଅଟଇ ଓ ସେମାନେ କି ପ୍ରକାର ଭଲ ଅବସ୍ଥାରେ ଅଛନ୍ତି ତହିଁର ପରିଚୟ ମଧ୍ୟ ଏଥିରୁ ପାଇ ଯାଉଅଛି ।

ବାବୁ ନବୀନଚନ୍ଦ୍ର ଦେ ପାଟନାର ସରକାରି ଉକୀଲତ କର୍ମରେ ଇସ୍ତଫା ଦେବା ବିଷୟରୁ ଲକ୍ଷ କରି ବେହାର ହେରଲ୍ଡ ନାମକ ସମ୍ବାଦପତ୍ର ବୋଲନ୍ତି ଯେ ଉକୀଲମାନଙ୍କ ପେଷାର ଭଲ ହେଲେ ସରକାରି ଉକାଲତି ନେଉନ୍ତି ନାହିଁ । ଏଥିରେ ଅନେକ ହାକିମଙ୍କର ମନ ଯୋଗାଇବାକୁ ହୁଅଇ ଓ ଅନେକ ଗାଳି ମଧ୍ୟ ଖାଇବାକୁ ପଡ଼େ ।

ଗତମାସ ତା ୨୨ ରଖରେ ସିମଲାରେ ଅଗ୍ନିଲାଗି ଅନେକ ଗୁଡ଼ିଏ ଦୋକାନ ଓ ଘର ପୋଡ଼ିଯାଇଅଛି । ସର୍ବସୁଦ୍ଧା ଏକଲକ୍ଷଟଙ୍କାର ସମ୍ପତ୍ତି ନଷ୍ଟ ହେବାର ଅନୁମାନ ହୁଅଇ ।

ଆମ୍ଭମାନଙ୍କ ଲେଫ୍ଟନାଣ୍ଟଗବର୍ଣ୍ଣରଙ୍କ ଦାର୍ଜିଲିଂବାସ ସମାପ୍ତ ହେଲା ସେ ବେହାର ଢାକା-ପ୍ରଭୃତି ସ୍ଥାନମାନ ଭ୍ରମଣ କରି ଚଳିତମାସ ତା ୨୨ ରଖ ପର୍ଯ୍ୟନ୍ତ କଲିକତାରେ ପ୍ରବେଶ ହେବେ ।

ପେସାୱରରେ ଏସମୟରେ ବସନ୍ତ ରୋଗରେ ମଡ଼କ ଉପସ୍ଥିତ ହୋଇଅଛି ଏକସପ୍ତାହ ମଧ୍ୟରେ ଜ ୪୭ ଣ ଏ ରୋଗରେ ମରିପଡ଼ିଅଛନ୍ତି ।

କଲିକତାର ବଜାରଭାଉରୁ ଦେଖାଯାଏ ଯେ ଆଜିକାଲି ରପ୍ତାନି ଦ୍ରବ୍ୟର ବଜାର ବଡ଼ ମନ୍ଦା ଅଛି । ପ୍ରାୟ କୌଣସି ଦ୍ରବ୍ୟର ବିଶେଷ କାରବାର ନାହିଁ ।

---

ବିଜ୍ଞାପନ ।

---

ବୈଦେହୀଶବିଳାସର ୧ମ ଖଣ୍ଡ ଅର୍ଥ ସହିତ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଖ ୧ ଣ୍ଡରୁ ଟ ୧୵ ଅଣା ମୋଫସଲ ଗ୍ରାହକଙ୍କୁ ମୂଲ୍ୟ ଛଡ଼ା ଫିଖଣ୍ଡରେ ଟ୦୵ ଲେଖାଏ ଡାକମାସୁଲ ପଡ଼ିବ ।

୨।୭।୭୫ ଶ୍ରୀଗୌରୀଶଙ୍କର ରାୟ
ସେକ୍ରେଟେରୀ ।

---

ମୂଲ୍ୟପ୍ରାପ୍ତି ।

---

| | | | |
|---|---|---|---|
| ଶ୍ରୀ ମାଦଲାବକାଶି ଉଷାକୁପାଟନ | | ଟ | ୩୵୵ |
| ବାବୁ ସୁରେନ୍ଦ୍ର ମହାନ୍ତି | ବଙ୍କସ୍ତା | ଟ | ୩ |
| ,, କ୍ଷେତ୍ରମୋହନ ରାୟ କଟକ | ,, | ଟ | ୨ |
| ,, ଭିଷଥାଉନଳାନ୍ତି ପଟ୍ଟାମୁଣ୍ଡାଇ | ,, | ଟ | ୫ |
| ସେଖ ହାଦର | ଧର୍ମଶାଳା | ଟ | ୨୵୵ |

---

ଏହି ଉତ୍କଳଦୀପିକା ସହରକଟକ ଦଲୁସାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Split by PDF Splitter
Digitized by srujanika@gmail.com

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦
ସଂଖ୍ୟା

ଇଂରେଜୀ ଜୁଲାଇ ସନ ୧୮୭୫ ମସିହା ୩ । ଆଷାଢ଼ ୧୨୮୨ ସନ ୮୩ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୵
ମଫସଲ ପାଇଁ ଡାକମାସୁଲ ୧୦

ଏବର୍ଷ ରଥଯାତ୍ରାରେ ପୁରୀରେ ବିଶେଷ ଯାତ୍ରୀ ହେବାର ଆମ୍ଭେମାନେ ଅନୁମାନ କରିଥିଲୁଁ ମାତ୍ର ପୁରୀରୁ ସମ୍ବାଦ ପାଇଅଛୁଁ ଯେ ପ୍ରାୟ କୋଡ଼ିଏହଜାରଯାତ୍ରୀ ଏବର୍ଷ ହୋଇଥିଲେ । ଗତବର୍ଷର ପଚାଶହଜାର ଯାତ୍ରୀରୁ ଊଣା ହୁଅନ୍ତାନାହିଁ ଏବର୍ଷ ଏତେ ଊଣା ହେବାର କାରଣ କିଛି କହି ନ ପାରୁଁ । ରଥଯାତ୍ରାର କାର୍ଯ୍ୟ ପୂର୍ବପ୍ରାୟ ଶିଥିଳ ଓ ଅନିୟମିତରୂପେ ହୋଇଥିଲା ।

---

ବ୍ରହ୍ମଦେଶ ସଙ୍ଗେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟର ଯେଉଁ ବିଷୟରେ ମତାନ୍ତର ଘଟିଥିଲା ତାହା ଶାନ୍ତିଭାବରେ ନିଷ୍ପତ୍ତି ହୋଇଥିବାର ଆମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ । ଆମ୍ଭମାନଙ୍କ ପତ୍ରିକା ବାହାରିଲା ଉତ୍ତାରୁ ଅନେକ ବିରୁଦ୍ଧଭାବର କଥାମାନ ତାରଡାକଯୋଗେ ଶୁଣାଗଲା ଓ ବ୍ରହ୍ମାର ରଜା ଆପଣା ରାଜ୍ୟଦେଇ ଇଂରେଜ ସୈନ୍ୟଙ୍କୁ ଯାତାୟାତ କରିବାକୁ ଦେବା ପକ୍ଷରେ ଅସମ୍ମତ ହେବାରୁ ଇଂରେଜଗବର୍ଣ୍ଣମେଣ୍ଟ ଅସନ୍ତୁଷ୍ଟ ହେବାର ଶୁଣାଗଲା । ମାତ୍ର ଏସବୁ କଥାର କିଛି ସ୍ଥିରତା ଜଣାଯାଉ ନାହିଁ । ଆମ୍ଭେମାନେ ବୋଧକରୁଁ ଯେ ସବୁକଥା ଉତ୍ତମରୂପେ ନିଷ୍ପତ୍ତି ହୋଇଅଛି ଓ ସବୁ ଉଡ଼ଗଳ୍ପ ସମ୍ବାଦଦାତାମାନେ କଳ୍ପନାରୁ ଆସୁଅଛନ୍ତି ।

---

ଏ ନଗରର ଅବାଲଭ ପୁଷ୍କରିଣୀର ପଙ୍କୋଦ୍ଧାର ବିଷୟରେ ଆମ୍ଭେମାନେ ଯାହା ଶଙ୍କା କରିଥିଲୁଁ ଫଳେ ତାହାହିଁ ଦେଖାଗଲା । କେବଳ ଯୋଗଶ୍ରୀ ଗୃହପାର୍ଶ୍ୱରେ ସମାନ ମାଟିପଡ଼ ଚେକା ବନ୍ଦ ହେଲା ମାତ୍ର ଭିତରର ପଙ୍କ କିଛି ବାହାରିଲା ନାହିଁ । ଏଥିରୁ ବିଶେଷ ବୃଷ୍ଟି ହେବାରୁ କର୍ମ ବନ୍ଦ କରିବାକୁ ହେଲା । ଇନ୍ଦପାଣି ସକାଶେ ପୋଖରୀର ପ୍ରୟୋଜନ ମାତ୍ର ତାହା ଯେମନ୍ତକୁ ତେମନ୍ତ ରହିଲା । ବର୍ତ୍ତମାନ ଏକହାତ ଜଳ ତହିଁରେ ହୋଇ ନାହିଁ ଅଥଚ ନୀଳସ୍ତୋ ଦଳ ତହିଁରେ ଜନ୍ମ ହେଲାଣି ବାସ୍ତବରେ କାଳବର୍ଷା ନ ହେଲେ ଜଳ କାହିଁକି ଭଲ ହେବ । ଶୁଣାଯାଏ ଯେ ଏଥିରେ ୮ କି ୯ ଶତ ଟଙ୍କା ବ୍ୟୟ ହୋଇ ଅଛି । ଏପରି ବ୍ୟୟରୁ ଆମ୍ଭେମାନେ ଟଙ୍କା ପାଣିରେ ପକାଇଦେବା କହୁଁ ଯଥାସମୟରେ କାର୍ଯ୍ୟାରମ୍ଭ ହୋଇ ଥିଲେ ଅବଶ୍ୟ ବ୍ୟୟ ସାର୍ଥକ ହୋଇ ଥାନ୍ତା ।

---

ଏ ନଗରର ସଡ଼କ ଓ ପୁଷ୍କରିଣୀମାନ ସଂସ୍କାର କରିବା ସଙ୍ଗେ୨ କେତେଦିନ ହେଲା ଆମ୍ଭମାନଙ୍କ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବିମସ୍ ସାହେବ ସଡ଼କସବୁ ପରିଷ୍କାର ରଖିବାର ଉଦ୍ୟମ କରୁଅଛନ୍ତି ଓ ପୁଲିସ ସମ୍ବନ୍ଧୀୟ ପାଞ୍ଚଆଇନର ସାହାଯ୍ୟ ମଧ୍ୟ ନେଉଅଛନ୍ତି । କେତେଦିନ ହେଲା ନଗରରେ ଯେତେ ଗୋରୁଗାଈ ଅଛି ତହିଁର ଏକତାଲିକା ପୁଲିସଦ୍ୱାରା ପ୍ରସ୍ତୁତ କରାଇଥିଲେ । ତାଲିକା ପ୍ରସ୍ତୁତ ହେଲାରୁ ଆଜ୍ଞା ଦେଇଅଛନ୍ତି ଯେ ରକ୍ଷକ ସଙ୍ଗେ ନ ଦେଇ କେହିଲୋକ ଗୋରୁଗାଈ ସଡ଼କ ଉପରକୁ ଛାଡ଼ିଦେଲେ ପୁଲିସ ତାହା ଧରି କାଞ୍ଜିହାଉସରେ ଦେବ ପୁଣି ଏସପ୍ତାହରେ ଆଜ୍ଞା ହୋଇଅଛି ସଡ଼କ ଉପରେ ଉଠାଦୋକାନ ଘେନି କେହି ବସିବ ନାହିଁ । ଯାହାଙ୍କର ଦୋକାନ ନାହିଁ ସେମାନେ ଯାହା ଯେତେବେଳେ ବିକ୍ରୟ କରିବାକୁ ଆଣିବେ ତାହା ସରକାରୀ ହାଟକୁ ଘେନିଯାଇ ସେଠାରେ ବିକ୍ରୟ କରିବେ । ସୁତରାଂ ଏଥିର ସରକାରୀ ହାଟ ଜାରି ହେବାର ଆଉ ବିଳମ୍ବ ନାହିଁ । ଅଧିକ ଶୁଣାଯାଏ ଯେ ସଡ଼କ ଅପରିଷ୍କାର କରିବା ଏବଂ ଗୃହସ୍ଥମାନେ ତେଲରେ ପ୍ରସ୍ତୁତ କରୁଥିବା ଖାଦ୍ୟଦ୍ରବ୍ୟ ବିକ୍ରୟ ବିଷୟରେ ମାଜିଷ୍ଟ୍ରେଟ ସାହେବଙ୍କ ଦୃଷ୍ଟି ପଡ଼ିଅଛି । ଏସମସ୍ତ ହିତକର ବିଷୟ ଅଟଇ ମାତ୍ର ଆମ୍ଭେମାନେ ବାଧ୍ୟ ହୋଇ କହୁଅଛୁଁ ଯେ ଏପରି ନିୟମମାନ ଆଜକୁ କେତେବର୍ଷ ହେଲା ମାଜିଷ୍ଟ୍ରେଟମାନେ ଜାରି କରି ଆସୁଅଛନ୍ତି ସତ୍ୟ କିନ୍ତୁ ସେପରି କାର୍ଯ୍ୟ ହେଉ ନାହିଁ ସମୟ ସମୟରେ କଦାକେବେ ଏସବୁ କଥାର ଚହଲ ପଡ଼ିଯାଏ ଓ ଦୁଇଏକଲୋକ ଦଣ୍ଡସୁଦ୍ଧା ପାଆନ୍ତି ମାତ୍ର ପରିଶେଷରେ ଯେକଥାକୁ ସେକଥା; ଆମ୍ଭେମାନେ ଭରସାକରୁଁ କି ଏପ୍ରକାର ଆଜ୍ଞାମାନ ଦୃଢ଼ରୂପେ ପ୍ରତିପାଳନ ହେବା ପକ୍ଷକୁ ମାଜିଷ୍ଟ୍ରେଟ ସାହେବ ପୁଲିସ ପ୍ରତି ଏମନ୍ତ କଠିନ ନିୟମ କରିବେ କି ଯେମନ୍ତ ସର୍ବଦା ସେମାନେ ଏକର୍ତ୍ତବ୍ୟ

Digitized by srujanika@gmail.com

Split by PDF Splitter



ସାଧନ ପ୍ରତି ସମାଜରୂପ ଯତ୍ନବାନ୍ ରହିବେ ଓ ତ୍ରୁଟିକଲେ ଦଣ୍ଡ ଲଭିବେ ।

---

### ସଲାମୀ ମାଗିବାର ମୋକଦ୍ଦମା ।

ଗତ ମଙ୍ଗଳବାର ଏଠାରେ ସେସନ ମୋକଦ୍ଦମାର ବିଚାର ଆରମ୍ଭ ହୋଇ ପ୍ରଥମେ ଯାଜପୁର ନେଟିବଡାକ୍ତରଙ୍କ ବିଚାର ହେଲା ଓ ଏଥିପାଇଁ ଦୁଇଦିନ ସମସ୍ତ ଧାର୍ଯ୍ୟ ହୋଇଥିଲେହେଁ ମୋକଦ୍ଦମାଟି ଏମନ୍ତ ଅସାର ଥିଲା ଯେ ଏକଦିନ ପୁରା ଲାଗିଲା ନାହିଁ ଓ ଅସାମିଠାରୁ ସଫାଇ ନିଆ ନ ଯାଇ ମୁକ୍ତି ଦିଆଗଲା ଏ ମୋକଦ୍ଦମାଟି ଅଭିନବ ପ୍ରକାରର ଅଟଇ ତହିଁର ବୃତ୍ତାନ୍ତ ଏହି ଯେ ଯାଜପୁର ନେଟିବଡାକ୍ତରଙ୍କ ନିକଟକୁ ଜଣେ କନଷ୍ଟବଲ ଗୋଟାଏ ମୃତଦେହ ତଦାରକ ନିମିତ୍ତ ଘେନିଗଲା ତହିଁର କାଗଜପତ୍ର ଡାକ୍ତରଙ୍କୁ ଦେବାରେ ସେ ପଚାରିଲେ ଯେ ଏହାର ଓୟାରସ କେହି ଅସିଅଛି କନଷ୍ଟବଲ କହିଲା ନାହିଁ । ତେବେ ମୋର ସଲାମୀ କାହିଁ? ମୁଁ ଲାସ ତଦାରକ କେଲେ ସଲମି ପାଇଥାଏଁ । କନଷ୍ଟବଲ ତାହା କିଛି ନ ଜାଣିବାର କହିବାରୁ ଡାକ୍ତର ତାହାକୁ ଫାରମ ଅଣିବା ସକାଶେ ଥାନାକୁ ପଠାଇଲେ । ସେ ଫାରମ ଅଣିଲା । ଏଥି ମଧ୍ୟରେ ଲାସ ତଦାରକ ହୋଇଗଲା । ସେ ଲାସକୁ ନଦୀରେ ପକାଇଦେବାକୁ ଡାକ୍ତର କହିଲେ ମାତ୍ର ଚୌକିଦାରମାନେ ତାହା ଛୁଁଇଲେ ଜାତିଯିବ ବୋଲି କହି ନଦୀକୁ ନ ନେଲେ କନଷ୍ଟବଲ ଯେଉଁ ଫାରମ ଅଣିଥିଲା ତାହା ଭୁଲ ଥିବାରୁ ଆଉ ଖଣ୍ଡେ ଫାରମ ଅଣିବାକୁ ଗଲା ଅଉ ଅସିଲା ନାହିଁ ଜଣାଯାଏ ଯେ ଏହି କଥାରେ ଡାକ୍ତର ଓ କନଷ୍ଟବଲ ମଧ୍ୟରେ କିଛି ବୋଲଚାଲ ହୋଇଥିଲା ଓ ଡାକ୍ତର ମଧ୍ୟ ସେ କଥା ଅପଣା ଜବାବରେ ଲେଖାଇ ଅଛି । କନଷ୍ଟବଲ ଥାନାରେ ଏଥିର ଇତଲାର ଦେଇ ଘେନିଗଲା ଓ ସଲାମୀ ମାଗିଥିବାରୁ ଡାକ୍ତର ଉତ୍କୋଚ ନେବାକୁ ଚେଷ୍ଟା କରିଥିଲେ ବୋଲି ଯାଜପୁର ମାଜିଷ୍ଟ୍ରେଟ ମୋକଦ୍ଦମା ଚଳାଇ କନଷ୍ଟବଲ ଓ ତାହା ପକ୍ଷରୁ କେବଳ ଚୌକିଦାରଙ୍କ ଗୁହାରିରେ ଡାକ୍ତରଙ୍କୁ ଅପରାଧୀ ସ୍ଥିର କରି ମୋକଦ୍ଦମା ଦୌରାକୁ ପଠାଇଲେ ମାତ୍ର ଜଜସାହେବଙ୍କ ବିଚାରରେ କେବଳ କନଷ୍ଟବଲର କଥା ଅପ୍ରମାଣ ହେଲା ଏମନ୍ତ ନୁହଇ ଏପ୍ରକାର ବିଷୟ କୌଣସି ଅଇନ ମତେ ଅପରାଧ ନୁହଇ ବୋଲି ସ୍ଥିର ହେଲା ।

କନଷ୍ଟବଲ ମିଥ୍ୟା ମୋକଦ୍ଦମା କରିଅଛି ବୋଲି ତାହା ନାମରେ ମୋକଦ୍ଦମା ଚଳାଇବାର ପ୍ରାର୍ଥନା ଡାକ୍ତରଙ୍କ ପକ୍ଷରୁ ଜଜସାହେବଙ୍କ ହଜୁରରେ ହୋଇଥିଲା ମାତ୍ର ଏପରି ଅନିଶ୍ଚିତ କଥା ପ୍ରମାଣ କରିବା କଠିନ ବିବେଚନା କରି ଜଜସାହେବ ଉକ୍ତ ପ୍ରାର୍ଥନାକୁ ଅଗ୍ରାହ୍ୟ କଲେ ।

ଜଜସାହେବଙ୍କ ବିଚାରରେ ସର୍ବସାଧାରଣ ସନ୍ତୁଷ୍ଟ ହୋଇଅଛନ୍ତି ବୋଲିବାର ବାହୁଲ୍ୟ କିନ୍ତୁ ପୁଲିସ ଏପ୍ରକାର ମାମଲା କଲା ଓ ଶ୍ରୀଯୁକ୍ତ ଗନସାହେବ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ତାହା ଗ୍ରହଣ କରି ଡାକ୍ତରଙ୍କ ପରି ଜଣେ ଭଦ୍ରଲୋକଙ୍କୁ ଅକାରଣ ଦୌରାକୁ ପଠାଇ ହରବର କଲେ ବଡ ଦୁଃଖର ବିଷୟ ଅଟଇ । ସବଡିବିଜନ ହାକିମଙ୍କ ଉପରେ ଯେପରି ଗୁରୁଭାର ସ୍ଥାପିତ ହୋଇଅଛି ତାହାଙ୍କୁ ଅନେକ ବିବେଚନା କରି କାର୍ଯ୍ୟ କରିବାର ଆବଶ୍ୟକ ଓ ପୁଲିସ ପ୍ରତି ଯେରୂପ ସାଧାରଣ ଭାବ ତାହା କାହାରିକୁ ଅବିଦିତ ନାହିଁ । ସ୍ଥାନୀୟ ହାକିମମାନେ ଯେବେ ପୂର୍ବାପର ବିଚାର ନ କରି ପୁଲିସର କଥାକୁ ଅସ୍ଥା କରି ଭଦ୍ରଲୋକଙ୍କୁ ଏମନ୍ତ ଦୁର୍ଦ୍ଦଶାରେ ପକାଇବେ ତେବେ ପ୍ରଜାଙ୍କର ଅଉ ନିସ୍ତାର କାହିଁ ?

---

### ଉତ୍କଳଭାଷୋଦ୍ଦୀପିନୀ ସଭା ।

ଗତ ସୋମବାର କଟକ ପ୍ରିଣ୍ଟିଂକମ୍ପାନିର କୋଠାରେ ଏ ସଭାର ଦ୍ୱିତୀୟ ବାର୍ଷିକ ଅଧିବେଶନ ହୋଇଥିଲା । ଗତବର୍ଷ ପରି ନଗରର ଅନେକ ଭଦ୍ରଲୋକଙ୍କୁ ଅମନ୍ତ୍ରଣ ହୋଇଥିଲା ମାତ୍ର ସଭାର ଅନ୍ତର୍ଗତ ଲୋକ ଭିନ୍ନ ଅପର ଭଦ୍ରଲୋକ ଅତ୍ୟଳ୍ପ ଅଗମନ କରିଥିଲେ । ସେ ଦିନ ବୃଷ୍ଟି ଥିବାରୁ ଅଥବା ଅନ୍ୟ କାରଣରୁ ଏପରି ଘଟିଲା ଅମ୍ଭେମାନେ କହି ନ ପାରୁଁ । ଯାହା ହେଉ ଶ୍ରୀଯୁକ୍ତ ପାଦ୍ରୀ ମିଲର ସାହେବ ସଭାପତି ପଦରେ ବରଣ ହୋଇ ସଭାର କାର୍ଯ୍ୟ ନିର୍ବାହ କଲେ ଓ କେତେକ ଜଣ ସଭ୍ୟ ବକ୍ତୃତା କରି ସଭାକୁ ପରିତୋଷ କଲ ଉତ୍ତାରୁ ସଭାର କାର୍ଯ୍ୟ ଶେଷ ହେଲା ।

ସମ୍ପାଦକ ମହାଶୟ ସଭାର ବାର୍ଷିକବିଜ୍ଞାପନୀ ଲେଖି ପାଠ କରିଥିଲେ । ତହିଁରୁ ଦେଖାଯାଏ ଯେ ସଭ୍ୟମାନେ ଅତ୍ୟନ୍ତ ଶୂନ୍ୟ ଭାବରେ ମାତୃଭାଷାର ଉତ୍କର୍ଷ ସାଧନ ପକ୍ଷରେ ଯଥାସାଧ୍ୟ ଯତ୍ନ କରିଅଛନ୍ତି ଓ ଯେଉଁମାନେ ପୂର୍ବେ ସଭାକେ ଦଣ୍ଡାୟମାନ ହୋଇ ସବେ କଥା କହିବାକୁ ଶଙ୍କା କରୁଥିଲେ ସେମାନେ ସାହସପୂର୍ବକ ଛିଡା ହୋଇ ଉପସ୍ଥିତ ବିଷୟରେ ଦୁଇ ଚାରି କଥା କହିବାକୁ ସକ୍ଷମ ହୋଇଅଛନ୍ତି । ଓଡିଆ ପକ୍ଷରେ ଏତକ କଥା ସାମାନ୍ୟ ନୁହଇ ଓ ଏଥିରେ ଅନେକ ଭାବି ମଙ୍ଗଳର ଆଶା ଦେଖାଯାଏ । ସମାଲୋଚିତ ବର୍ଷ ମଧ୍ୟରେ ସଭାର ୨୮ ଟି ଅଧିବେଶନ ହୋଇଥିଲା ଓ ପ୍ରତି ସଭାରେ ହାରାହାରି ୨୫ । ୩୦ ଜଣ ସଭ୍ୟ ଉପସ୍ଥିତ ହୋଇଥିଲେ । ସଭାରେ ନାନା ବିଷୟରେ ରଚନା ମାନ ପଠିତ ହୋଇଥିଲା । ଯଥା— ସ୍ତ୍ରୀଶିକ୍ଷା, ଉତ୍କଳଭାଷାର ଅବସ୍ଥା, ବାଲ୍ୟବିବାହ, ସଭାର ଉପକାରିତା ହିନ୍ଦୁମାନଙ୍କର ସାମାଜିକ ରୀତି ନୀତି ଓ ଅବସ୍ଥା ଇତ୍ୟାଦି । ଏ ସବୁବିଷୟ ଅତ୍ୟୁତ୍କୃଷ୍ଟ ଅଟଇ ଓ ସଭ୍ୟମାନେ ଯେତେ ଏ ସବୁର ଅନ୍ଦୋଳନ କରିଥିବେ ସେତେ ସେମାନଙ୍କର ଜ୍ଞାନ ଓ ବହୁଦର୍ଶିତା ବୃଦ୍ଧି ହୋଇଥିବ ଏ ଦ୍ୱାରାରୁ ମୌଖିକ ବକ୍ତୃତା ଦାନ ଓ ତର୍କ ବିତର୍କରେ ସଭା ଅଧିକାଂଶ କାଳ ନିଯୁକ୍ତ ଥିବାର ସମ୍ପାଦକ ଲେଖନ୍ତି ଓ ତାହା ଯେ ଅତ୍ୟନ୍ତ ହିତକର ଏ କଥା ଅମ୍ଭେମାନେ ପୂର୍ବରୁ କହିଅଛୁଁ । ସୁତରାଂ ବିଜ୍ଞାପନରୁ ଯେରୂପ ପ୍ରକାଶ ପାଉଅଛି ତହିଁରୁ ସ୍ପଷ୍ଟ ପ୍ରତୀୟମାନ ହୁଅଇ ଯେ ସଭ୍ୟମାନେ ଗତବର୍ଷ ଉପଯୁକ୍ତ ରୂପେ ସଭାର ଉଦ୍ଦେଶ୍ୟ ସାଧନରେ ତତ୍ପର ହୋଇଥିଲେ ଓ ଯେବେ କୌଣସି ଅଂଶରେ ଏହାଙ୍କର ଅଭାବ ଥାଏ ତେବେ ତାହା ଏହି ଯେ ଉତ୍କଳ ପ୍ରାଚୀନ କବିମାନଙ୍କ ଗ୍ରନ୍ଥ ପାଠ ଓ ସମାଲୋଚନା ପକ୍ଷରେ ସଭାର ଦୃଷ୍ଟି ପଡିବାର ଜଣା ଯାଉ ନାହିଁ । ଅମ୍ଭେମାନେ ବୋଧ କରୁଁ ଯେ ଉତ୍କଳଭାଷାର ପୂର୍ବାପର ଅବସ୍ଥା ସମ୍ୟକ୍ ରୂପେ ଜାଣିବା ସକାଶେ ପ୍ରାଚୀନ କବିଙ୍କ ରଚନାମାନ ପଢିବା ଜଣକର ରଚନା ଓ ଭାବସହିତ ଅନ୍ୟଜଣର ରଚନା ଓ ଭାବକୁ ତୁଳନା କରିବା ଓ କାଲର ଗତି ଅନୁସାରେ କବିମାନଙ୍କଦ୍ୱାରା ଭାଷାର ଉନ୍ନତି କିପରି ସାଧିତ ହୋଇଅଛି ତହିଁର ନିରୂପଣ କରିବା ଇତ୍ୟାଦି ଅତ୍ୟନ୍ତ ହିତକର ଓ ଭାଷୋଦ୍ଦୀପିନୀ ସଭାର ଉପଯୋଗୀ ବିଷୟ ଅଟଇ । ଏଥିପାଇଁ କବିମାନଙ୍କର ଗ୍ରନ୍ଥ ସବୁ କ୍ରମଶରୂପେ ପଢିବାର ଉଚିତ ଓ ସମସ୍ତରେ ଏକବିଷୟ ସେହି ସଭାରେ କଥା ଉପସ୍ଥିତ ହେଲେ ଅବଶ୍ୟ କେତେକ ସଭ୍ୟ ସେସବୁ ପଢିବାକୁ ଅବଶ୍ୟକ ମଣିବେ । ଯଦ୍ୟପି କ ଅବଧି ସଭା ଏଥିରେ ମନୋନିବେଶ କରିବାର କିଛି ପରିଚୟ ପାଆଯାଉ ନାହିଁ ମାତ୍ର ଅ—

Digitized by srujanika@gmail.com

ମାନେ ଅନଭିଜ୍ଞ ହୋଇ ବିଜ୍ଞାପନାରୁ ଜାଣିଲୁ ଯେ ଏଣିକି ସଭା ତାହାଁର ଉଦ୍ୟମ କରିବାକୁ ବୃଦ୍ଧିକଳ୍ପ ହୋଇଅଛନ୍ତି କାରଣ ସମ୍ପାଦକ ଲେଖିଅଛନ୍ତି ଯେ ଉତ୍କଳ ପୋଥିମାନ ସଂକଳିତ କରିବାର ସଭା ସ୍ଥିର କରିଅଛନ୍ତି । ଏଥିପାଇଁ ସାଧାରଣ ସାହାଯ୍ୟର ଆବଶ୍ୟକ ଓ ତାହା ନେବାପାଇଁ ସଭା ଉଦ୍ୟମ କରିବେ । ଅମ୍ଭେମାନେ ଆଶା କରୁଁ ଯେ ଉତ୍କଳଦେଶର ସର୍ବସାଧାରଣ ଏପ୍ରକାର ମହତ୍ତ୍ୱ ବିଷୟରେ ଯଥାସାଧ୍ୟ ଦାନ କରିବାକୁ କଦାଚ ତ୍ରୁଟି କରିବେ ନାହିଁ । ଉତ୍କଳଭାଷାରେ ଅନେକ ପୁସ୍ତକ ରଚନା ହୋଇଥିବାର ଶୁଣାଯାଏ ମାତ୍ର ଲୋଡ଼ିଲେ ସେସବୁ ମିଳଇ ନାହିଁ । ଏ ପୁସ୍ତକସବୁ ଖରଅଡ଼ି ଗୁଣ୍ଡି ଆଣି ଏକତ୍ର କରିବା ଅତି ମହତ୍ତ୍ୱ କାର୍ଯ୍ୟ ଅଟଇ ଓ ଏଥିରେ ଉତ୍କଳଭାଷା ଓ ଉତ୍କଳବାସିଙ୍କର ଯଥାର୍ଥ ଗୌରବ ପ୍ରକାଶ ହେବ । ସଭାଠାରେ ଅମ୍ଭମାନଙ୍କର ଏତିକି ପ୍ରାର୍ଥନା ଯେ ଶୀଘ୍ର ଏ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରନ୍ତୁ । କାର୍ଯ୍ୟାରମ୍ଭ ହେଲେ ଏଠାରେ ଗୋଟିଏ ସାଧାରଣ ପୁସ୍ତକାଳୟ ସ୍ଥାପନ କରିବାର ଆବଶ୍ୟକତା ଅଧିକତର ପ୍ରତୀୟମାନ ହେବ । ଅମ୍ଭେମାନେ ଏ ସଭାର କାର୍ଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ଇଚ୍ଛା କରୁଁ ଯେ ଏହାର ଉପଯୋଗିତା ଦିନକୁଦିନ ବୃଦ୍ଧି ହେବ ।

---

### ଶ୍ରୀ ବାବୁ ପ୍ରତାପଚନ୍ଦ୍ର ମଜୁମଦାର ।

ଏ ମହାଶୟ କଟକକୁ ଆଗମନ କରିବେ ବୋଲି ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ଗତ ରବିବାର ସନ୍ଧ୍ୟାସମୟରେ ଏହାଙ୍କର କଟକକୁ ଆଗମନ ହୋଇଅଛି । ଭାରତବର୍ଷୀୟ ବ୍ରାହ୍ମସମାଜର ପ୍ରଧାନ ପ୍ରଚାରକ ଏ ମହାଶୟ ଅଟନ୍ତି ଓ ଏଠାର ଉତ୍କଳବ୍ରାହ୍ମସମାଜ ଏହାଙ୍କୁ ଆମନ୍ତ୍ରଣ କରି ଆଣାଇ ଅଛନ୍ତି । ବିଶେଷ ଉଦ୍ଦେଶ୍ୟରେ ଏଠାକୁ ଆସିଅଛନ୍ତି ସତ୍ୟ କିନ୍ତୁ ତାହାଙ୍କ ସଙ୍ଗେ ସାଧାରଣ ହିତକର ବିଷୟରେ ବକ୍ତୃତାମାନ ଦେବାକୁ ଏ ମହାଶୟ ଆରମ୍ଭ କରିଅଛନ୍ତି ଓ ତଦ୍ଦ୍ୱାରା ସର୍ବସାଧାରଣଙ୍କ ମନ ଆକର୍ଷଣ ହୋଇଥିବାର ଦେଖି ଅମ୍ଭେମାନେ ସେ ସବୁର ସଂକ୍ଷେପ ବିବରଣ ପାଠକମାନଙ୍କୁ ଜଣାଉଅଛୁଁ ।

ଗତ ମଙ୍ଗଳବାର ସନ୍ଧ୍ୟାସମୟରେ ଏହାଙ୍କର ପ୍ରଥମ ବକ୍ତୃତା ଅମ୍ଭେମାନେ ଶୁଣିବାକୁ ପାଇଲୁଁ । ଉକ୍ତ ବକ୍ତୃତାଟି ଏ ନଗରସ୍ଥ ହାଇସ୍କୁଲଗୃହରେ ହୋଇଥିଲା । ସ୍କୁଲର ଛାତ୍ର ଓ ଶିକ୍ଷକଙ୍କ ଛଡ଼ା ଅନ୍ୟାନ୍ୟ ଶ୍ରେଣୀର ଅନେକ ଦେଶୀୟ ଭଦ୍ରଲୋକ ତାହା ଶୁଣିବାକୁ ଯାଇଥିଲେ ଓ ଦୁଇଜଣ ରୋମାନକାଥଲିକ ପାଦ୍ରୀମଧ୍ୟ ଉପସ୍ଥିତ ଥିଲେ । ଦୁଃଖର ବିଷୟ ଯେ ଏ ନଗରବାସି ଇଂରାଜମାନେ କେହି ଆସିବାକୁ ପ୍ରବୃତ୍ତି କଲାଇଲେ ନାହିଁ । ଓଡ଼ିଶାର ଯୁବାଙ୍କର ପ୍ରୟୋଜନ ଇତି ବକ୍ତୃତାର ବିଷୟ ଧାର୍ଯ୍ୟ ହୋଇଥିଲା ଓ ବାବୁ ମହାଶୟ ବିଦ୍ୟାଳୟର ଛାତ୍ରମାନଙ୍କୁ ସମ୍ବୋଧନ କରି ତାହାଁର ବ୍ୟାଖ୍ୟା କରିଥିଲେ । ବାବୁ ଜଣେ ସୁବକ୍ତା ବୋଲି ଇଂଲଣ୍ଡରେ ସୁଦ୍ଧା ପ୍ରଶଂସା ପାଇଅଛନ୍ତି ଓ ଅମ୍ଭେମାନେ ତାହାଁର ପ୍ରତ୍ୟକ୍ଷ ପରିଚୟ ପାଇ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ବାସ୍ତବରେ ଏହାଙ୍କର ବକ୍ତୃତାଶକ୍ତି ଅତି ଚମତ୍କାର ଅଟଇ ଓ ଇଂରାଜୀଭାଷାରେ ଆପଣା ମନୋଭାବ ଏମନ୍ତ ସୁନ୍ଦରରୂପେ ପ୍ରକାଶ କରିବାର କ୍ଷମତା ଅର୍ଜନ କରିଅଛନ୍ତି କି ଯେମନ୍ତ ଇଂରାଜୀ ତାହାଙ୍କର ମାତୃଭାଷା ଅଟଇ । ଇଂରାଜୀ ଶବ୍ଦଗୁଡ଼ିକ ଠିକ ଇଂରାଜଙ୍କ ପରି ଉଚ୍ଚାରଣ କରନ୍ତି ଓ ଏମନ୍ତ ସୁନ୍ଦର ପ୍ରଣାଳୀରେ ଓ ପରିଷ୍କାରରୂପେ କହି ପାରନ୍ତି କି ଯେଉଁ ବ୍ୟକ୍ତି କିଞ୍ଚିନ୍ମାତ୍ର ଇଂରାଜୀ ଜାଣଇ ସେ ଅନାୟାସରେ ତାହାଙ୍କ କଥା ସବୁ ବୁଝିପାରଇ । ଉକ୍ତ ବକ୍ତୃତାରେ ସେ ଛାତ୍ରମାନଙ୍କୁ ଯେସମସ୍ତ ଉପଦେଶ ଦେଲେ ତହିଁର ସାର ଏହି ଯେ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନପରି ଓଡ଼ିଶାର ଯୁବାଙ୍କର ପ୍ରଥମ ପ୍ରୟୋଜନୀୟ ବିଷୟ ଜ୍ଞାନଶିକ୍ଷା ଅଟଇ । ଜ୍ଞାନଶିକ୍ଷା ନିମିତ୍ତ ଇଂରାଜ ଗବର୍ଣ୍ମେଣ୍ଟ ଏତେବ୍ୟୟ କରି ଏଠା ଲୋକଙ୍କୁ ସ୍କୁଲରେ ପଢ଼ାଉଅଛନ୍ତି । କେବଳ ଉଦରପୋଷଣ ନିମିତ୍ତ ନୁହଇ । ସରକାରୀ ଚାକିରିକରି ପେଟପାଳିବାପାଇଁ ବିଦ୍ୟାଶିକ୍ଷା କରିବା ଅସଙ୍ଗତ କଥା ନ ହେଲେ ସୁଦ୍ଧା ତାହାକୁ ନୀଚକଥା ବୋଲିବାକୁ ହେବ କାରଣ ତହିଁରେ ମନୁଷ୍ୟତ୍ୱ ସାର୍ଥ ହୁଅଇ ନାହିଁ । ଅତଏବ ଛାତ୍ରମାନଙ୍କର ଉଚିତ ଯେ ଜ୍ଞାନଲୋଭରେ ଜ୍ଞାନଶିକ୍ଷା କରିବେ ଓ ବିଦ୍ୟାଳୟ ପରିତ୍ୟାଗ ମାତ୍ରକେ ଅଧ୍ୟୟନ ଶେଷ ନ କରି ଯେତେକାଳ ବଞ୍ଚିବେ ଯେ ଅବସ୍ଥାରେ ଥିବେ ଅହରହ ଜ୍ଞାନଲାଭର ଉପାୟ କରିବେ । ଯୁବାଙ୍କର ଦ୍ୱିତୀୟ ପ୍ରୟୋଜନ ନୀତିଶିକ୍ଷା । କେବଳ ଜ୍ଞାନଶିକ୍ଷାରେ ମନୁଷ୍ୟତ୍ୱ ଚରିତାର୍ଥ ହୁଅଇ ନାହିଁ ତହିଁରେ ଏକା ମସ୍ତକ ବୃଦ୍ଧି ହୁଅଇ ମାତ୍ର ଅନ୍ତଃକରଣ ପ୍ରଶସ୍ତ ହୁଅଇ ନାହିଁ ଓ ସର୍ବାଙ୍ଗ ଶୀର୍ଣ୍ଣ ହୋଇ କେବଳ ମସ୍ତକଟି ବୃହତ୍ ହେଲେ କୌଣସି ଲୋକ ଶୋଭାପାଏ ନାହିଁ ଅତଏବ ସୁନୀତି ଶିକ୍ଷାଦ୍ୱାରା ଜ୍ଞାନର ମହତ୍ତ୍ୱ ରକ୍ଷା କରିବାର ଆବଶ୍ୟକ ଯେହେତୁ ନୀତିହୀନ ଜ୍ଞାନବନ୍ତଲୋକ ମୂର୍ଖଲୋକଠାରୁ ଅଧିକ ଭୟଙ୍କର ହୁଅଇ । ଯୁବାଙ୍କର ତୃତୀୟ ପ୍ରୟୋଜନ ସାମାଜିକତା ଶିକ୍ଷା । ସଭ୍ୟଦେଶର ଲୋକମାନେ ସାମାଜିକ ନିୟମରେ ଅବିଚଳିତ ଚଳପ୍ରଚଳ ହେବାରୁ ତାହାଙ୍କର ଭଦ୍ରତା ରହିଅଛି ଓ ସଭ୍ୟତାର ଉନ୍ନତି ହେଉଅଛି । ଅମ୍ଭମାନଙ୍କର ସମାଜରେ ବିଶେଷ କୁସଂସ୍କାର ରହିଅଛି ଓ ତଦ୍ଦ୍ୱାରା ଅନେକ ଉନ୍ନତିର ବ୍ୟାଘାତ ହେଉଅଛି । ସମାଜକୁ ସଂସ୍କାର କରିବା ସକାଶେ ଆପଣା ଜ୍ଞାନ ଓ ନୀତି ବଳରେ ଯାହା ପ୍ରୟୋଜନ ବୋଧ ହେବ ତାହା ଅକାତରରୂପେ ସାଧାରଣ ହିତ ନିମିତ୍ତ କରିବାର ଉଚିତ ଏଥିପାଇଁ କାହାର ଅପେକ୍ଷା କରିବାର ନୁହଇ । ଅନେକ ଉନ୍ନତିକର ବିଷୟ ଏରୂପ ଅଛି ଯେ ପୁରୁଣାକାଳିଆ ଲୋକମାନଙ୍କୁ ପ୍ରଥମତଃ ତାହା ବିରକ୍ତିକର ବୋଧ ହୁଅଇ କିନ୍ତୁ ପରିଶେଷରେ ଯେତେବେଳେ ତହିଁର ଶୁଭଫଳ ଦେଖନ୍ତି ସେତେବେଳେ ତହିଁର ପକ୍ଷପାତୀ ହୁଅନ୍ତି । ସମାଜରେ କୌଣସି କପଟ ଭାବ ରଖିବାର ଉଚିତ ନୁହଇ ଯେଉଁମାନେ ଅତ୍ୟନ୍ତ ଗୋପନଭାବରେ ବିଲସନ ହୋଟେଲରେ ଯାଇଁ ମାଂସ ଓ ମଦ ସେବନ କରନ୍ତି ସେମାନେ ଘୃଣିତ ଅଟନ୍ତି ସେମାନଙ୍କର କାର୍ଯ୍ୟ ଚୋରିପରି ଅଟଇ । ଯାହା ସାମାଜିକ ନିୟମର ବିରୁଦ୍ଧ ତାହା ଲୁଚାଇକରିବା ଅତ୍ୟନ୍ତ ମନ୍ଦ ଅଟଇ । ଯେବେ ତୁମ୍ଭେ ଜାଣ ଯେ କୌଣସି ଦ୍ରବ୍ୟବିଶେଷ ଆହାର କରିବାରେ ଦୋଷ ନାହିଁ ତେବେ ତାହା ପ୍ରକାଶ୍ୟରୂପେ କର ତାହା ହେଲେ ତୁମ୍ଭକୁ କେହି ଦୋଷ ଦେବ ନାହିଁ । ଯୁବାଙ୍କର ଚତୁର୍ଥ ପ୍ରୟୋଜନ ଧର୍ମଶିକ୍ଷା ସବୁଜ୍ଞାନର ଚରମଫଳ ଆପଣାକୁ ଓ ପରମେଶ୍ୱରଙ୍କୁ ଜାଣିବା ଅଟଇ । ଯେବେ ତାହା ନ ହେଲା ତେବେ ମନୁଷ୍ୟର ଚରିତାର୍ଥ କଦାଚ ହୋଇ ପାରିଲା ନାହିଁ । ଧର୍ମଶିକ୍ଷା ନ କଲେ କୌଣସି ନୀତି ବା ସାମାଜିକ ନିୟମ ରକ୍ଷା ହୋଇ ପାରିବ ନାହିଁ । କାହିଁକି ନା ଯାହା କରିବ ତାହାର ଗୋଟିଏ ସୀମା ରହିବାର ଉଚିତ କୌଣସି ସୀମା ବା ଲକ୍ଷସ୍ଥାନ ସ୍ଥିର ନ ହେଲେ କାହାକୁ ଅବଲମ୍ବନ କରି କାର୍ଯ୍ୟ କରିବ । ଅତଏବ ପରମେଶ୍ୱରଙ୍କୁ ଜାଣିଲେ ଓ

Split by PDF Splitter



ତାହାଙ୍କଠାରେ ଭକ୍ତି ରଖିଲେ ସବୁ ଶିକ୍ଷାର ସୁଫଳ ଲାଭ ହେବ । ବର୍ତ୍ତମାନ୍ ଏଠାର ସମାଜର ଅବସ୍ଥା ଏପରି ଯେ ସ୍ୱ ପ୍ରକାର ବ୍ୟବହାର ଉଚିତ ଓ ସ୍ୱ ଅନୁଚିତ ତାହା ସ୍ଥିର କରିବାର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । ଧର୍ମ ଏହା ସ୍ଥିର କରିବାର ଏକମାତ୍ର ଉପାୟ ଅଟଇ । ଧର୍ମରେ ମନ ଦୃଢ଼ ହେଲେ ସବୁ ନିୟମ ଅପେ ଅପେ ସ୍ଥିର ହୋଇଯିବ ଏହିସବୁ କଥାମାନ ସେ କେତେ ଉତ୍ସାହ ସହିତ ଓ କେତେ ଗାମ୍ଭୀର୍ଯ୍ୟଭାବରେ ବର୍ଣ୍ଣନା କଲେ ତାହ ବିସ୍ତାରିତ କରି କହିବାର ଆମ୍ଭମାନଙ୍କର ସାଧ୍ୟ ନୁହଇ କେବଳ ଏତିକି କହିପାରୁଁ ଯେ ଶ୍ରୋତାମାନେ ତହିଁରେ ଅତିଶୟ ସନ୍ତୋଷ ହୋଇ ପୁନଃପୁନ ବକ୍ତାଙ୍କର ପ୍ରଶଂସାଧ୍ୱନି କରିଥିଲେ । ଆମ୍ଭମାନଙ୍କର ମନରେ କେବଳ ଏତିକି ଉଦୟ ହୋଇଥିଲା ଯେ ଦୁଇଏକ ସ୍ଥଳରେ ଅସଂଲଗ୍ନ ଲକ୍ଷ ପ୍ରକାଶ ହୋଇଥିଲା ଓ କେତେଗୁଡିଏ କଥା ସ୍କୁଲଗୃହର ଉପଯୁକ୍ତ ନ ଥିଲା କାରଣ ସ୍କୁଲର ଛାତ୍ରମାନଙ୍କ ସକଳ ବିଷୟରେ ସ୍ୱାଧୀନ ଲୋକଙ୍କ ପରି ଗଣ୍ୟ କରିବା ଭଲ ଦିଶଇ ନାହିଁ ଓ ଅନର୍ଥ ମଧ୍ୟ ଜାତ ହୋଇ ପାରେ ।

ଗତ ବୁଧବାର ସନ୍ଧ୍ୟା ସମୟରେ ବାବୁଙ୍କ ବସା ହରିହରସାହି କୋଠିଠାରେ ସାଧାରଣ ଉପାସନା ହୋଇଥିଲା ଏହା ଦେଖିବାକୁ ମଧ୍ୟ ଅନେକଲୋକ ଯାଇଥିଲେ । ଏ ସମୟରେ ବାବୁ ଯେମନ୍ତ ପ୍ରଗାଢ଼ଭକ୍ତି ସହିତ ଉପାସନା କାର୍ଯ୍ୟ ସମ୍ପନ୍ନ କଲେ ତହିଁରେ ସେ ଯଥାର୍ଥ ବ୍ରହ୍ମଭକ୍ତର ପରିଚୟ ଦେଇ ଅଛନ୍ତି ।

---

# ସାପ୍ତାହିକ ସଂବାଦ ।

କଟକ କଲେଜ ସ୍ଥାପନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନେ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତ ହୋଇଅଛନ୍ତି ।

ମହାରାଣୀ ସ୍ୱର୍ଣ୍ଣମୟୀ ପାଞ୍ଚବର୍ଷକାମନନ୍ତେ ଟ ୨୦୦୦୲
ମହାରାଜା ଭଗୀରଥୀ ମହେନ୍ଦ୍ର ବାହାଦୂର । ବ । ଟେଙ୍କାନାଲ ଟ ୧୨୫୦୲
ବାବୁ ଦଗାମ୍ବର ମିଶ୍ର ଟ ୫୦୦୲

ରାଣୀ ସ୍ୱର୍ଣ୍ଣମୟୀଙ୍କର ଓଡ଼ିଶାରେ କୌଣସି ଜମିଦାରୀ ଅଥବା ଅନ୍ୟ ସମ୍ପର୍କ ନାହିଁ, ଏଥିଯୋଗୁଁ ମହାରାଣୀଙ୍କ ବଦାନ୍ୟତା ସାତିଶୟ ପ୍ରଶଂସନୀୟ: ଭରସା କରୁଁ ଓଡ଼ିଶାର ଧନାଢ୍ୟ ରାଜା ଓ ଜମିଦାରମାନେ ଏ ଉଦାହରଣର ଅନୁକରଣ କରିବେ ।

କଲେକ୍ଟରୀ ନାଜରର ମକଦ୍ଦମା ଚଳିତମାସ ତା ୨୨ ରିଖରେ ଦୌରାରେ ହାଜର ହେବ । ନାଜର ଆପଣା ନିର୍ଦ୍ଦୋଷିତା ପ୍ରମାଣ ନିମିତ୍ତ ଅନେକ ଭଦ୍ରଲୋକଙ୍କ ସାକ୍ଷି ମାନିଅଛି ଦେଖାଯିବ କିରୂପ ଫଳ ହେବ ।

ଗତସପ୍ତାହରେ ଏ ନଗରରେ ଓଲାଉଠା ରୋଗ କିଛି ପ୍ରବଳଥିଲା ଓ କେତେଗୁଡିଏ ଲୋକ ମରିଅଛନ୍ତି । ଏ ସମୟରେ ଅନେକଲୋକର ଉଦରପୀଡା ହେବାର ଦେଖାଯାଏ ।

ଏଠାରେ ଯେଉଁ ମେଡିକଲସ୍କୁଲ ସ୍ଥାପନ ହେବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ତହିଁପାଇଁ ଉପଯୁକ୍ତ ପୁସ୍ତକମାନ ଉତ୍କଳଭାଷାରେ ଶ୍ରୀଯୁକ୍ତ ଡାକ୍ତର ଷ୍ଟିୱାର୍ଟ ସାହେବଙ୍କ ତତ୍ତ୍ୱାବଧାରଣରେ ପ୍ରସ୍ତୁତ ହେଉଅଛି ।

ଏଠା ଦେୱାନୀ ଅଦାଲତରେ ଗୋଟିଏ ଉତ୍କଟ ଜାଲମକଦ୍ଦମା ଧରାପଡିଅଛି । ଏକବ୍ୟକ୍ତି ବ ୧୩ ର୍ଷ ହେଲା ମରିଥିବା ପ୍ରତ୍ୟକ୍ଷେ ସେ ତିନିବର୍ଷ ହେଲା ମରିବାର କହି ଅପର ଏକବ୍ୟକ୍ତି ତାର ଉତ୍ତରାଧିକାରୀସ୍ୱରୂପ ସର୍ଟିଫିକଟ ନେଇ ଅଛି । ସଂସର୍ଗୀ ବ୍ୟକ୍ତିମାନେ ଫଉଜଦାରୀକୁ ପ୍ରେରିତ ହୋଇଅଛନ୍ତି ।

କଲିକତାରେ ଜଣେ ସ୍ତ୍ରୀ ଓ ତାହା ଉପପତି ମଧ୍ୟରେ କଳହ ହେବାରୁ ଶେଷଲିଖିତ ବ୍ୟକ୍ତି ସ୍ତ୍ରୀକୁ ତଳେପକାଇ ଦେଇ ତାହାର ଗାଲରୁ ପୁଲାଏ କାମୋଡି ନେଲା । ସ୍ତ୍ରୀଟିର ହାସପାତାଲରେ ଚିକିତ୍ସା ହେଉଅଛି ।

ମାନ୍ଦ୍ରାଜମେଲ ଲେଖନ୍ତି ଯେ ନେଲୋରରେ ଗୁରୁମବଲ ରାମସାମୁଲୁ ନାମରେ ଏକବ୍ୟକ୍ତି ମାନସିକ ଅଙ୍କ କଷିବାରେ ଏମନ୍ତ ନିପୁଣତା ଲାଭ କରିଅଛି ଯେ ବଡ଼୨ ହିସାବସବୁ ମୁହଁରେ କରି ଦିଅଇ । କୌଣସି ଅଙ୍କ ଥରେ କହିଲେ ସେ ମନରେ ରଖି ଗଣନ ବା ହରଣ କରିଦିଅଇ ଓ ତାହାର ନିମ୍ନାସମସ୍ତ ପଦ୨ କରି କହିଯାଏ । ଯେତେ ଗୋଳମାଲ ହେଉ ତାହାର ମନ ବିଚଳିତ ହୁଅଇ ନାହିଁ । କୋଡିଏଟା ଅଙ୍କକୁ ତିନି ଚାରିଟା ଅଙ୍କରେ ସହଜରେ ଗୁଣି ଦିଅଇ ।

ମାନ୍ଦ୍ରାଜର ଆଉ ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ଜଣେ ବୈଦ୍ୟର ସ୍ତ୍ରୀ ଏକାବେଳକେ ଦୁଇଗୋଟି ପୁଅ ଓ ଗୋଟିଏ ଝିଅ ଜନ୍ମ କରି ଅଛି । ସେମାନେ କେହି ଜୀବିତ ନାହାନ୍ତି ଜନ୍ମ ହେବାର କେତେଘଣ୍ଟା ଉତ୍ତାରୁ ମରିଗଲେ ।

ଜଣେ ଫରାସୀ କାଚକୁ ଟାଣକରିବାର ଏକ ଉପାୟ ଆବିଷ୍କାର କରିଅଛନ୍ତି । କାଚକୁ କେତେ ପରିମାଣରେ ଉଷ୍ମ କରି ଏକପ୍ରକାର ତେଲରେ ପକାଇ ଦିଅନ୍ତି ତହିଁରେ କାଚ ଏମନ୍ତ ଟାଣ ହୋଇଯାଏ ଯେ ତଳେ ପକାଇଦେଲେ ଆଉ ଭାଙ୍ଗିଯାଏ ନାହିଁ । ଏ ଉପାୟଦ୍ୱାରା ଆଉ କାଚଦ୍ରବ୍ୟ ନଷ୍ଟ ହେବ ନାହିଁ ଓ ତହିଁର ଆଦର ବଢିବ ।

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ନିୟୁୟର୍କର ଏକ ବ୍ୟକ୍ତି ଓ ନେଭାଡନଗରର ଏକ ବ୍ୟକ୍ତି ଡାକରେ ପତ୍ର ଲେଖିବାଦ୍ୱାରା ସତରଞ୍ଚ ଖେଳୁଥିଲେ । ସନ ୧୮୫୯ ମସିହାରେ ଏହି ବାଜୀ ଖେଳ ଆରମ୍ଭ ହୋଇଥିଲା ଯେ ଗତ ମାର୍ଚ୍ଚମାସରେ ତାହା ଶେଷ ହେଲା । ସୁତରାଂ ଖେଳ ବ ୧୬ ର୍ଷରେ ଛିଡିଲା । ନିୟୁୟର୍କର ଲୋକ ଏକଚାଲ ଭାବିବାରେ ବ ୭ ର୍ଷ କାଳ କରିବାରୁ ନେଭାଡନର ଖେଳାଡି ବିରକ୍ତ ହୋଇ ଗୋଟିଏ ଭୁଲ କରିବାରେ ବାଜି ଛିଡିଲା ।

ପାଟନାରେ ଅତ୍ୟନ୍ତ ବୃଷ୍ଟି ହେବାରୁ ବଳମନ ଧୋଇ ଯାଇଅଛି ଓ ଶସ୍ୟ ଷେତ ହେବ ନାହିଁ ବୋଲି ଲୋକେ ଶଙ୍କା କରୁଅଛନ୍ତି ।

---

## ବିଜ୍ଞାପନ ।

ବୈଦେହୀଶବିଳାସର ୧ମ ଖଣ୍ଡ ଅର୍ଥ ସହିତ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଖ ୧ ଖଣ୍ଡକୁ ଟ ୧୵ ଅଣା ମୋଫସଲ ଗ୍ରାହକଙ୍କୁ ମୂଲ୍ୟ ଛଡା ଫିଖଣ୍ଡରେ ଟ ୦୵ ଲେଖାଏ ଡାକମାସୁଲ ପଡିବ ।

୨।୭।୭୫ ଶ୍ରୀଗୌରୀଶଙ୍କର ରାୟ
ସେକ୍ରେଟରୀ ।

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଲକ୍ଷଣମିଶ୍ର | ପିପିଲି | ଅଗ୍ରିମ | ଟ ୩।୵ |
| ଶ୍ରୀ ମହନ୍ତ ମୋହନଦାସ ସ୍ୱାମୀ | ବର୍ଦ୍ଧମାନ | | ଟ ୧୲ |
| ବାବୁ ନାରାୟଣଦାସନ୍ଦ | କଟକ | ,, | ଟ ୩୲ |
| ,, ଗଣେଶ୍ୱରଦାସ | ,, | ,, | ଟ ୧୲ |
| ,, ରମନାଥପାତ୍ର | ,, | ,, | ଟ ୩୲ |
| ,, ଜୟକୃଷ୍ଣଦାସ | ,, | ,, | ଟ ୧୲ |
| ,, ଅଚ୍ୟୁତ ନନ୍ଦଦାସ | ,, | ,, | ଟ ୨୲ |
| ,, ଭଗବତୀଚରଣସେନ | | ,, | ଟ ୭୲ |

---

ଏହି ଉତ୍କଳଦୀପିକା ସହରକଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com